## ସାମାଜିକ ବିଜ୍ଞାନ

D3G6AR

# ଇତିହାସ ଓ ରାଜନୀତି ବିଜ୍ଞାନ

## ଷଷ୍ଠ ଶ୍ରେଣୀ

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ,
ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ,
ଭୁବନେଶ୍ୱର

# ଇତିହାସ ଓ ରାଜନୀତି ବିଜ୍ଞାନ

## ଷଷ୍ଠ ଶ୍ରେଣୀ

**ସଂପାଦକ ମଣ୍ଡଳୀ :**

ଡ. ଶମ୍ଭୁପ୍ରସାଦ ସାମନ୍ତରାୟ
ଶ୍ରୀ ବିଷ୍ଣୁ ଚରଣ ପାତ୍ର
ଶ୍ରୀ ପ୍ରଫୁଲ୍ଲ କୁମାର ଜେନା
ଶ୍ରୀମତୀ ପଦ୍ମାଶ୍ରୀ ମହାନ୍ତି

**ସମୀକ୍ଷକ ମଣ୍ଡଳୀ :**

ଡ. ଶମ୍ଭୁ ପ୍ରସାଦ ସାମନ୍ତରାୟ
ଶ୍ରୀ ବୈଷ୍ଣବ ଚରଣ ଦାସ
ଶ୍ରୀ ପ୍ରତାପ କୁମାର ପଟ୍ଟନାୟକ
ଶ୍ରୀମତୀ ରତ୍ନମଞ୍ଜରୀ ଦାଶ
ଶ୍ରୀମତୀ ରେଣୁବାଳା ଦାଶ
ଡ. ପୁଷ୍ପାଞ୍ଜଳି ପାଣି

**ସଂଯୋଜନା :**

ଡ. ପ୍ରୀତିଲତା ଜେନା
ଡ. ତିଳୋତ୍ତମା ସେନାପତି
ଡ. ସବିତା ସାହୁ

**ପ୍ରକାଶକ :**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ,
ଓଡ଼ିଶା ସରକାର

**ମୁଦ୍ରଣ ବର୍ଷ :** ୨୦୧୦
୨୦୧୯

**ପ୍ରସ୍ତୁତି :**

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର
ଓ
ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର


**ମୁଦ୍ରଣ :**

ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଓଡ଼ିଶା, ଭୁବନେଶ୍ୱର



ଜଗତମାତାଙ୍କର ଚରଣରେ ଅଦ୍ୟାବଧି ମୁଁ ଯେଉଁ ଯେଉଁ ଭେଟି ଦେଉଅଛି, ସେଗୁଡ଼ିକ ମଧ୍ୟରେ ମୌଳିକ ଶିକ୍ଷା ମୋତେ ସବୁଠାରୁ ଅଧିକ କ୍ରାନ୍ତିକାରୀ ଓ ମହତ୍ତ୍ୱପୂର୍ଣ୍ଣ ମନେ ହେଉଛି । ଏହାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ଭେଟି ମୁଁ ଯେ ଜଗତ ସମ୍ମୁଖରେ ଥୋଇପାରିବି, ତାହା ମୋର ପ୍ରତ୍ୟୟ ହେଉନାହିଁ । ଏଥିରେ ରହିଛି ମୋର ସମଗ୍ର ରଚନାତ୍ମକ କାର୍ଯ୍ୟକ୍ରମକୁ ପ୍ରୟୋଗାତ୍ମକ କରିବାର ଚାବିକାଠି । ଯେଉଁ ନୂଆ ଦୁନିଆ ପାଇଁ ମୁଁ ଛଟପଟ ହେଉଛି, ତାହା ଏହିଥିରୁ ହିଁ ଉଦ୍ଭବ ହୋଇପାରିବ । ଏହା ମୋର ଅନ୍ତିମ ଅଭିଳାଷ କହିଲେ ଚଳେ ।

ମହାତ୍ମା ଗାନ୍ଧି



## ଆମ ଜାତୀୟ ସଙ୍ଗୀତ

“ଜନ-ଗଣ-ମନ-ଅଧିନାୟକ ଜୟହେ
ଭାରତ-ଭାଗ୍ୟ-ବିଧାତା !
ପଞ୍ଜାବ-ସିନ୍ଧୁ-ଗୁଜୁରାଟ-ମରାଠା
ଦ୍ରାବିଡ଼-ଉତ୍କଳ-ବଙ୍ଗ,
ବିନ୍ଧ୍ୟ-ହିମାଚଳ-ଯମୁନା-ଗଙ୍ଗା
ଉଚ୍ଛଳ-ଜଳଧି-ତରଙ୍ଗ,
ତବ ଶୁଭ ନାମେ ଜାଗେ,
ତବ ଶୁଭ ଆଶିଷ ମାଗେ,
ଗାହେ ତବ ଜୟ ଗାଥା ।
ଜନ-ଗଣ -ମଙ୍ଗଳ ଦାୟକ ଜୟ ହେ,
ଭାରତ-ଭାଗ୍ୟ-ବିଧାତା !
ଜୟ ହେ, ଜୟ ହେ, ଜୟ ହେ,
ଜୟ ଜୟ ଜୟ, ଜୟ ହେ ।”

# ସୂଚୀପତ୍ର


| ଅଧ୍ୟାୟ | ପ୍ରସଙ୍ଗ | ପୃଷ୍ଠା |
|---|---|---|
| ପ୍ରଥମ | ଇତିହାସ ବିଷୟରେ ଧାରଣା | ୧ |
| ଦ୍ୱିତୀୟ | ସର୍ବ ପ୍ରାଚୀନ ସମାଜ | ୧୨ |
| ତୃତୀୟ | ପ୍ରଥମ ଚାଷୀ ଓ ପଶୁପାଳନ | ୧୯ |
| ଚତୁର୍ଥ | ଭାରତର ପ୍ରଥମ ନଗରୀକରଣ | ୨୫ |
| ପଞ୍ଚମ | ବିଭିନ୍ନ ଜୀବନ ଧାରଣ ପ୍ରଣାଳୀ | ୩୫ |
| ଷଷ୍ଠ | ନୂତନ ଚିନ୍ତାଧାରାର ଅଭ୍ୟୁଦୟ | ୪୨ |
| ସପ୍ତମ | ପାରସ୍ୟ ଓ ଗ୍ରୀକ୍ ଆକ୍ରମଣ | ୫୨ |
| ଅଷ୍ଟମ | ମୌର୍ଯ୍ୟ ସାମ୍ରାଜ୍ୟର ଉତ୍‌ଥାନ | ୫୭ |
| ନବମ | ଖ୍ରୀ.ପୂ. ୨୦୦ ରୁ ଖ୍ରୀ.ଅ. ୩୦୦ ମଧ୍ୟରେ ଭାରତ | ୬୫ |
| ଦଶମ | ଖ୍ରୀ.ଅ. ୩୦୦ ରୁ ଖ୍ରୀ.ଅ. ୮୦୦ ମଧ୍ୟରେ ଭାରତ | ୭୬ |


## ରାଜନୀତି ବିଜ୍ଞାନ


| | | |
|---|---|---|
| ପ୍ରଥମ | ଆମେ ଓ ଆମ ସମାଜ | ୯୫ |
| ଦ୍ୱିତୀୟ | ରାଷ୍ଟ୍ର | ୧୦୨ |
| ତୃତୀୟ | ସରକାର | ୧୦୯ |
| ଚତୁର୍ଥ | ସ୍ଥାନୀୟ ସ୍ୱାୟତ୍ତ ଶାସନ | ୧୧୭ |



# ଭାରତର ସମ୍ବିଧାନ

## ପ୍ରସ୍ତାବନା

ଆମ୍ଭେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ନାଗରିକଙ୍କୁ

* ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ;
* ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା ;
* ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା ;
* ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଆମର ସମ୍ବିଧାନ ପ୍ରଣୟନ ସଭାରେ ଏତଦ୍ୱାରା ଏହି ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ ।

ପ୍ରଥମ ଅଧ୍ୟାୟ

D3Q2CE

# ଇତିହାସ ବିଷୟରେ ଧାରଣା



ଦିନେ ଅଜାଙ୍କଠାରୁ ଗପ ଶୁଣିବାକୁ ଲିପି ଜିଦ୍ କରି ବସିଲା । ଅଜା ଲିପିକୁ କହିଲେ, ''ମୁଁ ତୋତେ ଆଜି ଗୋଟିଏ ନୂଆ ଗପ କହୁଛି, ଶୁଣ '' । ଲିପି ବ୍ୟସ୍ତହୋଇ କହିଲା, ''ଶୀଘ୍ର କୁହ'' । ଅଜା ଗପ କହିଲେ –

ଗ୍ରୀସ୍ ଦେଶରେ ଜଣେ ଶକ୍ତିଶାଳୀ ରାଜା ଥିଲେ । ତାଙ୍କ ନାଁ ଆଲେକ୍‌ଜାଣ୍ଡାର । ସେ ପୃଥିବୀର ଅନେକ ରାଜ୍ୟ ଜୟ କରିବା ପରେ ଭାରତ ଅଧିକାର କରିବାକୁ ଇଚ୍ଛା କଲେ । ସେତେବେଳେ ଭାରତର ଉତ୍ତର-ପଶ୍ଚିମ ପଟେ ରାଜତ୍ୱ କରୁଥିବା ରାଜାମାନଙ୍କ ମଧ୍ୟରୁ ଦୁଇଜଣ ବିଖ୍ୟାତ ଥିଲେ । ସେ ରାଜା ଦୁଇଜଣ ହେଉଛନ୍ତି ଅମ୍ଭୀ ଓ ପୁରୁ । ଆଲେକ୍‌ଜାଣ୍ଡାରଙ୍କୁ ଭୟ କରି ଅମ୍ଭୀ ତାଙ୍କର ଶରଣ ପଶିଲେ । କିନ୍ତୁ ପୁରୁ ଥିଲେ ବୀର । ସେ ଆଲେକ୍‌ଜାଣ୍ଡାରଙ୍କ ସହ ଯୁଦ୍ଧ କଲେ । ଏହି ଯୁଦ୍ଧରେ ପୁରୁ ହାରିଗଲେ ଓ ଆଲେକ୍‌ଜାଣ୍ଡାରଙ୍କ ଦ୍ୱାରା ବନ୍ଦୀ ହେଲେ । ଆଲେକ୍‌ଜାଣ୍ଡାର ପୁରୁଙ୍କୁ ପଚାରିଲେ, ''ତୁମେ ମୋଠାରୁ କିପରି ବ୍ୟବହାର ଆଶା କରୁଛ ?'' ପୁରୁ ଉତ୍ତର ଦେଲେ, ''ଜଣେ ରାଜା ଅନ୍ୟ ଜଣେ ରାଜାଠାରୁ ଯେପରି ବ୍ୟବହାର ଆଶା କରିଥାଏ ।'' ପୁରୁଙ୍କ ନିର୍ଭୀକତାରେ ଖୁସି ହୋଇ ଆଲେକ୍‌ଜାଣ୍ଡାର ତାଙ୍କୁ ମୁକ୍ତ କରି ତାଙ୍କ ରାଜ୍ୟ ଫେରାଇ ଦେଲେ ।

ଗପ ଶୁଣିସାରି ଲିପି ପଚାରିଲା, ''ଅଜା ତୁମେ ଏତେ କଥା କେଉଁଠୁ ଜାଣିଲ'' ? ଅଜା ଉତ୍ତର ଦେଲେ, ''ଇତିହାସରୁ'' । ଏହାପରେ ଲିପି ଅଜାଙ୍କୁ ଇତିହାସ ବିଷୟରେ ଅନେକ ପ୍ରଶ୍ନ ପଚାରିଲା ଓ ଅଜା ସେସବୁର ଉତ୍ତର ଦେଲେ । ଲିପି ଯେଉଁ ସବୁ ପ୍ରଶ୍ନ ପଚାରିଥିଲା ଓ ଅଜା କି ଉତ୍ତର ଦେଇଥିଲେ – ଆସ ଜାଣିବା ।

## ଇତିହାସ କହିଲେ କ'ଣ ବୁଝାଯାଏ ?

ବର୍ତ୍ତମାନ ପୃଥିବୀରେ ଯେତେ ମନୁଷ୍ୟ ଦେଖାଯାଆନ୍ତି ସମସ୍ତେ ଗୋଟିଏ ଜାତିର । ବୈଜ୍ଞାନିକମାନେ ମତ ଦିଅନ୍ତି ଆଜକୁ ପ୍ରାୟ ପନ୍ଦର ଲକ୍ଷ ବର୍ଷ ପୂର୍ବେ ପୃଥିବୀରେ ମନୁଷ୍ୟର ସୃଷ୍ଟି ହୋଇଥିଲା । କିନ୍ତୁ ତା ପୂର୍ବରୁ ମନୁଷ୍ୟର ରୂପ ଏପରି ନଥିଲା । ନୃବାନରମାନଙ୍କର କ୍ରମବିକାଶ ଘଟି ମନୁଷ୍ୟ ସୃଷ୍ଟି ହୋଇଥିଲା । ବର୍ତ୍ତମାନ ପୃଥିବୀ ପୃଷ୍ଠରେ ସେହି ପ୍ରକାର ନୃବାନର ନାହାଁନ୍ତି । ସେହି ଜାତିର ଗିବନ୍, ଓରାଙ୍ଗଓଟାଙ୍ଗ, ଗରିଲା ଓ ସିମ୍ପାଞ୍ଜିମାନେ ଏବେ ପୃଥିବୀରେ ଦେଖାଯାଉଛନ୍ତି । ଗରିଲାର ଦେହର ଗଠନ ଭଳି ମନୁଷ୍ୟର ଦେହର ଗଠନ ହୋଇଛି । ଏହାଛଡ଼ା ସିମ୍ପାଞ୍ଜିର ବୁଦ୍ଧି ସହିତ ମନୁଷ୍ୟର ବୁଦ୍ଧି ମେଳ ଖାଇବାର ଦେଖାଯାଏ ।

ତୁମ ଅଞ୍ଚଳରେ ଦେଖାଯାଉଥିବା ମାଙ୍କଡ଼ମାନଙ୍କ ବିଷୟରେ ଲେଖ ।

ମନୁଷ୍ୟମାନଙ୍କର ସାଂସ୍କୃତିକ ଧାରା ଅତି ପ୍ରାଚୀନ । ସାମାଜିକ ରୀତିନୀତି ଓ ଅସ୍ତ୍ରଶସ୍ତ୍ର ତିଆରିରୁ ମନୁଷ୍ୟ ସଂସ୍କୃତି ଆରମ୍ଭ ହୋଇଛି ବୋଲି କୁହାଯାଏ । ଏହାଛଡ଼ା କୃଷିକାର୍ଯ୍ୟ, ଅଗ୍ନିର ଆବିଷ୍କାର ଓ ବ୍ୟବହାର, ଚକର ଉଦ୍ଭାବନ, ବିଭିନ୍ନ ଧାତୁର ବ୍ୟବହାର, ଗ୍ରାମ, ସହର ଓ ରାଜ୍ୟର ପରିକଳ୍ପନା, ଶାସନ ପ୍ରଣାଳୀ ଓ ପରିଚାଳନା ଇତ୍ୟାଦି ବିଭିନ୍ନ ସୋପାନ ଦେଇ ମନୁଷ୍ୟର ସଂସ୍କୃତି ଆଗକୁ ଗତି କରିଛି । ଏହି ସବୁ ଅଗ୍ରଗତିର ଧାରାବାହିକ ବିବରଣୀ ହେଉଛି ଇତିହାସ । ଅନ୍ୟ ଭାବରେ କହିଲେ, ମନୁଷ୍ୟର ଅତୀତ ଘଟଣାଗୁଡ଼ିକର ନିରବଚ୍ଛିନ୍ନ ଅଗ୍ରଗତି ହେଉଛି ଇତିହାସ ।

**ତୁମ ଅଞ୍ଚଳରେ ପ୍ରଚଳିତ ସାମାଜିକ ରୀତିନୀତି ଅନ୍ୟମାନଙ୍କୁ ପଚାରିବୁଝି ଲେଖ ।**

ଇତିହାସକୁ ଇଂରାଜୀରେ History କୁହାଯାଏ । ହିଷ୍ଟ୍ରି ଶବ୍ଦଟି ଗ୍ରୀକ୍ ଶବ୍ଦ ''ହିଷ୍ଟୋ'' (Histo) ରୁ ଆସିଛି । ଏହାର ଅର୍ଥ ହେଉଛି ଅତୀତ ବିଷୟରେ ଜାଣିବା । ଅନ୍ୟ ଅର୍ଥରେ, ''ଇତିହାସ ହେଉଛି ଏକ ବାସ୍ତବ ଘଟଣାବଳୀ ଯାହା ଅତୀତରେ ବାସ କରୁଥିବା ମନୁଷ୍ୟମାନଙ୍କର ଜୀବନଯାପନ ପ୍ରଣାଳୀ ବିଷୟରେ ଆଲୋଚନା କରେ'' ।

## ଇତିହାସ ପଠନର ଉପାଦେୟତା କ'ଣ ?

- ଇତିହାସ ପଢ଼ିବା ଦ୍ୱାରା ଆମେ ସମୟାନୁକ୍ରମେ ଅତୀତରେ ଘଟିଥିବା ଘଟଣାଗୁଡ଼ିକୁ ଜାଣିପାରୁ ।
- ବର୍ତ୍ତମାନକୁ ବୁଝିବାକୁ ହେଲେ ଅତୀତକୁ ଜାଣିବା ଆବଶ୍ୟକ । ଅତୀତକୁ ଜାଣିଲେ ଆମେ ବର୍ତ୍ତମାନ ଓ ଭବିଷ୍ୟତକୁ ଠିକ୍ ଭାବରେ ଗଠନ କରିପାରିବା ।
- ଅତୀତରେ ମନୁଷ୍ୟ ସୁଖ ଶାନ୍ତିରେ ରହିବା ପାଇଁ ଯେଉଁ ସବୁ ଉପାୟ ଅବଲମ୍ବନ କରୁଥିଲା, ସେଗୁଡ଼ିକମଧ୍ୟରୁ କେତେକ ବର୍ତ୍ତମାନ ମଧ୍ୟ ଆମ ପାଇଁ ଦରକାରୀ ହୋଇପାରେ । ଅତୀତର ସେହି ଉପାୟମାନଙ୍କମଧ୍ୟରୁ ଦରକାରୀଗୁଡ଼ିକୁ ବାଛି ଗ୍ରହଣ କରିବାରେ ଇତିହାସ ପଠନ ସାହାଯ୍ୟ କରିଥାଏ ।
- ଅତୀତର ବିଭିନ୍ନ ପ୍ରଥା, ରାଜ୍ୟ ଗଠନ, ଶାସନ ପ୍ରଣାଳୀ ଆଦି ବିଷୟରେ ଜାଣି ଯେଉଁଗୁଡ଼ିକ ଆମ ପାଇଁ ଦରକାରୀ ସେଗୁଡ଼ିକୁ ଗ୍ରହଣ କରିପାରିବା । ଏହି କାର୍ଯ୍ୟ କରିବାରେ ଇତିହାସ ପଠନ ସହାୟକ ହୋଇଥାଏ ।
- ଅତୀତରେ ଥିବା ଅନେକ କୁପ୍ରଥା ଓ ଅନ୍ଧ ବିଶ୍ୱାସ ଏବେ ମଧ୍ୟ ଆମ ସମାଜରେ ପ୍ରଚଳିତ । ଇତିହାସ ପଢ଼ିବା ଦ୍ୱାରା ସେଗୁଡ଼ିକର କେବେ, କାହିଁକି ଓ କିପରି ସୃଷ୍ଟି ହୋଇଥିଲା, ତାହା ଆମେ ଜାଣିପାରିବା ଏବଂ ବର୍ତ୍ତମାନ ଯୁଗରେ ଯେଉଁଗୁଡ଼ିକ ଗ୍ରହଣଯୋଗ୍ୟ ନୁହେଁ, ତାହା ଆମେ ବୁଝିପାରିବା । ସେଗୁଡ଼ିକର ଆବଶ୍ୟକୀୟ ପରିବର୍ତ୍ତନ ସହିତ ବର୍ତ୍ତମାନର ପରିସ୍ଥିତିକୁ ମେଳ କରିବା ପାଇଁ ଚେଷ୍ଟା କରିବା । ତେଣୁ ଇତିହାସ ପଢ଼ିବା ଆମ ପାଇଁ ନିହାତି ଆବଶ୍ୟକ ।

## ଇତିହାସର ଆଧାରଗୁଡ଼ିକ କ'ଣ ?

ଇତିହାସ ଏକ କାଳ୍ପନିକ କାହାଣୀ ନୁହେଁ । ଏହା ପ୍ରମାଣ କରାଯାଇପାରୁଥିବା ତଥ୍ୟ ଉପରେ ଆଧାରିତ । ଅନେକଗୁଡ଼ିଏ ପ୍ରାଚୀନ ଆଧାରରୁ ଆମେ ଇତିହାସ ସମ୍ପର୍କରେ ଜାଣିପାରୁ । ଏହି ଆଧାରଗୁଡ଼ିକୁ ଦୁଇଭାଗରେ ବିଭକ୍ତ କରାଯାଇଛି । ଯଥା : (୧) ପ୍ରତ୍ନତାତ୍ତ୍ୱିକ ଆଧାର (୨) ସାହିତ୍ୟିକ ଆଧାର । ଉଭୟ ଆଧାରକୁ ଭିତ୍ତିକରି ଇତିହାସ ସମ୍ପର୍କରେ ଜାଣିବା ସମ୍ଭବ ହୋଇଥାଏ ।

## ପ୍ରତ୍ନତାତ୍ତ୍ୱିକ ଆଧାର

ଭାରତର ବିଭିନ୍ନ ସ୍ଥାନରେ ମାଟିତଳେ ଓ ମାଟି ଉପରେ ପ୍ରାଚୀନ ଯୁଗର ବହୁବିଧ ଐତିହାସିକ ବସ୍ତୁ ଓ ଅବଶେଷ ଦେଖିବାକୁ ମିଳେ। ସେଗୁଡ଼ିକ ପ୍ରାଚୀନ କାଳର ବିଭିନ୍ନ କାର୍ଯ୍ୟକଳାପ ଓ ଘଟଣାବଳୀ ଉପରେ ଆଲୋକପାତ କରେ। ଏହି ପ୍ରତ୍ନତାତ୍ତ୍ୱିକ ଆଧାରଗୁଡ଼ିକୁ ଚାରିଭାଗରେ ବିଭକ୍ତ କରାଯାଇପାରେ, ଯଥା: (୧) ଖୋଦିତ ଲେଖା ବା ଲିପି (୨) କୀର୍ତ୍ତି ଓ କଳାକୃତି (୩) ଭୌତିକ ଅବଶେଷ (Material Remains) (୪) ମୁଦ୍ରା।

### (୧) ଖୋଦିତ ଲେଖା ବା ଲିପି



ତାଳପତ୍ର ଲିପି

ଅତୀତର ବିଭିନ୍ନ ଘଟଣା, କାର୍ଯ୍ୟକଳାପ, ଶାସନ ପ୍ରଣାଳୀ, ସାମାଜିକ ପ୍ରଥା, ପରମ୍ପରା ଓ ଚଳଣି ଇତ୍ୟାଦି ମାଟିର ଟାଇଲ ଓ ଇଟା, ତମ୍ବାପଟା (ତାମ୍ରଫଳକ), ପଶୁଚମଡ଼ା, ଲୁଗା, ସ୍ତମ୍ଭ, ମନ୍ଦିର କାନ୍ଥ, ପଥର, ଗଛର ପତ୍ର ଓ ଛାଲ ତଥା ତାଳପତ୍ରରେ ଲେଖାଯାଉଥିଲା । ସେଗୁଡ଼ିକ ଆଜି ମଧ୍ୟ ଦେଖିବାକୁ ମିଳେ। ଓଡ଼ିଶାର ଭୁବନେଶ୍ୱର ନିକଟବର୍ତ୍ତୀ ଧଉଳି ପାହାଡ଼ ଓ ଗଞ୍ଜାମର ଜଉଗଡ଼ଠାରେ ପଥର ଉପରେ ଆଜକୁ ପ୍ରାୟ ବାଇଶି ଶହ ବର୍ଷ ତଳର ଲେଖା ଦେଖିବାକୁ ମିଳେ। ଏହାଛଡ଼ା ଇରାନ୍, ଇରାକ୍, ମିଶର, ଚୀନ, ଗ୍ରୀସ୍ ତଥା ଆମ ଦେଶର ବିଭିନ୍ନ ସ୍ଥାନରେ ଅତୀତର ଘଟଣାବଳୀ ସଂପର୍କିତ ଲେଖାମାନ ଦେଖିବାକୁ ମିଳିଥାଏ।



ମେସୋପଟାମିଆ ଲିପି

### (୨) କୀର୍ତ୍ତି ଓ କଳାକୃତି



କୋଣାର୍କ ମନ୍ଦିର

ଆମ ଦେଶରେ ଅନେକ ଐତିହାସିକ କୀର୍ତ୍ତି ଯଥା, ମନ୍ଦିର, ଦୁର୍ଗ, ରାଜପ୍ରାସାଦ, ସ୍ତୁପ ଓ ମଠ ଇତ୍ୟାଦି ଦେଖାଯାଏ। ଏସବୁର ନିର୍ମାଣ ସମୟ ଓ ନିର୍ମାଣ କର୍ତ୍ତାଙ୍କ

ବିଷୟରେ ଆମେ ଜାଣିପାରୁ । ଏହାଛଡ଼ା ଏସବୁରୁ ସେତେବେଳର ସାମାଜିକ, ସାଂସ୍କୃତିକ, ଧାର୍ମିକ ଓ ବୈଜ୍ଞାନିକ ଚିନ୍ତାଧାରା ସଂପର୍କରେ ଅନେକ ତଥ୍ୟ ମିଳିଥାଏ ।



ଉଦୟଗିରି ପାହାଡ଼ରେ ଥିବା ହାତୀଗୁମ୍ଫା

**ତୁମ ଅଞ୍ଚଳରେ ଯେଉଁ ସବୁ ଐତିହାସିକ ସ୍ଥାନ ଓ କୀର୍ତ୍ତି ରହିଛି ତାହାର ଏକ ତାଲିକା ପ୍ରସ୍ତୁତ କର ।**

### (୩) ଭୌତିକ ଅବଶେଷ

ପ୍ରତ୍ନତାତ୍ତ୍ୱିକ ଖନନରୁ ଅନେକ ମାଟି ପାତ୍ର, ଧାତୁ ପାତ୍ର, ହାତହତିଆର, ଅଳଙ୍କାର, ଅସ୍ତ୍ରଶସ୍ତ୍ର, ମୂର୍ତ୍ତି ଇତ୍ୟାଦି ମିଳିଥାଏ । ଏଗୁଡ଼ିକୁ ଅନୁଧ୍ୟାନ କଲେ ଅତୀତର ଘଟଣା ଓ କୀର୍ତ୍ତି ସମ୍ପର୍କରେ ଅନେକ ତଥ୍ୟ ମିଳିଥାଏ ।।

### (୪) ମୁଦ୍ରା

ଇତିହାସ ଜାଣିବାରେ ପ୍ରାଚୀନ ମୁଦ୍ରା ବିଶେଷ ଭାବରେ ସାହାଯ୍ୟ କରିଥାଏ । ଏହା କେବେ କେଉଁ ଶାସକଙ୍କ ଦ୍ୱାରା ପ୍ରଚଳିତ ହୋଇଥିଲା, ସେହି ସମୟର ଅର୍ଥନୀତି, ବେପାର ବଣିଜ ଓ ସାମ୍ରାଜ୍ୟର ବିସ୍ତୃତି ଆଦି କିପରି ଥିଲା, ତତ୍ ସମ୍ପର୍କିତ ଅନେକ ତଥ୍ୟ ପ୍ରାଚୀନ ମୁଦ୍ରାଗୁଡ଼ିକରୁ ମିଳିଥାଏ ।



ପ୍ରାଚୀନ ମୁଦ୍ରା

**ବିଭିନ୍ନ ପ୍ରକାରର ମୁଦ୍ରା ସଂଗ୍ରହ କର । ସେଗୁଡ଼ିକରେ କ'ଣ ଖୋଦିତ ହୋଇଛି, ତାହା ଲେଖ ।**

## ସାହିତ୍ୟିକ ଆଧାର

ଅତୀତର ବିଭିନ୍ନ ଘଟଣା ଜାଣିବାରେ ପୁରାତନ ସାହିତ୍ୟ ଆମକୁ ଅନେକ ସାହାଯ୍ୟ କରିଥାଏ । ଏହି ସାହିତ୍ୟିକ ଆଧାରଗୁଡ଼ିକୁ ତିନିଭାଗରେ ବିଭକ୍ତ କରାଯାଇପାରେ; ଯଥା - (୧) ଧର୍ମ ସମ୍ବନ୍ଧୀୟ ସାହିତ୍ୟ (୨) ଐହିକ ସାହିତ୍ୟ (୩) ପରିବ୍ରାଜକଙ୍କ ବିବରଣୀ ।

## ୧. ଧର୍ମ ସମ୍ବନ୍ଧୀୟ ସାହିତ୍ୟ

ଯେଉଁ ସାହିତ୍ୟରେ ବିଶେଷ ଭାବରେ ଧର୍ମ ବିଷୟରେ ଆଲୋଚନା ହୋଇଥାଏ ସେଗୁଡ଼ିକୁ ଧର୍ମ ସମ୍ବନ୍ଧୀୟ ସାହିତ୍ୟ କୁହାଯାଏ । ଏହି ସାହିତ୍ୟ ବିଭିନ୍ନ ଧର୍ମ କଥା ଉପରେ ଆଧାରିତ । ବେଦ, ଉପନିଷଦ, ପୁରାଣ, ମହାଭାରତ, ରାମାୟଣ ଇତ୍ୟାଦି ଗ୍ରନ୍ଥଗୁଡ଼ିକ ଏହି ସାହିତ୍ୟର ଅନ୍ତର୍ଭୁକ୍ତ । ଏଗୁଡ଼ିକରୁ ଅତୀତର ଧର୍ମ, ସାମାଜିକ ବ୍ୟବସ୍ଥା ଏବଂ ରାଜନୈତିକ ଅବସ୍ଥା ବିଷୟରେ ଅନେକ ତଥ୍ୟ ମିଳିଥାଏ ।

## ୨. ଐହିକ ସାହିତ୍ୟ

ଧର୍ମ ସମ୍ବନ୍ଧୀୟ ସାହିତ୍ୟ ବ୍ୟତୀତ ପ୍ରାଚୀନ କାଳରେ ଅନେକଗୁଡ଼ିଏ ସାହିତ୍ୟ ରଚନା କରାଯାଇଥିଲା । ସେଗୁଡ଼ିକୁ ଐହିକ ସାହିତ୍ୟ କୁହାଯାଏ । ଏଭଳି ସାହିତ୍ୟ ମଧ୍ୟରେ ବିଭିନ୍ନ ଧର୍ମସୂତ୍ର ଓ ସ୍ମୃତି, ପାଣିନି ଓ ପତଞ୍ଜଳିଙ୍କ ଲିଖିତ ବ୍ୟାକରଣ, କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର, କାଳିଦାସଙ୍କ ରଚନାବଳୀ, ବାଣଭଟ୍ଟଙ୍କ ହର୍ଷଚରିତ ଇତ୍ୟାଦିରୁ ସେହି ସମୟର ସମାଜ, ରୀତିନୀତି, ଶାସନ ପ୍ରଣାଳୀ, ଅର୍ଥନୀତି ଆଦି ବିଷୟରେ ଅନେକ ତଥ୍ୟ ମିଳିଥାଏ ।

## ୩. ପରିବ୍ରାଜକଙ୍କ ବିବରଣୀ

ପ୍ରାଚୀନ କାଳରେ ଅନେକ ପରିବ୍ରାଜକ ଭାରତ ଭ୍ରମଣରେ ଆସିଥିଲେ । ସେମାନେ ସେ ସମୟର ସାମାଜିକ ଅବସ୍ଥା, ଧର୍ମ, ରାଜ୍ୟ ଶାସନ ପ୍ରଣାଳୀ, ଅର୍ଥନୀତି ଆଦି ବିଷୟରେ ଅନେକ କଥା ସେମାନଙ୍କର ଭ୍ରମଣ ବିବରଣୀରେ ଲେଖିଯାଇଛନ୍ତି । ଏହି ସବୁ ବିବରଣୀରୁ ଆମେ ଇତିହାସ ସମ୍ବନ୍ଧୀୟ ଅନେକ ତଥ୍ୟ ଜାଣିବାକୁ ପାଇଥାଉ । ଏହି ସବୁ ପରିବ୍ରାଜକମାନଙ୍କ ମଧ୍ୟରେ ମେଗାସ୍ଥିନିସ୍, ଫା-ସିଆଁ, ଜୁଆଙ୍ଗ୍-ଜାଙ୍ଗ୍, ଆଲ୍‌ବେରୁଣୀ, ଇବନ୍‌ବତୁତା ଆଦି ଅନ୍ୟତମ । ସେମାନଙ୍କମଧ୍ୟରୁ ଚୀନର ପରିବ୍ରାଜକ ଜୁଆଙ୍ଗ୍-ଜାଙ୍ଗ୍ ଓଡ଼ିଶାକୁ ଆସିଥିଲେ ।

> ଉପରୋକ୍ତ ପରିବ୍ରାଜକମାନେ କେଉଁ ରାଜାଙ୍କର ରାଜତ୍ୱ ସମୟରେ ଭାରତ ଭ୍ରମଣରେ ଆସିଥିଲେ, ତାହା ସଂଗ୍ରହ କରି ଲେଖ ।

## ସମୟ ଅନୁସାରେ ଇତିହାସର ଶ୍ରେଣୀ ବିଭାଗ କରାଯାଏ କିପରି ?

ସମୟ ଅନୁସାରେ ଇତିହାସକୁ ତିନିଭାଗରେ ବିଭକ୍ତ କରାଯାଇଥାଏ । ସେଗୁଡ଼ିକ ହେଲା (୧) ପ୍ରାକ୍-ଐତିହାସିକ ଯୁଗ, (୨) ଆଦ୍ୟ ଐତିହାସିକ ଯୁଗ, (୩) ଐତିହାସିକ ଯୁଗ ।

### ୧. ପ୍ରାକ୍-ଐତିହାସିକ ଯୁଗ :

ବହୁ ପୁରାତନ କାଳରେ ଲୋକମାନେ ଲେଖାପଢ଼ା ଜାଣି ନଥିଲେ । ତେଣୁ ସେ ସମୟର ଘଟଣାବଳୀ ଲିଖିତ ଆକାରରେ ମିଳି ନଥାଏ । ତେଣୁ ସେ ସମୟର ଲୋକମାନଙ୍କର ଜୀବନଯାପନ ପ୍ରଣାଳୀ ଜାଣିବା ପାଇଁ ପ୍ରତ୍ନତାତ୍ତ୍ୱିକ ଖନନ ଓ ଅନୁସନ୍ଧାନ ଉପରେ



ପ୍ରତ୍ନତାତ୍ତ୍ୱିକ ଖନନରୁ ମିଳିଥିବା ମାଟିପାତ୍ର

ନିର୍ଭର କରିବାକୁ ପଡ଼େ। ସେହି ସମୟରେ ବ୍ୟବହୃତ ବିଭିନ୍ନ ପ୍ରକାରର ମାଟିପାତ୍ର, ଅଳଙ୍କାର, ହାତହତିଆର, ଅସ୍ଥିକଙ୍କାଳ ଆଦିରୁ ଲୋକମାନଙ୍କର ଜୀବନଯାପନ ପ୍ରଣାଳୀ ସଂପର୍କରେ ଅନେକ ତଥ୍ୟ ମିଳିଥାଏ। ସେ ସମୟରେ ଲୋକମାନେ ସେମାନେ ରହୁଥିବା ଗୁମ୍ଫାରେ ବିଭିନ୍ନ ପ୍ରକାରର ଚିତ୍ର ଆଙ୍କୁଥିଲେ। ସେଥିରୁ ମଧ୍ୟ ଆମ୍ଭେମାନେ ସେମାନଙ୍କ ବିଷୟରେ ଜାଣିପାରୁ। ଏହି ଯୁଗକୁ ପ୍ରାକ୍-ଐତିହାସିକ ଯୁଗ କୁହାଯାଏ।

## ୨. ଆଦ୍ୟ ଐତିହାସିକ ଯୁଗ :

ମନୁଷ୍ୟ ଲେଖାପଢ଼ା ଶିଖିବାପରେ ବିଭିନ୍ନ ଘଟଣାକୁ ନିଜର ଲେଖା ଦ୍ୱାରା ପ୍ରକାଶ କରି ପାରିଲା। ଏହି ସମୟକୁ ଆଦ୍ୟ ଐତିହାସିକ ଯୁଗ କୁହାଯାଏ। ଏହି ଲେଖାଗୁଡ଼ିକ ସୀମିତ ଏବଂ ସେଥିରୁ କେତେକ ଲେଖାକୁ ପଢ଼ିବା ସମ୍ଭବ ହୋଇ ପାରିନାହିଁ। ତେଣୁ ଏହି ସମୟର ଘଟଣାବଳୀ ଜାଣିବାକୁ ହେଲେ ଲେଖାଗୁଡ଼ିକ ସହିତ ପ୍ରତ୍ନତାତ୍ତ୍ୱିକ ଖନନ ଓ ଅନୁସନ୍ଧାନ ଉପରେ ନିର୍ଭର କରିବାକୁ ପଡ଼େ। ସିନ୍ଧୁ ନଦୀ କୂଳରେ ଏହି ସମୟରେ ଗଢ଼ି ଉଠିଥିବା ସଭ୍ୟତା ତାର ଏକ ଉଦାହରଣ ।

**ପୃଥିବୀର ଆଉ କେଉଁସବୁ ସ୍ଥାନରେ ପ୍ରାଚୀନ ସଭ୍ୟତା ଗଢ଼ିଉଠିଥିଲା, ତଥ୍ୟ ସଂଗ୍ରହ କରି ଏକ ତାଲିକା ପ୍ରସ୍ତୁତ କର।**

## ୩. ଐତିହାସିକ ଯୁଗ :


ଲେଖାର ଉନ୍ନତି ହେବା ପରେ ମନୁଷ୍ୟ ବିଭିନ୍ନ ଘଟଣାକୁ ପଥର କାନ୍ଥ,ଖମ୍ବ, ତମ୍ବା ପଟା (ତାମ୍ରଫଳକ), ତାଳ ପତ୍ର, ମାଟି ପାତ୍ର ଇତ୍ୟାଦି ଉପରେ ଲେଖିପାରିଲା। ଏହି ଲେଖାଗୁଡ଼ିକରୁ ସେ ସମୟର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଅବସ୍ଥା ବିଷୟରେ ଅନେକ ସୂଚନା ମିଳିଥାଏ। ଏହି ସମୟକୁ ଐତିହାସିକ ଯୁଗ କୁହାଯାଏ। କିନ୍ତୁ ଏହି ଲେଖାଗୁଡ଼ିକ ଅତି ପୁରୁଣା କାଳର ହୋଇଥିବାରୁ ଏଗୁଡ଼ିକ ମଧ୍ୟରୁ ଅନେକ ନଷ୍ଟ ହୋଇଯାଇଛି।

## ଭାରତର ଭୌଗୋଳିକ ଅବସ୍ଥା ସହ ଇତିହାସର ସଂପର୍କ କ'ଣ ?

ପୃଥିବୀର ଉତ୍ତର ଗୋଲାର୍ଦ୍ଧରେ ଭାରତ ଅବସ୍ଥିତ (ଗ୍ଲୋବରେ ଦେଖ)। ଏହା ଏସିଆ ମହାଦେଶର ଦକ୍ଷିଣ ଉପକୂଳରେ ପ୍ରାୟ ମଧ୍ୟଭାଗରେ ଅବସ୍ଥିତ। ଭାରତର ଦକ୍ଷିଣ ଭାଗକୁ ତିନିଦିଗରୁ ସମୁଦ୍ର ଘେରି ରହିଛି। ତେଣୁ ଏହାକୁ ଉପଦ୍ୱୀପ ବୋଲି କୁହାଯାଏ। ଆଫ୍ରିକା, ଅଷ୍ଟ୍ରେଲିଆ ଓ ୟୁରୋପଠାରୁ ଭାରତର ଦୂରତା ପ୍ରାୟ ସମାନ। ପ୍ରାଚୀନ ସଭ୍ୟତାର ବିକାଶ ଘଟିଥିବା ଦେଶଗୁଡ଼ିକ ଭାରତର ସୀମାକୁ ଲାଗି ଏବଂ ଭାରତଠାରୁ ଅନତି ଦୂରରେ ରହିଛନ୍ତି। ଏହି ସବୁ ଦେଶ ମଧ୍ୟରେ ଭାରତର ଉତ୍ତର ପୂର୍ବ ସୀମାରେ ଚୀନ, ପଶ୍ଚିମରେ ଇରାନ୍ ରହିଥିବା ବେଳେ ଇରାକ୍, ଇସ୍ରାଏଲ୍, ମିଶର, ଗ୍ରୀସ୍ ଆଦି ଦେଶ ଆମ ଦେଶଠାରୁ ଅନତି ଦୂରରେ ଅବସ୍ଥିତ।

## ଭାରତର ପ୍ରାକୃତିକ ବିଭାଗ

ପ୍ରାକୃତିକ ଗଠନର ବିବିଧତା ଅନୁସାରେ ଭାରତକୁ ଛଅଟି ଅଞ୍ଚଳରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଉଛି- ହିମାଳୟ ପାର୍ବତ୍ୟ ଅଞ୍ଚଳ, ଉତ୍ତରସ୍ଥ ସମତଳ ଅଞ୍ଚଳ, କେନ୍ଦ୍ରସ୍ଥ ମାଳଭୂମି ଅଞ୍ଚଳ, ପଶ୍ଚିମସ୍ଥ ମରୁଭୂମି, ଉପକୂଳସ୍ଥ ସମତଳ ଅଞ୍ଚଳ, ଏବଂ ସମୁଦ୍ର ମଧ୍ୟସ୍ଥ ଦ୍ୱୀପ ସମୂହ। ଏଗୁଡ଼ିକ ମଧ୍ୟରୁ କେନ୍ଦ୍ରସ୍ଥ ମାଳଭୂମି ଓ ପଶ୍ଚିମସ୍ଥ ମରୁଭୂମି ଯଥାକ୍ରମେ ବୃହତ୍ତମ ଓ କ୍ଷୁଦ୍ରତମ ପ୍ରାକୃତିକ ଅଞ୍ଚଳ।




ଭାରତର ପ୍ରାକୃତିକ ମାନଚିତ୍ର

## ପ୍ରାକୃତିକ ବୈଶିଷ୍ଟ୍ୟ

ଭାରତର ଇତିହାସକୁ ଏହାର ପ୍ରାକୃତିକ ବିଭାଗଗୁଡ଼ିକ ଅନେକାଂଶରେ ପ୍ରଭାବିତ କରିଆସିଛି । ଭାରତର ଚାରିଗୋଟି ପ୍ରଧାନ ପ୍ରାକୃତିକ ଅଞ୍ଚଳ ରହିଛି । ସେଗୁଡ଼ିକ ହେଲା (୧) ପାର୍ବତ୍ୟ ଅଞ୍ଚଳ (୨) ନଦୀ ଉପତ୍ୟକା ଅଞ୍ଚଳ (୩) ଜଙ୍ଗଲ (୪) ଉପକୂଳବର୍ତ୍ତୀ ସମତଳ ଅଞ୍ଚଳ ।

### ୧. ପାର୍ବତ୍ୟ ଅଞ୍ଚଳ :

ଭାରତର ଉତ୍ତର ସୀମାରେ ଅବସ୍ଥିତ ଅତ୍ୟୁଚ୍ଚ ହିମାଳୟ ପର୍ବତଶ୍ରେଣୀ କେନ୍ଦ୍ର ଏସିଆଠାରୁ ଭାରତକୁ ପୃଥକ କରୁଅଛି । ହିମାଳୟ ପର୍ବତମାଳାର ପାଦଦେଶୀୟ ଅଞ୍ଚଳ ଓ ଉପତ୍ୟକା ଅଞ୍ଚଳର ମୃତ୍ତିକା ଉର୍ବର ଏବଂ ଜଳ ସଂପଦରେ ପରିପୂର୍ଣ୍ଣ । ଏହି ସବୁ ସୁବିଧାଥିବାରୁ ଏହି ଅଞ୍ଚଳ କୃଷି ଉପଯୋଗୀ ଓ ଘନ ଜନବସତି ପୂର୍ଣ୍ଣ ।

ଅତ୍ୟୁଚ୍ଚ ହିମାଳୟ ପର୍ବତମାଳା ଅତିକ୍ରମ କରି ଉତ୍ତର ଦିଗରୁ ଭାରତକୁ ପ୍ରବେଶ କରିବା କଷ୍ଟକର । କିନ୍ତୁ ଉତ୍ତର-ପଶ୍ଚିମ ପାର୍ଶ୍ୱରେ ଥିବା ପାର୍ବତ୍ୟ ଅଞ୍ଚଳରେ କେତେକ ସଂକୀର୍ଣ୍ଣ ଗିରିପଥ ରହିଛି । ଏହି ପଥଦେଇ ବିଭିନ୍ନ ସମୟରେ ଆକ୍ରମଣକାରୀ, ବ୍ୟବସାୟୀ ଓ ପରିବ୍ରାଜକମାନେ ଭାରତକୁ ଆସିଛନ୍ତି । ସେମାନେ ଆସିବା ଫଳରେ ସେମାନଙ୍କର ଚଳଣି, ଦର୍ଶନ, ଭାଷା ଓ ସାହିତ୍ୟ ଆଦି ଦ୍ୱାରା ଆମ ସଂସ୍କୃତି ପ୍ରଭାବିତ ହୋଇଛି ।

ଦକ୍ଷିଣ ଭାରତ ମାଳଭୂମିର ପୂର୍ବ ପାର୍ଶ୍ୱରେ ପୂର୍ବଘାଟ ପର୍ବତମାଳା ଓ ପଶ୍ଚିମ ପାର୍ଶ୍ୱରେ ପଶ୍ଚିମଘାଟ ପର୍ବତମାଳା ଅବସ୍ଥିତ । ପଶ୍ଚିମଘାଟ ପର୍ବତମାଳା ଭାରତର ମଧ୍ୟ ଭାଗରୁ ଦକ୍ଷିଣପ୍ରାନ୍ତ ଯାଏ ବିସ୍ତୃତ । ପଶ୍ଚିମଘାଟ ପାର୍ବତ୍ୟ ଅଞ୍ଚଳରେ ପ୍ରଚୁର ବର୍ଷା ହେଉଥିବାରୁ ଏହା ଘନ ଜଙ୍ଗଲ ପୂର୍ଣ୍ଣ । ଏହାଛଡ଼ା ଦକ୍ଷିଣ ଭାରତରେ ଅଧିକାଂଶ ଅଞ୍ଚଳ ପାହାଡ଼ିଆ ଓ ମୃତ୍ତିକା ଅନୁର୍ବର କିନ୍ତୁ ଖଣିଜସମ୍ପଦରେ ପରିପୂର୍ଣ୍ଣ ।

**ତୁମ ଗାଁ / ସହରକୁ ଯାହା ସବୁ ଘେରି ରହିଛି ସେଗୁଡ଼ିକ ଲେଖ ।**

### ୨. ନଦୀ ଉପତ୍ୟକା ସମୂହ :

ଆମ ଦେଶରେ ହିମାଳୟ ପାର୍ବତ୍ୟ ଅଞ୍ଚଳ ଓ ଦକ୍ଷିଣ ଭାରତ ମାଳଭୂମି ମଧ୍ୟରେ ଏକ ବିସ୍ତୀର୍ଣ୍ଣ ସମତଳ ଅଞ୍ଚଳ ପୂର୍ବ ପଶ୍ଚିମ ହୋଇ ଲମ୍ବି ରହିଛି । ସିନ୍ଧୁ, ଗଙ୍ଗା, ବ୍ରହ୍ମପୁତ୍ର ଆଦି ଚିରସ୍ରୋତା ନଦୀଗୁଡ଼ିକର ପଟୁମାଟି ଦ୍ୱାରା ଏହି ସମତଳ ଅଞ୍ଚଳ ସୃଷ୍ଟି ହୋଇଛି । ଏହି ଅଞ୍ଚଳର ମୃତ୍ତିକା ଉର୍ବର ଏବଂ ପ୍ରଚୁର ଜଳ ମିଳୁଥିବାରୁ ଏଠାରେ ବିଭିନ୍ନ ଶସ୍ୟ ଉତ୍ପାଦନ କରାଯାଇଥାଏ । ତେଣୁ ଏହି ଅଞ୍ଚଳରେ ବହୁତ ଲୋକ ବାସ କରନ୍ତି । ଏହି ସବୁ କାରଣରୁ ନଦୀକୂଳମାନଙ୍କରେ ପ୍ରାଚୀନ ସଭ୍ୟତାମାନ ଗଢ଼ି ଉଠିଥିଲା ।

### ୩. ଜଙ୍ଗଲ :

ଭାରତର ହିମାଳୟ ପାର୍ବତ୍ୟାଞ୍ଚଳର ପାଦଦେଶ ଏବଂ ପଶ୍ଚିମଘାଟ ପର୍ବତମାଳାର ପଶ୍ଚିମ ପାର୍ଶ୍ୱରେ ପ୍ରଚୁର ବୃଷ୍ଟିପାତ ହେଉଥିବା ଯୋଗୁ ଏହିସବୁ ଅଞ୍ଚଳରେ ଘଞ୍ଚ ଅରଣ୍ୟ ଦେଖାଯାଏ । ଏହାଛଡ଼ା ଦକ୍ଷିଣ ଭାରତର ଅଧିକାଂଶ ଅଞ୍ଚଳ, ପୂର୍ବ ଓ ଉତ୍ତର-ପୂର୍ବ ଭାରତର କେତେକ ଅଞ୍ଚଳରେ ଅରଣ୍ୟ ଦେଖାଯାଏ । ଅରଣ୍ୟଜାତ ଦ୍ରବ୍ୟ ଉପରେ ନିର୍ଭର କରି ଏଠାରେ ଲୋକମାନେ ବାସ କରନ୍ତି । ଅରଣ୍ୟର ଶାନ୍ତ ଓ ସୁନ୍ଦର ପରିବେଶ ସଭ୍ୟତାର ବିଶେଷ କରି ଧର୍ମ,ଦର୍ଶନ ଏବଂ ସାହିତ୍ୟର ଉନ୍ନତି କରିବାରେ ସାହାଯ୍ୟ କରିଅଛି ।

### ୪. ଉପକୂଳବର୍ତ୍ତୀ ସମତଳ ଅଞ୍ଚଳ :

ଆମ ଦେଶର ପଶ୍ଚିମ ପାର୍ଶ୍ୱରେ ଆରବ ସାଗର ଓ ପୂର୍ବ ପାର୍ଶ୍ୱରେ ବଙ୍ଗୋପସାଗର ଉପକୂଳରେ ସମତଳ ଅଞ୍ଚଳ ଦେଖାଯାଏ । ପଶ୍ଚିମ ଉପକୂଳର ସମତଳ ଅଞ୍ଚଳଠାରୁ ପୂର୍ବ ଉପକୂଳର ସମତଳ ଅଞ୍ଚଳ ଅଧିକ ପ୍ରଶସ୍ତ । ପଶ୍ଚିମ ଉପକୂଳସ୍ଥ ସମତଳ ଭୂମି ଗୁଜୁରାଟଠାରୁ କେରଳ ପର୍ଯ୍ୟନ୍ତ ଏବଂ ପୂର୍ବ ଉପକୂଳସ୍ଥ ସମତଳଭୂମି ଓଡ଼ିଶାଠାରୁ ତାମିଲନାଡ଼ୁ ପର୍ଯ୍ୟନ୍ତ ବିସ୍ତୃତ । ସାବରମତୀ, ମାହୀ, ନର୍ମଦା, ତାପ୍ତୀ ଆଦି ନଦୀଗୁଡ଼ିକର ପଟୁମାଟି ଦ୍ୱାରା ପଶ୍ଚିମ ଉପକୂଳସ୍ଥ ସମତଳ ଅଞ୍ଚଳ ଗଠିତ ହୋଇଥିବା ବେଳେ, ମହାନଦୀ, କୃଷ୍ଣା, କାବେରୀ, ଗୋଦାବରୀ ଆଦି ନଦୀର ପଟୁମାଟି ଦ୍ୱାରା ପୂର୍ବ ଉପକୂଳ ସମତଳଭୂମି ଗଠିତ । ସମୁଦ୍ର କୂଳବର୍ତ୍ତୀ ସମତଳଭୂମି ଅତ୍ୟନ୍ତ ଉର୍ବର ଓ କୃଷି ପାଇଁ ବେଶ ଉପଯୋଗୀ । ତେଣୁ ଏ ଅଞ୍ଚଳରେ ଘନ ଜନବସତି ଦେଖାଯାଏ । ଉପକୂଳବର୍ତ୍ତୀ ସମତଳ ଅଞ୍ଚଳରେ ଅବସ୍ଥିତ ନଦୀ ମୁହାଣଗୁଡ଼ିକରେ ଅନେକ ବନ୍ଦର ଗଢ଼ିଉଠିଥିଲା, ଯାହାଦ୍ୱାରା ସାମୁଦ୍ରିକ ବାଣିଜ୍ୟର ଉନ୍ନତି ଘଟିଥିଲା । ଏହି ଅଞ୍ଚଳରେ ମଧ୍ୟ ଅନେକ ସହର ଗଢ଼ି ଉଠିଥିବାର ଦେଖାଯାଏ ।

**ଭାରତର ପୂର୍ବ ଓ ପଶ୍ଚିମ ଉପକୂଳବର୍ତ୍ତୀ ସମତଳ ଅଞ୍ଚଳରେ ଗଢ଼ି ଉଠିଥିବା ସହରଗୁଡ଼ିକର ନାମ ମାନଚିତ୍ର ଦେଖି ତାଲିକା କର ।**

## ଅଭ୍ୟାସ

### ୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ୫୦ଟି ଶବ୍ଦରେ ଦିଅ ।

କ) ''ମନୁଷ୍ୟର ଅତୀତ ଘଟଣାର ନିରବଚ୍ଛିନ୍ନ କ୍ରମିକ ଅଗ୍ରଗତି ହେଉଛି ଇତିହାସ''- ଏହା କାହିଁକି କୁହାଯାଇଛି ଲେଖ ।

ଖ) ଇତିହାସ କାହିଁକି ପଢ଼ିବା ?

ଗ) ଇତିହାସ ଜାଣିବାର ବିଭିନ୍ନ ଆଧାରଗୁଡ଼ିକ କ'ଣ ?

ଘ) ସମୟ ଅନୁସାରେ ଇତିହାସକୁ କେତେ ଭାଗରେ ବିଭକ୍ତ କରାଯାଇଛି ?

ଙ) ଭାରତର ଭୌଗୋଳିକ ଅବସ୍ଥା ଏହାର ଇତିହାସକୁ କିପରି ପ୍ରଭାବିତ କରିଛି ?

ଚ) ଭାରତର କେଉଁ ଦୁଇଟି ପ୍ରାକୃତିକ ବୈଶିଷ୍ଟ୍ୟ ବିଶେଷ ପରିମାଣରେ ଭାରତର ଇତିହାସକୁ ପ୍ରଭାବିତ କରିଛି, କାରଣ ସହ ଉଲ୍ଲେଖ କର ?

### ୨. ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୩୦ଟି ଶବ୍ଦରେ ଲେଖ ।

କ) ପ୍ରାକୃତିକ ଗଠନର ବିବିଧତା ଅନୁସାରେ ଭାରତକୁ କେତୋଟି ଅଞ୍ଚଳରେ ବିଭକ୍ତ କରାଯାଇଛି ସେଗୁଡ଼ିକର ନାମ ଲେଖ ?

ଖ) ସଂକୀର୍ଣ୍ଣ ଗିରିପଥ ଦେଇ କେଉଁମାନେ ଭାରତକୁ ଆସିଛନ୍ତି ଏବଂ ସେମାନେ କେଉଁ କ୍ଷେତ୍ରରେ ଆମ ସଂସ୍କୃତିକୁ ପ୍ରଭାବିତ କରିଛନ୍ତି ?

ଗ) ପଶ୍ଚିମଘାଟ ପର୍ବତମାଳା କେଉଁଠାରୁ କେଉଁ ପର୍ଯ୍ୟନ୍ତ ବିସ୍ତୃତ ଏବଂ ଏହା କେଉଁ କାରଣରୁ ଘନ ଜଙ୍ଗଲ ପୂର୍ଣ୍ଣ ?

ଘ) ସମତଳ ଅଞ୍ଚଳ କିପରି ସୃଷ୍ଟି ହୋଇଛି ଏବଂ ଏଠାରେ କେଉଁ କାରଣରୁ ବିଭିନ୍ନ ଶସ୍ୟ ଉତ୍ପାଦନ କରାଯାଇଥାଏ ?

ଙ) କେଉଁ କାରଣରୁ ନଦୀକୂଳମାନଙ୍କରେ ପ୍ରାଚୀନ ସଭ୍ୟତାମାନ ଗଢ଼ି ଉଠିଥିଲା ?

ଚ) କେଉଁ ଅଞ୍ଚଳରେ ଘନ ଜନବସତି ଦେଖାଯାଏ ଓ କାହିଁକି ?

## ୩. ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ଗୋଟିଏ ଧାଡ଼ିରେ ଲେଖ ।

କ) କେଉଁଠାରେ ଅନେକ ବନ୍ଦର ଗଢ଼ି ଉଠିଥିଲା ?

ଖ) ଅରଣ୍ୟର ଶାନ୍ତ ଓ ସୁନ୍ଦର ପରିବେଶ କେଉଁ କେଉଁ କ୍ଷେତ୍ରରେ ଉନ୍ନତି କରିବାରେ ସାହାଯ୍ୟ କରିଥିଲା ?

ଗ) ଆମ ଦେଶର କେଉଁ ସ୍ଥାନରେ ସମତଳ ଅଞ୍ଚଳ ଦେଖାଯାଏ ?

ଘ) କେଉଁ ସମତଳ ଅଞ୍ଚଳ ଅଧିକ ପ୍ରଶସ୍ତ ?

ଙ) ପଶ୍ଚିମ ଉପକୂଳସ୍ଥ ସମତଳ ଭୂମି କାହାକୁ କୁହାଯାଏ ?

ଚ) ପୂର୍ବ ଉପକୂଳସ୍ଥ ସମତଳ ଭୂମି କାହାକୁ କୁହାଯାଏ ?

## ୪. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ / ସଂଖ୍ୟା ବାଛି ଶୂନ୍ୟସ୍ଥାନ ପୂରଣ କର ।

କ) ଆଜକୁ ପ୍ରାୟ ............... ଲକ୍ଷ ବର୍ଷ ପୂର୍ବେ ପୃଥିବୀ ପୃଷ୍ଠରେ ମନୁଷ୍ୟ ସୃଷ୍ଟି ହୋଇଥିଲା ବୋଲି ଅନୁମାନ କରାଯାଏ ।
(୧୨ , ୧୩, ୧୪, ୧୫)

ଖ) ପ୍ରାଚୀନ କାଳରେ .............. ପତ୍ର ଉପରେ ଲେଖା ଯାଉଥିଲା ।
(ବର, ତାଳ, ପଣସ, ଶାଳ)

ଗ) ସମୟ ଅନୁସାରେ ଇତିହାସକୁ .......... ଭାଗରେ ଭାଗ କରାଯାଇଛି ।
(୨, ୩, ୪, ୫)

ଘ) ଭାରତର ............... ବୃହତ୍ତମ ପ୍ରାକୃତିକ ଅଞ୍ଚଳ ଅଟେ ।
(ହିମାଳୟ ପାର୍ବତ୍ୟ ଅଞ୍ଚଳ, ଉତ୍ତରସ୍ଥ ସମତଳ ଅଞ୍ଚଳ, ପଶ୍ଚିମସ୍ଥ ମରୁଭୂମି ଅଞ୍ଚଳ, କେନ୍ଦ୍ରସ୍ଥ ମାଳଭୂମି)

**୫.	ରେଖାଙ୍କିତ ପଦ / ପଦଗୁଡ଼ିକୁ ନ ବଦଳାଇ ଭ୍ରମସଂଶୋଧନ କର ।**

କ) ସିମ୍ପାଞ୍ଜିର କ୍ରମବିକାଶ ହୋଇ ମନୁଷ୍ୟ ସୃଷ୍ଟି ହୋଇଅଛି ।

ଖ) ଇତିହାସ ଶବ୍ଦଟି ଲାଟିନ୍ ଶବ୍ଦ ହିଷ୍ଟୋରୁ ଆସିଅଛି ।

ଗ) ଭୁବନେଶ୍ୱର ନିକଟବର୍ତ୍ତୀ ରତ୍ନଗିରିଠାରେ ପଥର ଉପରେ ବାଇଶି ଶହ ବର୍ଷ ତଳର ଲେଖା ଦେଖିବାକୁ ମିଳେ ।

ଘ) ବାଣଭଟ୍ଟ ଜଣେ ବୈଦେଶିକ ପରିବ୍ରାଜକ ଅଟନ୍ତି ।

ଙ) ଆମ ଦେଶର ପୂର୍ବ ଭାଗରେ ଆରବ ସାଗର ଅଛି ।

**୬.	ତଳେ ଦିଆଯାଇଥିବା ଉତ୍ତରଗୁଡ଼ିକ ମଧ୍ୟରୁ ଯେଉଁ ଉତ୍ତରଟି ଠିକ୍ ତା' ପାଖରେ ଠିକ୍ (✓) ଚିହ୍ନ ଦିଅ ।**

କ) ନୃବାନର ସଂପର୍କୀୟ ହେଉଛନ୍ତି –

- ବାଘ
- ଗୋଧି
- ଓଟ
- ଓରାଙ୍ଗ ଓଟାଙ୍ଗ

ଖ) ମନୁଷ୍ୟର ବୌଦ୍ଧିକ ଗୁଣ ସହ ସାମଞ୍ଜସ୍ୟ ଥିବା ପ୍ରାଣୀ ହେଉଛି–

- ଗରିଲା
- ସିମ୍ପାଞ୍ଜି
- ପାତିମାଙ୍କଡ଼
- ଗୀବନ

ଗ) ହର୍ଷଚରିତ ରଚନା କରିଥିଲେ –

- କୌଟିଲ୍ୟ
- ପତଞ୍ଜଳି
- ପାଣିନି
- ବାଣଭଟ୍ଟ

ଘ) ଗୋଟିଏ ପ୍ରତ୍ନତାତ୍ତ୍ୱିକ ଉପାଦାନର ଉଦାହରଣ ହେଉଛି–

- ଉପନିଷଦ
- ମାଟିପାତ୍ର
- ବେଦ
- ମହାଭାରତ

ଙ) ଇରାନ୍ ଦେଶ ଭାରତର କେଉଁ ଦିଗରେ ଅବସ୍ଥିତ ?

- ପୂର୍ବ
- ପଶ୍ଚିମ
- ଉତ୍ତର
- ଦକ୍ଷିଣ



## ତୁମପାଇଁ କାମ :



ବିଭିନ୍ନ ପ୍ରାଚୀନ ସହର/ମନ୍ଦିରର ଚିତ୍ର ସଂଗ୍ରହକରି ସେଗୁଡ଼ିକ କାହିଁକି ପ୍ରସିଦ୍ଧ ଲେଖ ।

ଦ୍ୱିତୀୟ ଅଧ୍ୟାୟ


# ସର୍ବପ୍ରାଚୀନ ସମାଜ

D3YXE2



ଜଣେ ଶିକ୍ଷକ ବିଦ୍ୟାଳୟର କେତେକ ଛାତ୍ରଙ୍କୁ ନେଇ ଏକ ସଂଗ୍ରହାଳୟକୁ ଯାଇଥିଲେ। ସଂଗ୍ରହାଳୟର ବିଭିନ୍ନ କୋଠରୀ ପିଲାମାନେ ବୁଲି ଦେଖିବା ସମୟରେ ଗୋଟିଏ କୋଠରୀରେ ଅନେକଗୁଡ଼ିଏ ପଥର ବିଭିନ୍ନ କାଚବାକ୍ସ ଭିତରେ ଯତ୍ନର ସହିତ ରଖାଯାଇଥିବା ଦେଖିଲେ । ଏହା ଦେଖି ବିକାଶ ଶିକ୍ଷକଙ୍କୁ ପଚାରିଲା, ''ସାର, ଏହି ସାଧାରଣ ପଥରଗୁଡ଼ିକୁ ଏଭଳି ଯତ୍ନର ସହିତ ରଖାଯିବାର କାରଣ କ'ଣ ?'' ଏହା ଶୁଣି ଶିକ୍ଷକ କହିଲେ,

''ଆଜକୁ ପ୍ରାୟ ପନ୍ଦର ଲକ୍ଷ ବର୍ଷ ତଳେ ବଣମଣିଷ ସଦୃଶ ନୃବାନରରୁ ଆଦିମାନବର ଉତ୍ପତ୍ତି ହୋଇଥିଲା। ସେମାନଙ୍କର ବୁଦ୍ଧି କେବଳ ଖାଦ୍ୟ ସଂଗ୍ରହ ଓ ନିଜର ସୁରକ୍ଷା ପର୍ଯ୍ୟନ୍ତ ସୀମିତ ଥିଲା । ଭୋକ ଦାଉରୁ ରକ୍ଷାପାଇବା ପାଇଁ ଜୀବଜନ୍ତୁଙ୍କୁ ମାରି ତାହାର କଞ୍ଚା ମାଂସ ଖାଉଥିଲା। ଗୋଟିଏ ସ୍ଥାନରେ ଶିକାର ବା ଫଳମୂଳର ଅଭାବ ହେଲେ ଅନ୍ୟ ସ୍ଥାନକୁ ଯାଉଥିଲା। ବସ୍ତ୍ରର ବ୍ୟବହାର ସେମାନଙ୍କୁ ଜଣାନଥିଲା। ତେଣୁ ଲଙ୍ଗଳା ହୋଇ ବୁଲୁଥିଲା। କଥା କହି ଶିଖି ନଥିଲା। ବିଭିନ୍ନ ଠାର ବା ସଙ୍କେତ ମାଧ୍ୟମରେ ମନର ଭାବ ପ୍ରକାଶ କରୁଥିଲା। ଏହିପରି ଯାଯାବର ଜୀବନଯାପନ କରିବା ତା'ପକ୍ଷେ କଷ୍ଟକର ଓ ବିପଦପୂର୍ଣ୍ଣ ଥିଲା ।''



ମନୁଷ୍ୟର କ୍ରମବିକାଶ

ବଣ ମଣିଷ ଓ ବର୍ତ୍ତମାନର ମଣିଷମାନଙ୍କ ମଧ୍ୟରେ କି କି ପାର୍ଥକ୍ୟ ଲକ୍ଷ୍ୟ କରୁଛ, ଲେଖ ।

ନିଜ ଜୀବନକୁ ସୁରକ୍ଷିତ କରିବା ପାଇଁ ସେ ପଥରକୁ ବ୍ୟବହାର କଲା । ବହୁ ଦିନ ଧରି ପଥର ହିଁ ଥିଲା ତା'ର ନିତ୍ୟ ବ୍ୟବହାର ଜିନିଷ । ଏହା ଥିଲା ତା'ର ପ୍ରଧାନ ଅସ୍ତ୍ର । ତେଣୁ ଏ ଯୁଗକୁ 'ପ୍ରସ୍ତର ଯୁଗ' କୁହାଯାଏ । ପ୍ରସ୍ତର ନିର୍ମିତ ହାତହତିଆର ବ୍ୟବହାରକୁ ନେଇ ଏ ଯୁଗକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି । ଯଥା: (କ) ପୁରାତନ ପ୍ରସ୍ତର ଯୁଗ (ଖ) ନୂତନ ପ୍ରସ୍ତର ଯୁଗ ।

### (କ) ପୁରାତନ ପ୍ରସ୍ତର ଯୁଗ :

ପୁରାତନ ପ୍ରସ୍ତର ଯୁଗରେ ମନୁଷ୍ୟ ଖାଦ୍ୟ ସଂଗ୍ରହ ଓ ନିରାପତ୍ତା ପାଇଁ ପ୍ରସ୍ତରକୁ ହିଁ ଏକମାତ୍ର ମାଧ୍ୟମ ରୂପେ ବାଛିଥିଲା । ଏମାନେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ରଗୁଡ଼ିକ ଚିକ୍‌କଣ ବା ସୁନ୍ଦର ନଥିଲା । ତେଣୁ ଏ ଯୁଗକୁ ପୁରାତନ ପ୍ରସ୍ତର ଯୁଗ କୁହାଗଲା । ନିଜର ଖାଦ୍ୟ ସଂଗ୍ରହ ପାଇଁ ଓ ଯାଯାବର ଜୀବନଯାପନ ପାଇଁ ଏଯୁଗର ମନୁଷ୍ୟଙ୍କୁ କେତୋଟି ଦିଗକୁ ଦୃଷ୍ଟି ଦେବାକୁ ପଡୁଥିଲା । ପ୍ରଥମତଃ, ଯେଉଁ ସ୍ଥାନରେ ସେମାନେ କିଛି ସମୟ ରହୁଥିଲେ, ସେହି ଅଞ୍ଚଳରେ ଫଳମୂଳ ଓ ଶିକାରର ଅଭାବ ଦେଖାଦେଲେ ସେମାନେ ସେ ସ୍ଥାନ ଛାଡ଼ି ଅନ୍ୟ ସ୍ଥାନକୁ ଚାଲି ଯାଉଥିଲେ । ଦ୍ୱିତୀୟତଃ, ଋତୁ ଅନୁଯାୟୀ ବିଭିନ୍ନ ଗଛରେ ବିଭିନ୍ନ ଫୁଲଫଳ ଦେଖାଯାଉଥିଲା । ତେଣୁ ଋତୁ ପରିବର୍ତ୍ତନ ଅନୁସାରେ ସେମାନେ ସ୍ଥାନ ପରିବର୍ତ୍ତନ କରୁଥିଲେ । ତୃତୀୟରେ, ପ୍ରଚୁର ଜଳ ଓ ଉର୍ବର ଚାରଣ ଭୂମି ପାଇଁ ନଦୀ କୂଳ ପଶୁପକ୍ଷୀମାନଙ୍କ ବାସସ୍ଥଳୀ ହୋଇଥିଲା । ତେଣୁ ପଶୁ ଶିକାର ପାଇଁ ଏମାନେ ଗୋଟିଏ ନଦୀ କୂଳରୁ ଅନ୍ୟ ନଦୀ କୂଳକୁ ଚାଲି ଯାଉଥିଲେ ।

**ଆଦିମାନବମାନେ କାହିଁକି ପଥର ତିଆରି ହାତହାତିଆର ବ୍ୟବହାର କରୁଥିଲେ, ଚିନ୍ତା କରି ଲେଖ ।**

#### ହାତହତିଆର :


ପଞ୍ଜାବର ସୋନ ନଦୀ, ଉତ୍ତର ପ୍ରଦେଶର ବିଲା ନଦୀ ଉପତ୍ୟକା ଓ ଦାକ୍ଷିଣାତ୍ୟ ମାଳଭୂମିର କେତେକ ସ୍ଥାନରୁ ସେ ସମୟର ତିଆରି ପଥରର କୁରାଢ଼ି, କାଙ୍କ ଓ ବର୍ଚ୍ଛା ଆଦି ଆବିଷ୍କୃତ ହୋଇଛି । ଏଗୁଡ଼ିକୁ ସେମାନେ ଖୋଳିବା, କାଟିବା, ଛେଚିବା ଓ ଶିକାର କରିବା ଆଦି କାର୍ଯ୍ୟରେ ବ୍ୟବହାର କରୁଥିବାର ଅନୁମାନ କରାଯାଏ । ସେମାନଙ୍କ ଅସ୍ତ୍ରଶସ୍ତ୍ରଗୁଡ଼ିକ ସୁନ୍ଦର ବା ଚିକ୍‌କଣ ନଥିଲା ସତ, କିନ୍ତୁ ଏହି ଅସ୍ତ୍ରଶସ୍ତ୍ର ଦ୍ୱାରା ସେମାନେ ସହଜରେ ଜୀବଜନ୍ତୁ ଶିକାର କରି ପାରୁଥିଲେ ଓ ଗଛରୁ ବକ୍‌କଳ କାଢ଼ି ପାରୁଥିଲେ ଏବଂ ପଶୁମାନଙ୍କର ଛାଲ ଉତାରି ପାରୁଥିଲେ । ପରବର୍ତ୍ତୀ ସମୟରେ ଏମାନେ ଏକ ଶକ୍ତ ପଥରର ସନ୍ଧାନ ପାଇଲେ । ଏହି ପଥରକୁ ପିଟିବା, ଛେଚିବା ଓ ଘଷିବା ଆଦି କାର୍ଯ୍ୟରେ ଲଗାଇଲେ । ଚେନ୍ନାଇ ନିକଟରୁ ଶକ୍ତ ପଥରରେ ତିଆରି ସେ ଯୁଗର ହାତୁଡ଼ି ଆବିଷ୍କୃତ ହୋଇଛି ।


ପୁରାତନ ପ୍ରସ୍ତର ଯୁଗର ହାତ ହତିଆର

#### ବସ୍ତ୍ର ଓ ବାସଗୃହ :

ପୁରାତନ ପ୍ରସ୍ତର ଯୁଗରେ ମନୁଷ୍ୟ ଖାଦ୍ୟ ସଂଗ୍ରହ କରୁଥିଲା ଓ ଖାଦ୍ୟ ପାଇଁ

ପ୍ରକୃତି ଉପରେ ନିର୍ଭର କରୁଥିଲା। ଭୋକ ଲାଗିଲେ ସେ ଖାଉଥିଲା। ଶୀତ ଓ ଖରାରୁ ରକ୍ଷାପାଇବା ପାଇଁ ଶରୀରକୁ ଆବୃତ କରିପାରୁନଥିଲା। କାଳକ୍ରମେ ସେ ପଶୁ ଚମଡ଼ା ବା ଗଛର ବକ୍‌କଳକୁ ବସ୍ତ୍ର ରୂପେ ବ୍ୟବହାର କରି ଶିଖିଲା। ଜୀବଜନ୍ତୁମାନଙ୍କ ଆକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ଗଛର କୋରଡ଼ ଓ ପାହାଡ଼ର ପ୍ରାକୃତିକ ଗୁମ୍ଫାରେ ଆଶ୍ରୟ ନେଉଥିଲା।



ଆଦିମାନବ

## ନିଆଁର ବ୍ୟବହାର :

ଏ ଯୁଗର ମନୁଷ୍ୟ ପ୍ରଥମେ ପଥର ସହିତ ପଥର ଘଷି ହୋଇ ନିଆଁ ବାହାରିବା ଦେଖିଲା। ସେହି ନିଆଁ ଗଛ, ପତ୍ର ଓ ଡାଳକୁ ପୋଡ଼ି ପାଉଁଶ କରିଦେବା ସେ ଲକ୍ଷ୍ୟକଲା। ତେଣୁ ଜାଳିବା ପାଇଁ ଏହି କୌଶଳ ଅବଲମ୍ବନ କରି ନିଆଁ ବାହାର କଲା। ନିଆଁର ବ୍ୟବହାର ତା'ର ଜୀବନ ପ୍ରଣାଳୀରେ ପରିବର୍ତ୍ତନ ଆଣିଲା।



ନିଆଁର ଉଦ୍ଭାବନ

୧. ନିଆଁ ଦ୍ୱାରା ନିଜ ଶରୀରକୁ ଶୀତ ଦାଉରୁ ରକ୍ଷା କରିପାରିଲା।

୨. ନିଆଁର ଆଲୋକ ସାହାଯ୍ୟରେ ନିଜକୁ ହିଂସ୍ରଜନ୍ତୁଙ୍କ ଆକ୍ରମଣରୁ ରକ୍ଷା କରିପାରିଲା।

୩. ନିଆଁ ଦ୍ୱାରା ପଶୁ ମାଂସ ପୋଡ଼ି ଖାଇଲା । କଞ୍ଚା ମାଂସଠାରୁ ପୋଡ଼ା ମାଂସର ସ୍ୱାଦ ଅଧିକ,ତାହା ସେ ଜାଣିପାରିଲା।

ଦାକ୍ଷିଣାତ୍ୟର କେତେକ ଗୁମ୍ଫାରେ ଜମିଥିବା ପାଉଁଶରୁ ଅନୁମାନ କରାଯାଏ ଯେ ଏ ଯୁଗର ମନୁଷ୍ୟ ନିଆଁର ବ୍ୟବହାର ଜାଣିଥିଲା।

## ଚିତ୍ରକଳା :

ବିଭିନ୍ନ ଗୁମ୍ଫାରୁ ଏ ଯୁଗର ମନୁଷ୍ୟମାନେ ବ୍ୟବହାର କରୁଥିବା ଚିତ୍ରକଳାର ସନ୍ଧାନ ମିଳିଛି। ଫ୍ରାନସ୍, ସ୍ପେନ୍, ଇଟାଲୀ ଓ ଜର୍ମାନୀର ବିଭିନ୍ନ ଗୁମ୍ଫା ଓ ପାହାଡ଼ରେ ବିଭିନ୍ନ ପଶୁପକ୍ଷୀ, ବଲଗାହରିଣ ଶିକାର, ଧାବମାନ ବଣ ମଇଁଷି ଇତ୍ୟାଦିଙ୍କର ଚିତ୍ରମାନ ଅଙ୍କାଯାଇଛି। ଓଡ଼ିଶାର ଗୁଡ଼ହାଣ୍ଡି, ବିକ୍ରମଖୋଲ, ମାଣିକମଡ଼ା, ଯୋଗୀମଠ ଇତ୍ୟାଦି ପାହାଡ଼ରେ ଏହି ଚିତ୍ରକଳା ଦେଖିବାକୁ ମିଳେ।

ଆମ ଦେଶର କେତେକ ଅଞ୍ଚଳରେ ଆଦିବାସୀମାନେ ଏବେ ମଧ୍ୟ ଶିକାର କରି ଓ ଫଳମୂଳ ସଂଗ୍ରହ କରି ଯାଯାବର ଜୀବନଯାପନ କରୁଛନ୍ତି। କେରଳରେ ବାସକରୁଥିବା ପାଣ୍ଡାରାମ, ଓଡ଼ିଶାର କୋରାପୁଟର ବଣ୍ଡା ଜାତିର ଆଦିବାସୀମାନେ ସେହି ପ୍ରାଚୀନ ସଂସ୍କୃତି ନେଇ ଏବେ ମଧ୍ୟ ବଞ୍ଚି ରହିଛନ୍ତି।



ଆଦି ମାନବର ଚିତ୍ରକଳା

## (ଖ) ନୂତନ ପ୍ରସ୍ତର ଯୁଗ:

ହଜାର ହଜାର ବର୍ଷର ଯାଯାବର ଜୀବନଯାପନ କଲାପରେ ମନୁଷ୍ୟ ସ୍ଥାୟୀ ବସବାସ କରିବାକୁ ଆରମ୍ଭ କଲା। ହଠାତ୍ ଦିନେ ଆକସ୍ମିକ ଭାବରେ ଲକ୍ଷ୍ୟକଲା, ମଞ୍ଜି ମାଟି ଭିତରେ ପୋତିହେଲା ପରେ ପାଣି ପାଇ ଗଛରେ ପରିଣତ ହେଉଛି। ଏହିଠାରୁ ହିଁ କୃଷିର ଆରମ୍ଭ ହେଲା। ତାକୁ ଆଉ ଖାଦ୍ୟ ସଂଗ୍ରହ କରିବା ପାଇଁ ବୁଲିବାକୁ ପଡ଼ିଲା ନାହିଁ। କାଳକ୍ରମେ ସେ ନଦୀକୂଳମାନଙ୍କରେ କୁଡ଼ିଆ କରି ସ୍ଥାୟୀଭାବରେ ବସବାସ କରିବାକୁ ଲାଗିଲା। ପରବର୍ତ୍ତୀ ସମୟରେ ଗହମ, ଯଅ, ଧାନ, ଫଳ ଓ ପନିପରିବା ଚାଷ କରି ଶିଖିଲା।

### ପଶୁପାଳନ:

କୃଷି କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ଏଯୁଗର ମନୁଷ୍ୟ ପ୍ରଥମେ ପଶୁପାଳନ ଆରମ୍ଭ କଲା। ପ୍ରଥମେ ଶିକାର କାର୍ଯ୍ୟରେ ସାହାଯ୍ୟ ପାଇଁ କୁକୁର ପାଳନ କଲା। ପରେ ପରେ ଗାଈ,ମେଣ୍ଢା, ଛେଳି ଆଦି ପଶୁମାନଙ୍କୁ ପାଳନ କଲା। ଘୋଡ଼ା ଓ ଗଧମାନଙ୍କୁ ପରବର୍ତ୍ତୀ ସମୟରେ ମାଲପରିବହନ କରିବା କାର୍ଯ୍ୟରେ ଲଗାଇଲା। ନଦୀକୂଳମାନଙ୍କରେ ପ୍ରଚୁର ଜଳ ଓ ଉର୍ବର ମାଟି ଥିବାରୁ ତାକୁ ଶସ୍ୟ ଉତ୍ପାଦନ କରିବା ପାଇଁ ସୁବିଧା ହେଲା। ପଶୁପାଳନ ଦ୍ୱାରା ସେ ଅନେକଗୁଡ଼ିଏ ଉପକାର ପାଇପାରିଲା।



ନୂତନ ପ୍ରସ୍ତର ଯୁଗର ପଶୁପାଳନ

- ପଶୁମାନଙ୍କଠାରୁ ପାଉଥିବା କ୍ଷୀର ଓ ମାଂସକୁ ଖାଦ୍ୟରୂପେ ବ୍ୟବହାର କଲା।
- ପୋଷାକ ପ୍ରସ୍ତୁତ କରିବା ପାଇଁ ପଶୁଚମଡ଼ା ଓ ମେଣ୍ଢାର ଲୋମ ବ୍ୟବହାର କଲା।
- ଗଧ, ଘୋଡ଼ା ଓ ବଳଦମାନଙ୍କୁ ମାଲପରିବହନ ପାଇଁ ବ୍ୟବହାର କଲା।
- ପଶୁମାନଙ୍କ ଗୋବରକୁ ସାର ରୂପେ କୃଷିକ୍ଷେତ୍ରରେ ବ୍ୟବହାର କଲା।

## ଚକର ବ୍ୟବହାର :

ଚକର ବ୍ୟବହାର ନୂତନ ପ୍ରସ୍ତର ଯୁଗର ଲୋକମାନଙ୍କର ଜୀବନରେ ଏକ ବିରାଟ ପରିବର୍ତ୍ତନ ଆଣିଲା । ଏହାଦ୍ୱାରା ସେମାନେ ବିଭିନ୍ନ ପ୍ରକାରର ମାଟିପାତ୍ର ନିର୍ମାଣ କରିପାରିଲେ । କାଳକ୍ରମେ ଚକକୁ ଗାଡ଼ିରେ ବ୍ୟବହାର କରି ମାଲପରିବହନ ଶୀଘ୍ର ଓ ସୁବିଧାରେ କରିପାରିଲେ । ପରବର୍ତ୍ତୀ ସମୟରେ ଏହି ଚକ ସେମାନଙ୍କୁ ତନ୍ତ ପ୍ରସ୍ତୁତ କରିବାରେ ସାହାଯ୍ୟ କଲା । ଯାହାଦ୍ୱାରା ସେମାନେ ସୂତାକାଟି ପାରିଲେ ଓ ଲୁଗା ବୁଣି ପାରିଲେ ।

**ବର୍ତ୍ତମାନ ଯୁଗରେ ଚକକୁ ଆମେ କି କି କାର୍ଯ୍ୟରେ ବ୍ୟବହାର କରୁଛୁ, ତାହାର ଏକ ତାଲିକା କର ।**

## ମାଟିପାତ୍ର :

ଭାରତର କେତେକ ଅଞ୍ଚଳରୁ ଏଯୁଗର ଲୋକମାନେ ବ୍ୟବହାର କରୁଥିବା ବିଭିନ୍ନ ପ୍ରକାରର ମାଟିପାତ୍ରର ସନ୍ଧାନ ମିଳିଛି । ଏଗୁଡ଼ିକୁ ସେମାନେ ପ୍ରସ୍ତୁତ କରୁଥିଲେ ଓ ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିଲେ । ଏହି ପାତ୍ରଗୁଡ଼ିକୁ ସେମାନେ ରାନ୍ଧିବା ଓ ଶସ୍ୟ ସାଇତି ରଖିବାରେ ବ୍ୟବହାର କରୁଥିଲେ ବୋଲି ଅନୁମାନ କରାଯାଏ ।

## ହାତହତିଆର :

ନୂତନ ପ୍ରସ୍ତର ଯୁଗର ମନୁଷ୍ୟମାନେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ରଗୁଡ଼ିକ ପୁରାତନ ପ୍ରସ୍ତର ଯୁଗର ଅସ୍ତ୍ରଶସ୍ତ୍ର ଅପେକ୍ଷା ଅଧିକ ଉନ୍ନତ, ସୁନ୍ଦର, ଧାରୁଆ ଓ ଚିକ୍କଣ ଥିଲା । ତେଣୁ ଏହି ଯୁଗକୁ ନୂତନ ପ୍ରସ୍ତର ଯୁଗରେ ନାମିତ କରାଯାଏ । ଶିକାର ବ୍ୟତୀତ ଅନ୍ୟାନ୍ୟ କାର୍ଯ୍ୟରେ ମଧ୍ୟ ଏହି ଅସ୍ତ୍ରଶସ୍ତ୍ରଗୁଡ଼ିକର ବ୍ୟବହାର କରାଯାଉଥିଲା । ପଥର ଓ ଅସ୍ଥିର କାଠବେଣ୍ଟ ଲଗା ଅସ୍ତ୍ରଶସ୍ତ୍ର, ବାଉଁଶର ଧନୁ ଓ ପାତିଆର ଗୁଣ ଆଦି ସେମାନେ ବ୍ୟବହାର କରୁଥିବାର ସୂଚନା ମିଳେ । ଏହାଛଡ଼ା ସେମାନେ ହାଡ଼ରୁ ତିଆରି ଛୁଞ୍ଚି ବ୍ୟବହାର କରୁଥିଲେ । ଚମଡ଼ାରୁ ତିଆରି ଲୁଗା ସିଲେଇ କରିବାରେ ତାହା ବ୍ୟବହାର ହେଉଥିଲା । ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର କୁଚେଇ, କୁଳିଅଣା, ବଇଦିପୁର ପ୍ରଭୃତି କେତେକ ଯାଗାରୁ ନୂତନ ପ୍ରସ୍ତର ଯୁଗର ହାତ ହତିଆର ମିଳିଛି ।



ନୂତନ ପ୍ରସ୍ତର ଯୁଗର ହାତହତିଆର

**ଅସ୍ତ୍ରଶସ୍ତ୍ରଗୁଡ଼ିକୁ ଚିକ୍କଣ ଓ ଧାରୁଆ କରିବା ପାଇଁ ସେ ସମୟର ଲୋକମାନେ ପଥରକୁ କଣ କରିଥିବେ ଲେଖ ?**

## ଧର୍ମ ବିଶ୍ୱାସ :

ନୂତନ ପ୍ରସ୍ତର ଯୁଗର ଲୋକମାନେ ପ୍ରକୃତିର ଉପାସକ ଥିଲେ । ତେଣୁ ପ୍ରକୃତିର ବିଭିନ୍ନ ରୂପ ଯେପରିକି ନଦୀ, ପର୍ବତ, ସୂର୍ଯ୍ୟ, ବୃକ୍ଷ ଆଦିକୁ ପୂଜା କରୁଥିଲେ । ସେମାନେ ପରଜନ୍ମରେ ବିଶ୍ୱାସ କରୁଥିଲେ । ବ୍ୟକ୍ତି ମରିଗଲେ ତା’ ସହିତ ସେ ବ୍ୟବହାର କରୁଥିବା ଖାଦ୍ୟଦ୍ରବ୍ୟ ଓ ହାତହତିଆର ପୋତି ଦେଉଥିଲେ ।

କାଳକ୍ରମେ ଏ ଯୁଗର ମନୁଷ୍ୟ ଗୋଷ୍ଠୀଗତ ବା ଦଳଗତ ଜୀବନଯାପନ କଲା। ଅବସର ସମୟରେ ନିଜକୁ ବିଭିନ୍ନ ପ୍ରକାରର କାର୍ଯ୍ୟରେ ନିୟୋଜିତ କଲା। ନିଜ ନିଜ ଦଳ ମଧ୍ୟରୁ ଜଣକୁ ଦଳପତି ରୂପେ ବାଛିଲେ ଓ ତା'ର ନିର୍ଦ୍ଦେଶ ମାନି ଚଳିଲେ। ଏହିପରି ଭାବରେ ସମୟ ସହିତ ତାଳଦେଇ ମନୁଷ୍ୟ ସଭ୍ୟତାର ଦ୍ୱାରଦେଶରେ ପହଞ୍ଚିଥିଲା।

## ଅଭ୍ୟାସ

**୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ୫୦ଟି ଶବ୍ଦରେ ଦିଅ।**

କ) ପୁରାତନ ପ୍ରସ୍ତର ଯୁଗର ଲୋକମାନଙ୍କର ଜୀବନଯାପନ ପ୍ରଣାଳୀ କିପରି ଥିଲା ?

ଖ) ନିଆଁର ବ୍ୟବହାର ଜାଣିବା ଦ୍ୱାରା ପୁରାତନ ପ୍ରସ୍ତର ଯୁଗର ଲୋକମାନେ କିଭଳି ଉପକୃତ ହେଲେ ?

ଗ) ପୁରାତନ ପ୍ରସ୍ତର ଯୁଗର ଲୋକମାନେ ହାତହତିଆର କେଉଁ କେଉଁ କାମରେ ବ୍ୟବହାର କରୁଥିଲେ ?

ଘ) ନୂତନ ପ୍ରସ୍ତର ଯୁଗର ଅସ୍ତ୍ରଶସ୍ତ୍ର ଓ ପୁରାତନ ପ୍ରସ୍ତର ଯୁଗର ଅସ୍ତ୍ରଶସ୍ତ୍ର ମଧ୍ୟରେ ଥିବା ପାର୍ଥକ୍ୟ ଗୁଡ଼ିକ ଲେଖ।

ଙ) ଆଦିମାନବ କେଉଁ ପଶୁମାନଙ୍କୁ ପାଳୁଥିଲା ଓ ସେହି ପଶୁମାନଙ୍କଠାରୁ କି ପ୍ରକାର ସୁବିଧା ପାଉଥିଲା ?

ଚ) ମନୁଷ୍ୟ ପ୍ରଥମେ ନଦୀକୂଳରେ ବସବାସ କରିବା ପାଇଁ କାହିଁକି ରହିଲା ?

**୨. ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୩୦ଟି ଶବ୍ଦ ମଧ୍ୟରେ ଲେଖ।**

କ) ନୂତନ ପ୍ରସ୍ତର ଯୁଗର ଲୋକମାନେ କିପରି କୃଷିକାର୍ଯ୍ୟ ଆରମ୍ଭ କଲେ ଓ କ'ଣ ଚାଷ କରୁଥିଲେ ?

ଖ) ଚକର ବ୍ୟବହାର କରି ନୂତନ ପ୍ରସ୍ତର ଯୁଗର ଲୋକମାନେ କ'ଣ କ'ଣ କାମ କଲେ ?

ଗ) ପୁରାତନ ପ୍ରସ୍ତର ଯୁଗ ଓ ନୂତନ ପ୍ରସ୍ତର ଯୁଗର ଲୋକମାନଙ୍କ ମଧ୍ୟରେ କ'ଣ ପାର୍ଥକ୍ୟ ଥିଲା ?

ଘ) ପୁରାତନ ପ୍ରସ୍ତର ଯୁଗର ଲୋକମାନେ ଗୋଟିଏ ନଦୀକୂଳରୁ ଆଉ ଗୋଟିଏ ନଦୀକୂଳକୁ ଯାଉଥିଲେ କାହିଁକି ?

ଙ) ନୂତନ ପ୍ରସ୍ତର ଯୁଗର ଲୋକମାନେ ପ୍ରକୃତିର ଉପାସକ ଥିଲେ ବୋଲି କିପରି ଜାଣିବା ?

**୩. ନିମ୍ନରେ ଦିଆଯାଇଥିବା ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ଗୋଟିଏ ଧାଡ଼ିରେ ଲେଖ।**

କ) ଆଦିମାନବ ତା'ର ରହିବା ସ୍ଥାନ କାହିଁକି ପରିବର୍ତ୍ତନ କରୁଥିଲା ?

ଖ) ଭୋକଦାଉରୁ ରକ୍ଷାପାଇବା ପାଇଁ ଆଦିମାନବ କ'ଣ କରୁଥିଲା ?

ଗ) ଆଦିମାନବ ଋତୁ ପରିବର୍ତ୍ତନ ଅନୁସାରେ କାହିଁକି ସ୍ଥାନ ପରିବର୍ତ୍ତନ କରୁଥିଲେ ?

ଘ) ନିଜକୁ ସୁରକ୍ଷା ଦେବାପାଇଁ ପୁରାତନ ପ୍ରସ୍ତର ଯୁଗର ଲୋକମାନେ କ'ଣ ବ୍ୟବହାର କରୁଥିଲେ ?

ଙ) ଭାରତର କେଉଁ କେଉଁ ସ୍ଥାନରୁ ପ୍ରସ୍ତର ଯୁଗର ହାତହତିଆର ଆବିଷ୍କୃତ ହୋଇଛି ?

ଚ) ଶକ୍ତ ପଥରର ସନ୍ଧାନ ପାଇବାପରେ ଆଦିମାନବ ତାକୁ କେଉଁ କାମରେ ଲଗାଇଲେ ?

ଛ) ଆଦିମାନବ କେଉଁ କେଉଁ ଜିନିଷକୁ ବସ୍ତ୍ର ରୂପେ ବ୍ୟବହାର କରୁଥିଲା ?

ଜ) ଜୀବଜନ୍ତୁମାନଙ୍କ ଆକ୍ରମଣରୁ ରକ୍ଷାପାଇବା ପାଇଁ ଆଦିମାନବ କେଉଁଠାରେ ଆଶ୍ରୟ ନେଉଥିଲା ?

ଝ) ଓଡ଼ିଶାର କେଉଁ କେଉଁ ସ୍ଥାନରେ ଆଦିମାନବ ବ୍ୟବହାର କରୁଥିବା ଚିତ୍ରକଳାର ସନ୍ଧାନ ମିଳିଛି ?

ଞ) ଓଡ଼ିଶାର କେଉଁ ସ୍ଥାନରୁ ନୂତନ ପ୍ରସ୍ତର ଯୁଗର ହାତହତିଆର ମିଳିଛି ?

## ୪. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦବାଛି ଶୂନ୍ୟସ୍ଥାନ ପୂରଣ କର ।

କ) ପୁରାତନ ପ୍ରସ୍ତର ଯୁଗର ଲୋକମାନଙ୍କର ଚିତ୍ରକଳାର ସନ୍ଧାନ ............ ରୁ ମିଳିଛି ।
(ପଥର, ଗୁମ୍ଫା, ପାହାଡ଼, କୁଡ଼ିଆ)

ଖ) ବର୍ତ୍ତମାନ କେରଳର ..........ମାନେ ଯାଯାବର ଜୀବନଯାପନ କରୁଅଛନ୍ତି ।
(ପାଣ୍ଡାରାମ, ବଣ୍ଡା, ପରଜା, ଜୁଆଙ୍ଗ)

ଗ) ନୂତନ ପ୍ରସ୍ତର ଯୁଗର ଲୋକମାନେ ମାଲ ପରିବହନ ପାଇଁ ........... କୁ ବ୍ୟବହାର କରୁଥିଲେ ।
(ମହିଷି, ଘୋଡ଼ା, ହାତୀ, ହରିଣ)

ଘ) ପ୍ରସ୍ତର ଯୁଗର ମଣିଷଙ୍କୁ ଚକ ବ୍ୟବହାର.........କାର୍ଯ୍ୟରେ ସାହାଯ୍ୟ କରୁଥିଲା ।
(କୃଷି, ଶିକାର, ପରିବହନ, ଗୃହନିର୍ମାଣ)

ଙ) ମନୁଷ୍ୟ ପ୍ରଥମେ ............. ସ୍ଥାନରେ ସ୍ଥାୟୀ ହୋଇ ରହି ଶିଖିଲା ।
(ପାର୍ବତ୍ୟାଞ୍ଚଳ, ନଦୀକୂଳ, ବଣଜଙ୍ଗଲ, ବରଫାବୃତ ଅଞ୍ଚଳ)

## ୫. 'କ' ସ୍ତମ୍ଭରେ ଦିଆଯାଇଥିବା ଶବ୍ଦସହିତ 'ଖ' ସ୍ତମ୍ଭରୁ ଉପଯୁକ୍ତ ଶବ୍ଦ ବାଛି ଯୋଗ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଗୁମ୍ଫା | ପୋଷାକ |
| କୁକୁର | ସାର |
| ପଶୁଚମଡ଼ା | ଗୃହନିର୍ମାଣ |
| ଗୋବର | ଶିକାର କାର୍ଯ୍ୟ |
| ଚକ | ପରିବହନ |
| | ଆଶ୍ରୟ |



## ତୁମପାଇଁ କାମ :



ବର୍ତ୍ତମାନ ଯୁଗରେ ଚକକୁ ଆମେ କି କି କାର୍ଯ୍ୟରେ ବ୍ୟବହାର କରୁଛୁ, ତାହାର ଏକ ତାଲିକା କର ।

ତୃତୀୟ ଅଧ୍ୟାୟ

D48TFP

# ପ୍ରଥମ ଚାଷୀ ଓ ପଶୁପାଳନ



ବାପାଙ୍କ ସହିତ ଆଲୋକ ଥରେ ରେଳଗାଡ଼ିରେ ଗଲାବେଳେ ବାଟରେ ଅନେକ ଗୋରୁ, ଛେଳି,ମେଣ୍ଢା ଚରୁଥିବାର ଏବଂ ସେମାନଙ୍କୁ ଲୋକମାନେ ଜଗିରହିଥିବାର ଦେଖିଲା । ତାହାଛଡ଼ା ମଝିରେ ମଝିରେ ଚାଷଜମି ରହିଥିବାର ଦେଖିଲା । ଏସବୁ ବିଷୟରେ ଜାଣିବା ପାଇଁ ଆଲୋକ ବାପାଙ୍କୁ ଅନେକ ପ୍ରଶ୍ନ ପଚାରିଲା । ଉତ୍ତରରେ ବାପା ଯାହା ସବୁ କହିଥିଲେ, ଆସ ଜାଣିବା ।

ଆଜକୁ ପ୍ରାୟ ୧୦,୦୦୦ ବର୍ଷ ପୂର୍ବେ ଇସ୍ରାଏଲର ଜେରିକୋ ନାମକ ଜାଗାରେ ଲୋକମାନେ ପ୍ରଥମେ ଚାଷ କାର୍ଯ୍ୟ ଆରମ୍ଭ କରିଥିବାର ପ୍ରମାଣ ମିଳିଛି । ପ୍ରାୟ ୧୨,୦୦୦ ବର୍ଷ ପୂର୍ବେ ପୃଥିବୀର ଜଳବାୟୁରେ ବଡ଼ ପରିବର୍ତ୍ତନ ଦେଖା ଯାଇଥିଲା । ଜଳବାୟୁର ପରିବର୍ତ୍ତନ ସହିତ ମଣିଷ ପାରିପାର୍ଶ୍ୱିକ ଅବସ୍ଥା ସମ୍ବନ୍ଧରେ ଅଧିକ ଜ୍ଞାନ ଲାଭ କଲା । ଏହିସବୁ ନୂତନ ପ୍ରସ୍ତର ଯୁଗର ଘଟଣା । ଲୋକମାନେ ଯାଯାବର ଜୀବନଯାପନ ଛାଡ଼ି ଗୋଟିଏ ଜାଗାରେ ସ୍ଥାୟୀ ଭାବରେ ରହିବାକୁ ଆରମ୍ଭ କଲେ ।

**ଲୋକମାନେ ଗୋଟିଏ ସ୍ଥାନରେ ସ୍ଥାୟୀ ଭାବରେ ବସବାସ କରିବା ଦ୍ୱାରା କି କି ଉପକାର ହେଲା, ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।**

ଚାଷ କାର୍ଯ୍ୟ କେମିତି ଆରମ୍ଭ ହେଲା, ସେ ବିଷୟ ଠିକ୍ ଭାବରେ ଜଣା ନାହିଁ । ମଣିଷ ଫଳରୁ ମଞ୍ଜି ମାଟିରେ ପଡ଼ି ଗଛ ହେବା ଦେଖିଲା ପରେ ନିଜେ ସେହି କାର୍ଯ୍ୟ ଆରମ୍ଭ କରିଥିବ ବୋଲି ଅନୁମାନ କରାଯାଇଛି । ଚାଷ କାର୍ଯ୍ୟ କରିବା ଯୋଗୁଁ ଲୋକମାନେ ବିଭିନ୍ନ ପ୍ରକାର ଶସ୍ୟ ଉତ୍ପାଦନ କରିଥିଲେ । ଗହମ ଓ ଯଅର ଚାଷ ପ୍ରଥମେ ଆରମ୍ଭ ହୋଇଥିଲା । ମିଳିଥିବା ନୂତନ ପ୍ରସ୍ତର ଯୁଗର ଦାଆରୁ ଅନୁମାନ କରାଯାଇପାରେ ଯେ ଏହା ଫସଲ କାଟିବାରେ ବ୍ୟବହୃତ ହେଉଥିଲା । କୃଷିକାର୍ଯ୍ୟ ଯୋଗୁ ଲୋକମାନେ ସ୍ଥାନ ପରିବର୍ତ୍ତନ ନ କରି ଗୋଟେ ସ୍ଥାନରେ ଘର ତିଆରି କରି ରହିବାକୁ ପସନ୍ଦ କଲେ ।

**ତୁମ ଅଞ୍ଚଳରେ ଚାଷ କରିବା ପାଇଁ ଯେଉଁ ଯନ୍ତ୍ରପାତି ବ୍ୟବହାର କରାଯାଏ, ତାହାର ତାଲିକା ପ୍ରସ୍ତୁତ କର ।**

ଜଳବାୟୁର ତାପମାତ୍ରା ବଢ଼ିବା ଯୋଗୁଁ ଘାସ ଜାତୀୟ ଗଛ ଦେଖାଗଲା । ହରିଣ, ଛେଳି, ମେଣ୍ଢା, ଗାଈଗୋରୁ ଆଦି ପଶୁମାନେ ସେଠାରେ ରହିବାକୁ ଆରମ୍ଭ କଲେ । ଚାଷ କରିବା ସହିତ ସେମାନେ ପଶୁପାଳନ କଲେ । କୁକୁରକୁ

ପ୍ରଥମେ ପୋଷା ପ୍ରାଣୀ ରୂପେ ରଖାଯାଇଥିଲା । ତା'ପରେ ମଣିଷମାନେ ଘୁଷୁରୀ, ଛେଳି,ମେଣ୍ଢା, ଗାଈ, ଗଧ ପ୍ରଭୃତି ପୋଷିଲେ। ପଶୁମାନଙ୍କର ଆବଶ୍ୟକତା ଜାଣି ସେମାନଙ୍କୁ ଦଳବଦ୍ଧ ଭାବରେ ରଖାଗଲା । ଗୃହପାଳିତ ପଶୁମାନଙ୍କୁ ହିଂସ୍ରଜନ୍ତୁମାନଙ୍କଠାରୁ ରକ୍ଷା କରିବା ପାଇଁ ଚେଷ୍ଟା କରାଗଲା । ଫଳରେ ପଶୁପାଳନ ଏକ ନିୟମିତ କାର୍ଯ୍ୟରୂପେ ପରିଗଣିତ ହେଲା ।

ଅନେକ ପଶୁପକ୍ଷୀ ଆମର ଉପକାର କରନ୍ତି । ସେମାନଙ୍କର ଯତ୍ନ ଓ ସୁରକ୍ଷା ପାଇଁ ତୁମେ କ'ଣ କରିପାରିବ ଲେଖ ।

ଭାରତରେ ନୂତନ ପ୍ରସ୍ତର ଯୁଗ ବିଳମ୍ବରେ ଆରମ୍ଭ ହୋଇଥିଲା ବୋଲି ଅନୁମାନ କରାଯାଏ । ଭାରତରେ ନୂତନ ପ୍ରସ୍ତର ଯୁଗରେ ଲୋକମାନେ ବସବାସ କରୁଥିବା ସ୍ଥାନମାନଙ୍କର ସନ୍ଧାନ ମିଳିଛି । ଦକ୍ଷିଣ ଭାରତ ଓ ପୂର୍ବ ଭାରତରେ ନୂତନ ପ୍ରସ୍ତର ଯୁଗ ଉତ୍ତର ଭାରତଠାରୁ ବିଳମ୍ବରେ ଆରମ୍ଭ ହୋଇଛି ବୋଲି ବିଶ୍ୱାସ କରାଯାଏ ।

ଏହି ସମୟରେ ବ୍ୟବହୃତ ହାତହତିଆରଗୁଡ଼ିକ ଚିକ୍‌କଣ, ସୁନ୍ଦର ଓ ଧାରୁଆ ଥିଲା । ପଶୁମାନଙ୍କ ହାଡ଼ରେ ମଧ୍ୟ ଅସ୍ତ୍ରଶସ୍ତ୍ର ନିର୍ମାଣ କରାଯାଉଥିଲା । ବେଣ୍ଟ ଥିବା ଅସ୍ତ୍ରଶସ୍ତ୍ର ମଧ୍ୟ ବ୍ୟବହାର କରାଯାଉଥିଲା । ବିଭିନ୍ନ ମାଟିପାତ୍ର ତିଆରି କରିବା ଲୋକମାନଙ୍କର ଅନ୍ୟ ଏକ ବୃତ୍ତି ଥିଲା । ଲୋକମାନେ ଖାଦ୍ୟଶସ୍ୟ, ପିଇବା ପାଣି, ପଶୁମାନଙ୍କର କ୍ଷୀର ସାଇତିରଖିବା ଓ ଖାଦ୍ୟ ରାନ୍ଧିବା ପାଇଁ ବିଭିନ୍ନ ଆକାରର ମାଟିପାତ୍ର ବ୍ୟବହାର କରୁଥିଲେ । ପ୍ରଥମେ ହାତରେ ମାଟିପାତ୍ର ତିଆରି କରୁଥିଲେ । ପରେ କୁମ୍ଭାର ଚକ ସାହାଯ୍ୟରେ ବିଭିନ୍ନ ପ୍ରକାରର ମାଟିପାତ୍ର ଗଢ଼ାଗଲା । ମାଟିପାତ୍ରଗୁଡ଼ିକୁ ସୁନ୍ଦର କରିବା ପାଇଁ ଚିକ୍‌କଣ ଓ ଚିତ୍ରିତ କରାଯାଉଥିଲା ।

ନୂତନ ପ୍ରସ୍ତର ଯୁଗର ଶେଷ ଭାଗରେ ଏକ ବଡ଼ ପରିବର୍ତ୍ତନ ଆସିଲା । ପଥର ନିର୍ମିତ ଓ ପଶୁମାନଙ୍କର ଅସ୍ଥିରେ ପ୍ରସ୍ତୁତ ବିଭିନ୍ନ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବା ସହିତ ଲୋକମାନେ ଧାତୁର ବ୍ୟବହାର ବିଷୟରେ ଜାଣିଲେ । ତମ୍ବାଧାତୁକୁ ମଣିଷ ପ୍ରଥମେ ବ୍ୟବହାର କରିଥିଲା । ତମ୍ବା ସହିତ ଟିଣ ଓ ଦସ୍ତା ମିଶାଯାଇ ବ୍ରୋଞ୍ଜ ବା କଂସା ଧାତୁ ତିଆରି କରାଗଲା । ଏହି ଯୁଗକୁ ତାମ୍ର-ପ୍ରସ୍ତର ଯୁଗ କୁହାଯାଏ । ଏହି ଯୁଗରେ ଉଭୟ ପଥର ଓ ଧାତୁର ହାତହାତିଆର ବ୍ୟବହାର କରାଯାଉଥିଲା । କର୍ଣ୍ଣାଟକର ମହୀଶୂର ନିକଟସ୍ଥ ବ୍ରହ୍ମଗିରିଠାରେ ଏହି ଧାତୁରେ ନିର୍ମିତ ଛୁରୀ ଓ ହାତୁଡ଼ି ଦେଖିବାକୁ ମିଳିଛି ।

**ତମ୍ବା ଓ କଂସାକୁ ଆମେମାନେ କି କି କାର୍ଯ୍ୟରେ ବ୍ୟବହାର କରୁ, ଅନୁଧ୍ୟାନକରି ଲେଖ ।**

ପ୍ରତ୍ନତତ୍ତ୍ୱବିତ୍‌ମାନେ ଭାରତର ବିଭିନ୍ନ ସ୍ଥାନ ଖନନ କରି ପ୍ରଥମେ ଚାଷ କାର୍ଯ୍ୟ କରୁଥିବା ଲୋକମାନଙ୍କ ସମ୍ବନ୍ଧରେ କିଛି ତଥ୍ୟ ପାଇପାରିଛନ୍ତି । ପୋଡ଼ାଶସ୍ୟ, ଗହମ ଓ ଯଅ ସହିତ ମସୁର ଜାତୀୟ କେତେକ ଡାଲିର ଅବଶିଷ୍ଟାଂଶ ଜାମ୍ମୁ ଓ କାଶ୍ମୀରର ବୁର୍‌ଜାହମ୍ ଓ ପାକିସ୍ଥାନର ମେହର୍‌ଗଡ଼ଠାରେ ଆବିଷ୍କୃତ ହୋଇଛି ।

### ମେହରଗଡ଼ :

ପାକିସ୍ଥାନ ଦେଶରେ ଥିବା ମେହରଗଡ଼ଠାରେ ଲୋକମାନେ ପ୍ରଥମଥର ପାଇଁ ଚାଷ କାର୍ଯ୍ୟ ଓ ସ୍ଥାୟୀ ଭାବରେ ବସବାସ କରିବାର ଉଦ୍ୟମ କରିଥିଲେ । ଏଠାରେ ଲୋକମାନେ ଗ୍ରାମ ସ୍ଥାପନ କରି ବସବାସ କରିବାକୁ ଲାଗିଲେ । ପୋଡ଼ା ଶସ୍ୟ ଓ ବିଭିନ୍ନ ପଶୁମାନଙ୍କର ଅସ୍ଥି ଏଠାରେ ମିଳିଅଛି । ପ୍ରାୟ ଖ୍ରୀ.ପୂ. ୭୦୦୦ ବର୍ଷ ପୂର୍ବେ ଏଠାରେ ଚାଷ କାର୍ଯ୍ୟ, ପଶୁପାଳନ ଓ ସ୍ଥାୟୀ ବସବାସ କରିବା କଥା ଜଣାପଡ଼ିଛି ।


ମେହରଗଡ଼ରେ ଥିବା ଗୃହଗୁଡ଼ିକ ଅତି ସାଧାରଣ । ମାଟିରେ ଗୃହ ନିର୍ମାଣ କରାଯାଇଥିଲା । ଘରଗୁଡ଼ିକ ବର୍ଗାକାର ଅଥବା ସମକୋଣୀ ଚତୁର୍ଭୁଜ ଆକାରରେ କରାଯାଇଥିଲା । ସେଠାରୁ ପଥର ହାତୁଡ଼ି, ଶାମୁକାରେ ନିର୍ମିତ ଅଳଙ୍କାର, ଚୂନପଥର, ନୀଳକାନ୍ତ ମଣି, ଗାଢ଼ ନୀଳବର୍ଣ୍ଣ ପଥର ଓ ବାଲିପଥର ଆଦି ଆବିଷ୍କାର କରାଯାଇଛି । ପ୍ରଥମରୁ ମାଟିପାତ୍ରର ବ୍ୟବହାର କମ୍ ଥିଲା । କିନ୍ତୁ କାଳକ୍ରମେ ତାହା ବହୁଳ ଭାବରେ ବ୍ୟବହାର କରାଯାଇଥିଲା । କାଚର ମାଳି ମଧ୍ୟ ତିଆରି କରାଯାଉଥିଲା । ମାଟିପାତ୍ରଗୁଡ଼ିକୁ ବିଭିନ୍ନ ଚିତ୍ର ଦ୍ୱାରା ସୁନ୍ଦର କରାଯାଉଥିଲା । ସେଠାରୁ ହରିଣ, ଘୁଷୁରୀ, ଛେଳି, ମେଣ୍ଢା ଆଦି ପଶୁମାନଙ୍କର ଅସ୍ଥି ଉଦ୍ଧାର କରାଯାଇଛି ।

**ତୁମେ ରହୁଥିବା ବା ଦେଖିଥିବା ଗ୍ରାମର ଦୃଶ୍ୟ ବର୍ଣ୍ଣନା କର ।**

ଏହି ସମୟରେ ମୃତ ବ୍ୟକ୍ତିମାନଙ୍କୁ ସମାଧି ଦିଆଯାଉଥିଲା । ତେଣୁ ସେତେବେଳର ଅନେକ କବର ଦେଖିବାକୁ ମିଳିଥାଏ । ମୃତ ଶରୀରକୁ ଯନ୍ତ୍ରର ସହିତ ସତ୍କାର କରିବା ମେହରଗଡ଼ ଲୋକମାନଙ୍କର ଏକ ବିଶେଷତ୍ୱ । ମୃତ୍ୟୁପରେ ଜୀବନ ଫେରିଆସିବ ବୋଲି ବୋଧହୁଏ ସେମାନେ ବିଶ୍ୱାସ କରୁଥିଲେ । ତେଣୁ ମୃତ ଶରୀରକୁ ସେମାନେ ଯନ୍ତ୍ରର ସହିତ ସମାଧି ଦେଉଥିଲେ । ମୃତ ଶରୀର ସହିତ ପଶୁମାନଙ୍କୁ ମଧ୍ୟ ସମାଧି ଦିଆଯାଉଥିଲା । କେତେକ ସମାଧିରୁ କୁକୁରର ଅସ୍ଥି ମିଳିଛି ।

## ବୁର୍ଜାହମ୍ :

ଅଧୁନା ଜାମ୍ମୁ କାଶ୍ମୀରର ଶ୍ରୀନଗରଠାରୁ ପ୍ରାୟ ୨୦ କି.ମି. ଦୂରରେ ଅବସ୍ଥିତ ବୁର୍ଜାହମ୍‌ଠାରେ ନୂତନ ପ୍ରସ୍ତର ଯୁଗର ଏକ ବସତି ଥିଲା । ଏଠାରେ ଲୋକମାନେ ଗାତକରି ଘର କରୁଥିଲେ, ଯାହାକୁ ଆମେ ''ଗର୍ତ୍ତଗୃହ'' କହିବା । ମାଟିରେ ଥିବା ପ୍ରବେଶ ଦ୍ୱାରର ଆକାର ଗୋଲାକାର ଥିବାବେଳେ ପାହାଚ ସାହାଯ୍ୟରେ ତଳକୁ ଯିବାର ବ୍ୟବସ୍ଥା ଥିଲା । ଏହି ''ଗର୍ତ୍ତଗୃହ'' ଗୁଡ଼ିକର ଆକାର ବେଶ ବଡ଼ ଥିଲା । ପୋଡ଼ା ପାଉଁଶ, କାଠ କୋଇଲା ଓ ଚିକ୍‌କଣ ପାତ୍ରର ଭଗ୍ନାବଶେଷ ସେହି ସ୍ଥାନରେ ଦେଖିବାକୁ ମିଳେ ।


ଗର୍ତ୍ତଗୃହ

ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଲୋକମାନେ ସେହି ଗର୍ତ୍ତଗୃହରେ ରହୁଥିଲେ । ଅସ୍ଥିରେ ନିର୍ମିତ ହୋଇଥିବା ବିଭିନ୍ନ ହାତହତିଆର ଏଠାରେ ମିଳିଅଛି ।

## ଉତ୍ତର -ପୂର୍ବ ଭାରତରେ ନୂତନ ପ୍ରସ୍ତର ଯୁଗର ସୂଚନା:

ଭାରତର ଉତ୍ତର-ପୂର୍ବ ଭାଗର କିଛି ସ୍ଥାନରେ ନୂତନ ପ୍ରସ୍ତର ଯୁଗର ବସତିମାନ ଆବିଷ୍କାର କରାଯାଇଛି । ସେଥିମଧ୍ୟରୁ ଆସାମରେ ଥିବା ପାର୍ବତ୍ୟ ଅଞ୍ଚଳ ଅନ୍ୟତମ । ଆସାମର ଦୁଜାଲି ହାଡ଼ିଂ ନୂତନ ପ୍ରସ୍ତର ଯୁଗର ଏକ ପ୍ରସିଦ୍ଧ ସ୍ଥାନ । ଏଠାରୁ ଚିକ୍‌କଣ ପଥରରେ ନିର୍ମିତ ହାତହତିଆର, ମାଟିର ପାତ୍ର, ରୋଷାଇ ସାମଗ୍ରୀ ଆଦି ଜିନିଷ ଆବିଷ୍କାର କରାଯାଇଛି । ଜେଡ୍ ନାମକ ଏକ ମୂଲ୍ୟବାନ ପଥର ଚୀନ ଦେଶରୁ ଆସିଥିବା ଅନୁମାନ କରାଯାଏ । ଜୀବାବଶେଷରୁ ତିଆରି ବିଭିନ୍ନ ହାତହତିଆର ଏଠାରୁ ମିଳିଛି । ପେଷଣ ଯନ୍ତ୍ରର ମଧ୍ୟ ଆବିଷ୍କାର କରାଯାଇଛି । ରୋଷେଇ କରିବା ଓ ଶସ୍ୟକୁ

ସାଇତି ରଖିବା ପାଇଁ ଅନେକ ମାଟିପାତ୍ର ବ୍ୟବହାର କରାଯାଇଥିଲା । ମେଘାଳୟରେ ଥିବା ଗାରୋ ପର୍ବତମାଳା ଏବଂ ତ୍ରିପୁରାରେ କିଛି ସ୍ଥାନରେ ନୂତନ ପ୍ରସ୍ତର ଯୁଗର ଅବଶେଷ ଦେଖିବାକୁ ମିଳେ ।

ଏ ସବୁରୁ ଜଣାପଡୁଛି ଯେ ଏକ ଗ୍ରାମୀଣ ସଭ୍ୟତା ଭାରତ ଓ ପାକିସ୍ଥାନର କେତେକ ସ୍ଥାନରେ ବିକାଶ ଲାଭ କରିଥିଲା । ତାପରେ ସହରୀ ସଭ୍ୟତା ଆରମ୍ଭ ହୋଇଥିଲା ।




**ନୂତନ ପ୍ରସ୍ତର ଯୁଗର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସମୂହ**

## ଅଭ୍ୟାସ

**୧. ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୫୦ଟି ଶବ୍ଦରେ ଦିଅ ।**

କ) ଜଳବାୟୁରେ ତାପମାତ୍ରାର ପରିବର୍ତ୍ତନ ଲୋକମାନଙ୍କର ଜୀବନଯାପନ ପ୍ରଣାଳୀକୁ କିପରି ପ୍ରଭାବିତ କଲା ?

ଖ) ନୂତନ ପ୍ରସ୍ତର ଯୁଗର ଶେଷ ଭାଗରେ କେଉଁ ପ୍ରକାର ପରିବର୍ତ୍ତନ ଘଟିଥିଲା ?

ଗ) ଗ୍ରାମୀଣ ସଭ୍ୟତା ପ୍ରଥମେ ପାକିସ୍ଥାନର କେଉଁ ସ୍ଥାନରେ ଗଢ଼ିଉଠିଥିଲା ? ଏହି ତଥ୍ୟ ସପକ୍ଷରେ କେତୋଟିସୂଚନା ପ୍ରଦାନ କର ।

ଘ) ଉତ୍ତର-ପୂର୍ବ ଭାରତରେ କିପରି ନୂତନ ପ୍ରସ୍ତର ଯୁଗର ସୂଚନା ମିଳିଛି ?

**୨. ସଂକ୍ଷେପରେ ଉତ୍ତର ୩୦ଟି ଶବ୍ଦରେ ଦିଅ ।**

କ) ଆଦିମାନବ କିପରି ଚଷୀ ଓ ପଶୁପାଳକ ହୋଇପାରିଥିଲା ?

ଖ) ମେହେରଗଡ଼ରୁ ନୂତନ ପ୍ରସ୍ତର ଯୁଗ ବିଷୟରେ କ'ଣ ଜାଣିଲ ?

ଗ) କି କି ଧାତୁର ବ୍ୟବହାର ମଣିଷ ପ୍ରଥମେ ଜାଣିଲା ?

ଘ) ବୁର୍ଜାହମ୍‌ରେ ଆବିଷ୍କୃତ ନୂତନ ପ୍ରସ୍ତର ଯୁଗ ସମ୍ବନ୍ଧରେ ଲେଖ ।

**୩. ଗୋଟିଏ କିମ୍ବା ଦୁଇଟି ବାକ୍ୟରେ ଉତ୍ତର ଦିଅ ।**

କ) ନୂତନ ପ୍ରସ୍ତର ଯୁଗରେ କ'ଣ କ'ଣ ପରିବର୍ତ୍ତନ ଦେଖା ଯାଇଥିଲା ?

ଖ) ଆଦିମାନବ ଚଷ କାର୍ଯ୍ୟ କିପରି ଆରମ୍ଭ କଲା ?

ଗ) ଚଷ କାର୍ଯ୍ୟର ଉପକାରିତା କ'ଣ ଥିଲା ?

ଘ) ତୃଣଜାତୀୟ ଗଛମାନଙ୍କର ଆବିର୍ଭାବ ହେବାପରେ କି ପରିବର୍ତ୍ତନ ଆସିଥିଲା ?

ଙ) ତାମ୍ର-ପ୍ରସ୍ତର ଯୁଗ କହିଲେ କ'ଣ ବୁଝ ?

ଚ) ବୁର୍ଜାହମ୍‌ର ଗର୍ତ୍ତଗୃହ କ'ଣ ପାଇଁ ବ୍ୟବହୃତ ହେଉଥିଲା ?

ଛ) କେଉଁ ସ୍ଥାନରୁ ଜୀବାବଶେଷରେ ନିର୍ମିତ ବିଭିନ୍ନ ଅସ୍ତ୍ରଶସ୍ତ୍ର ମିଳିଛି ?

ଜ) ଆସାମ ବ୍ୟତୀତ ଭାରତର ଉତ୍ତର-ପୂର୍ବ ଅଞ୍ଚଳରେ ଥିବା ଆଉ କେଉଁ ଦୁଇଟି ସ୍ଥାନରେ ନୂତନ-ପ୍ରସ୍ତର ଯୁଗ ସମ୍ବନ୍ଧରେ ସନ୍ଧାନ ମିଳିଛି ?

୪. ଶୂନ୍ୟସ୍ଥାନ ପୂରଣ କର ।

କ) ପ୍ରାୟ ............... ବର୍ଷ ପୂର୍ବେ ପୃଥିବୀର ଜଳବାୟୁରେ ବଡ଼ ପରିବର୍ତ୍ତନ ଆସିଥିଲା ।

ଖ) ନୂତନ ପ୍ରସ୍ତର ଯୁଗର ମିଳିଥିବା .............. ଫସଲ କାଟିବାରେ ସହାୟକ ହୋଇଥିଲା ।

ଗ) ନୂତନ ପ୍ରସ୍ତର ଯୁଗରେ ............ କୁ ମନୁଷ୍ୟର ପ୍ରଥମ ପୋଷା ପ୍ରାଣୀ ଭାବରେ ରଖାଯାଇଥିଲା ।

ଘ) ପ୍ରଥମେ ଭାରତର ............... ଅଞ୍ଚଳରେ ନୂତନ ପ୍ରସ୍ତର ଯୁଗ ଆରମ୍ଭ ହୋଇଥିଲା ।

ଙ) ନୂତନ ପ୍ରସ୍ତର ଯୁଗର ଅସ୍ତ୍ରଶସ୍ତ୍ର ଗୁଡ଼ିକ ......... ଓ ......... ଥିଲା ।

ଚ) କାଶ୍ମୀରର .............ରେ ନୂତନ ପ୍ରସ୍ତର ଯୁଗର ମାନବ ବସତିର ସନ୍ଧାନ ମିଳିଛି ।

ଛ) ଦୁଜାଲି ହାଡ଼ିଂରେ ମୂଲ୍ୟବାନ୍ ଜେଡ୍ ପଥର ........... ରୁ ଆସିଥିଲା ବୋଲି ବିଶ୍ୱାସ କରାଯାଏ ।

ଜ) ମେହରଗଡ଼ରେ ଘରଗୁଡ଼ିକ ............ ଅଥବା ........... ଆକାରରେ ନିର୍ମାଣ କରାଯାଇଥିଲା ।



## ତୁମପାଇଁ କାମ :



ତମ୍ବା ଓ କଂସାକୁ ଆମେମାନେ କି କି କାର୍ଯ୍ୟରେ ବ୍ୟବହାର କରୁ ଅନୁଧ୍ୟାନ କରି ଲେଖ ।

ଚତୁର୍ଥ ଅଧ୍ୟାୟ

D4HPHC

# ଭାରତରେ ପ୍ରଥମ ନଗରୀକରଣ

ସୁରେଖା ତାର ବାପାଙ୍କ କୋଠରୀରେ ଗୋଟିଏ ବହି ଟେବୁଲ ଉପରେ ପଡ଼ିଥିବାର ଦେଖିଲା । ସେହି ବହି ଉପରେ ଗୋଟିଏ ପୁରୁଣା ଖବର କାଗଜର ମଲାଟ ପଡ଼ିଥିଲା । ସେଥିରେ ଗୋଟିଏ ଖବର ଲେଖାଥିଲା ''ଭାରତୀୟ ପ୍ରତ୍ନତତ୍ତ୍ୱବିତ୍‌ମାନେ ହରିୟାଣାର ବେବୁଆ ଗ୍ରାମରୁ ହରପ୍ପା ସଭ୍ୟତାର ଲୋକଙ୍କର ୧୦ଟି କଙ୍କାଳ ଆବିଷ୍କାର କରିଛନ୍ତି ।'' ସୁରେଖା ତା ବାପାଙ୍କୁ ପ୍ରଶ୍ନକଲା, ହରପ୍ପା ସଭ୍ୟତା କ'ଣ ? ଉତ୍ତରରେ ବାପା ଯାହା କହିଲେ ଆସ ଶୁଣିବା ।



ନୂତନ ପ୍ରସ୍ତର ଯୁଗରେ ଚାଷ କାର୍ଯ୍ୟ ଓ ପଶୁପାଳନ ଯୋଗୁଁ ଲୋକମାନେ ଧୀରେ ଧୀରେ ସ୍ଥାୟୀ ଭାବରେ ଏକାଠି ବସବାସ କରିବାକୁ ଲାଗିଲେ । ଫଳରେ ଗ୍ରାମୀଣ ଜୀବନ ଆରମ୍ଭ ହେଲା । ଭାରତ ଉପମହାଦେଶରେ ନୂତନ ପ୍ରସ୍ତର ଯୁଗର ବସତିଗୁଡ଼ିକ ପ୍ରଥମେ ସିନ୍ଧୁ ନଦୀର ପଶ୍ଚିମ ପଟରେ ଆରମ୍ଭ ହେଲା ଏବଂ ପରେ ଅନ୍ୟ ଅଞ୍ଚଳରେ ଗଢ଼ି ଉଠିଲା । ପାକିସ୍ତାନର ମେହରଗଡ଼ଠାରେ ନୂତନ ପ୍ରସ୍ତର ଯୁଗର ସଂସ୍କୃତି ପ୍ରଥମେ ବିକାଶ ଲାଭ କରିଥିବାର ପ୍ରତ୍ନତତ୍ତ୍ୱବିତ୍‌ମାନେ ବିଶ୍ୱାସ କରନ୍ତି । କୃଷିର ବିକାଶ ଓ ଧାତୁର ବ୍ୟବହାର ଯୋଗୁ କେତେକ ବସତି ସହର ଓ ନଗରରେ ପରିଣତ ହେଲା । ବିଶେଷକରି କଂସା ଧାତୁର ବ୍ୟବହାର ସମୟରେ ଭାରତର ଉତ୍ତର-ପଶ୍ଚିମ ଦିଗରେ କେତେକ ନଗର ଗଢ଼ିଉଠିଲା । ପ୍ରତ୍ୟେକ ନଗରକୁ ବିସ୍ତୃତ ଚାଷଜମି, ଜଙ୍ଗଲ ଓ ନଦୀ ଘେରି ରହିଥିଲା । କାଳକ୍ରମେ ସେହି ନଗରଗୁଡ଼ିକ ଧ୍ୱଂସ ପାଇ ମାଟିତଳେ ପୋତି ହୋଇପଡ଼ିଲା । ପ୍ରତ୍ନତତ୍ତ୍ୱବିତ୍‌ମାନେ ମାଟି ଖୋଳି ସେଗୁଡ଼ିକୁ ଉଦ୍ଧାର କରିଛନ୍ତି । ସେମାନେ ସିନ୍ଧୁ ନଦୀ ଉପତ୍ୟକାର ବିଭିନ୍ନ ସ୍ଥାନ ଖୋଳି ଦୁଇଟି ପ୍ରାଚୀନ ସହର ଉଦ୍ଧାର କରିଥିଲେ । ଏହି ସହର ଦୁଇଟି ହେଉଛି ହରପ୍ପା ଓ ମହେଞ୍ଜୋଦାରୋ । ବର୍ତ୍ତମାନ ଏହି ଦୁଇଟି ସହର ପାକିସ୍ତାନରେ ଅବସ୍ଥିତ । ଏହି ସଭ୍ୟତା ପ୍ରାୟ ଖ୍ରୀ.ପୂ. ୫୦୦୦ ବର୍ଷ ତଳେ ଆରମ୍ଭ ହୋଇଥିଲା ବୋଲି ଐତିହାସିକ ଓ ପ୍ରତ୍ନତତ୍ତ୍ୱବିତ୍‌ମାନେ ଅନୁମାନ କରୁଛନ୍ତି ।

୧୯୨୧ ଖ୍ରୀଷ୍ଟାବ୍ଦରେ ପ୍ରତ୍ନତତ୍ତ୍ୱବିତ୍ ଦୟାରାମ ସାହାଣୀ ମାଟିତଳୁ ହରପ୍ପା ସହରକୁ ଆବିଷ୍କାର କରିଥିଲେ । ଏହା ସିନ୍ଧୁନଦୀର ଉପନଦୀ ରାବୀନଦୀ କୂଳରେ ଅବସ୍ଥିତ । ସେହିପରି ୧୯୨୨ ଖ୍ରୀଷ୍ଟାବ୍ଦରେ ପ୍ରତ୍ନତତ୍ତ୍ୱବିତ୍ ରାଖାଲ ଦାସ ବାନାର୍ଜୀ ସିନ୍ଧୁନଦୀ କୂଳରେ ଥିବା ମହେଞ୍ଜୋଦାରୋ ସହରକୁ ମାଟିତଳୁ ଆବିଷ୍କାର କରିଥିଲେ । ମହେଞ୍ଜୋଦାରୋ ର ଅର୍ଥ ''ମୃତନଗରୀ'' । ହରପ୍ପାଠାରୁ ମହେଞ୍ଜୋଦାରୋର ଦୂରତା ପ୍ରାୟ ୩୫୦ ମାଇଲ ଅଟେ । କିନ୍ତୁ ଏହି ଦୁଇଟି ସହର ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଅଛି ।

ହରପ୍ପା ଓ ମହେଞ୍ଜୋଦାରୋ ସହର ଦୁଇଟି ସିନ୍ଧୁ ନଦୀ ଉପତ୍ୟକାରେ ଅବସ୍ଥିତ ହୋଇଥିବାରୁ ଏହାକୁ ସିନ୍ଧୁ ସଭ୍ୟତା କୁହାଯାଏ । ହରପ୍ପାଠାରେ ଖନନ ଦ୍ୱାରା ପ୍ରଥମେ ଏହି ସଭ୍ୟତା ଜଣାପଡ଼ିଥିବାରୁ ଏହାକୁ ହରପ୍ପା ସଭ୍ୟତା

କୁହାଯାଏ । ଏହି ହରପ୍ପା ସଭ୍ୟତାର କାଳ ନିରୂପଣ ନିର୍ଦ୍ଦିଷ୍ଟ ଭାବେ ସ୍ଥିର କରାଯାଇପାରିନାହିଁ । ଏ ସମ୍ପର୍କରେ କେତେକ ଐତିହାସିକଙ୍କ ମତରେ ମେସୋପଟାମିଆ ସଭ୍ୟତା ପୂର୍ବରୁ ହରପ୍ପା ସଭ୍ୟତା ବିକାଶ ଲାଭ କରିଥିଲା । କାରଣ ହରପ୍ପାର ସିଲ ବା ମୋହର ମେସୋପଟାମିଆର 'ଉର୍' ଓ 'କିଶ୍' ସ୍ଥାନରେ ଦେଖିବାକୁ ମିଳିଛି । ଏହି ସଭ୍ୟତା ଖ୍ରୀ.ପୂ. ୨୫୦୦ରୁ ଖ୍ରୀ.ପୂ. ୧୫୦୦ ମଧ୍ୟରେ ବିକାଶ ଲାଭ କରିଥିଲା ବୋଲି କେତେକ ପ୍ରତ୍ନତତ୍ତ୍ୱବିତ୍ ଅନୁମାନ କରନ୍ତି । ପ୍ରତ୍ନତତ୍ତ୍ୱବିତ୍ମାନେ ଭାରତର ଅନ୍ୟ ଅଞ୍ଚଳରୁ ମଧ୍ୟ କେତେକ ପ୍ରାଚୀନ ନଗରର ଧ୍ୱଂସାବଶେଷ ଉଦ୍ଧାର କରିଛନ୍ତି । ଏହି ସମସ୍ତ ଧ୍ୱଂସାବଶେଷର ହରପ୍ପା ଧ୍ୱଂସାବଶେଷ ସହିତ ସାମଞ୍ଜସ୍ୟ ରହିଛି । ତେଣୁ ସେଗୁଡ଼ିକ ହରପ୍ପା ସଭ୍ୟତାର ଅନ୍ତର୍ଭୁକ୍ତ । ସେଗୁଡ଼ିକ ମଧ୍ୟରେ ପଞ୍ଜାବର ରୋପଡ଼, ଗୁଜୁରାଟର ଲୋଥାଲ ଏବଂ ଧୋଲାବୀରା, ରାଜସ୍ଥାନର କାଳିବନ୍ଗାଁ, ହରିୟାଣାର ବନ୍ୱାଲି ଇତ୍ୟାଦି ପ୍ରଧାନ ।



ହରପ୍ପା ସଭ୍ୟତାର ମୁଖ୍ୟ ସ୍ଥାନ ସମୂହ

**ମହାନଦୀ କୂଳରେ ଥିବା କେତେକ ସହରର ନାମ ମାନଚିତ୍ର ଦେଖି ତାଲିକା କର ।**

### ନଗର ପରିକଳ୍ପନା :

ହରପ୍ପା ସଭ୍ୟତାର ମୁଖ୍ୟ ବୈଶିଷ୍ଟ୍ୟ ହେଉଛି ନଗର ନିର୍ମାଣ। ଯୋଜନା ଅନୁଯାୟୀ ନଗର ନିର୍ମାଣ କରାଯାଉଥିଲା। ପ୍ରତ୍ୟେକ ନଗରକୁ ଦୁଇଗୋଟି ଭାଗରେ ବିଭକ୍ତ କରାଯାଉଥିଲା। ଗୋଟିଏ ଭାଗ ଉଚ୍ଚସ୍ଥାନରେ ନିର୍ମିତ ହେଉଥିଲା। ଚାରିପଟରେ ପ୍ରାଚୀର ଘେରି ରହିଥିବାରୁ ଏହା ଦୁର୍ଗପରି ସୁରକ୍ଷିତ ଥିଲା। ଏହି ସ୍ଥାନରେ ଶାସକ, ରାଜକର୍ମଚାରୀ, ଧର୍ମଯାଜକ ଓ ବଣିକମାନେ ବାସ କରୁଥିବାର ଅନୁମାନ କରାଯାଏ। ଏଠାରେ ସାଧାରଣ ଗୃହ, ଧର୍ମ ଅନୁଷ୍ଠାନ ଓ ଶସ୍ୟାଗାର ରହୁଥିଲା। ଦ୍ୱିତୀୟଭାଗଟି ଏହାର ତଳଭାଗକୁ ଅର୍ଥାତ୍ ପାଦଦେଶରେ ଅବସ୍ଥିତ ଥିଲା। ଏଠାରେ ସାଧାରଣ ଲୋକ, କୃଷକ, ଶ୍ରମିକମାନଙ୍କର ବାସଗୃହମାନ ରହୁଥିଲା।



ସହରର ଉପରିଭାଗର ସୁରକ୍ଷିତ ସ୍ଥାନ



ନଗର ଗଠନ ପ୍ରଣାଳୀ

ନଗରର ପରିକଳ୍ପନା ଆଧୁନିକ ନଗରପରି ଉନ୍ନତ ଥିଲା। ଦୀର୍ଘ ଓ ପ୍ରଶସ୍ତ ରାସ୍ତା ସିଧା ଭାବରେ ସହରର ମଧ୍ୟ ଭାଗରେ ଲମ୍ବି ଥିଲା। ଏହି ରାସ୍ତାର ଶାଖା ରାସ୍ତାଗୁଡ଼ିକ ପରସ୍ପରକୁ ସମକୋଣରେ ଛେଦ କରୁଥିଲା। ରାସ୍ତାଗୁଡ଼ିକ ଉତ୍ତରରୁ ଦକ୍ଷିଣକୁ ଓ ପୂର୍ବରୁ ପଶ୍ଚିମକୁ ଲମ୍ବି ଥିଲା। ମହେଞ୍ଜୋଦାରୋର ମୁଖ୍ୟ ରାସ୍ତା ୮୦୦ମିଟର ଲମ୍ବ ଓ ପ୍ରସ୍ଥ ୧୦ ମିଟର ଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଜଳ ଓ ଆବର୍ଜନା ଯିବା ପାଇଁ ପକ୍କା ନାଳ ରହିଥିଲା। ରାସ୍ତାଗୁଡ଼ିକ ଯୋଗୁ ସମଗ୍ର ସହର ବର୍ଗକ୍ଷେତ୍ର ଓ ଆୟତକ୍ଷେତ୍ରରେ ବିଭକ୍ତ ହୋଇଥିଲା।


### ବାସଗୃହ :

ରାସ୍ତାର ଉଭୟପାର୍ଶ୍ୱରେ ବାସଗୃହଗୁଡ଼ିକ ଯୋଜନା ଅନୁସାରେ ନିର୍ମିତ ହେଉଥିଲା। ଘରଗୁଡ଼ିକ ପୋଡ଼ା ଇଟାରେ ତିଆରି କରାଯାଉଥିଲା। ଏହି ଗୃହଗୁଡ଼ିକ ଏକମହଲା ବା ଦୁଇ ମହଲା ବିଶିଷ୍ଟ ଥିଲା। ଘର ମଧ୍ୟକୁ ଆଲୋକ ଓ ବାୟୁ ପ୍ରବେଶ କରିବା ପାଇଁ ଝରକା ଓ ଦ୍ୱାର ରହୁଥିଲା। ଉପର ମହଲାକୁ ଯିବା ପାଇଁ କାଠରେ ତିଆରି ସିଡ଼ି ରହୁଥିଲା। ପ୍ରତ୍ୟେକ ବାସଗୃହ ମଧ୍ୟରେ ଗୋଟିଏ ଅଗଣା ରହୁଥିଲା। ଅଗଣା ନିକଟରେ ଗାଧୁଆଘର ରହୁଥିଲା। ପ୍ରତ୍ୟେକ ଘରର ମଇଳା ପାଣି ଓ ଆବର୍ଜନା ଯିବା ପାଇଁ ଘର ଭିତରେ ଛୋଟ ନାଳ ରହୁଥିଲା। ସେହି ନାଳ ରାସ୍ତାର ମୁଖ୍ୟ ନାଳ ସହିତ ସଂଯୋଗ

ହେଉଥିଲା । ଏଥିରୁ ଲୋକମାନେ ସ୍ୱାସ୍ଥ୍ୟରକ୍ଷା ବିଷୟରେ ଅଧିକ ସଚେତନ ଥିଲେ ବୋଲି ଜଣାପଡ଼େ । କାଠରେ ନିର୍ମିତ ଘରର ଛାତ ସମତଳ ଥିଲା । ଶ୍ରମିକ ଶ୍ରେଣୀର ଲୋକମାନେ ଏକ କୋଠରୀ ବିଶିଷ୍ଟ ଛୋଟ ଘରେ ରହୁଥିଲେ ।

**ସ୍ନାନାଗାର :**

ହରପ୍ପା ସଭ୍ୟତାର ମୁଖ୍ୟ ଆକର୍ଷଣ ଥିଲା ଏକ ବୃହତ ସ୍ନାନାଗାର । ମହେଞ୍ଜୋଦାରୋରୁ ଆବିଷ୍କୃତ ହୋଇଥିବା ଏହି ସ୍ନାନାଗାର ଆୟତାକାର ବିଶିଷ୍ଟ ଥିଲା । ଏହାର ଲମ୍ବ ୫୫ ମିଟର, ପ୍ରସ୍ଥ ୩୩ ମିଟର ଓ ଗଭୀରତା ୮ ମିଟର ଥିଲା । ଏହାର କାନ୍ଥ ଓ ପାହାଚଗୁଡ଼ିକ ପୋଡ଼ାଇଟାରେ ତିଆରି ହୋଇଥିଲା । ପାହାଚଗୁଡ଼ିକ ଜଳର ତଳଭାଗ ପର୍ଯ୍ୟନ୍ତ ଲମ୍ବି ଥିଲା । ଏହି ପାହାଚଗୁଡ଼ିକ ଓସାରିଆ ଥିଲା । ସ୍ନାନାଗାର ଉପରି ଭାଗରେ ଏକ କୂଅ ରହିଥିଲା । ଏହି କୂଅରୁ ଜଳ ନଳ ସାହାଯ୍ୟରେ ସ୍ନାନାଗାରରେ ଭର୍ତ୍ତି କରାଯାଉଥିଲା । ସ୍ନାନାଗାରରୁ ଜଳ ନିଷ୍କାସନ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଥିଲା । ସ୍ନାନାଗାରର ନିମ୍ନଭାଗରେ ଏକ ନାଳ ମାଟି ତଳେ ବହୁ ଦୂରକୁ ଲମ୍ବି ରହିଥିଲା, ଯାହାଦ୍ୱାରା ଦୂଷିତ ଜଳ ନିଷ୍କାସିତ ହେଉଥିଲା । ସ୍ନାନାଗାର ଚାରିପାଖରେ ଛୋଟ ଛୋଟ କୋଠରୀମାନ ରହିଥିଲା ।



ମହେଞ୍ଜୋଦାରର ବୃହତ ସ୍ନାନାଗାର

**ମହେଞ୍ଜୋଦାରୋର ସ୍ନାନାଗାର ଓ ବର୍ତ୍ତମାନ ବ୍ୟବହାର କରାଯାଉଥିବା ସ୍ନାନାଗାର ମଧ୍ୟରେ କି କି ପାର୍ଥକ୍ୟ ଦେଖୁଛ, ଲେଖ ।**

**ଶସ୍ୟ ଭଣ୍ଡାର :**

ହରପ୍ପାର ସୁରକ୍ଷିତ ଭାଗର ଉତ୍ତର ଦିଗକୁ ଗୋଟିଏ ବିରାଟ ଶସ୍ୟାଗାର ଆବିଷ୍କୃତ ହୋଇଅଛି । ଏହାର ଲମ୍ବ ୬୬ ମିଟର ଓ ପ୍ରସ୍ଥ ୧୬ ମିଟର । ଏହା ମଧ୍ୟରେ ଦୁଇଟି ପ୍ରକୋଷ୍ଠ ରହିଥିଲା । ଏହି ଦୁଇ ପ୍ରକୋଷ୍ଠ ମଧ୍ୟରେ ଚଉଡ଼ା ଯାତାୟତ ପଥ ଥିଲା । ଏହି ବୃହତ ଶସ୍ୟାଗାରର ଦକ୍ଷିଣ ଦିଗରେ କେତେକ ଗୋଲାକାର ଚଟାଣ ଦେଖିବାକୁ ମିଳେ । ଏହି ଚଟାଣଗୁଡ଼ିକ ଶସ୍ୟ ଅମଳ କରିବା ପାଇଁ ବ୍ୟବହୃତ ହେଉଥିଲା । ମହେଞ୍ଜୋଦାରୋଠାରେ ଏକ ବିଶାଳ ଶସ୍ୟାଗାର ଦେଖିବାକୁ ମିଳେ । ଏହା ୪୮ ମିଟର ଲମ୍ବ ଓ ୧୫ ମିଟର ଚଉଡ଼ା ଥିଲା । କାଳିବନ୍‌ଗାଁ ଠାରେ ମଧ୍ୟ ଗୋଟିଏ ଶସ୍ୟାଗାର ଦେଖିବାକୁ ମିଳେ ।

**ତୁମ ଘରେ ଖାଦ୍ୟଶସ୍ୟ କେଉଁଠାରେ ଓ କିପରି ଭାବେ ସାଇତି ରଖାଯାଏ, ଲେଖ ।**

## ସଭାଗୃହ :

ମହେଞ୍ଜୋଦାରୋ ନଗର ମଧ୍ୟରେ ୭୦ମିଟର ଲମ୍ବ ଓ ୨୩ମିଟର ପ୍ରସ୍ଥ ବିଶିଷ୍ଟ ଏକ ପ୍ରକାଣ୍ଡ ଗୃହ ଦେଖିବାକୁ ମିଳେ। ଏହା ୨୫ ଗୋଟି ଖମ୍ବ ବିଶିଷ୍ଟ ପୋଡ଼ାଇଟାରେ ତିଆରି ଗୃହ ଥିଲା । ଏହି ଗୃହରେ ପାଞ୍ଚୋଟି କୋଠରୀ ଥିଲା। ପ୍ରତ୍ନତତ୍ତ୍ୱବିତ୍‌ମାନେ ବିଶ୍ୱାସ କରନ୍ତି ଯେ ଏହି ଗୃହଟି ସଭା କିମ୍ବା ପ୍ରାର୍ଥନା ପାଇଁ ବ୍ୟବହୃତ ହେଉଥିଲା।

## ସାମାଜିକ ଜୀବନ :

ହରପ୍ପା ସଭ୍ୟତାର ଲୋକମାନଙ୍କର ସାମାଜିକ କିମ୍ବା ରାଜନୈତିକ ଜୀବନ ବିଷୟରେ ବିଶେଷ କିଛି ଜଣାନାହିଁ। କିନ୍ତୁ ଜୀବିକା ଅନୁଯାୟୀ ସେମାନଙ୍କ ସାମାଜିକ ବ୍ୟବସ୍ଥା ପରିଚାଳିତ ହେଉଥିବାର ଅନୁମାନ କରାଯାଉଅଛି।


## କୃଷିକାର୍ଯ୍ୟ :

ହରପ୍ପା ସଭ୍ୟତାର ଅଧିବାସୀମାନେ କୃଷିକୁ ମୁଖ୍ୟ ଜୀବିକା ରୂପେ ଗ୍ରହଣ କରିଥିଲେ। ନଦୀ କୂଳର ଉର୍ବର ସମତଳଭୂମି କୃଷିକାର୍ଯ୍ୟ ପାଇଁ ଉପଯୁକ୍ତ ଥିଲା। ସେମାନେ ଏକ ନୂତନ ପ୍ରକାର ଲଙ୍ଗଳ ବ୍ୟବହାର କରି କୃଷିକାର୍ଯ୍ୟ କରୁଥିଲେ। ଏମାନେ ପ୍ରଧାନତଃ ଗହମ, ଯଅ ଓ କପା ଚାଷ କରୁଥିଲେ। ଗହମ ଓ ଯଅରୁ ଅଟା ପ୍ରସ୍ତୁତକରି ରୁଟି ଖାଉଥିଲେ। ଏହା ବ୍ୟତୀତ ଫଳ, ମାଛ, ମାଂସ, ଅଣ୍ଡା, ଖାଉଥିଲେ। ଖଜୁରି କୋଳି ଏମାନଙ୍କର ପ୍ରିୟ ଖାଦ୍ୟ ଥିଲା।

**ଚାଷକାମ ପାଇଁ ଯେଉଁସବୁ ଯନ୍ତ୍ରପାତି ଦରକାରହୁଏ, ତାହାର ତାଲିକା କର।**

## ପୋଷାକ ପରିଚ୍ଛଦ ଓ ଅଳଙ୍କାର :

ହରପ୍ପା ସଭ୍ୟତାର ଅଧିବାସୀମାନେ କପା ଓ ପଶମର ଲୁଗା ପିନ୍ଧୁଥିଲେ। ବିଶେଷକରି କପା ଚାଷକରି ସେଥିରୁ ସୂତାକାଟି ଲୁଗା ବୁଣୁଥିଲେ। ଏହି ଲୁଗା ଉଭୟ ପୁରୁଷ ଓ ନାରୀମାନେ ବ୍ୟବହାର କରୁଥିଲେ। ପଶମର ଲୁଗା ତିଆରି କରି ପିନ୍ଧୁଥିଲେ। ପୁରୁଷମାନେ ଲୁଙ୍ଗି ପରି ଲୁଗା ପିନ୍ଧୁଥିଲେ, ସ୍ତ୍ରୀଲୋକମାନେ ଘାଗରା ପରି ଲୁଗା ପିନ୍ଧୁଥିଲେ। ନାରୀ ଓ ପୁରୁଷ ଉଭୟ ଦେହରେ ବିଭିନ୍ନ ପ୍ରକାର ଅଳଙ୍କାର ପିନ୍ଧୁଥିଲେ। ହାର, ମୁଦି, ଅଣ୍ଟାସୂତା, ବାଜୁବନ୍ଧ,ବଳା, କାନଫୁଲ, ନାକଫୁଲ ଇତ୍ୟାଦି ଅଳଙ୍କାର ପିନ୍ଧୁଥିଲେ। ଧନୀ, ବଣିକ ଓ ବ୍ୟବସାୟୀମାନେ ସୁନା, ରୂପା ଓ ହାଡ଼ରେ ତିଆରି ଅଳଙ୍କାର ପିନ୍ଧୁଥିଲେ। ଗରିବ ଶ୍ରେଣୀର ଲୋକମାନେ ତମ୍ବା, ହାଡ଼, ପୋହଳା ଓ ମାଟି ନିର୍ମିତ ଅଳଙ୍କାର ପିନ୍ଧୁଥିଲେ। ପୁରୁଷମାନେ ଲମ୍ବା କେଶ ଓ ଦାଢ଼ି ରଖୁଥିଲେ। ସ୍ତ୍ରୀଲୋକମାନେ ହାତୀଦାନ୍ତ ଓ ଶିଙ୍ଗ ତିଆରି ପାନିଆ ତଥା ମୁଣ୍ଡ କଣ୍ଟା ବ୍ୟବହାର କରୁଥିଲେ।



ମହେଞ୍ଜୋଦାରୋରୁ ମିଳିଥିବା ଅଳଙ୍କାର

**ଶିଳ୍ପକଳା :**

ହରପ୍ପା ସଭ୍ୟତାର ଲୋକମାନେ ମାଟି ଶିଳ୍ପ ଓ ଧାତୁ ଶିଳ୍ପରେ ନିପୁଣ ଥିଲେ। ସୁନା, ରୂପା, ତମ୍ବା, ଟିଣ ଏବଂ ଦସ୍ତା ଧାତୁର ବିଭିନ୍ନ ପ୍ରକାର ପଦାର୍ଥ ତିଆରି କରୁଥିଲେ। ଗୃହର ବିଭିନ୍ନ ଉପକରଣ ଯଥା – ଥାଳି, ପାତ୍ର, ଗରା,କୁଣ୍ଡ, କ୍ଷୁର, ଛୁଞ୍ଚି, ଦାଆ, ଖଣ୍ଡା, ତୀର, ବର୍ଛାଗୁଡ଼ିକ ବିଭିନ୍ନ ଧାତୁରେ ତିଆରି କରୁଥିଲେ। କେତେକ କାରିଗର କଂସାର ମୂର୍ତ୍ତି ଓ ଅଳଙ୍କାରମାନ ତିଆରି କରୁଥିଲେ। ମହେଞ୍ଜୋଦାରୋଠାରେ ଏକ ବ୍ରୋଞ୍ଜ ବା କଂସା ଧାତୁର ନୃତ୍ୟରତା ନାରୀ ମୂର୍ତ୍ତି ମିଳିଅଛି।



କଂସାରେ ନିର୍ମିତ ନୃତ୍ୟରତା ନାରୀ ମୂର୍ତ୍ତି

ହରପ୍ପା ସଭ୍ୟତାର ପ୍ରଧାନ ଶିଳ୍ପ ଥିଲା ମାଟିପାତ୍ର ନିର୍ମାଣ। ଚକ ବ୍ୟବହାର କରି ଅନେକ ସୁନ୍ଦର ସୁନ୍ଦର ମାଟିପାତ୍ର ନିର୍ମାଣ କରିଥିଲେ। ମାଟିରେ ହାଣ୍ଡି, ମାଠିଆ, ସୁରେଇ,ଥାଳି, ପିଆଲା ପ୍ରଭୃତି ବିଭିନ୍ନ ଉପକରଣ ଗଢୁଥିଲେ। ଏହି ମାଟିପାତ୍ର ଗୁଡ଼ିକରେ ନାନା ପ୍ରକାରର ଚିତ୍ର ଆଙ୍କୁଥିଲେ। ସେଗୁଡ଼ିକୁ ନାନା ରଙ୍ଗରେ ଚିତ୍ରଣ କରୁଥିଲେ। ପିଲାମାନଙ୍କ ଖେଳନାଗୁଡ଼ିକ ମାଟିରେ ତିଆରି ହେଉଥିଲା। ଚକଥିବା ଛୋଟ ଛୋଟ ଗାଡ଼ି, ବିଭିନ୍ନ ପଶୁ ଓ ପକ୍ଷୀ, ମଣିଷ, ହୁଇସିଲ ଇତ୍ୟାଦି ମାଟିରେ ତିଆରି କରି ତାକୁ ବିଭିନ୍ନ ରଙ୍ଗ ଦେଉଥିଲେ।



ମାଟି ପାତ୍ର



ମାଟିରେ ତିଆରି ଶଗଡ଼

**ତୁମ ଘରେ ଥିବା ମାଟିରେ ତିଆରି ଜିନିଷଗୁଡ଼ିକର ନାମ ଲେଖ।**

**ମୋହର :**

ହରପ୍ପା ସଭ୍ୟତାର ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟକ ପୋଡ଼ାମାଟିର ମୋହର ମିଳିଅଛି। ଏହି ମୋହରଗୁଡ଼ିକରୁ ଲୋକମାନଙ୍କର ଜୀବନଧାରା ବିଷୟରେ ଅନେକ କଥା ଜଣାପଡ଼େ। ଏହି ମୋହରମାନଙ୍କରେ ବୃଷଭ, ମଇଁଷି, ଗୟଳ, ହସ୍ତୀ, ସର୍ପ, କୁମ୍ଭୀର, ବିଭିନ୍ନ ବୃକ୍ଷ ତଥା ବହୁ ନାରୀ ମୂର୍ତ୍ତି, ଯୋଗାସନ



ଚିତ୍ର ଓ ଲିପି ମୁଦ୍ରିତ ମୋହର

ମୂର୍ତ୍ତି ଦେଖିବାକୁ ମିଳେ । ମୋହରରେ ଏକ ପ୍ରକାର ଲିପି ଖୋଦିତ ହୋଇଛି । ଏହାକୁ ଏ ପର୍ଯ୍ୟନ୍ତ ଠିକ୍ ଭାବରେ ପଢ଼ାଯାଇ ପାରିନାହିଁ । ଏଗୁଡ଼ିକ ସେମାନଙ୍କର ଧର୍ମ, ବାଣିଜ୍ୟ ଓ ସାମାଜିକ ବ୍ୟବସ୍ଥାର ସୂଚନା ଦେଉଛି ।



ସିନ୍ଧୁ ପ୍ରଦେଶର ମୋହର

## ବାଣିଜ୍ୟ :

ହରପ୍ପା ସଭ୍ୟତାର କେତେକ ମୋହରରେ ଡଙ୍ଗାର ଛବି ଦେଖିବାକୁ ମିଳେ । ସେଥିରୁ ଜଣାଯାଏ ଯେ ଲୋକମାନେ ନୌବାଣିଜ୍ୟ କରୁଥିଲେ । ସେମାନେ ବଳକାଶସ୍ୟ, ବିଭିନ୍ନ ଅଳଙ୍କାର, ମାଟି ପାତ୍ର ଇତ୍ୟାଦିକୁ ନେଇ ବାଣିଜ୍ୟ କାରବାର କରୁଥିଲେ । ଗୁଜରାଟର ଲୋଥାଲ୍‌ଠାରେ ପୋତାଶ୍ରୟର ଅବଶେଷ ମିଳିଛି । ସେମାନେ ଭାରତ ଭିତରେ ଏବଂ ବାହାର ଦେଶ ଯଥା , ଆଫ୍‌ଗାନିସ୍ଥାନ ଓ ମେସୋପଟାମିଆ ସହିତ ବାଣିଜ୍ୟ କାରବାର କରୁଥିବାର ପ୍ରମାଣ ମିଳିଛି ।



ଗୁଜୁରାଟର ଲୋଥାଲ୍ ଠାରେ ଥିବା ପୋତାଶ୍ରୟ

## ଲିପି :

ହରପ୍ପା ସଭ୍ୟତାର ଅଧିବାସୀମାନଙ୍କର ଭାଷା ଏବଂ ଲିପି ବିଷୟରେ ଠିକ୍ ଭାବରେ ଆମକୁ କିଛି ଜଣାନାହିଁ । ମୋହରଗୁଡ଼ିକରୁ ମିଳିଥିବା ଚିହ୍ନକୁ ଦେଖି କୁହାଯାଇପାରେ କି ସେମାନେ ଛବି ଲିପି ବ୍ୟବହାର କରୁଥିଲେ । ଏବେ ୪୦୦ରୁ ଅଧିକ ଚିହ୍ନ ବା ଛବି ଆବିଷ୍କାର କରାଯାଇଛି । ଏହି ଛବି ଦ୍ୱାରା ଲୋକମାନେ ମନର ଭାବ ପ୍ରକାଶ କରୁଥିଲେ ।



ଦେବୀ ମୂର୍ତ୍ତି

## ଧର୍ମ :

ହରପ୍ପା ସଭ୍ୟତାରେ କୌଣସି ମନ୍ଦିର ଦେଖିବାକୁ ମିଳିନାହିଁ । ପଥର ମୂର୍ତ୍ତି, ତମ୍ବା କିମ୍ବା ପୋଡ଼ା ମାଟିର ମୋହର ଉପରେ ଖୋଦିତ ହୋଇଥିବା ବିଭିନ୍ନ ମୂର୍ତ୍ତିକୁ ଦେଖି ଅନୁମାନ କରାଯାଇପାରେ ଯେ ସେମାନେ ପଶୁପତି, ଦେବୀ, ବୃଷଭ, ସର୍ପ, ବୃକ୍ଷ, ଆଦିଙ୍କୁ

ପୂଜା କରୁଥିଲେ । କେତେକ ମୋହରରେ ମାତୃକା ମୂର୍ତ୍ତି ଦେଖିବାକୁ ମିଳେ । ତେଣୁ ଲୋକମାନେ ଦେବୀ ପୂଜା କରୁଥିଲେ ।

ହରପ୍ପା ସଭ୍ୟତାର ଲୋକମାନେ ମୃତ ବ୍ୟକ୍ତିର ଜୀବନ ରହିଥାଏ ବୋଲି ବିଶ୍ୱାସ କରୁଥିଲେ । ତେଣୁ ସେମାନେ ଶବଗୁଡ଼ିକୁ ଉତ୍ତର ଦିଗକୁ ମୁଣ୍ଡ କରି ସମାଧି ଦେଉଥିଲେ । ମୃତବ୍ୟକ୍ତି ସହିତ ତାର ଅଳଙ୍କାର, ବ୍ୟବହାର କରୁଥିବା ପାତ୍ର, ଦର୍ପଣ, ବାଡ଼ି ଆଦି ଜିନିଷଗୁଡ଼ିକୁ ପୋତି ଦେଉଥିଲେ ।


ପଶୁପତି ମୂର୍ତ୍ତି

## ହରପ୍ପା ସଭ୍ୟତାର ପତନ :

ପ୍ରାୟ ଖ୍ରୀଷ୍ଟପୂର୍ବ ଦୁଇ ହଜାର ବର୍ଷ ବେଳକୁ ହରପ୍ପା ସଭ୍ୟତାର ପତନ ଆରମ୍ଭ ହୋଇଥିଲା । ଏହାର ପତନ ପାଇଁ କେତେଗୁଡ଼ିଏ କାରଣ ଦାୟୀ । ଯଥା :

- ବିଶେଷଜ୍ଞମାନଙ୍କ ମତରେ ପ୍ରାକୃତିକ ଦୁର୍ଘଟଣା ହେତୁ ଏହି ସଭ୍ୟତାର ଅବସାନ ଘଟିଲା । ସିନ୍ଧୁନଦୀରେ ବନ୍ୟା ଆସିବା ଫଳରେ ଲୋକମାନେ ନଗର ଛାଡ଼ି ଅନ୍ୟ ଜାଗାକୁ ପଳାଇଯାଇଥିଲେ । ଯେଉଁ ସ୍ଥାନକୁ ପଳାଇଥିଲେ ସେ ସ୍ଥାନରେ ଏ ସଭ୍ୟତା ଆରମ୍ଭ କରିଥିଲେ ।
- କେତେକ ଐତିହାସିକ କହନ୍ତି ବାରମ୍ବାର ଭୂମିକମ୍ପ ଦ୍ୱାରା ଏହି ସଭ୍ୟତା ମାଟି ତଳେ ପୋତି ହୋଇଯାଇଛି ।
- ଅନେକଙ୍କ ମତରେ ଆର୍ଯ୍ୟମାନଙ୍କ ଆକ୍ରମଣ ଦ୍ୱାରା ଏହି ସଭ୍ୟତା ଲୋପ ପାଇଛି । ମହେଞ୍ଜୋଦାରୋଠାରେ ଗଣ ହତ୍ୟାର ପ୍ରମାଣ ମିଳିଛି । ସେଠାରେ ମିଳିଥିବା କଙ୍କାଳଗୁଡ଼ିକରେ ତୀକ୍ଷଣ ଅସ୍ତ୍ର ଦ୍ୱାରା ଆଘାତର ଦାଗ ରହିଥିବାରୁ ଏହା ଅନୁମାନ କରାଯାଇଛି ।
- କେତେକ ଐତିହାସିକ କହନ୍ତି ଯେ ମହାମାରୀ ପ୍ଲେଗ୍ ହରପ୍ପା ସଭ୍ୟତାର ପତନ ପାଇଁ ଦାୟୀ । କାରଣ, ବିଭିନ୍ନ ରାସ୍ତାମାନଙ୍କରେ କଙ୍କାଳଗୁଡ଼ିକ ପଡ଼ିଥିବା ଦେଖିବାକୁ ମିଳିଛି ।

## ଅଭ୍ୟାସ

**୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ୫୦ଟି ଶବ୍ଦ ଭିତରେ ଦିଅ ।**

କ) ହରପ୍ପା ସଭ୍ୟତାର ନିଦର୍ଶନ ଭାରତର କେଉଁ ସ୍ଥାନମାନଙ୍କରୁ ମିଳିଛି ?

ଖ) ହରପ୍ପା ଓ ମହେଞ୍ଜୋଦାରୋ ସହର ଦୁଇଟି କେବେ ଓ କାହା ଦ୍ୱାରା ମାଟିତଳୁ ଆବିଷ୍କାର କରାଯାଇଥିଲା ?

ଗ) ହରପ୍ପା ସଭ୍ୟତାକୁ କାହିଁକି ଭାରତର ପ୍ରଥମ ନଗର ସଭ୍ୟତା କୁହନ୍ତି ?

ଘ) ମହେଞ୍ଜୋଦାରୋ ସହରରୁ ଆବିଷ୍କୃତ ହୋଇଥିବା ସ୍ନାନାଗାରର ଗଠନ ପ୍ରଣାଳୀ କିପରି ଥିଲା ?

ଙ) ହରପ୍ପା ନଗରର ଗଠନ ପ୍ରଣାଳୀ ସମ୍ପର୍କରେ ଲେଖ ।

ଚ) ହରପ୍ପା ସଭ୍ୟତାର ଲୋକମାନଙ୍କ ବାସଗୃହଗୁଡ଼ିକର ଗଠନଶୈଳୀ କିପରି ଥିଲା ?

ଛ) ମହେଞ୍ଜୋଦାରୋଠାରେ ଆବିଷ୍କୃତ ସ୍ନାନାଗାରର ନିର୍ମାଣଶୈଳୀ କିପରି ଥିଲା ?

ଜ) ହରପ୍ପାଠାରେ ଥିବା ଶସ୍ୟ ଭଣ୍ଡାର ବିଷୟରେ ଧାରଣା ଦିଅ ।

ଝ) ହରପ୍ପା ସଭ୍ୟତାର ଲୋକମାନଙ୍କର ବେଶ ପୋଷାକ ଓ ଅଳଙ୍କାର କେଉଁ ପ୍ରକାର ଥିଲା ?

ଞ) ହରପ୍ପା ସଭ୍ୟତାର ଲୋକମାନେ ମାଟିଶିଳ୍ପ ଓ ଧାତୁ ଶିଳ୍ପରେ ନିପୁଣ ଥିଲେ ବୋଲି କିପରି ଜଣାପଡ଼େ ?

ଟ) ହରପ୍ପା ସଭ୍ୟତାରେ ଲୋକମାନେ କେଉଁ କେଉଁ ଦେବ ଦେବୀଙ୍କୁ ପୂଜା କରୁଥିଲେ ?

(ଠ) ହରପ୍ପା ସଭ୍ୟତାର ପତନର କାରଣଗୁଡ଼ିକ କ'ଣ ? କେଉଁ କାରଣଟିକୁ ତୁମେ ଅଧିକ ଦାୟୀ କରିବ ଓ କାହିଁକି ?

ଡ଼) କେଉଁ କେଉଁ ତଥ୍ୟରୁ ହରପ୍ପା ସଭ୍ୟତାର ଲୋକମାନଙ୍କର ଧର୍ମ ବିଶ୍ୱାସ ଏବଂ ପୂଜା ପଦ୍ଧତି ବିଷୟରେ ଜାଣି ପାରିବା ଉଲ୍ଲେଖ କର ।

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୩୦ଟି ଶବ୍ଦ ଭିତରେ ଲେଖ ।**

କ) ମହେଞ୍ଜୋଦାରୋରେ ଥିବା ସ୍ନାନାଗାରର ଜଳ ପ୍ରବେଶ ଓ ନିଷ୍କାସନର ଉପାୟ ଲେଖ ।

ଖ) ହରପ୍ପା ସଭ୍ୟତାର ସଭାଗୃହ ଗଠନ ପ୍ରଣାଳୀ କିପରି ଥିଲା ?

ଗ) ହରପ୍ପା ସଭ୍ୟତାର ଲୋକମାନେ କେଉଁ ଶିଳ୍ପକଳାରେ ନିପୁଣ ଥିଲେ ଓ ସେମାନେ କେଉଁ ଧାତୁର ବ୍ୟବହାର ଜାଣିଥିଲେ ?

ଘ) ହରପ୍ପା ସଭ୍ୟତାର ଲୋକମାନେ କେଉଁ ଉପାୟରେ ଶବ ସଂସ୍କାର କରୁଥିଲେ ?

ଙ) ହରପ୍ପା ସଭ୍ୟତାର ଅଧିବାସୀମାନେ କେଉଁ ଜିନିଷ ଖାଦ୍ୟରୂପେ ଗ୍ରହଣ କରୁଥିଲେ ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

କ) ହରପ୍ପା ଓ ମହେଞ୍ଜୋଦାରୋ ସଭ୍ୟତାକୁ ସିନ୍ଧୁ ସଭ୍ୟତା କାହିଁକି କୁହାଯାଏ ?

ଖ) ହରପ୍ପା ସଭ୍ୟତାର ଲୋକମାନେ କେଉଁ ଲିପି ବ୍ୟବହାର କରୁଥିଲେ ?

ଗ) 'ମହେଞ୍ଜୋଦାରୋ'ର ଅର୍ଥ କ'ଣ ?

ଘ) ହରପ୍ପା ସଭ୍ୟତାର ଲୋକମାନେ ମୁଖ୍ୟତଃ କେଉଁ ଋଷ କରୁଥିଲେ ?

ଙ) ହରପ୍ପା ସଭ୍ୟତାର ପ୍ରଧାନ ଶିଳ୍ପ କ'ଣ ଥିଲା ?

**୪. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦବାଛି ଶୂନ୍ୟସ୍ଥାନ ପୂରଣ କର ।**

କ) ହରପ୍ପା ସଭ୍ୟତାର ଘରଗୁଡ଼ିକ ____________ ରେ ତିଆରି ହୋଇଥିଲା ।
(ପୋଡ଼ାଇଟା, ପଥର, ମାଟି, ଚୂନ ପଥର)

ଖ)  ହରପ୍ପା ସହରଟି ବର୍ତ୍ତମାନ __________ ରେ ଅବସ୍ଥିତ ।
(ଭାରତ, ପାକିସ୍ଥାନ, ଆଫଗାନିସ୍ଥାନ, ବେଲୁଚିସ୍ଥାନ)

ଗ)  ହରପ୍ପା ସଭ୍ୟତାର ଲୋକମାନେ __________ ଧାତୁର ବ୍ୟବହାର ଜାଣିନଥିଲେ ।
(ତମ୍ବା, କଂସା, ଟିଣ, ଲୁହା)

ଘ)  ହରପ୍ପା ସଭ୍ୟତାର ଲୋକମାନେ __________ ଚାଷ କରୁଥିଲେ ।
(ଧାନ, ବାଜରା, କପା, ଝୋଟ)

**୫.  'କ' ସ୍ତମ୍ଭର ଶବ୍ଦ ସହିତ 'ଖ' ସ୍ତମ୍ଭରୁ ଉପଯୁକ୍ତ ଶବ୍ଦ ବାଛି ଯୋଗ କର ।**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଲୋଥାଲ୍ | ସ୍ନାନାଗାର |
| ମହେଞ୍ଜୋଦାରୋ | ରାବୀନଦୀ |
| ଛବିଲିପି | ସମତଳ |
| ହରପ୍ପା | ପୋତାଶ୍ରୟ |
| ଘରରଛାତ | ମୋହର |
| | ଭାରତ |

**୬.  ରେଖାଙ୍କିତ ପଦଗୁଡ଼ିକୁ ବଦଳାଇ ଭ୍ରମ ସଂଶୋଧନ କର ।**

କ)  ହରପ୍ପା ସଭ୍ୟତାର ଲୋକମାନଙ୍କର ମୁଖ୍ୟ ଖାଦ୍ୟ ଭାତ ଥିଲା ।

ଖ)  ଶସ୍ୟାଗାରଗୁଡ଼ିକ ସାଧାରଣତଃ ଶସ୍ୟ ଅମଳ କରିବା ପାଇଁ ରହିଥିଲା ।

ଗ)  ହରପ୍ପାରେ ଘରର ଉପର ମହଲାକୁ ଯିବାପାଇଁ ପଥରରେ ତିଆରି ସିଡ଼ି ବ୍ୟବହୃତ ହେଉଥିଲା ।

ଘ)  ହରପ୍ପା ସଭ୍ୟତାର ଅଧିବାସୀମାନେ ବେପାର ବାଣିଜ୍ୟକୁ ମୁଖ୍ୟ ଜୀବିକା ରୂପେ ଗ୍ରହଣ କରିଥିଲେ ।



## ତୁମପାଇଁ କାମ :



ତୁମ ଘରେ ଖାଦ୍ୟଶସ୍ୟ କେଉଁଠାରେ ଓ କିପରି ଭାବେ ସାଇତି ରଖାଯାଏ ଅନୁଧ୍ୟାନ କରି ଲେଖ ।

পঞ্চম অধ্যায়

# ବିଭିନ୍ନ ଜୀବନଧାରଣ ପ୍ରଣାଳୀ

D4RKIZ

ଗ୍ରୀଷ୍ମଛୁଟିରେ ମାନସ କଟକରେ ଥିବା ତା ମାମୁଁ ଘରକୁ ବୁଲିଯାଇଥିଲା । ତା ମାମୁଁ ତାକୁ ସେଠାରେ ଥିବା ଏକ ଲାଇବ୍ରେରୀକୁ ନେଇ ଯାଇଥିଲେ । ସେହି ଲାଇବ୍ରେରୀର ଏକ କୋଠରୀରେ ଅନେକ ପୁରୁଣା ବହି ମାନସ ଦେଖିବାକୁ ପାଇଲା । ସେଥିମଧ୍ୟରେ ଥିବା ବେଦର ଚାରିଗୋଟି ବହି ତା'ର ଦୃଷ୍ଟିକୁ ଆସିଲା । ବେଦ କଣ ଜାଣିବା ପାଇଁ ସେ ମାମୁଁକୁ ପ୍ରଶ୍ନକଲା । ଉତ୍ତରରେ ମାମୁଁ ଯାହା କହିଲେ, ଏବେ ଶୁଣ ।



ଆମ ଦେଶ ଭାରତର ସବୁଠାରୁ ପୁରୁଣା ଗ୍ରନ୍ଥ ହେଉଛି ବେଦ । ବେଦ ଶବ୍ଦର ଅର୍ଥ ହେଉଛି ଜ୍ଞାନ । ସର୍ବମୋଟ ଚାରିଗୋଟି ବେଦ ଅଛି । ସେଗୁଡ଼ିକ ହେଲା – ଋକ୍‌ବେଦ, ସାମବେଦ, ଯଜୁର୍ବେଦ ଏବଂ ଅଥର୍ବ ବେଦ । ଏଥିମଧ୍ୟରୁ ଋକ୍‌ବେଦ ପ୍ରଥମେ ପଞ୍ଜାବ ଅଞ୍ଚଳରେ ରଚନା କରାଯାଇଥିଲା । ଅନ୍ୟ ବେଦଗୁଡ଼ିକ ପରେ ଗଙ୍ଗାନଦୀ ଉପତ୍ୟକା ଅଞ୍ଚଳରେ ରଚିତ ହୋଇଥିଲା । ବେଦ ହେଉଛି ଆର୍ଯ୍ୟମାନଙ୍କର ଗ୍ରନ୍ଥ । ଏହାର ମନ୍ତ୍ରଗୁଡ଼ିକୁ ମୁନିଋଷିମାନେ ସଂସ୍କୃତ ଭାଷାରେ ମୌଖିକ ଭାବରେ ରଚନା କରିଥିଲେ । ଅନେକ ଦିନ ପରେ, ଯେତେବେଳେ ଲୋକମାନେ ଲେଖି ଶିଖିଲେ, ସେତେବେଳେ ବେଦଗୁଡ଼ିକ ଲେଖାଗଲା । ପ୍ରଥମେ ବେଦର ମନ୍ତ୍ରଗୁଡ଼ିକୁ ଲୋକମାନେ ଶୁଣିଶୁଣି ମନେ ରଖୁଥିଲେ ; ଏଣୁ ବେଦର ଅନ୍ୟନାମ ହେଉଛି 'ଶ୍ରୁତି' ।

ପ୍ରାୟ ଖ୍ରୀ:ପୂ: ୧୫୦୦ ମସିହା ଅର୍ଥାତ୍ ପ୍ରାୟ ୩୫୦୦ ବର୍ଷ ପୂର୍ବେ ଋକ୍‌ବେଦ ରଚନା କରାଯାଇଥିବା ବିଶ୍ୱାସ କରାଯାଏ । ଏହା ଦଶଟି ଭାଗ ବା ମଣ୍ଡଳରେ ବିଭକ୍ତ । ଏଥିରେ ଇନ୍ଦ୍ର,ବରୁଣ, ଅଗ୍ନି, ମିତ୍ର ଆଦି ଦେବତାଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା ରହିଛି । ଋକ୍‌ବେଦ ସହିତ ଇରାନ୍‌ର ସବୁଠାରୁ ପ୍ରାଚୀନ ଗ୍ରନ୍ଥ 'ଆଭେସ୍ତା'ର ଅନେକ ସାମଞ୍ଜସ୍ୟ ରହିଛି । 'ସାମ' ଶବ୍ଦର ଅର୍ଥ ଗାନ । ସାମବେଦରେ ଅନେକ ସଂଗୀତମୟ ପ୍ରାର୍ଥନା ଥିବାବେଳେ ଯର୍ଜୁବେଦରେ ଧର୍ମ ଓ ପୂଜା କର୍ମର ପଦ୍ଧତି ରହିଛି । ଅଥର୍ବବେଦରେ ଭୂତପ୍ରେତ ଦୂର କରିବା ପାଇଁ ବିଭିନ୍ନ ମନ୍ତ୍ର ରହିଛି ।

ଋକ୍ ବେଦର ସମୟ ହେଉଛି ଆନୁମାନିକ ଖ୍ରୀ:ପୂ:୧୫୦୦ ରୁ ୧୦୦୦ ମସିହା ଏବଂ ଅନ୍ୟ ବେଦଗୁଡ଼ିକ ଖ୍ରୀ.ପୂ. ୧୦୦୦ ରୁ ୬୦୦ ମସିହା ମଧ୍ୟରେ ରଚନା କରାଯାଇଥିଲା । ପ୍ରଥମଟିକୁ ଋକ୍‌ବେଦୀୟ ଯୁଗ ଏବଂ ଦ୍ୱିତୀୟ ସମୟକୁ ପରବର୍ତ୍ତୀ ବା ଉତ୍ତର ବୈଦିକ ଯୁଗ କୁହାଯାଏ ।

**ବେଦ ପରି ଆଉ କେତେକ ପ୍ରାଚୀନ ଧର୍ମ ଗ୍ରନ୍ଥର ନାମ ସଂଗ୍ରହ କରି ଏକ ତାଲିକା ପ୍ରସ୍ତୁତ କର ।**

ଉପନିଷଦ ହେଉଛି ବେଦର ଏକ ଅଂଶ । ଏଥିରେ ଆତ୍ମା, ପରମାତ୍ମା ବା ବ୍ରହ୍ମ, ମୋକ୍ଷ ଆଦି ବିଷୟରେ ଲେଖାହୋଇଛି । ବୈଦିକ ସାହିତ୍ୟରୁ ଆମ୍ଭେମାନେ ଆର୍ଯ୍ୟମାନଙ୍କର ସାମାଜିକ ଜୀବନ, ଅର୍ଥନୀତି, ଧର୍ମ ଓ ଶାସନ ବ୍ୟବସ୍ଥା ବିଷୟରେ ଜାଣିପାରୁ ।

ବୈଦିକ ସାହିତ୍ୟ ଛଡ଼ା ପ୍ରତ୍ନତାତ୍ତ୍ୱିକ ଖନନରୁ ସେ ଯୁଗର ସଭ୍ୟତା ବିଷୟରେ ଜଣାପଡ଼ିଛି । ହସ୍ତିନାପୁର, ଅତ୍ରଞ୍ଜିଖେରା, ନୋହ ଆଦି ସ୍ଥାନରୁ ମିଳିଥିବା ମାଟିପାତ୍ରରୁ ପରବର୍ତ୍ତୀ ବୈଦିକ ଯୁଗର ସଂସ୍କୃତି ବିଷୟରେ ଜଣାପଡ଼େ । ସେହି ପାତ୍ରଗୁଡ଼ିକ ହେଲା ଧୂସର ରଂଗର ଚିତ୍ରିତ ମାଟି ପାତ୍ର ଏବଂ ଲାଲ ଓ କଳା ରଂଗ ଥିବା ମାଟି ପାତ୍ର ।

**ଭାରତର ମାନଚିତ୍ର ଆଙ୍କି ସେଥିରେ ବୈଦିକ ସଭ୍ୟତା ଗଢ଼ିଉଠିଥିବା ଅଞ୍ଚଳଗୁଡ଼ିକୁ ଦେଖାଅ ।**

### ଶାସନ ବ୍ୟବସ୍ଥା :

ଆର୍ଯ୍ୟମାନେ ବହୁ ସଂଖ୍ୟକ ଗାଈଗୋରୁ, ଘୋଡ଼ା ଆଦି ପଶୁଙ୍କ ସହିତ ବିଭିନ୍ନ ଦଳରେ ଭାରତରେ ପ୍ରବେଶ କରିଥିଲେ । ପ୍ରଥମେ ଯାଯାବର ଜୀବନଯାପନ କଲାପରେ କୃଷିକାର୍ଯ୍ୟରେ ନିଜକୁ ନିୟୋଜିତ କଲେ । 'ଜନ' ଓ 'ବିଶ୍' ଏହି ଦୁଇଟି ଶବ୍ଦ ଋକ୍‌ବେଦରେ ବହୁବାର ବ୍ୟବହାର କରାଯାଇଛି । ଦଳରେ ଥିବା ସମସ୍ତ ଲୋକମାନଙ୍କୁ ଜନ ରୂପେ ଗ୍ରହଣ କରାଯାଇଥିବା ବେଳେ 'ବିଶ୍' ଦଳର କେତେକ ସଂଗଠନକୁ ବୁଝାଯାଇଥିଲା । ଦଳର ସବୁଠାରୁ ଶକ୍ତିଶାଳୀ ବିବେଚିତ ବ୍ୟକ୍ତିକୁ 'ରାଜନ' ବୋଲି ଲୋକେ ଗ୍ରହଣ କରୁଥିଲେ । କେତେଗୁଡ଼ିଏ ପରିବାର ବା କୁଳକୁ ନେଇ ଗ୍ରାମର ସୃଷ୍ଟି ହୋଇଥିଲା । ପରିବାର ଓ ଗ୍ରାମର ମୁଖ୍ୟମାନଙ୍କୁ ଯଥାକ୍ରମେ 'କୁଳପ' ଓ 'ବ୍ରଜପତି' ବା 'ଗ୍ରାମଣୀ' କୁହାଯାଉଥିଲା । ରାଜତନ୍ତ୍ର ମୁଖ୍ୟ ଶାସନ ବ୍ୟବସ୍ଥା ଥିଲା ଓ ରାଜା ବହୁତ କ୍ଷମତାଶାଳୀ ଥିଲେ ।

**ବର୍ତ୍ତମାନର ଗ୍ରାମାଞ୍ଚଳ ଶାସନ ବ୍ୟବସ୍ଥା ସହ ଉପର ବର୍ଣ୍ଣିତ ବ୍ୟବସ୍ଥାର କି ସାମଞ୍ଜସ୍ୟ ବା ପାର୍ଥକ୍ୟ ରହିଛି ସାଙ୍ଗ ମାନଙ୍କ ସହ ଆଲୋଚନା କର ।**

### ଗ୍ରାମ୍ୟ ଜୀବନ :

ଆର୍ଯ୍ୟ ଦଳଗୁଡ଼ିକ ବିଭିନ୍ନ ଗ୍ରାମରେ ବସବାସ କରୁଥିଲେ । ଗ୍ରାମ କେତେଗୁଡ଼ିଏ ପରିବାରକୁ ନେଇ ଗଠିତ ହେଉଥିଲା । ପରିବାରର ସମସ୍ତ ସଦସ୍ୟ ଏକାଠି ରହୁଥିଲେ । କୃଷି ସେମାନଙ୍କର ପ୍ରଧାନ ଜୀବିକା ଥିଲା । ତାହା ସହିତ ସେମାନେ ପଶୁପାଳନ କରୁଥିଲେ । ଗାଈକୁ ସମ୍ପତ୍ତି ବୋଲି ବିବେଚନା କରାଯାଉଥିଲା । ପରିବାରରେ ପିତା ଥିଲେ ମୁଖ୍ୟ । ତାଙ୍କୁ କୁଳପ କୁହାଯାଉଥିଲା । ସମାଜରେ ନାରୀର ସ୍ଥାନ ଉଚ୍ଚରେ ଥିଲା । ନାରୀମାନେ ପୁରୁଷମାନଙ୍କ ସହିତ ବିଭିନ୍ନ କାର୍ଯ୍ୟ, ଯାଗଯଜ୍ଞରେ ଯୋଗ ଦେଉଥିଲେ । ଘୋଷ, ଲୋପାମୁଦ୍ରା ଆଦି ନାରୀମାନେ ବୈଦିକ ମନ୍ତ୍ର ରଚନା ଓ ପଠନ କରୁଥିଲେ ।

ବୈଦିକ ଯୁଗର ଆରମ୍ଭ ସହିତ ଭାରତକୁ ଘୋଡ଼ାମାନଙ୍କର ଆଗମନର ଘଟଣା ବିଶେଷ ଗୁରୁତ୍ୱପୂର୍ଣ୍ଣ ଥିଲା । ଘୋଡ଼ା ଚାଳିତ ରଥମାନଙ୍କୁ ଯୁଦ୍ଧରେ ବ୍ୟବହାର କରାଯାଉଥିଲା ।

ଆର୍ଯ୍ୟମାନଙ୍କୁ ତିନି ଶ୍ରେଣୀରେ ବିଭକ୍ତ କରାଯାଉଥିଲା । ଶାସକ ଶ୍ରେଣୀରେ ରାଜା, ତାଙ୍କର କର୍ମଚାରୀ, ଯୋଦ୍ଧା ରହୁଥିଲେ । ଦ୍ୱିତୀୟ ଶ୍ରେଣୀରେ ଥିଲେ ପୁରୋହିତ ଏବଂ ତୃତୀୟ ଶ୍ରେଣୀରେ ଥିଲେ ସାଧାରଣ ଲୋକ । ଋକ୍‌ବେଦୀୟ ସମୟରେ ଶେଷଭାଗ ବେଳକୁ ସମାଜକୁ ଚାରି ବର୍ଣ୍ଣରେ ବିଭକ୍ତ କରାଗଲା । ସେଗୁଡ଼ିକ ହେଲା, ବ୍ରାହ୍ମଣ (ଧର୍ମକାର୍ଯ୍ୟ ପାଇଁ),

କ୍ଷତ୍ରିୟ (ଶାସନ ଓ ଯୁଦ୍ଧ କାର୍ଯ୍ୟ ପାଇଁ), ବୈଶ୍ୟ (ଋଷ ଓ ବିଭିନ୍ନ ପଦାର୍ଥ ଉତ୍ପାଦନ ପାଇଁ) ଏବଂ ଶୂଦ୍ର (ଅନ୍ୟ ତିନି ବର୍ଣ୍ଣର ସେବା ପାଇଁ) ।

ଲୋକମାନେ ଦୁଗ୍ଧ ଓ ଦୁଗ୍ଧଜାତ ଖାଦ୍ୟ ବେଶିପରିମାଣରେ ଖାଉଥିଲେ । ଏତଦ୍‌ବ୍ୟତୀତ ବିଭିନ୍ନ ଫଳମୂଳ, ପନିପରିବା, ଡାଲିଜାତୀୟ ପଦାର୍ଥ ଓ ମାଂସ ଇତ୍ୟାଦି ଖାଦ୍ୟରୂପେ ଗ୍ରହଣ କରୁଥିଲେ । ଗହମ ଓ ଯଅ ପ୍ରଧାନ ଖାଦ୍ୟ ଥିଲା । ପରବର୍ତ୍ତୀ ବୈଦିକ ଯୁଗରେ ଧାନ ଉତ୍ପାଦନ କରି ଶିଖିଥିଲେ । ଋକ୍‌ବେଦରେ ପାନୀୟ ରୂପେ ସୋମରସ ଓ ସୁରାର ଉଲ୍ଲେଖ ରହିଛି ।

ପ୍ରକୃତିର ବିଭିନ୍ନ ଶକ୍ତିକୁ ଆର୍ଯ୍ୟମାନେ ପୂଜା କରୁଥିଲେ । ପ୍ରକୃତିର ଦୃଶ୍ୟାବଳୀ ପଛରେ ଯେ ଦେବତାମାନଙ୍କ ସତ୍ତା ଅଛି, ଏ ପ୍ରକାର ବିଶ୍ୱାସ ଓ ଧାରଣା ସେମାନଙ୍କର ଥିଲା । ସେମାନେ ଉଷା, ସୂର୍ଯ୍ୟ, ଅଗ୍ନି, ବରୁଣ, ଇନ୍ଦ୍ର ଆଦି ଦେବତାମାନଙ୍କୁ ଉପାସନା କରୁଥିଲେ । ପୃଥିବୀକୁ ମାତୃଦେବୀରୂପେ ପୂଜା କରୁଥିଲେ । ଦେବାଦେବୀମାନଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ଯଜ୍ଞାନୁଷ୍ଠାନର ଆୟୋଜନ କରାଯାଉଥିଲା । ସେଥିପାଇଁ ଘିଅ, ଦୁଧ ଆଦି ଦ୍ରବ୍ୟ ଅଗ୍ନିରେ ସମର୍ପଣ କରାଯାଉଥିଲା ।

## ସମସାମୟିକ ତାମ୍ର-ପ୍ରସ୍ତର ଯୁଗର ମାନବ ବସତି

### ଇନାମ୍‌ଗାଓଁ :

ମହାରାଷ୍ଟ୍ର ପ୍ରଦେଶର ଭୀମାନଦୀର ଶାଖାନଦୀ ଘୋଦ ନିକଟରେ ଇନାମ୍‌ଗାଓଁ ଅବସ୍ଥିତ । ଯେତେବେଳେ ଉତ୍ତର-ପଶ୍ଚିମ ଦିଗରେ ପଞ୍ଜାବ ଅଞ୍ଚଳ ଏବଂ ଗଙ୍ଗାନଦୀର ଅବବାହିକାରେ ଆର୍ଯ୍ୟମାନେ ସଭ୍ୟତା ପ୍ରତିଷ୍ଠା କରିଥିଲେ, ସେତେବେଳେ ଇନାମଗାଓଁଠାରେ ତାମ୍ର-ପ୍ରସ୍ତର ଯୁଗର ସଭ୍ୟତା ବିକାଶ ଲାଭ କରିଥିଲା । ପ୍ରତ୍ନତତ୍ତ୍ୱବିତ୍‌ମାନେ ବିଶ୍ୱାସ କରନ୍ତି ଯେ ସେହି ସଭ୍ୟତା ପ୍ରାୟ ଖ୍ରୀ:ପୂ: ୧୫୦୦ ରୁ ୬୦୦ ଅର୍ଥାତ ୯୦୦ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ଦିଗରେ ବିକାଶ ଲାଭ କରି ଗଢ଼ିଉଠିଥିଲା । ସେଠାରେ ପ୍ରତ୍ନତାତ୍ତ୍ୱିକ ଖନନରୁ ପ୍ରାୟ ୧୩୪ଟି ମାଟିର ଚାରିକୋଣିଆ ଘର ଆବିଷ୍କାର କରାଯାଇଛି । ସାଧାରଣତଃ, ଘରର ଏକ ବା ଦୁଇଟି କୋଠରୀ ଥିଲା । ପାଞ୍ଚଟି କୋଠରୀ ଥିବା ଘରେ ସେ କାଳର ଶାସକ ରହୁଥିଲେ ବୋଲି ବିଶ୍ୱାସ କରାଯାଏ । ହରପ୍ପା ଭଳି ସେଠାରେ ମଧ୍ୟ ଶସ୍ୟାଗାର ଦେଖିବାକୁ ମିଳେ ।

ଅଣ୍ଡାକୃତି ବା ଦୀର୍ଘବୃତ୍ତାକାର ଗାତକୁ ଚୁଲି ଭାବରେ ବ୍ୟବହାର କରାଯାଉଥିଲା । ଘର ଭିତରେ ଓ ବାହାରେ ଏହି ପ୍ରକାର ଚୁଲି ଦେଖିବାକୁ ମିଳେ । ଲୋକମାନେ ଗାତଖୋଳି ମାଟି ଭିତରେ ଶସ୍ୟକୁ ସାଇତି ରଖୁଥିଲେ । କେତେକ ଗାତରେ ସେମାନେ ଅଳିଆ ଆବର୍ଜନା ପକାଉଥିଲେ । ଲାଲ ଏବଂ କଳା ରଂଗ ଥିବା ମାଟିପାତ୍ର ସେମାନେ ବ୍ୟବହାର କରୁଥିଲେ ।ପ୍ରସ୍ତର ନିର୍ମିତ ଅସ୍ତ୍ରଶସ୍ତ୍ର ସାହାଯ୍ୟରେ ଗଛକାଟିବା, ପଶୁମାନଙ୍କ ମାଂସକୁ ଖଣ୍ଡ ଖଣ୍ଡ କରିବା ଓ ସେମାନଙ୍କର ଚମଡ଼ାକୁ ବାହାର କରିବା ଭଳି ବିଭିନ୍ନ କାର୍ଯ୍ୟ କରାଯାଉଥିଲା । ଲୋକମାନେ ତମ୍ବାରେ ତିଆରି ହାତହତିଆର ବ୍ୟବହାର କରୁଥିଲେ । ଇନାମଗାଓଁର ଲୋକମାନେ ରାଜସ୍ଥାନରୁ ତମ୍ବା ଆଣୁଥିଲେ । ସେଠାରୁ ବିନ୍ଧ,


ଲୋଥାଲରୁ ମିଳିଥିବା ମାଟିଘୋଡା

ଚିମୁଟା, ବନ୍‌ଶୀ କଣ୍ଟା, ତୀରମୂନ ଆଦି ଜିନିଷ ଆବିଷ୍କାର କରାଯାଇଛି । ମାଳି, ଚୁଡ଼ି, ପାଉଁଜି ପ୍ରଭୃତି ଅଳଙ୍କାର ମିଳିଛି । ସେଗୁଡ଼ିକ ତମ୍ବାରେ ତିଆରି ହେଉଥିଲା । ବାଦାମୀ ଲାଲ ରଙ୍ଗର ମାଟିପାତ୍ର, ହାତୀଦାନ୍ତ ଓ ଶାମୁକାର ମାଳିମାନ ଏହିଠାରୁ ମିଳିଛି । ସେହିପରି ମାଟିର ମୂର୍ତ୍ତି ସବୁ ଆବିଷ୍କାର କରାଯାଇଛି । ପୋଡ଼ାଇଟାରେ ତିଆରି ପଶୁମାନଙ୍କର ଛୋଟ ଛୋଟ ମୂର୍ତ୍ତି ମିଳିଛି । ସେଗୁଡ଼ିକୁ ଖେଳନା ଅଥବା ଧର୍ମ କାର୍ଯ୍ୟରେ ବ୍ୟବହାର କରାଯାଉଥିଲା । ବୃଷଭ ଚିତ୍ରଥିବା ମାଟି ପାତ୍ରର ସନ୍ଧାନ ମିଳିଛି ।

**ଆଜିକାଲି ଚାଷୀମାନେ ଜମିରୁ ଅମଳ କରୁଥିବା ଶସ୍ୟକୁ କିପରି ସାଇତି ରଖନ୍ତି, ଅନ୍ୟମାନଙ୍କ ସହିତ ଆଲୋଚନା କରି ଲେଖ ।**

## ସମାଧି ସ୍ଥାନ:

ଇନାମ୍‌ଗାଓଁରେ କିଛି ସମାଧିର ସନ୍ଧାନ ମିଳିଛି । ଅଧିକାଂଶ ସମାଧିରେ ପୁରୁଷ ଲୋକମାନଙ୍କ ଅସ୍ଥି ମିଳିଛି । ମୃତଶରୀର ମସ୍ତକକୁ ଉତ୍ତର ଦିଗ ଆଡ଼କୁ ରଖାଯାଇଥିଲା । ଘର ମଧ୍ୟରେ ମଧ୍ୟ ସମାଧି ଦିଆଯାଉଥିଲା । ଖାଦ୍ୟ ଓ ପାଣିଥିବା ପାତ୍ରକୁ ମୃତ ଶରୀର ସହିତ ରଖାଯାଉଥିଲା । ଲୋକମାନେ ମାତୃ ଉପାସନା କରୁଥିବାର ବିଶ୍ୱାସ କରାଯାଏ ।

ଲୋକମାନେ ଗହମ, ଯଅ, ମସୁର, ମଟର, ମକା, ବାଜରା, ଧାନ, ଶିମ୍ବ ଆଦି ଶସ୍ୟ ଉତ୍ପାଦନ କରୁଥିବାର ପ୍ରମାଣ ମିଳିଛି । ଗୋରୁ, ମଇଁଷି, ଛେଳି, ମେଣ୍ଢା, କୁକୁର, ଘୋଡ଼ା, ଗଧ, ଘୁଷୁରୀ, ହରିଣ, ଗୁଣ୍ଡୁଚିମୂଷା ପ୍ରଭୃତି ପ୍ରାଣୀଙ୍କର ଅସ୍ଥି ମଧ୍ୟ ସେଠାରୁ ମିଳିଛି । କୁମ୍ଭୀର, କଇଁଚ, କଙ୍କଡ଼ା ଓ ମାଛ ଆଦିର ଅସ୍ଥିର ସନ୍ଧାନ ମିଳିଛି । ମାଛ, ମାଂସ, ଗାଈକ୍ଷୀର, ଜାମୁ, ଖଜୁରୀ ଓ ବିଭିନ୍ନ ପ୍ରକାରର କୋଳି ମଧ୍ୟ ସେମାନେ ଖାଉଥିଲେ । ଇନାମ୍‌ଗାଓଁରେ କୃଷିର ଯଥେଷ୍ଟ ଉନ୍ନତି ହୋଇଥିଲା ।

ପ୍ରାୟ ୯୦୦ ବର୍ଷ ପର୍ଯ୍ୟନ୍ତ ବିକାଶ ଘଟିବା ପରେ ଏହି ସଭ୍ୟତାର ବିଲୟ ଆରମ୍ଭ ହୋଇଥିଲା । ଅଳ୍ପ ବର୍ଷା କିମ୍ବା ଜମିର ଉର୍ବରତା କମିବା ଯୋଗୁ କୃଷି ଉତ୍ପାଦନ କମି ଯାଇଥିବାର ଅନୁମାନ କରାଯାଉଛି । ଫଳରେ ଚାଷକାର୍ଯ୍ୟ ଛାଡ଼ି ଲୋକମାନେ ପଶୁ ଶିକାର ଓ ଖାଦ୍ୟ ସଂଗ୍ରହ କରିବାରେ ଲାଗିଲେ । ଘରର ଆକାର ଖୁବ୍ ଛୋଟ ଛୋଟ ହୋଇଗଲା ।

ପ୍ରାୟ ଖ୍ରୀ:ପୂ: ୧୮୦୦-୧୨୦୦ ମସିହା ମଧ୍ୟରେ ବେବିଲୋନ ଓ ତାହାର ନିକଟବର୍ତ୍ତୀ ସ୍ଥାନମାନଙ୍କରେ ହିଟାଇଟ୍ ନାମକ ଲୋକମାନେ ଲୁହା ପଥରରୁ ଲୁହା ବାହାର କରିବାର କୌଶଳ ଜାଣିପାରିଥିଲେ । ଲୁହାପଥରକୁ ତରଳାଇ ସେଥିରୁ ଲୁହା ବାହାର କରିବାକୁ ଲାଗିଲେ । କାଳକ୍ରମେ ଏହି କୌଶଳକୁ ପାରସ୍ୟର ଲୋକମାନେ ଜାଣିଲେ । ଯେଉଁ ଆର୍ଯ୍ୟଦଳ ପାରସ୍ୟରୁ ହିନ୍ଦୁକୁଶ ପାର ହୋଇ ଭାରତକୁ ପ୍ରବେଶ କରିଥିଲେ, ସେମାନେ ବୋଧହୁଏ ଲୁହାର ବ୍ୟବହାର ଜାଣିଥିଲେ । ଖ୍ରୀ:ପୂ: ୧୦୦୦ ମସିହା ବେଳକୁ ଭାରତର ଉତ୍ତର-ପଶ୍ଚିମାଞ୍ଚଳ, ବିଶେଷକରି ଗାନ୍ଧାର ଅଞ୍ଚଳରେ ଲୁହା ବ୍ୟବହାର ହେଉଥିବାର ପ୍ରମାଣ ମିଳିଛି । ପରବର୍ତ୍ତୀ ବୈଦିକ ଯୁଗରେ ଲୁହାର ବ୍ୟବହାର ଗଙ୍ଗାନଦୀର ଅବବାହିକା ଅଞ୍ଚଳକୁ ପ୍ରସାର ଲାଭ କରିଥିଲା । ସେହି ଅଞ୍ଚଳର ଜଙ୍ଗଲ ସଫା କରିବା ପାଇଁ ବୋଧହୁଏ ଲୁହାର କୁରାଢ଼ି ବ୍ୟବହାର ହୋଇଥିବ । କାରଣ ପରବର୍ତ୍ତୀ ବେଦରେ ଶ୍ୟାମ ବା କୃଷ୍ଣ ଆୟସ (ଲୁହା)ର ଉଲ୍ଲେଖ ରହିଛି ।

ଲୌହଯୁଗ ଓ ପରବର୍ତ୍ତୀ ବା ଉତ୍ତର ବୈଦିକ ଯୁଗର ଆରମ୍ଭ ପ୍ରାୟ ଏକ ସମୟରେ ହୋଇଥିଲା ବୋଲି ଅନେକ ବିଶ୍ୱାସ କରନ୍ତି । ଉତ୍ତର ଭାରତର କେତୋଟି ସ୍ଥାନରୁ ଯଥା ହସ୍ତିନାପୁର, ଭଗବାନପୁରା, ଅତ୍‌ରଞ୍ଜିଖେରାରୁ ଏକ ପ୍ରକାରର

ପାଉଁଶିଆ ରଂଗର ଚିତ୍ରିତ ମାଟିପାତ୍ର ମିଳିଛି । ପ୍ରତ୍ନତତ୍ତ୍ୱବିତ୍‌ମାନେ ଏହାକୁ ଚିତ୍ରିତ ଧୂସର ପାତ୍ର କହିଥାନ୍ତି । ଏଥିରେ ଲୁହା ଅଂଶ ଥିବାର ଜଣାପଡ଼ିଛି । ଏହି ପ୍ରକାର ପାତ୍ରଗୁଡ଼ିକ ଉତ୍ତର ବୈଦିକ ଯୁଗରେ ପ୍ରଚଳିତ ଥିଲା । ଏହାଛଡ଼ା ଲାଲ ଏବଂ କଳା ରଙ୍ଗଥିବା ମାଟିପାତ୍ରର ବ୍ୟବହାର ଯୋଗୁଁ ଭାରତରେ ଦୁଇଟି ବଡ଼ ପରିବର୍ତ୍ତନ ଘଟିଲା । ଲୁହାର ଅସ୍ତ୍ରଶସ୍ତ୍ର ଦ୍ୱାରା ଆର୍ଯ୍ୟମାନେ କୃଷ୍ଣକାୟ ମୂଳ ଭାରତୀୟମାନଙ୍କୁ ସହଜରେ ପରାସ୍ତ କଲେ ଏବଂ କୁରାଢ଼ୀ ଦ୍ୱାରା ଜଙ୍ଗଲ ସଫା କରି ଅଧିକ ଜମି ଚାଷ କରି ପାରିଲେ । ଫଳରେ ଶସ୍ୟ ଉତ୍ପାଦନ ଅଧିକ ହେଲା ।

ଆର୍ଯ୍ୟମାନଙ୍କର ପ୍ରକୃତ ବାସସ୍ଥାନ ଓ ସେମାନଙ୍କର ପରିଚୟ ଆଜି ପର୍ଯ୍ୟନ୍ତ ରହସ୍ୟ ହୋଇ ରହିଅଛି । ଅନେକ ବିଶ୍ୱାସ କରନ୍ତି ଯେ ସେମାନେ ପ୍ରଥମେ ଏସିଆ ମହାଦେଶର କେନ୍ଦ୍ରାଞ୍ଚଳରେ ବସବାସ କରୁଥିଲେ । କାଳକ୍ରମେ ସେମାନଙ୍କ ମଧ୍ୟରୁ ଗୋଟିଏ ଦଳ ପଶ୍ଚିମ ଦିଗକୁ ଯାଇ ଇଉରୋପରେ ବିଭିନ୍ନ ସ୍ଥାନରେ ବସବାସ କଲେ ଏବଂ ଅନ୍ୟ ଏକ ଦଳ ପାରସ୍ୟ ବା ବର୍ତ୍ତମାନର ଇରାନ୍‌ରେ ପ୍ରବେଶ କଲେ । ପାରସ୍ୟରୁ ସେମାନେ ବିଭିନ୍ନ ଦଳରେ ଉତ୍ତର-ପଶ୍ଚିମରେ ଥିବା ଗିରିପଥ ଦେଇ ଭାରତକୁ ଆସିଲେ । ଯେଉଁମାନେ ଭାରତରେ ପ୍ରବେଶ କଲେ, ସେମାନଙ୍କୁ ଭାରତୀୟ ଆର୍ଯ୍ୟବୋଲି କୁହାଗଲା । ଯେଉଁ ଭାଷାରେ ସେମାନେ ଭାବର ଆଦାନ ପ୍ରଦାନ କରୁଥିଲେ, ତାକୁ ସଂସ୍କୃତ ଭାଷା କୁହାଗଲା । ସେହି ଭାଷା ଆଜିର ସଂସ୍କୃତ ଭାଷାଠାରୁ ବହୁପରିମାଣରେ ଅଲଗା ଥିଲା । ବିଭିନ୍ନ ଦଳରେ ଆର୍ଯ୍ୟମାନେ ସିନ୍ଧୁ, ବିତସ୍ତା (ଝେଲମ), ଚନ୍ଦ୍ରଭାଗା (ଚେନାବ୍), ଇରାବତୀ (ରାବୀ), ବିପାଶା (ବେଆସ୍) ଓ ଶତଦ୍ରୁ (ଶତ୍‌ଲେଜ୍) ଆଦି ନଦୀର ନିକଟବର୍ତ୍ତୀ ସ୍ଥାନରେ ରହିବାକୁ ଆରମ୍ଭ କଲେ । ଏହି ନଦୀଗୁଡିକୁ ସେମାନେ 'ସପ୍ତସିନ୍ଧୁ' ବୋଲି କହିଲେ । ଏହି ଅଞ୍ଚଳକୁ ବ୍ରହ୍ମାବର୍ତ୍ତ ନାମରେ ଅଭିହିତ କରିଥିଲେ ।

## ଜନପଦ ଓ ମହାଜନପଦ :

ଋକ୍‌ବେଦୀୟ ଯୁଗର ଜନଜାତି ରାଷ୍ଟ୍ର ବ୍ୟବସ୍ଥା ପରବର୍ତ୍ତୀ ବୈଦିକ ଯୁଗରେ କ୍ଷେତ୍ରୀୟ ରାଷ୍ଟ୍ର ବ୍ୟବସ୍ଥାରେ ପରିଣତ ହେଲା । ରାଷ୍ଟ୍ରଗୁଡ଼ିକ ଏକ ଭୌଗୋଳିକ ସୀମାମଧ୍ୟରେ ଆବଦ୍ଧ ରହିଲା । ଏହାକୁ ଜନପଦ କୁହାଗଲା । ଜନପଦଗୁଡ଼ିକ ସେଠାରେ ବାସକରୁଥିବା ପ୍ରମୁଖ ଜାତିର ନାମ ଅନୁସାରେ ନାମିତ ହୋଇଥିଲା । ଋକ୍‌ବେଦୀୟ ଯୁଗରେ ରାଷ୍ଟ୍ରର ମୁଖ୍ୟଙ୍କୁ ରାଜନ କୁହାଯାଉଥିଲା । ଏହିପଦ ବଂଶାନୁକ୍ରମିକ ଥିଲା । ତାଙ୍କର କ୍ଷମତା ସୀମିତ ଥିଲା । ସଭା, ସମିତି, ବିଧାତା ଓ ଗଣ ଆଦି ଜନଜାତି ପରିଷଦ ଯୋଗୁ ରାଜନ୍‌ର କ୍ଷମତା ସୀମିତ ଥିଲା । ପରବର୍ତ୍ତୀ ବୈଦିକ ଯୁଗରେ ସେହି ପରିଷଦଗୁଡ଼ିକର ଗୁରୁତ୍ୱ କମିଯିବାରୁ ରାଜନର ଶକ୍ତି ବୃଦ୍ଧି ପାଇଲା ।

ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀ ବେଳକୁ ଜନପଦଗୁଡ଼ିକ ନିଜର ସୀମା ବୃଦ୍ଧି କରିବା ପାଇଁ ପ୍ରୟାସ ଆରମ୍ଭ କରିଥିଲେ । ସୀମା ବୃଦ୍ଧି ହୋଇଥିବା ଜନପଦକୁ ମହାଜନପଦ କୁହାଗଲା । ବୌଦ୍ଧ ଗ୍ରନ୍ଥରୁ ଖ୍ରୀ:ପୂ: ୬୦୦ ଶତାବ୍ଦୀ ବେଳକୁ ଉତ୍ତର ଭାରତରେ ୧୬ଟି ମହାଜନପଦ ଥିବାର ସୂଚନା ମିଳେ । ସେମାନଙ୍କ ମଧ୍ୟରେ କୋଶଳ, ମଗଧ, ବତ୍ସ ଓ ଅବନ୍ତୀ ଅଧିକ ଶକ୍ତିଶାଳୀ ଥିଲେ । ଏହାଛଡ଼ା ସେତେବେଳେ କେତେକ ଗଣ ରାଜ୍ୟ ମଧ୍ୟ ଥିଲା । ପରବର୍ତ୍ତୀ କାଳରେ ରାଜା ବିମ୍ବିସାର ଓ ଅଜାତଶତ୍ରୁଙ୍କ ଅଧୀନରେ ମଗଧ ଅନ୍ୟ ମହାଜନପଦଗୁଡ଼ିକୁ ଅଧିକାର କରି ଏକ ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ ହେଲା ।

**ଆମ ଦେଶରେ ଥିବା ରାଜ୍ୟ ଏବଂ ସେମାନଙ୍କର ରାଜଧାନୀର ନାମଲେଖ ।**

ପ୍ରତ୍ୟେକ ମହାଜନପଦର ରାଜଧାନୀ ସହିତ ଆଉ କେତେକ ପ୍ରମୁଖ ସ୍ଥାନ ବା ସହର ଥିଲା । କେତେକ

ମହାଜନପଦରେ ଦୁର୍ଗ ମଧ୍ୟ ସ୍ଥାପିତ ହୋଇଥିଲା ଏବଂ ବିଭିନ୍ନ ଶକ୍ତିଶାଳୀ ସୈନ୍ୟବାହିନୀ ଗଠନ କରାଯାଇଥିଲା । ବିଭିନ୍ନ ରାଜାମାନେ ନିଜର ଶକ୍ତି ବୃଦ୍ଧିପାଇଁ ରାଜସୂୟ ଓ ଅଶ୍ୱମେଧ ପ୍ରଭୃତି ଯଜ୍ଞ ଅତି ଆଡ଼ମ୍ବରର ସହିତ କରୁଥିଲେ ।

## ଅଭ୍ୟାସ

**୧. ଗୋଟିଏ କିମ୍ବା ଦୁଇଟି ବାକ୍ୟରେ ଉତ୍ତର ଦିଅ ।**

କ) ବେଦର ଅନ୍ୟ ନାମ କ'ଣ ?

ଖ) ଚାରିଗୋଟି ବେଦର ନାମ ଲେଖ ?

ଗ) କେଉଁ ବେଦରେ ଭୂତ ପ୍ରେତ ଦୂର କରିବା ପାଇଁ ମନ୍ତ୍ର ରହିଛି ?

ଘ) 'ଜନ' ଓ 'ବିଶ୍'ର ଅର୍ଥ କ'ଣ ?

ଙ) ଯଜ୍ଞାନୁଷ୍ଠାନରେ କେଉଁ ପଦାର୍ଥ ବ୍ୟବହାର କରାଯାଉଥିଲା ?

ଚ) ଋକ୍ ବେଦର ମନ୍ତ୍ରଗୁଡ଼ିକ କେଉଁ ଅଞ୍ଚଳରେ ରଚନା କରାଯାଇଥିଲା ?

ଛ) ପରବର୍ତ୍ତୀ ବୈଦିକ ଯୁଗର ସମୟ ଲେଖ ।

ଜ) ଇନାମ୍‌ଗାଓଁ ଠାରେ କେଉଁ ସଭ୍ୟତା ଆବିଷ୍କାର କରାଯାଇଛି ?

ଝ) କୃଷ୍ଣ ଆୟସର ଅର୍ଥ କ'ଣ ?

**୨. ସଂକ୍ଷେପରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦିଅ ।**

କ) ଚାରିଗୋଟି ବେଦରେ କ'ଣ ସବୁ ଲେଖାଯାଇଛି ଲେଖ ।

ଖ) ଋକ୍‌ବେଦୀୟ ସଭ୍ୟତାର ଶାସନ ବ୍ୟବସ୍ଥା ସମ୍ବନ୍ଧରେ ଲେଖ ।

ଗ) ବୈଦିକ ଯୁଗର ନାରୀମାନଙ୍କ ସ୍ଥାନ ନିରୂପଣ କର ।

ଘ) ବୈଦିକ ସଭ୍ୟତାର ଧର୍ମ ବିଷୟରେ ଲେଖ ।

ଙ) ଇନାମ୍‌ଗାଓଁରୁ ମିଳିଥିବା ମାଟିରେ ତିଆରି ମୂର୍ତ୍ତିମାନଙ୍କ ସମ୍ବନ୍ଧରେ ଲେଖ ।

ଚ) ଇନାମ୍‌ଗାଓଁରୁ କେଉଁ କେଉଁ ପ୍ରାଣୀମାନଙ୍କର ଅସ୍ଥି ମିଳିଛି ?

ଛ) ଲୌହଯୁଗ ସମ୍ବନ୍ଧରେ ଏକ ବିବରଣୀ ପ୍ରଦାନ କର ।

୩. 'କ' ସ୍ତମ୍ଭରେ ଥିବା ଶବ୍ଦଗୁଡ଼ିକୁ 'ଖ' ସ୍ତମ୍ଭରେ ଥିବା ସମ୍ପର୍କିତ ଶବ୍ଦ ସହ ଗାରଟାଣି ଯୋଡ଼ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ବେଦ | ପରିଷଦ |
| ସଭାସମିତି | ରାଷ୍ଟ୍ରର ମୁଖ୍ୟ |
| ବ୍ରଜପତି | ମହାଜନପଦ |
| ରାଜନ | ମଗଧ |
| କୋଶଳ | ଗ୍ରାମର ମୁଖ୍ୟ |
| ବିମ୍ବିସାର | ଶ୍ରୁତି |
| | ପରିବାର ମୁଖ୍ୟ |



## ତୁମପାଇଁ କାମ :



ଆମ ଦେଶର କେତେଜଣ ବିଶିଷ୍ଟ ନାରୀମାନଙ୍କର ଫଟୋଚିତ୍ର ସଂଗ୍ରହ କରି ସେମାନଙ୍କର ଖ୍ୟାତି ବିଷୟରେ ଲେଖ ।

ଷଷ୍ଠ ଅଧ୍ୟାୟ

# ନୂତନ ଚିନ୍ତାଧାରାର ଅଭ୍ୟୁଦୟ

D51GKM



ସୁରେଶ ବିଦ୍ୟାଳୟରୁ ଫେରିବା ବାଟରେ ଦେଖିଲା, ତାଙ୍କ ପଡୋଶୀ ବୁଲୁକାକାଙ୍କ ଘର ଆଗରେ ଦଳେ ଲୋକ ରୁଣ୍ଡ ହୋଇଛନ୍ତି । ଘରଭିତରୁ କାନ୍ଦଣା ଶୁଣାଯାଉଛି । ସେ ଘଟଣା କ'ଣ ଜାଣିବାକୁ ଚାହିଁଲା । ଜାଣିଲା, ବୁଲୁକାକାଙ୍କ ମା ମରିଯାଇଛି । ଲୋକମାନେ ତାକୁ ଶ୍ମଶାନକୁ ନେବାପାଇଁ ରୁଣ୍ଡ ହୋଇଛନ୍ତି । ସୁରେଶ ମନରେ ପ୍ରଶ୍ନ ଆସିଲା ମରିଗଲା ପରେ ଲୋକମାନେ କେଉଁଠାକୁ ଯାଆନ୍ତି ? ମଲାପରେ ସେମାନଙ୍କର ଅବସ୍ଥା କ'ଣ ହୁଏ ? ବର୍ତ୍ତମାନ ଆମ୍ଭେମାନେ ଏସବୁ ପ୍ରଶ୍ନର ଉତ୍ତର ଜାଣିବା ।

ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଆମେ ଉପନିଷଦ ଗ୍ରନ୍ଥରୁ ଜାଣିପାରିବା । ଏଥିରେ ଭାରତୀୟ ଦର୍ଶନର ମୌଳିକ ତଥ୍ୟ ଗୁଡ଼ିକ ଆଲୋଚନା କରାଯାଇଛି ।



ମନୁଷ୍ୟ ଯେତେବେଳେ ନିରାଶ ହୋଇପଡ଼େ ସେତେବେଳେ ସେ ଈଶ୍ୱରଙ୍କୁ ଚିନ୍ତାକରେ । ଈଶ୍ୱରଙ୍କ ନିକଟରେ ନିଜକୁ ସମର୍ପଣ କରିବାକୁ ଚେଷ୍ଟାକରେ । ବ୍ରହ୍ମଜ୍ଞାନ ତତ୍ତ୍ୱ ପାଇବା ପାଇଁ ବ୍ୟାକୁଳ ହୁଏ । ମନରେ ଆଧ୍ୟାତ୍ମିକ ଭାବ ଜାଗ୍ରତ ହୁଏ । ଏହାକୁ ଜାଗ୍ରତ କରିବା ଦିଗରେ ଉପନିଷଦର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଜଣେ ଆଦର୍ଶ ଶିଷ୍ୟ ନିଜର ଶ୍ରଦ୍ଧା, ଭକ୍ତି, ନିଷ୍ଠା, ଦୃଢ଼ ମନୋବଳ ଓ ସେବା ବଳରେ ଅସାଧ୍ୟ ସାଧନ କରିପାରେ । ଯେପରି ଶ୍ରୀମଦ୍ ଭଗବତ୍ ଗୀତାଗ୍ରନ୍ଥରେ ଅର୍ଜୁନ ନିଜ ଗୁରୁ ଶ୍ରୀକୃଷ୍ଣଙ୍କଠାରୁ ବ୍ରହ୍ମଜ୍ଞାନ ପାଇ ପାରିଥିଲେ । ବ୍ରହ୍ମ ହେଉଛି ପରମାତ୍ମା ବା ପରମେଶ୍ୱର । ଏହି ବ୍ରହ୍ମଜ୍ଞାନ ବିଷୟରେ ଉପନିଷଦରେ ସବିଶେଷ ଆଲୋଚନା କରାଯାଇଛି ।

**ମହାଭାରତ ଯୁଦ୍ଧରେ ଶ୍ରୀକୃଷ୍ଣ ଅର୍ଜୁନଙ୍କ ସହିତ କି ଭୂମିକାରେ ଥିଲେ ଅନ୍ୟମାନଙ୍କ ସହିତ ଆଲୋଚନା କରି ଲେଖ ।**

ସେହିପରି ଅନ୍ୟଏକ ଉଦାହରଣ ରହିଛି କଠୋପନିଷଦର ନଚିକେତା ଉପାଖ୍ୟାନରେ । ନଚିକେତା କିପରି ନିଜର ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ସେବା ବଳରେ ଧର୍ମରାଜ ଯମଙ୍କଠାରୁ ବ୍ରହ୍ମଜ୍ଞାନ ଲାଭ କରିଥିଲେ ତାହା ଏଥିରେ ବର୍ଣ୍ଣିତ ହୋଇଛି ।

ବହିପଢ଼ି ନଚିକେତା ଉପାଖ୍ୟାନ ବିଷୟରେ ଜାଣିବାକୁ ଚେଷ୍ଟାକର ।

ଉପନିଷଦ ହେଉଛି ବେଦର ଏକ ଅଂଶ । ଏଥିରେ ବହୁ ଜଟିଳ ତତ୍ତ୍ୱ ଯଥା, ଜୀବାତ୍ମା, ପରମାତ୍ମା, ପୃଥିବୀ ସୃଷ୍ଟିର ରହସ୍ୟ ଆଦି ବିଷୟରେ ଆଲୋଚନା କରାଯାଇଛି । ବୈଦିକ ଯୁଗର ଶେଷ ଭାଗରେ ଉପନିଷଦ ରଚନା କରାଯାଇଛି ।

### ଉପନିଷଦର ବିଷୟ ବସ୍ତୁ :

ଗୁରୁ ଓ ଶିଷ୍ୟ ମଧ୍ୟରେ କଥୋପକଥନ ମାଧ୍ୟମରେ ବହୁତତ୍ତ୍ୱର ଗୂଢ଼ ରହସ୍ୟ ଉପନିଷଦରେ ବର୍ଣ୍ଣନା କରାଯାଇଛି । ଉପନିଷଦର ସଂଖ୍ୟା ଅନେକ । ତେବେ ବର୍ତ୍ତମାନ ମିଳୁଥିବା ଉପନିଷଦ ସଂଖ୍ୟା ୨୦୦ ବୋଲି କୁହାଯାଉଛି । ସେଗୁଡ଼ିକ ମଧ୍ୟରୁ ୧୬ଗୋଟି ଉପନିଷଦ ପ୍ରଧାନ ଅଟେ । ପ୍ରତ୍ୟେକ ଉପନିଷଦରେ ଭିନ୍ନଭିନ୍ନ ବିଷୟ ବସ୍ତୁ ରହିଛି ।

ଭାରତୀୟ ଦାର୍ଶନିକମାନେ ଉପନିଷଦକୁ ବିଭିନ୍ନ ଚିନ୍ତାଧାରାରେ ବ୍ୟାଖ୍ୟା କରିଛନ୍ତି । ଭରତୀୟ ଦର୍ଶନ ଶାସ୍ତ୍ରର ପଣ୍ଡିତମାନେ ଶଙ୍କରାଚାର୍ଯ୍ୟଙ୍କର ଅଦ୍ୱୈତବାଦମୂଳକ ବ୍ୟାଖ୍ୟାକୁ ଅଧିକ ସମ୍ମାନ ଦେଇଥାନ୍ତି । ଶଙ୍କରାଚାର୍ଯ୍ୟଙ୍କର ବ୍ୟାଖ୍ୟା ହିଁ ସଂସାର ସହିତ ଅଧିକ ସଂପୃକ୍ତ । ବଲ୍ଲଭାଚାର୍ଯ୍ୟ, ମାଧ୍ୱାଚାର୍ଯ୍ୟ, ରାମାନୁଜ ପ୍ରଭୃତି ଭାରତୀୟ ଦାର୍ଶନିକ ଉପନିଷଦକୁ ଭିନ୍ନ ଭିନ୍ନ ଭାବରେ ଉପସ୍ଥାପନ କରିଛନ୍ତି ।

କେତୋଟି ଉପନିଷଦର ନାମ ସଂଗ୍ରହ କରି ଏକ ତାଲିକା କର

## ଜୈନଧର୍ମ ଓ ବୌଦ୍ଧଧର୍ମ

### ମହାବୀର ଓ ଜୈନଧର୍ମ :

ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଥରେ ଶିକ୍ଷକମାନଙ୍କ ସହିତ ଭୁବନେଶ୍ୱର ବୁଲିବାକୁ ଯାଇଥିଲେ । ସେଠାରେ ସେମାନେ ଉଦୟଗିରି ଓ ଖଣ୍ଡଗିରିରେ ଥିବା ଜୈନଗୁମ୍ଫା ଏବଂ ଧଉଳିସ୍ତୂପ ବୁଲି ଦେଖିଲେ । ପିଲାମାନେ ଜାଣିବାକୁ ଚାହିଁଲେ, ଜୈନ ଗୁମ୍ଫା ଓ ବୌଦ୍ଧ ସ୍ତୂପ କ'ଣ ? ଉତ୍ତରରେ ଇତିହାସ ଶିକ୍ଷକ ଯାହା କହିଥିଲେ, ଆସ ଜାଣିବା ।

ଆଜକୁ ପ୍ରାୟ ୨୫୦୦ ବର୍ଷତଳେ ଖ୍ରୀ:ପୂ: ଷଷ୍ଠ ଶତାବ୍ଦୀରେ ଭାରତରେ ଦୁଇ ଜଣ ମହାପୁରୁଷ ଜନ୍ମ ଗ୍ରହଣ କରିଥିଲେ । ସେମାନେ ନୂତନ ଚିନ୍ତାଧାରା ନେଇ ଦୁଇଟି ଧର୍ମ ମତବାଦ ପ୍ରଚାର କରିଥିଲେ । ସେମାନେ ହେଲେ ମହାବୀର ଜୈନ ଓ ଗୌତମ ବୁଦ୍ଧ ।

ଉଦୟଗିରି ଓ ଖଣ୍ଡଗିରି ପାହାଡ଼ରେ ଥିବା ଜୈନଗୁମ୍ଫାଗୁଡ଼ିକ ବିଷୟରେ ତଥ୍ୟ ସଂଗ୍ରହ କରି ଲେଖ ।

ମହାବୀର ଜୈନଧର୍ମର ପ୍ରଚାରକ ଥିଲେ । ଜୈନଧର୍ମର ପରମ୍ପରା ଅନୁଯାୟୀ ତାଙ୍କ ପୂର୍ବରୁ ୨୩ଜଣ ତୀର୍ଥଙ୍କର ସେମାନଙ୍କର ବାଣୀ ପ୍ରଚାର କରିଥିଲେ । ସେମାନଙ୍କ ମଧ୍ୟରେ ଋଷଭନାଥ ହେଉଛନ୍ତି ପ୍ରଥମ ତୀର୍ଥଙ୍କର ଏବଂ ମହାବୀର

୨୪ତମ ତୀର୍ଥଙ୍କର । ମହାବୀରଙ୍କ ପୂର୍ବବର୍ତ୍ତୀ ତୀର୍ଥଙ୍କର ପାର୍ଶ୍ୱନାଥ କାଶୀ ରାଜା ଅଶ୍ୱସେନଙ୍କ ପୁତ୍ର ଥିଲେ । ସେ ମହାବୀରଙ୍କ ୨୫୦ ବର୍ଷ ପୂର୍ବେ ଆବିର୍ଭାବ ହୋଇଥିଲେ । ସେ ଜୈନଧର୍ମର ଚାରିଗୋଟି ନୀତି ପ୍ରଚାର କରିଥିଲେ। ସେଗୁଡ଼ିକ ହେଲା- ଜୀବପ୍ରତି ହିଂସା ଆଚରଣ ନ କରିବା, ମିଥ୍ୟା ନକହିବା, ଚୋରି ନକରିବା ଓ ସମ୍ପତ୍ତିପ୍ରତି ଅନାଗ୍ରହ ହେବା । ତେଣୁ ପାର୍ଶ୍ୱନାଥଙ୍କ ପ୍ରଚାରିତ ଧର୍ମକୁ **"ଚତୁର୍ଯ୍ୟାମ ଧର୍ମ"** କୁହାଯାଉଥିଲା । ମହାବୀର ସେଥିରେ ଆଉଏକ ନୀତି 'ବ୍ରହ୍ମଚର୍ଯ୍ୟ' ଯୋଗ କରିବାରୁ ଏହା **"ପଞ୍ଚଯାମ ଧର୍ମ"** ରେ ପରିଣତ ହୋଇଥିଲା । ଏହି ପାଞ୍ଚଟି ନୀତିକୁ ଜୈନମାନେ "ପଞ୍ଚମହାବ୍ରତ" ଭାବରେ ପାଳନ କରିଥାନ୍ତି ।

ମହାବୀର ଥିଲେ ପାର୍ଶ୍ୱନାଥଙ୍କ ପ୍ରଚାରିତ ଧର୍ମର ସଂସ୍କାରକ ଓ ପ୍ରଚାରକ । ସେ ବୈଶାଳୀ ନଗରର କୁନ୍ଦଗ୍ରାମର ଏକ କ୍ଷତ୍ରୀୟ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଜନ୍ମବେଳେ ତାଙ୍କ ନାମ ଥିଲା ବର୍ଦ୍ଧମାନ । ତାଙ୍କ ପିତାଙ୍କ ନାମ ଥିଲା ସିଦ୍ଧାର୍ଥ ଏବଂ ମାତାଙ୍କ ନାମ ତ୍ରିଶଳା। ବର୍ଦ୍ଧମାନ ଯଶୋଦା ନାମ୍ନୀ ଏକ କନ୍ୟାକୁ ବିବାହ କରିଥିଲେ । ତାଙ୍କର ଗୋଟିଏ କନ୍ୟା ଜାତ ହୋଇଥିଲା । ସେ ୩୦ବର୍ଷ ବୟସରେ ସତ୍ୟର ସନ୍ଧାନ ପାଇଁ ଗୃହ ତ୍ୟାଗକରି ଦୀର୍ଘ ୧୨ ବର୍ଷ କଠୋର ସାଧନାରେ କଟାଇଥିଲେ । ତ୍ରୟୋଦଶ ବର୍ଷ ଅର୍ଥାତ୍ ଜୀବନର ୪୨ବର୍ଷ ବୟସରେ ସେ ଦିବ୍ୟଜ୍ଞାନ ଲାଭକରିଥିଲେ । ସେ ପ୍ରକୃତ ଜ୍ଞାନର ଅଧିକାରୀ ହୋଇଥିବାରୁ ତାଙ୍କୁ 'ଜିନ' କୁହାଗଲା । ଏହି 'ଜିନ' ଶବ୍ଦରୁ ତାଙ୍କର ପ୍ରଚାରିତ ଧର୍ମକୁ ଜୈନ ଧର୍ମ କୁହାଯାଏ । ସେ ଇନ୍ଦ୍ରିୟମାନଙ୍କ ଉପରେ ଜୟଲାଭ କରିଥିବାରୁ ତାଙ୍କୁ ମହାବୀର କୁହାଗଲା ।



ମହାବୀର ଜୈନ

## ଧର୍ମପ୍ରଚାର :

ମହାବୀର ବିଭିନ୍ନ ସ୍ଥାନ ବୁଲି ଜୈନଧର୍ମ ପ୍ରଚାର କରିଥିଲେ । ସେ ମଗଧର ରାଜା ବିମ୍ବିସାର ଓ ଅଜାତଶତ୍ରୁଙ୍କୁ ଜୈନ ଧର୍ମ ପ୍ରତି ଆକୃଷ୍ଟ କରାଇଥିଲେ । ଦୀର୍ଘ ୩୦ ବର୍ଷ କାଳ ମଗଧ, ଅବନ୍ତୀ, ବୈଶାଳୀ, ମିଥିଳା ଓ ଶ୍ରାବସ୍ତୀ ଇତ୍ୟାଦି ସ୍ଥାନମାନଙ୍କରେ ନିଜର ଧର୍ମ ପ୍ରଚାର କରି ୭୨ବର୍ଷ ବୟସରେ ପାବା ନାମକ ସ୍ଥାନରେ ଦେହତ୍ୟାଗ କରିଥିଲେ ।

## ଧର୍ମନୀତି:

ସରଳ ଓ ନିରାଡ଼ମ୍ବର ଜୀବନଯାପନ କରିବା ଉପରେ ମହାବୀର ବିଶ୍ୱାସ କରୁଥିଲେ । ସେ ଈଶ୍ୱରଙ୍କ ସ୍ଥିତି, ଯାଗଯଜ୍ଞ, ଧର୍ମବିଧି, ପଶୁବଳୀ ଓ ଜାତିଭେଦକୁ ବିଶ୍ୱାସ କରୁନଥିଲେ । ସେ କହୁଥିଲେ, ପ୍ରତ୍ୟେକ ଜୀବ ପ୍ରତି ଶ୍ରଦ୍ଧା ଓ ଦୟା ପ୍ରଦର୍ଶନ କରିବା ମନୁଷ୍ୟର ଧର୍ମ । ଅହିଂସା ଜୈନ ଧର୍ମର ମୂଳ ମନ୍ତ୍ରଥିଲା । ଜୈନ ଧର୍ମର ଲୋକମାନେ ଅହିଂସାକୁ ଅତି କଠୋର ଭାବରେ ପାଳନ କରନ୍ତି । ଏପରିକି ସେମାନେ ରାତିରେ ଦୀପ ନଜାଳିବା, ମୁହଁ ଓ ନାକକୁ କନାରେ ଘୋଡ଼ାଇ ରଖିବା, ଧୀରଗତିରେ ଚାଲିବା ଇତ୍ୟାଦି ଉପରେ ବିଶ୍ୱାସ କରନ୍ତି । କାରଣ ଏହାଦ୍ୱାରା କୀଟପତଙ୍ଗ ଆଦିଙ୍କର ଜୀବନ ନାଶ ହେବ ନାହିଁ ।

ମହାବୀର ପୁନର୍ଜନ୍ମରେ ବିଶ୍ୱାସ କରୁଥିଲେ । ପୁନର୍ଜନ୍ମରୁ ମୁକ୍ତି ପାଇବା ପାଇଁ ସେ ତିନିଗୋଟି ମାର୍ଗ ଅବଲମ୍ବନ କରିବାକୁ ଉପଦେଶ ଦେଇଥିଲେ, ଯଥା- ସତ୍ ବିଶ୍ୱାସ, ସତ୍ ଜ୍ଞାନ ଓ ସତ୍ କାର୍ଯ୍ୟ । ଏହାକୁ ଜୈନ 'ତ୍ରିରତ୍ନ' କୁହାଯାଏ ।

ମହାବୀର କର୍ମବାଦ ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ । ପ୍ରତ୍ୟେକଙ୍କର ସୁକର୍ମ ଓ କୁକର୍ମ ଉପରେ ତାର ପୁନର୍ଜନ୍ମ ନିର୍ଭର କରେ । ସୁକର୍ମ କଲେ ପୁନର୍ଜନ୍ମ ହେବ ନାହିଁ । ଆତ୍ମସଂଯମ, ଶୁଦ୍ଧପୁତ ଆଚରଣ ଓ ନୀତିମୟ ଜୀବନ ଯାପନ ଦ୍ୱାରା ଆତ୍ମା ମୁକ୍ତି ଲାଭ କରେ । ଆତ୍ମାର କର୍ମ ବନ୍ଧନରୁ ମୁକ୍ତି ହେଉଛି ନିର୍ବାଣ । ଜୈନ ଧର୍ମାବଲମ୍ବୀଙ୍କ ପ୍ରଧାନ ଲକ୍ଷ୍ୟ ହେଲା ନିର୍ବାଣ । ଏହା କେବଳ ଉପବାସ, ଧ୍ୟାନ ଓ କଠୋର ସଂଯମ ଦ୍ୱାରା ସମ୍ଭବ ହୋଇ ପାରିବ ।

**ଜୈନମାନେ ଅହିଂସା ନୀତିକୁ କିପରି ପାଳନ କରନ୍ତି, ଚିନ୍ତା କରି ଲେଖ ।**

### ଧର୍ମ ପ୍ରସାର:

ମହାବୀରଙ୍କ ଜୈନଧର୍ମ କାଳକ୍ରମେ ଲୋକପ୍ରିୟ ହେଲା । ଏହା ଭାରତର ବିଭିନ୍ନ ଅଞ୍ଚଳକୁ ପ୍ରସାରିତ ହୋଇଥିଲା । ଏହି ଧର୍ମର ନୀତିଗୁଡ଼ିକ ପାଲି ଓ ପ୍ରାକୃତ ଭାଷାରେ ଲେଖା ଯାଇଥିବାରୁ ଲୋକମାନେ ସହଜରେ ଜାଣି ପାରୁଥିଲେ । ଜୈନ ଧର୍ମର ପ୍ରଚାରକମାନେ ଭାରତର ବିଭିନ୍ନ ଅଞ୍ଚଳକୁ ଯାଇ ଏହି ଧର୍ମର ପ୍ରସାର ଘଟାଇଥିଲେ । ଏହି ଧର୍ମ କେବଳ ଭାରତବର୍ଷ ମଧ୍ୟରେ ସୀମିତ ହୋଇ ରହିଲା । ମଗଧର ସମ୍ରାଟ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଏବଂ କଳିଙ୍ଗର ରାଜା ଖାରବେଳ ଜୈନ ଧର୍ମ ଗ୍ରହଣ କରି ଏହାର ପୃଷ୍ଠପୋଷକତା କରିଥିଲେ । ବର୍ତ୍ତମାନ ଗୁଜୁରାଟ ଓ ରାଜସ୍ଥାନ ରାଜ୍ୟରେ ଜୈନ ଧର୍ମାବଲମ୍ବୀ ଲୋକ ଅଧିକ ସଂଖ୍ୟାରେ ଦେଖାଯାଆନ୍ତି ।

### ଜୈନ ଧର୍ମର କୀର୍ତ୍ତି:

ଭାରତର ବିଭିନ୍ନ ସ୍ଥାନରେ ଜୈନ କୀର୍ତ୍ତିମାନ ନିର୍ମିତ ହୋଇଥିଲା । ସେଗୁଡ଼ିକ ମଧ୍ୟରେ ପ୍ରସିଦ୍ଧ ହେଉଛି କର୍ଣ୍ଣାଟକ ଶ୍ରାବଣବେଲଗୋଲାର ଜୈନ କୀର୍ତ୍ତି, ମହାରାଷ୍ଟ୍ରର ଏଲୋରା ପାହାଡ଼ରେ ଥିବା ଜୈନ ଗୁମ୍ଫା ଏବଂ ରାଜସ୍ଥାନର ଆବୁ ପର୍ବତରେ ଥିବା ଜୈନ ମନ୍ଦିର । ଓଡ଼ିଶାର ଭୁବନେଶ୍ୱରର ଉଦୟଗିରି ଓ ଖଣ୍ଡଗିରି ପାହାଡ଼ରେ ଜୈନମନ୍ଦିର, ରାଣୀ ଗୁମ୍ଫା ଓ ହାତୀ ଗୁମ୍ଫା ରହିଛି ।

**ଜୈନ ଧର୍ମାବଲମ୍ବୀମାନେ କିପରି ଜୀବନଯାପନ କରିଥାନ୍ତି, ଆଲୋଚନା କରି ଲେଖ ।**

ମହାବୀରଙ୍କ ପରେ ଜୈନ ଧର୍ମାବଲମ୍ବୀମାନେ ଶ୍ୱେତାମ୍ବର ଓ ଦିଗମ୍ବର ନାମକ ଦୁଇଟି ଶ୍ରେଣୀରେ ବିଭକ୍ତ ହୋଇଥିଲେ । ଯେଉଁ ଜୈନ ସନ୍ନ୍ୟାସୀମାନେ ଧଳା ବସ୍ତ୍ର ପରିଧାନ କଲେ ସେମାନଙ୍କୁ ଶ୍ୱେତାମ୍ବର ଓ ଯେଉଁମାନେ କୌଣସି ବସ୍ତ୍ର ପରିଧାନ କଲେ ନାହିଁ ସେମାନଙ୍କୁ ଦିଗମ୍ବର କୁହାଗଲା ।

### ଗୌତମ ବୁଦ୍ଧ ଓ ବୌଦ୍ଧଧର୍ମ :

ନେପାଳ ଦେଶର ହିମାଳୟର ପାଦ ଦେଶରେ କପିଳବାସ୍ତୁ ନଗରୀ ଅବସ୍ଥିତ । ଶାକ୍ୟ ନାମକ ଏକ କ୍ଷତ୍ରୀୟ ବଂଶର ରାଜା ଶୁଦ୍ଧୋଦନ ଏହାର ଶାସକ ଥିଲେ । ତାଙ୍କ ରାଣୀ ମାୟା ଦେବୀ ଲୁମ୍ବିନୀ ଉଦ୍ୟାନରେ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ । ଏହାର ସାତ ଦିନ ପରେ ମାୟା ଦେବୀଙ୍କର ମୃତ୍ୟୁ ହୋଇଥିଲା । ସେହି ସାତ ଦିନର ଶିଶୁ ପୁତ୍ରକୁ ତା'ର

ମାଉସୀ ଗୌତମୀ ଲାଳନପାଳନ କରିଥିଲେ । ଗୌତମୀଙ୍କ ଦ୍ୱାରା ପାଳିତ ହୋଇଥିବାରୁ ସେହି ଶିଶୁ ପୁତ୍ରଟିର ନାମ ଗୌତମ ରଖାଯାଇଥିଲା । ଗୌତମଙ୍କ ଅନ୍ୟ ନାମ ଥିଲା ସିଦ୍ଧାର୍ଥ । ବୋଧି ବା ଜ୍ଞାନ ପ୍ରାପ୍ତି ହୋଇଥିବାରୁ ସେ ହେଲେ ବୁଦ୍ଧ । ଗୌତମ ବୁଦ୍ଧ ମହାବୀରଙ୍କ ସମସାମୟିକ ଥିଲେ ।



ଗୌତମଙ୍କର ନଗର ପରିକ୍ରମା ସମୟର ଏକ ଦୃଶ୍ୟ

ଏକ ସମ୍ଭ୍ରାନ୍ତ ରାଜବଂଶରେ ଜନ୍ମ ହୋଇ ମଧ୍ୟ ଗୌତମଙ୍କର ସଂସାର ପ୍ରତି ବିରାଗ ମନୋଭାବ ଦେଖା ଦେଇଥିଲା । ସେ ରାଜକୀୟ ପରିବେଶରୁ ଦୂରେଇ ରହୁଥିଲେ । ପୁତ୍ରର ଅନାଗ୍ରହ ଦେଖି ପିତା ଶୁଦ୍ଧୋଦନ ତାଙ୍କୁ ଯଶୋଧାରା ନାମ୍ନୀ ଏକ ସୁନ୍ଦରୀ ରାଜକନ୍ୟା ସହ ବିବାହ କରାଇ ଦେଲେ । ବିବାହପରେ ତାଙ୍କର ରାହୁଳ ନାମକ ପୁତ୍ର ଜାତ ହେଲା । କିନ୍ତୁ ସନ୍ତାନ, ବିବାହ ଓ ରାଜ ସୁଖ ଗୌତମଙ୍କୁ ସଂସାର ମଧ୍ୟରେ ବାନ୍ଧିରଖି ପାରି ନଥିଲା । ଗୌତମ ନଗର ପରିକ୍ରମା କରୁଥିବା ସମୟରେ ଏକ ବୃଦ୍ଧ, ଏକରୋଗୀ ଓ ଏକ ଶବ ଦେଖିଥିଲେ । ଏହି ଦୃଶ୍ୟ ସବୁ ଦେଖି ତାଙ୍କ ମନରେ ବୈରାଗ୍ୟ ଭାବ ଆସିଲା । ସେ ଭାବିଲେ ସଂସାରରେ ରହିଲେ ଏହି ସବୁ ଦୁଃଖ ଭୋଗିବାକୁ ହେବ ।



ଗୌତମଙ୍କର ନଗର ପରିକ୍ରମା ସମୟର ଅନ୍ୟ ଏକ ଦୃଶ୍ୟ

ଏହା ପରେ ଦିନେ ଗୈରିକ ବସନ ପରିହିତ ଜଣେ ସାଧୁଙ୍କୁ ଦେଖି ସେ ଉପଲବ୍ଧି କରିଥିଲେ ଯେ ସାଂସାରିକ ଦୁଃଖ ଓ କଷ୍ଟରୁ ମୁକ୍ତି ପାଇବାର ଏକମାତ୍ର ମାର୍ଗ ହେଲା ସନ୍ନ୍ୟାସ । ଏହା ତାଙ୍କୁ ଆକୃଷ୍ଟ କରିଥିଲା । ତେଣୁ ଅଣତିରିଶ ବର୍ଷ ବୟସରେ ଏକ ଗଭୀର ରାତିରେ ସ୍ତ୍ରୀ, ପୁତ୍ର ଓ ରାଜପ୍ରାସାଦକୁ ଛାଡି ସତ୍ୟର ସନ୍ଧାନ ପାଇଁ ଗୃହ ତ୍ୟାଗ କଲେ । ଏହି ସଂସାର ତ୍ୟାଗକୁ ବୌଦ୍ଧଗ୍ରନ୍ଥରେ 'ମହାଭିନିଷ୍କ୍ରମଣ' କୁହାଯାଇଛି ।

ଗୃହ ତ୍ୟାଗ କରି ଗୌତମ ଛଅ ବର୍ଷଧରି ବିଭିନ୍ନ ସ୍ଥାନ ବୁଲି ଜ୍ଞାନ ଆହରଣ କରିବାର ମାର୍ଗ ଖୋଜିଥିଲେ । ସେ ଆରାଦକାଳାମ ଏବଂ ରୁଦ୍ରକ ରାମପୁତ୍ର ନାମକ ସନ୍ନ୍ୟାସୀମାନଙ୍କ ଶିଷ୍ୟ ହେଲେ । ମାତ୍ର ସେଥିରେ ସନ୍ତୁଷ୍ଟ ନହେବାରୁ ଗୟାକୁ ଯାଇ ନିରଞ୍ଜନା ନଦୀ କୂଳରେ ଥିବା ଏକ ଅଶ୍ୱତ୍ଥ ଗଛ ମୂଳରେ ଧ୍ୟାନମଗ୍ନ ହେଲେ । ବହୁଦିନ ଧ୍ୟାନମଗ୍ନ ହେବା ପରେ ତାଙ୍କର ଜ୍ଞାନ ପ୍ରାପ୍ତି ହେଲା । ତେଣୁ ସେ 'ବୁଦ୍ଧ' ନାମରେ ନାମିତ ହେଲେ । ଯେଉଁ ଅଶ୍ୱତ୍ଥ ବୃକ୍ଷ ମୂଳରେ ଧ୍ୟାନ କରୁଥିଲେ ସେହି ବୃକ୍ଷକୁ 'ବୋଧିଦ୍ରୁମ' ଓ ସେ ସ୍ଥାନକୁ 'ବୁଦ୍ଧଗୟା' କୁହାଗଲା । ଏହା ବର୍ତ୍ତମାନ ବିହାରରେ ବୋଧଗୟା ନାମରେ ପରିଚିତ ।


ବୁଦ୍ଧଦେବ

## ଧର୍ମ ପ୍ରଚାର :

ଜ୍ଞାନ ଲାଭ ପରେ ବୁଦ୍ଧଦେବ ପ୍ରଥମେ ସାରନାଥର ହରିଣ ଉଦ୍ୟାନରେ ପାଞ୍ଚଜଣଙ୍କୁ ଧର୍ମବାଣୀ ପ୍ରଚାର କରିଥିଲେ । ଏହି ପ୍ରଥମ ଧର୍ମ ପ୍ରଚାରକୁ ବୌଦ୍ଧଧର୍ମରେ 'ଧର୍ମଚକ୍ର ପ୍ରବର୍ତ୍ତନ' ବୋଲି କୁହାଯାଏ ।

ବୁଦ୍ଧଦେବ ତାଙ୍କର ଦିବ୍ୟଜ୍ଞାନକୁ ବିତରଣ କରିବା ଉଦ୍ଦେଶ୍ୟରେ ଭାରତର ବିଭିନ୍ନ ସ୍ଥାନକୁ ଯାଇଥିଲେ । ମଗଧକୁ ଯାତ୍ରାକରି ରାଜା ବିମ୍ବିସାର ଓ ଅଜାତ ଶତ୍ରୁଙ୍କୁ ତାଙ୍କ ଧର୍ମରେ ଦୀକ୍ଷିତ କରାଇ ଥିଲେ । କୋଶଳ ଯାତ୍ରାକରି ରାଜା ପ୍ରସେନ୍‌ଜିତ ଓ ରାଣୀ ମଲ୍ଲିକାଙ୍କୁ ତାଙ୍କର ଶିଷ୍ୟ କରାଇଥିଲେ । କପିଳବାସ୍ତୁକୁ ଯାଇ ପିତା ଶୁଦ୍ଧୋଦନ, ପୁତ୍ର ରାହୁଳଙ୍କୁ ବୌଦ୍ଧଧର୍ମରେ ଦୀକ୍ଷିତ କରିଥିଲେ । ସମୟକ୍ରମେ ଶ୍ରାବସ୍ତୀ, ନାଳନ୍ଦା, କୌଶାମ୍ବୀ, ଚମ୍ପା, ପାବା, କୁଶୀନଗର ଆଦି ସ୍ଥାନ ଭ୍ରମଣ କରି ନିଜର ଧର୍ମମତ ସରଳ ଭାଷାରେ ପ୍ରଚାର କରିଥିଲେ । ୪୫ ବର୍ଷ ବୁଦ୍ଧଦେବ ତାଙ୍କର ଧର୍ମ ବିଭିନ୍ନ ସ୍ଥାନରେ ପ୍ରଚାର କରି ୮୦ ବର୍ଷ ବୟସରେ ଉତ୍ତର ପ୍ରଦେଶର କୁଶୀନଗର ସ୍ଥାନରେ ଦେହତ୍ୟାଗ କରିଥିଲେ ।

**ବୌଦ୍ଧ କୀର୍ତ୍ତିଥିବା ଓଡ଼ିଶାର କେତେକ ସ୍ଥାନର ନାମ ସଂଗ୍ରହ କରି ଏକ ତାଲିକା ପ୍ରସ୍ତୁତ କର ।**

## ବୌଦ୍ଧଧର୍ମର ନୀତି :

ବୁଦ୍ଧଦେବ ଚାରୋଟି ସତ୍ୟ ପ୍ରଚାର କରିଥିଲେ । ଏହାକୁ "ଚତୁଃ ଆର୍ଯ୍ୟ ସତ୍ୟ" କୁହାଯାଏ । ସେଗୁଡ଼ିକ ହେଲା– ମନୁଷ୍ୟ ଜୀବନ ଦୁଃଖ ପୂର୍ଣ୍ଣ । ଏହି ଦୁଃଖର କାରଣ ହେଉଛି କାମନା । କାମନାର ବିନାଶରେ ଦୁଃଖର ବିନାଶ । ଆର୍ଯ୍ୟ ଅଷ୍ଟାଙ୍ଗ ମାର୍ଗ ମାଧ୍ୟମରେ କାମନାର ବିନାଶ ହୋଇ ପାରିବ । କାମନାର ବିନାଶ ହେଲେ ନିର୍ବାଣ ପ୍ରାପ୍ତିହେବ ।

ସେହି ''ଆର୍ଯ୍ୟ ଅଷ୍ଟାଙ୍ଗ ମାର୍ଗ'' ହେଲା – ୧. ସତ୍ ବିଶ୍ୱାସ, ୨. ସତ୍ ଚିନ୍ତା, ୩. ସତ୍ କର୍ମ, ୪. ସତ୍ ବାକ୍ୟ, ୫. ସତ୍ ଆଚାର, ୬. ସତ୍ ଉଦ୍ୟମ, ୭. ସତ୍ ଜୀବିକା, ୮. ସତ୍ ସଂକଳ୍ପ । ଏହା ବ୍ରାହ୍ମଣ ଧର୍ମର କୋମଳତା ଜୈନ ଧର୍ମର କଠୋରତାର ମଧ୍ୟବର୍ତ୍ତୀ ହୋଇଥିବାରୁ ଏହାକୁ 'ମଧ୍ୟମ ପଥ' କୁହାଯାଏ ।


ଗୌତମ ଅହିଂସା ଆଚରଣ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ତେଣୁ ଜଣେ ଅନ୍ୟ କୌଣସି ମନୁଷ୍ୟ ବା ପ୍ରାଣୀକୁ ହତ୍ୟା ବା ଆଘାତ କରିବା ଉଚିତ ନୁହେଁ ବୋଲି ବୁଦ୍ଧଦେବ ତାଙ୍କ ଶିଷ୍ୟମାନଙ୍କୁ କହୁଥିଲେ ।

ବୁଦ୍ଧଦେବ ଈଶ୍ୱରଙ୍କୁ ପୂଜାକରିବାର ପକ୍ଷପାତି ନଥିଲେ । ମୂର୍ତ୍ତି ପୂଜା, ଯାଗଯଜ୍ଞ ଏବଂ ବଳି ପ୍ରଥାକୁ ବାରଣ କରିଥିଲେ । ସେ ନୀତିମୟ ଜୀବନଯାପନ ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

### ବୌଦ୍ଧସଂଘ :

ସଂଘ ଗଠନକୁ ବୁଦ୍ଧଦେବ ଅଧିକ ଗୁରୁତ୍ୱ ଦେଉଥିଲେ । ସେ ତାଙ୍କର ଶିଷ୍ୟମାନଙ୍କୁ ନେଇ ବୌଦ୍ଧ ସଂଘ ଗଠନ କରିଥିଲେ । ଏହି ବୌଦ୍ଧ ସଂଘଭୁକ୍ତ ସନ୍ନ୍ୟାସୀମାନେ ସଂଘବଦ୍ଧ ଭାବରେ ବୌଦ୍ଧ ବିହାର ମାନଙ୍କରେ ରହୁଥିଲେ । ବୌଦ୍ଧ ବିହାରଗୁଡିକରେ ବୌଦ୍ଧ ସନ୍ନ୍ୟାସୀମାନେ ଧର୍ମ ଚର୍ଚ୍ଚା ଓ ଧ୍ୟାନ କରୁଥିଲେ । ଏହି ବୌଦ୍ଧ ବିହାରଗୁଡିକ ମଧ୍ୟ ଶିକ୍ଷାଦାନର କେନ୍ଦ୍ରରୂପେ କାର୍ଯ୍ୟ କରୁଥିଲା । ବୌଦ୍ଧମାନଙ୍କୁ ଏଠାରେ ଶିକ୍ଷାଦାନ କରାଯାଉଥିଲା ଓ ବୌଦ୍ଧ ଧର୍ମ ପ୍ରଚାର ମଧ୍ୟ କରାଯାଉଥିଲା । ବୌଦ୍ଧ ସଂଘରେ ଯୋଗ ଦେବାକୁ ହେଲେ, ଜଣକୁ ମସ୍ତକ ଲଣ୍ଡିତ ହୋଇ ଓ ଗୈରିକ ବସ୍ତ୍ର ପରିଧାନ କରି ତ୍ରିବାର ଉଚ୍ଚାରଣ କରିବାକୁ ହେଉଥିଲା–

**"ବୁଦ୍ଧଂ ଶରଣଂ ଗଚ୍ଛାମି,**
**ଧମ୍ମଂ ଶରଣଂ ଗଚ୍ଛାମି**
**ସଂଘଂ ଶରଣଂ ଗଚ୍ଛାମି ।"**


ସାରନାଥର ବୌଦ୍ଧସ୍ତୂପ

ବୌଦ୍ଧ ଧର୍ମ ଗ୍ରନ୍ଥକୁ **ତ୍ରିପିଟକ** କୁହାଯାଏ ।

ବୌଦ୍ଧ ଧର୍ମର ଉନ୍ନତି ପାଇଁ କେତେକ ରାଜା ଓ ବଣିକମାନେ ଅର୍ଥ ଦାନ କରି ବିହାର (ମଠ) ଓ କୀର୍ତ୍ତିମାନ ତିଆରି କରିଥିଲେ । ଭାରତର ସାରନାଥ, ସାଞ୍ଚି, ବୋଧଗୟା ଏବଂ ଓଡ଼ିଶାର ଧଉଳି, ରତ୍ନଗିରି, ଲଳିତଗିରି, ଉଦୟଗିରି, ଲାଙ୍ଗୁଡ଼ି ପ୍ରଭୃତି ପାହାଡରେ ବୌଦ୍ଧ ସ୍ତୂପ ଏବଂ ବିହାରମାନ ରହିଛି । ସ୍ତୂପ ବୌଦ୍ଧ ଶିଳ୍ପକଳାର ଏକ ମୁଖ୍ୟ ନିଦର୍ଶନ ।

ବୌଦ୍ଧ ଧର୍ମ ସମଗ୍ର ଭାରତ ଓ ଭାରତ ବାହାରେ ତିବ୍ବତ, ଚୀନ, ଜାପାନ, ଶ୍ରୀଲଙ୍କା, ମିଆଁମାର, ଇଣ୍ଡୋନେସିଆ, କୋରିଆ ପ୍ରଭୃତି ଦେଶମାନଙ୍କରେ ପ୍ରସାରିତ ହୋଇଥିଲା । ଏହି ବୌଦ୍ଧଧର୍ମାବଲମ୍ବୀମାନେ ପରବର୍ତ୍ତୀ ସମୟରେ ଦୁଇଟି ସଂପ୍ରଦାୟରେ ବିଭକ୍ତ ହୋଇଥିଲେ ଯଥା, ହୀନଯାନ ଓ ମହାଯାନ ।

ସ୍ତୂପର ଆକାର କିପରି ? ଏହାକୁ ବୌଦ୍ଧମାନେ କ'ଣ ପାଇଁ ବ୍ୟବହାର କରନ୍ତି, ତଥ୍ୟ ସଂଗ୍ରହ କର ।

## ଅଭ୍ୟାସ

**୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ୫୦ଟି ଶବ୍ଦରେ ଉତ୍ତର ଦିଅ ।**

(କ) 'ଉପନିଷଦ' ରୁ ଆମେ କ'ଣ ଜାଣି ପାରିବା ?

(ଖ) ଉପନିଷଦରେ କେଉଁ ବିଷୟ ଉପରେ ଆଲୋଚନା କରାଯାଇଛି ?

(ଗ) କଠୋପନିଷଦରେ କେଉଁ ବିଷୟ ଉଲ୍ଲେଖ ଅଛି ?

(ଘ) ପାର୍ଶ୍ୱନାଥ କିଏ ? ସେ କ'ଣ କହିଥିଲେ ?

(ଙ) ମହାବୀରଙ୍କ ଜନ୍ମ ପରିଚୟ ପ୍ରଦାନ କର ।

(ଚ) ଜୈନ ଧର୍ମର ପ୍ରସାର କେଉଁ କାରଣରୁ ହୋଇପାରିଥିଲା ?

(ଛ) ମହାବୀର ଜିନ କର୍ମବାଦ ଉପରେ କ'ଣ କହିଛନ୍ତି ?

(ଜ) ଜୈନ 'ପଞ୍ଚମହାବ୍ରତ' କ'ଣ ?

(ଝ) ଜୈନ ଧର୍ମର କୀର୍ତ୍ତିଥିବା କେତୋଟି ସ୍ଥାନର ନାମ ଲେଖ ।

(ଞ) ବୁଦ୍ଧଦେବଙ୍କ ଜନ୍ମ ଓ ବାଲ୍ୟାବସ୍ଥା ବର୍ଣ୍ଣନା କର ।

(ଟ) ଗୌତମ ଗୃହତ୍ୟାଗ କରିବାର କାରଣ କ'ଣ ଥିଲା ?

(ଠ) ଗୌତମ କାହିଁକି ବୁଦ୍ଧ ନାମରେ ପରିଚିତ ହେଲେ ?

(ଡ) ବୁଦ୍ଧଦେବ ତାଙ୍କ ଧର୍ମ କିପରି ପ୍ରଚ୍ଚର କରିଥିଲେ ?

(ଢ) ବୌଦ୍ଧ ଧର୍ମର ସତ୍ୟଗୁଡିକ କ'ଣ ?

(ଣ) 'ଆର୍ଯ୍ୟ ଅଷ୍ଟାଙ୍ଗମାର୍ଗ' କ'ଣ ?

**୨. ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନପାଇଁ ଚାରିଗୋଟି ସମ୍ଭାବ୍ୟ ଉତ୍ତର ରହିଛି । ସେଥିରୁ ଉପଯୁକ୍ତ ଉତ୍ତରଟି ବାଛି ଶୂନ୍ୟସ୍ଥାନ ପୂରଣ କର ।**

(କ) ଅର୍ଜ୍ଜୁନ ଶ୍ରୀକୃଷ୍ଣଙ୍କ ଠାରୁ __________ ଲାଭ କରିଥିଲେ ।
(କ) କର୍ମଜ୍ଞାନ, (ଖ) ଶାସ୍ତ୍ରଜ୍ଞାନ, (ଗ) ବ୍ରହ୍ମଜ୍ଞାନ, (ଘ) ସୃଷ୍ଟିଜ୍ଞାନ

(ଖ) ଯାହାକୁ ଅଧ୍ୟୟନ କରିବା ଦ୍ୱାରା ବ୍ରହ୍ମପ୍ରାପ୍ତି ହୁଏ ତାକୁ__________ କହନ୍ତି ।
(କ) ବ୍ରାହ୍ମଣ, (ଖ) ଉପନିଷଦ, (ଗ) ଆରଣ୍ୟକ, (ଘ) ବେଦ ।

(ଗ) ଭାରତୀୟ ଦାର୍ଶନିକ __________ ଅଦ୍ୱୈତବାଦର ପ୍ରବର୍ତ୍ତକ ।
(କ) ଶଙ୍କରାଚାର୍ଯ୍ୟ, (ଖ) ବଲ୍ଲଭାଚାର୍ଯ୍ୟ, (ଗ) ମାଧ୍ୱାଚାର୍ଯ୍ୟ, (ଘ) ରାମାନୁଜ

(ଘ) ଜୈନଧର୍ମର ପ୍ରସାର ପାଇଁ ରାଜା __________ ବିଭିନ୍ନ ପଦକ୍ଷେପ ନେଇଥିଲେ ?
(କ) ବିନ୍ଦୁସାର, (ଖ) ଅଜାତଶତ୍ରୁ, (ଗ) ଅଶୋକ, (ଘ) ଖାରବେଳ

(ଙ) __________ ଶ୍ରେଣୀର ଜୈନ ସନ୍ନ୍ୟାସୀମାନେ ଶ୍ୱେତବସ୍ତ୍ର ପରିଧାନ କରନ୍ତି ।
(କ) ଦିଗମ୍ବର, (ଖ) ଶ୍ୱେତାମ୍ବର, (ଗ) ଆଜିବୀକ, (ଘ) ନିର୍ଗ୍ରନ୍ଥ

(ଚ) ସାରନାଥଠାରେ ବୁଦ୍ଧଦେବ __________ ଜଣ ଶିଷ୍ୟଙ୍କୁ ବୌଦ୍ଧଧର୍ମରେ ଦୀକ୍ଷିତ କରାଇଥିଲେ ।
(କ) ୨, (ଖ) ୫ , (ଗ) ୧୧ , (ଘ) ୨୩

(ଛ) ଓଡ଼ିଶାରେ ବୌଦ୍ଧକୀର୍ତ୍ତି __________ ଠାରେ ରହିଅଛି ।
(କ) ରତ୍ନଗିରି, (ଖ) ଖଣ୍ଡଗିରି, (ଗ) ନିୟମଗିରି, (ଘ) ମହେନ୍ଦ୍ରଗିରି

**୩. ନିମ୍ନୋକ୍ତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇଟି ବାକ୍ୟରେ ପ୍ରଦାନ କର ।**

(କ) ଭାରତୀୟ ଋଷି ଓ ମହର୍ଷିମାନେ ଉପନିଷଦକୁ କିପରି ବ୍ୟାଖ୍ୟା କରିଛନ୍ତି ?

(ଖ) ମହାବୀରଙ୍କ ପୂର୍ବରୁ କେତେଜଣ ଜୈନ ତୀର୍ଥଙ୍କର ଥିଲେ ? ପ୍ରଥମ ଓ ମହାବୀରଙ୍କ ପୂର୍ବ ତୀର୍ଥଙ୍କରଙ୍କ ନାମ ଲେଖ ।

(ଗ) 'ଜିନ' ଶବ୍ଦର ଅର୍ଥ କ'ଣ ? ମହାବୀରଙ୍କ ପ୍ରଚାରିତ ଧର୍ମକୁ କ'ଣ କୁହାଗଲା ?

(ଘ) ମହାବୀର କେଉଁ ସ୍ଥାନରେ ଦେହ ତ୍ୟାଗ କରିଥିଲେ ?

(ଙ) ମହାବୀର କର୍ମବାଦ ସମ୍ବନ୍ଧରେ କ'ଣ କହିଥିଲେ ?

(ଚ) ବୁଦ୍ଧଙ୍କ ନାମ ଗୌତମ କାହିଁକି ହୋଇଥିଲା ?

(ଛ) ବୁଦ୍ଧଦେବ କୋଶଳ ରାଜ୍ୟ ଓ କପିଳବାସ୍ତୁ ରାଜ୍ୟରେ କେଉଁମାନଙ୍କୁ ନିଜ ଧର୍ମରେ ଦୀକ୍ଷିତ କରାଇଲେ ?

(ଜ) ତ୍ରିପିଟକ କ'ଣ ?

**୪. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ଗୋଟିଏ ବାକ୍ୟରେ ଲେଖ ।**

(କ) ଉପନିଷଦରେ ଆଲୋଚିତ ଜଟିଳ ତତ୍ତ୍ୱଗୁଡ଼ିକ କ'ଣ ?

(ଖ) ଉପନିଷଦର ବ୍ରହ୍ମତତ୍ତ୍ୱର କଥୋପକଥନ କାହା କାହା ମଧ୍ୟରେ କରାଯାଇଛି ?

(ଗ) ଜୈନଧର୍ମର ମୂଳ ମନ୍ତ୍ର କ'ଣ ଥିଲା ?

(ଘ) ଜୈନ ଧର୍ମାବଲମ୍ବୀମାନେ କେତେ ଭାଗରେ ବିଭକ୍ତ ହୋଇଥିଲେ ?

(ଙ) 'ମହାଭିନିଷ୍କ୍ରମଣ' ର ଅର୍ଥ କ'ଣ ?

(ଚ) 'ଧର୍ମଚକ୍ର ପ୍ରବର୍ତ୍ତନ' କହିଲେ କ'ଣ ବୁଝ ?

୫. ‘କ’ ସ୍ତମ୍ଭର ଶବ୍ଦମାନଙ୍କ ସହ ‘ଖ’ ସ୍ତମ୍ଭର ସମ୍ପର୍କିତ ଶବ୍ଦକୁ ଗାର ଟାଣି ଯୋଡ ।

| ‘କ’ ସ୍ତମ୍ଭ | ‘ଖ’ ସ୍ତମ୍ଭ |
|---|---|
| ମଧ୍ୟମ ପଥ | ଜୈନମନ୍ଦିର |
| ଆବୁ ପର୍ବତ | ଜୈନ ଧର୍ମ |
| ନଚିକେତା | ଉପନିଷଦ |
| | ବୌଦ୍ଧ ଧର୍ମ |



## ତୁମପାଇଁ କାମ :



ବିଭିନ୍ନ ବୌଦ୍ଧ କୀର୍ତ୍ତିର ଚିତ୍ର ସଂଗ୍ରହ କରି ଆଲ୍‌ବମ୍‌ଟିଏ ପ୍ରସ୍ତୁତ କର ।

# ପାରସ୍ୟ ଓ ଗ୍ରୀକ୍ ଆକ୍ରମଣ

D5ACHA



ସୁମିତ୍ ତା ବାପାଙ୍କ ସହିତ ଦିଲ୍ଲୀ ବୁଲିଯାଇଥିବା ସମୟରେ ଲାଲ୍‌କିଲ୍ଲାରେ ସାଧାରଣତନ୍ତ୍ର ଦିବସ ପ୍ୟାରେଡ୍ ଦେଖିବାର ସୁଯୋଗ ପାଇଲା । ଆମ ସୈନ୍ୟବାହିନୀର ଜବାନମାନେ ପ୍ୟାରେଡ୍‌ରେ ମାର୍ଚ୍ଚକରି ଯାଉଥିବାର ଦେଖିଲା । ତାପରେ ଜବାନମାନଙ୍କ ବିଷୟରେ ଜାଣିବା ପାଇଁ ସୁମିତ୍‌ର ଆଗ୍ରହ ହେଲା । ତେଣୁ ସେ ବାପାଙ୍କୁ ପଚାରିଲା, "ସୈନ୍ୟମାନେ କି କାର୍ଯ୍ୟ କରନ୍ତି" । ବାପା ତାକୁ ବୁଝାଇଲେ ସେମାନେ ଆମ ଦେଶକୁ ବୈଦେଶିକ ଆକ୍ରମଣରୁ ରକ୍ଷା କରିଥାଆନ୍ତି । ଆମ ଦେଶ ଉପରେ ଅତି ପ୍ରାଚୀନ କାଳରୁ ଆକ୍ରମଣ ହୋଇଆସୁଅଛି । ସୁମିତ୍ ସେହି ପ୍ରାଚୀନ କାଳର ଆକ୍ରମଣକାରୀଙ୍କ ବିଷୟରେ ଜାଣିବାକୁ ଚାହିଁବାରୁ ବାପା ଯାହା କହିଥିଲେ, ଏବେ ଶୁଣ ।

ଅତୀତରେ ଭାରତକୁ ସୁନାରଦେଶ କୁହାଯାଉଥିଲା । ଏହା ବିପୁଳ ଧନସମ୍ପତ୍ତିରେ ପରିପୂର୍ଣ୍ଣଥିଲା । ଏହି ଧନସମ୍ପତ୍ତି ପାଇବା ଏବଂ ନିଜ ସାମ୍ରାଜ୍ୟ ବିସ୍ତାର କରିବା ଉଦ୍ଦେଶ୍ୟରେ କେତେକ ବୈଦେଶିକ ଶକ୍ତି ଭାରତ ଆକ୍ରମଣ କରିଥିଲେ । ସେମାନଙ୍କ ମଧ୍ୟରେ ଥିଲେ ପାରସିକ ଓ ଗ୍ରୀକ୍‌ମାନେ ।

## ପାରସିକ ଆକ୍ରମଣ

ଖ୍ରୀ:ପୂ: ୬ଷ୍ଠ ଶତାବ୍ଦୀର ପ୍ରଥମଭାଗରେ ମଧ୍ୟ ଏସିଆର ପାରସ୍ୟ ଦେଶରେ (ବର୍ତ୍ତମାନର ଇରାନ) ଏକ ବିଶାଳ ସାମ୍ରାଜ୍ୟ ଗଢ଼ିଉଠିଥିଲା । ଏହି ଦେଶ ଆକାମେନିଡ୍ ଶାସକମାନଙ୍କଦ୍ୱାରା ଶାସିତ ହେଉଥିଲା । ପାରସ୍ୟର ସମ୍ରାଟ ପ୍ରଥମ ଡେରାୟସ୍ ଖ୍ରୀ:ପୂ. ୫୨୨ରେ ପାରସ୍ୟର ଶାସନଭାର ଗ୍ରହଣ କରିଥିଲେ । ଧନ ଲୋଭରେ ଆକର୍ଷିତ ହୋଇ ସେ ଭାରତର ଉତ୍ତର-ପଶ୍ଚିମାଞ୍ଚଳକୁ ଆକ୍ରମଣ କଲେ । ସେହି ଅଞ୍ଚଳରେ କୌଣସି ଶକ୍ତିଶାଳୀ ଶାସକ ନଥିବାରୁ ଡେରାୟସ୍ ସେଠାରେ ଥିବା



ଏସିଆର ମାନଚିତ୍ର

ପଞ୍ଜାବ, ସିନ୍ଧୁପ୍ରଦେଶ ଓ ସିନ୍ଧୁନଦୀର ପଶ୍ଚିମାଞ୍ଚଳକୁ ଦଖଲ କରି ପାରସ୍ୟ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କରାଇଥିଲେ । ପାରସ୍ୟ ଅଧୀକୃତ ଭାରତୀୟ ଅଞ୍ଚଳଟି ସବୁଠାରୁ ଅଧିକ ଉର୍ବର ଓ ଜନବହୁଳ ଥିଲା । ପାରସ୍ୟର ରାଜାମାନେ ଏହି ଅଞ୍ଚଳରୁ ପ୍ରଚୁର କର ଆଦାୟ କରୁଥିଲେ । ଆଲେକ୍‌ଜାଣ୍ଡାର ପାରସ୍ୟ ଆକ୍ରମଣ କଲା ପର୍ଯ୍ୟନ୍ତ ଏ ଅଞ୍ଚଳ ପାରସ୍ୟ ରାଜାମାନଙ୍କ ଅଧୀନରେ ଥିଲା । ଡେରାୟସ୍‌ଙ୍କ ପରେ ରାଜା ଜେରକ୍‌ସସ୍ ଭାରତୀୟମାନଙ୍କୁ ପାରସ୍ୟ ସୈନ୍ୟବାହିନୀରେ ନିଯୁକ୍ତି ଦେଇ ଗ୍ରୀକ୍‌ମାନଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ ।

### ପାରସିକ ଆକ୍ରମଣର ପ୍ରଭାବ :

ଭାରତ ସହିତ ପାରସ୍ୟ ଦେଶର ସମ୍ପର୍କ ପ୍ରାୟ ୨୦୦ବର୍ଷ ଧରି ରହିଥିଲା । ଏହି ଦୁଇଦେଶ ମଧ୍ୟରେ ବାଣିଜ୍ୟ ସମ୍ପର୍କ ଉଭୟ ଜଳ ଓ ସ୍ଥଳପଥରେ ବୃଦ୍ଧି ପାଇଥିଲା । କିନ୍ତୁ ସାଂସ୍କୃତିକ କ୍ଷେତ୍ରରେ ପାରସ୍ୟମାନଙ୍କ ପ୍ରଭାବ ଅଧିକ ଥିଲା । ପାରସ୍ୟବାସୀମାନଙ୍କଠାରୁ ଭାରତୀୟମାନେ ଏକ ନୂତନ ଲିପି ଶିଖିଥିଲେ, ଯାହାର ନାମ ଥିଲା ଖରୋଷ୍ଟି । ଏହି ଅକ୍ଷରଗୁଡ଼ିକ ଡାହାଣରୁ ବାମପାର୍ଶ୍ୱକୁ ଲେଖାଯାଉଥିଲା । ଉତ୍ତର-ପଶ୍ଚିମାଞ୍ଚଳରେ ଅଶୋକଙ୍କ କେତେକ ଶିଳାଲିପି ଏହି ଖରୋଷ୍ଟି ଲିପିରେ ଲେଖାଯାଇଛି ।

ଅଶୋକଙ୍କ ଦ୍ୱାରା ନିର୍ମିତ ସ୍ତମ୍ଭମାନଙ୍କରେ ପାରସ୍ୟ ସଭ୍ୟତାର ପ୍ରଭାବ ପଡ଼ିଥିବାର ଦେଖାଯାଏ । ଅଶୋକଙ୍କ ଅନୁଶାସନଗୁଡ଼ିକରେ ପାରସିକ ଶବ୍ଦର ବ୍ୟବହାର ଦେଖିବାକୁ ମିଳେ । ଅନୁମାନ କରାଯାଏ ପାରସ୍ୟବାସୀଙ୍କଠାରୁ ଭାରତର ବିପୁଳ ଧନସମ୍ପତ୍ତି ବିଷୟରେ ସୂଚନା ପାଇ ଗ୍ରୀକ୍‌ମାନେ ଭାରତ ଆକ୍ରମଣ କରିଥିଲେ ।

**ଏସିଆ ମାନଚିତ୍ର ଦେଖି ପ୍ରାଚୀନ ପାରସ୍ୟଦେଶ କେଉଁଠାରେ ଅବସ୍ଥିତ ଥିଲା, ଚିହ୍ନିତ କର ଏବଂ ସେ ଦେଶ ବିଷୟରେ ଅଧିକ ତଥ୍ୟ ସଂଗ୍ରହ କର ।**

### ଗ୍ରୀକ୍ ଆକ୍ରମଣ :

ଆଲେକ୍‌ଜାଣ୍ଡାର୍ ଖ୍ରୀ:ପୂ: ୩୫୬ ମସିହାରେ ଗ୍ରୀସ୍‌ର ମାସିଡୋନିଆ ନାମକ ଏକ କ୍ଷୁଦ୍ର ରାଜ୍ୟରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ଫିଲିପ୍ ମାସିଡୋନିଆ ରାଜ୍ୟର ରାଜା ଥିଲେ । ବାଲ୍ୟକାଳରେ ଆଲେକ୍‌ଜାଣ୍ଡର ଗ୍ରୀକ୍ ଦାର୍ଶନିକ ଆରିଷ୍ଟଟଲ୍‌ଙ୍କଠାରୁ ବିଦ୍ୟାଶିକ୍ଷା କରିଥିଲେ । ପିତା ଫିଲିପ୍‌ଙ୍କ ମୃତ୍ୟୁପରେ ମାତ୍ର ୨୦ବର୍ଷ ବୟସରେ ସେ ସିଂହାସନ ଆରୋହଣ କରିଥିଲେ । ସିଂହାସନ ଆରୋହଣ କରିବାର ଅଳ୍ପ ଦିନ ମଧ୍ୟରେ ସେ ଏସିଆମାଇନର, ପାରସ୍ୟ, ସିରିଆ, ମିଶର ଓ ଆଫଗାନିସ୍ଥାନ ଆଦି ଅଞ୍ଚଳ ଜୟ କରିଥିଲେ । ତାଙ୍କର ବୀରତ୍ୱ ଓ ସାହସିକତାପାଇଁ ତାଙ୍କୁ ଦିଗ୍‌ବିଜୟୀ ବୀର କୁହାଯାଏ । ସମଗ୍ର ପୃଥିବୀକୁ ଜୟକରିବାର ସ୍ୱପ୍ନ ସେ ଦେଖିଥିଲେ ।

ଖ୍ରୀ.ପୂ. ୩୩୪ ମସିହାରେ ନିଜର ଚାଳିଶ ହଜାର ସୈନ୍ୟଙ୍କ ସହିତ ଆଲେକ୍‌ଜାଣ୍ଡାର ଏସିଆମାଇନର ଆକ୍ରମଣ କଲେ । ଏଠାରୁ ପାରସ୍ୟ ଅଭିମୁଖେ ଅଗ୍ରସର ହୋଇ ପାରସ୍ୟର ସମ୍ରାଟ ତୃତୀୟ ଡେରାୟସ୍‌ଙ୍କୁ ପରାସ୍ତ କରିଥିଲେ । ଆଲେକ୍‌ଜାଣ୍ଡାର ସିରିଆ ଓ ମିଶରକୁ ମଧ୍ୟ ଆକ୍ରମଣ କରିଥିଲେ । ପାରସ୍ୟମାନଙ୍କ ଅଧୀନରୁ ମିଶରକୁ ମୁକ୍ତକରି ସେଠାରେ "ଆଲେକ୍‌ଜାଣ୍ଡ୍ରିଆ" ନଗର ସ୍ଥାପନ କରିଥିଲେ ।

ଖ୍ରୀ.ପୂ. ୩୨୬ ମସିହାରେ ଆଲେକ୍‌ଜାଣ୍ଡାର ଭାରତ ଅଭିମୁଖେ ଅଭିଯାନ ଆରମ୍ଭ କଲେ । ସେ ଖାଇବର

ଗିରିପଥ ଦେଇ ଭାରତକୁ ପ୍ରବେଶ କଲେ ଏବଂ ଉତ୍ତର-ପଶ୍ଚିମାଞ୍ଚଳର ସୀମାନ୍ତ ପ୍ରଦେଶଗୁଡ଼ିକୁ ଆକ୍ରମଣ କଲେ । ସେତେବେଳେ ଭାରତର ଉତ୍ତର-ପଶ୍ଚିମରେ ଗାନ୍ଧାର, କାମ୍ବୋଜ ଭଳି ଅନେକ ଛୋଟ ଛୋଟ ରାଜ୍ୟ ଗଠିତ ହୋଇଥିଲା । ଏହି ରାଜ୍ୟମାନଙ୍କ ମଧ୍ୟରେ ଏକତା ନଥିଲା । ସେମାନେ ପରସ୍ପର ସହିତ ଅନବରତ କଳହରେ ଲିପ୍ତ ରହୁଥିଲେ । ସିନ୍ଧୁ ଓ ବିତସ୍ତା ନଦୀ ମଧ୍ୟରେ ଥିବା ତକ୍ଷଶିଳା ଗାନ୍ଧାର ରାଜ୍ୟର ରାଜଧାନୀ ଥିଲା । ଏହି ନଦୀର ଅପର ପାର୍ଶ୍ୱରେ ଗୋଟିଏ ରାଜ୍ୟରେ ପୌରବ ବଂଶ ରାଜତ୍ୱ କରୁଥିଲେ । ଏହି ରାଜ୍ୟର ନାମ କିମ୍ବା ରାଜଧାନୀ ନାମ ଏପର୍ଯ୍ୟନ୍ତ ଜଣାନାହିଁ ।

ଭାରତର ଉତ୍ତର-ପଶ୍ଚିମରେ ଥିବା ରାଜ୍ୟମାନଙ୍କ ମଧ୍ୟରୁ କେତେକ ରାଜ୍ୟ ଆଲେକ୍‌ଜାଣ୍ଡାରଙ୍କ ବଶତା ସ୍ୱୀକାର କରିଥିଲେ । ତକ୍ଷଶୀଳାର ରାଜା ଅମ୍ଭି ମଧ୍ୟ ଆଲେକ୍‌ଜାଣ୍ଡାରଙ୍କୁ ପ୍ରତିରୋଧ ନକରି ଆତ୍ମସମର୍ପଣ କରିଥିଲେ । ପୌରବ ରାଜ୍ୟର ରାଜା ପୁରୁ କିନ୍ତୁ ଆଲେକ୍‌ଜାଣ୍ଡାରଙ୍କ ଗତିପଥରେ ପ୍ରତିବନ୍ଧକ ହୋଇଥିଲେ । ଫଳରେ ପୁରୁଙ୍କ ସୈନ୍ୟ ଓ ଆଲେକ୍‌ଜାଣ୍ଡାରଙ୍କ ସୈନ୍ୟମାନଙ୍କ ମଧ୍ୟରେ ଭୀଷଣ ଯୁଦ୍ଧହେଲା । ଏହାକୁ ହାଇଦାସ୍‌ପେସ୍ ଯୁଦ୍ଧ କୁହାଯାଏ ।

ଏହି ଯୁଦ୍ଧରେ ଆଲେକ୍‌ଜାଣ୍ଡାର ବିଜୟୀ ହେଲେ । ଗୁରୁତର ଭାବେ ଆହତ ହୋଇ ମଧ୍ୟ ପୁରୁ ଶେଷ ପର୍ଯ୍ୟନ୍ତ ଯୁଦ୍ଧ କରିଥିଲେ ଓ ଶେଷରେ ବନ୍ଦୀ ହେଲେ । ସମ୍ମୁଖରେ ବନ୍ଦୀ ପୁରୁଙ୍କୁ ଆଲେକ୍‌ଜାଣ୍ଡାର ଯେତେବେଳେ ପ୍ରଶ୍ନକଲେ 'ତାଙ୍କଠାରୁ ସେ କିଭଳି ବ୍ୟବହାର ଆଶା କରନ୍ତି', ନିର୍ଭୀକ ଭାବରେ ପୁରୁ ଉତ୍ତର ଦେଲେ, "ଜଣେ ରାଜା ପ୍ରତି ଅନ୍ୟଜଣେ ରାଜାର ବ୍ୟବହାର ଯେପରି ତାହା ସେ ଆଶା କରନ୍ତି ।''


ପୁରୁ ଓ ଆଲେକ୍‌ଜାଣ୍ଡାର

ଏଭଳି ଜଣେ ଭାରତୀୟ ରାଜାଙ୍କ ସାହସ ଓ ବୀରତ୍ୱ ଆଲେକ୍‌ଜାଣ୍ଡାରଙ୍କ ହୃଦୟକୁ ଜୟ କରିଥିଲା । ସେ କେବଳ ତାଙ୍କ ଜୀବନରକ୍ଷା କରିନଥିଲେ, ତାଙ୍କୁ ସସମ୍ମାନେ ତାଙ୍କର ରାଜ୍ୟ ଫେରାଇ ଦେଇଥିଲେ । ସେଠାରୁ ଆଲେକ୍‌ଜାଣ୍ଡାର ପୂର୍ବଦିଗକୁ ଅଗ୍ରସର ହୋଇ ଆହୁରି ଅଧିକ ରାଜ୍ୟ ଜୟ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । କିନ୍ତୁ ତାଙ୍କର ଯୁଦ୍ଧକ୍ଳାନ୍ତ ସୈନିକମାନେ ଆଉ ଯୁଦ୍ଧ କରିବାକୁ ପ୍ରସ୍ତୁତ ନଥିଲେ । ଏତଦ୍‌ବ୍ୟତୀତ ମଗଧର ଶକ୍ତିଶାଳୀ ନନ୍ଦ ସାମ୍ରାଜ୍ୟର ମୁକାବିଲା କରିବା ପାଇଁ ଗ୍ରୀକ୍ ସୈନ୍ୟମାନେ ସାହସ କରିପାରିଲେ ନାହିଁ । ତେଣୁ ବାଧ୍ୟହୋଇ ଆଲେକ୍‌ଜାଣ୍ଡାର୍ ଦେଶ ଜୟ ଆଶା ପରିତ୍ୟାଗ କରି ସ୍ୱଦେଶକୁ ଫେରିଗଲେ । ସେ ସ୍ୱଦେଶ ଫେରିବା ବାଟରେ ବାବିଲୋନ୍‌ଠାରେ ଜ୍ୱରରେ ଆକ୍ରାନ୍ତ ହୋଇ ଖ୍ରୀ:ପୂ: ୩୨୩ ମସିହାରେ ମାତ୍ର ୩୨ ବର୍ଷ ବୟସରେ ମୃତ୍ୟୁ ବରଣ କରିଥିଲେ ।

**ଆଲେକ୍‌ଜାଣ୍ଡାରଙ୍କ ପରି ଆଉ କେତେଜଣ ଦିଗ୍‌ବିଜୟୀ ବୀରଙ୍କ ନାମ ସଂଗ୍ରହ କରି ଏକ ତାଲିକା ପ୍ରସ୍ତୁତକର ।**

## ଆଲେକ୍‌ଜାଣ୍ଡାରଙ୍କ ଆକ୍ରମଣର ପ୍ରଭାବ :

ଆଲେକ୍‌ଜାଣ୍ଡାରଙ୍କ ଆକ୍ରମଣର ଫଳାଫଳ ସୁଦୂରପ୍ରସାରୀ ଥିଲା । ତାଙ୍କ ଆକ୍ରମଣ ଭାରତୀୟ ସମାଜକୁ ଗଭୀରଭାବରେ ପ୍ରଭାବିତ କରିଥିଲା । ଯଥା :

- ଆଲେକ୍‌ଜାଣ୍ଡାରଙ୍କ ଆକ୍ରମଣ ଭାରତରେ ରାଜନୈତିକ ଏକତା ଆଣିବାରେ ସାହାଯ୍ୟ କଲା । ତାଙ୍କପରେ ଭାରତରେ ଏକ ବିଶାଳ ମୌର୍ଯ୍ୟ ସାମ୍ରାଜ୍ୟ ଗଠନ ହେବା ସମ୍ଭବ ହୋଇଥିଲା ।
- ଏହି ଆକ୍ରମଣ ଦ୍ୱାରା ଭାରତ ଓ ଇଉରୋପ ମଧ୍ୟରେ ବାଣିଜ୍ୟର ପ୍ରସାର ହେଲା ।
- ଭାରତ ଓ ଗ୍ରୀକ୍ ରାଜ୍ୟ ମଧ୍ୟରେ ସାଂସ୍କୃତିକ ସମ୍ପର୍କ ସ୍ଥାପିତ ହେଲା ।
- ପୂର୍ବରୁ ଭାରତ ଓ ଗ୍ରୀସ୍ ମଧ୍ୟରେ ଏକମାତ୍ର ସ୍ଥଳପଥ ଥିଲା । ଏହି ଆକ୍ରମଣ ଫଳରେ ୩ଟି ସ୍ଥଳପଥ ଓ ଗୋଟିଏ ଜଳପଥ ଆବିଷ୍କୃତ ହେଲା ।
- ଭାରତ ଓ ଗ୍ରୀକ୍ କଳାର ମିଶ୍ରଣରେ ଗାନ୍ଧାର କଳା ସୃଷ୍ଟି ହେଲା ।
- ମୋଟ ଉପରେ କହିବାକୁଗଲେ ଆଲେକ୍‌ଜାଣ୍ଡାରଙ୍କ ଆକ୍ରମଣ ଦ୍ୱାରା ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦେଶମାନଙ୍କ ମଧ୍ୟରେ ସଂପର୍କ ସ୍ଥାପିତ ହୋଇପାରିଥିଲା ।

## ଅଭ୍ୟାସ

**୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ୫୦ଗୋଟି ଶବ୍ଦରେ ଉତ୍ତର ଦିଅ ।**

(କ) ପାରସ୍ୟ ସମ୍ରାଟ ପ୍ରଥମ ଡେରାୟାସ୍ କାହିଁକି ଭାରତ ଆକ୍ରମଣ କରିଥିଲେ ?

(ଖ) ଆଲେକ୍‌ଜାଣ୍ଡାର ଭାରତ ଆକ୍ରମଣ କରିବାର କାରଣ କ'ଣ ?

(ଗ) ପୁରୁ କିଏ ? ଆଲେକ୍‌ଜାଣ୍ଡାରଙ୍କ ସହିତ ତାଙ୍କର କ'ଣ ସମ୍ପର୍କ ଥିଲା ?

(ଘ) ଆଲେକ୍‌ଜାଣ୍ଡାରଙ୍କ ଆକ୍ରମଣର ଫଳାଫଳ କ'ଣ ଥିଲା ?

(ଙ) ଖ୍ରୀ:ପୂ: ୬ଷ୍ଠ ଶତାବ୍ଦୀରେ ପାରସ୍ୟର କେଉଁ ରାଜା ଭାରତ ଆକ୍ରମଣ କରିଥିଲେ ଓ କାହିଁକି ?

**୨. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।**

(କ) ତକ୍ଷଶୀଳା _______ ରାଜ୍ୟର ରାଜଧାନୀ ଥିଲା (କାମ୍ବୋଜ, ମଗଧ, ଗାନ୍ଧାର, ପଞ୍ଜାବ)

(ଖ) ଡେରାୟସ୍ _______ରେ ପାରସ୍ୟର ଶାସନଭାର ଗ୍ରହଣ କଲେ ।
(ଖ୍ରୀ:ପୂ: ୪୬୮, ଖ୍ରୀ:ପୂ: ୫୨୨, ଖ୍ରୀ:ପୂ: ୩୨୨, ଖ୍ରୀ:ପୂ: ୪୨୭)

(ଗ) ଆଲେକ୍‌ଜାଣ୍ଡାର _______ ବର୍ଷରେ ସିଂହାସନ ଆରୋହଣ କରିଥିଲେ ।
(୧୭ବର୍ଷ, ୧୮ବର୍ଷ, ୧୯ବର୍ଷ, ୨୦ ବର୍ଷ)

୩. ଗୋଟିଏ ବାକ୍ୟରେ ଉତ୍ତର ଦିଅ ।

(କ) ଫିଲିପ୍ କେଉଁ ରାଜ୍ୟର ରାଜା ଥିଲେ ?

(ଖ) ଆଲେକ୍‌ଜାଣ୍ଡାର୍‌ଙ୍କ ଶିକ୍ଷା ଗୁରୁ କିଏ ?

(ଗ) ଆଲେକ୍‌ଜାଣ୍ଡାର୍ କେଉଁ ନଗର ପ୍ରତିଷ୍ଠା କରିଥିଲେ ?

(ଘ) ଅମ୍ଭି କେଉଁ ଦେଶର ରାଜା ଥିଲେ ?

(ଙ) ଉତ୍ତର ଭାରତର ସବୁଠାରୁ ଶକ୍ତିଶାଳୀ ରାଜା କିଏ ଥିଲେ ?

(ଚ) ଭାରତୀୟମାନେ ପାରସ୍ୟବାସୀଙ୍କ ଠାରୁ କେଉଁ ଲିପି ଶିଖିଥିଲେ ?



## ତୁମପାଇଁ କାମ :



ବିଭିନ୍ନ ଦିଗ୍‌ବିଜୟୀ ସମ୍ରାଟମାନଙ୍କ ଚିତ୍ର ସଂଗ୍ରହ କରି ସେମାନଙ୍କ ବିଷୟରେ ବିବରଣୀ ପ୍ରସ୍ତୁତ କର ।

ଅଷ୍ଟମ ଅଧ୍ୟାୟ

# ମୌର୍ଯ୍ୟ ସାମ୍ରାଜ୍ୟର ଉତ୍ଥାନ

D5J8NX



ମିତାଲି ତାର ଟେବୁଲ ଉପରେ ଏକଟଙ୍କା, ଦୁଇଟଙ୍କା, ପାଞ୍ଚଟଙ୍କା ମୁଦ୍ରା ସହ ପାଞ୍ଚଟଙ୍କା ନୋଟ,ଦଶଟଙ୍କା ନୋଟ ଖେଳାଇ ରଖିଥିଲା । ତାର ବାପା କୋଠରୀ ଭିତରକୁ ପଶିଯାଇ ଟେବୁଲ ଉପରେ ଥିବା ଟଙ୍କାଗୁଡ଼ିକୁ ଦେଖିଲେ ଏବଂ ମିତାଲିକୁ ପ୍ରଶ୍ନ କଲେ, "ମିତା-ଏ ଟଙ୍କାଗୁଡ଼ିକୁ କାହିଁକି ଏପରି ରଖିଛୁ ?" ମିତାଲି କହିଲା, "ବାପା, ମୁଁ ଦେଖୁଛି ପ୍ରତ୍ୟେକ ମୁଦ୍ରା ଓ ଟଙ୍କାରେ ତିନୋଟି ସିଂହର ଚିତ୍ର ରହିଛି । ଏହି ଚିତ୍ରଟି କେଉଁଠୁ ଆସିଛି ଏବଂ କାହିଁକି ସବୁ ମୁଦ୍ରା ଓ ଟଙ୍କାରେ ରହିଛି ?" ମିତାଲିକୁ ବୁଝାଇବାକୁ ଯାଇ ବାପା କହିଲେ-

ପ୍ରାଚୀନ କାଳରେ ଉତ୍ତର ଭାରତରେ ମଗଧ ନାମକ ଏକ ଶକ୍ତିଶାଳୀ ସାମ୍ରାଜ୍ୟ ରହିଥିଲା । ଏହି ସାମ୍ରାଜ୍ୟ ଦୁଇ ଶହ ବର୍ଷ କାଳ ତିଷ୍ଠି ରହିଥିଲା । ସେଠାରେ ମୌର୍ଯ୍ୟ ବଂଶର ରାଜାମାନେ ରାଜତ୍ୱ କରୁଥିଲେ । ମୌର୍ଯ୍ୟ ବଂଶର ଶାସନ ପୂର୍ବରୁ ସେଠାରେ ନନ୍ଦ ବଂଶ ଶାସନ କରୁଥିଲେ । ନନ୍ଦ ବଂଶର ଶାସକମାନେ ନିଷ୍ଠୁର ଓ ଅତ୍ୟାଚାରୀ ଥିଲେ । ସେମାନଙ୍କ କୁ-ଶାସନରେ ଲୋକମାନେ ଅତିଷ୍ଠ ହୋଇ ପଡ଼ିଥିଲେ । ଫଳରେ ସେମାନେ ଲୋକପ୍ରିୟତା ହରାଇଥିଲେ । ଚାଣକ୍ୟ ନାମକ ଜଣେ ଜ୍ଞାନୀ ପଣ୍ଡିତ ମଗଧରୁ ନନ୍ଦବଂଶ ଲୋପ କରିବା ପାଇଁ ଶପଥ ନେଇଥିଲେ । ସେହି ଶପଥକୁ କାର୍ଯ୍ୟକାରୀ କରିବା ପାଇଁ ସୁଯୋଗ ଖୋଜୁଥିଲେ । ଠିକ୍ ସେହି ସମୟରେ ସେ ଚନ୍ଦ୍ରଗୁପ୍ତ ନାମକ ଏକ ଯୁବକକୁ ଭେଟିଥିଲେ । ସେ ମୌର୍ଯ୍ୟ ବଂଶରେ ଜନ୍ମ ହୋଇଥିଲେ । ଚନ୍ଦ୍ରଗୁପ୍ତଙ୍କ ବୁଦ୍ଧି, ସାହସ ଓ ଚତୁରତାକୁ ଦେଖି ଚାଣକ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ସେ ଚନ୍ଦ୍ରଗୁପ୍ତଙ୍କ ସାହାଯ୍ୟରେ ନନ୍ଦ ରାଜତ୍ୱ ମଗଧରୁ ଲୋପ କରିବାପାଇଁ ସ୍ଥିର କଲେ । ସେ ମଗଧ ଆକ୍ରମଣ କରିବାକୁ ଚନ୍ଦ୍ରଗୁପ୍ତଙ୍କୁ ପ୍ରବର୍ତ୍ତାଇଲେ । ବର୍ତ୍ତମାନର ପଞ୍ଜାବ ଅଞ୍ଚଳର ଦୁର୍ଦ୍ଧର୍ଷ ଜାତି ଓ ଉପଜାତିର ଲୋକମାନଙ୍କୁ ନେଇ ଚନ୍ଦ୍ରଗୁପ୍ତ ଏକ ଶକ୍ତିଶାଳୀ ସୈନ୍ୟବାହିନୀ ଗଠନକଲେ । ସେହି ସୈନ୍ୟବାହିନୀ ସାହାଯ୍ୟରେ ନନ୍ଦରାଜାଙ୍କୁ ପରାସ୍ତକରି ମଗଧ ଅଧିକାର କଲେ ଏବଂ ମୌର୍ଯ୍ୟବଂଶର ଶାସନ ପ୍ରତିଷ୍ଠା କଲେ ।

**ଜଣେ ଶାସକ କେଉଁ କାରଣ ଯୋଗୁ ଲୋକପ୍ରିୟତା ହରାଇଥାଆନ୍ତି, ତାହା ସାଙ୍ଗମାନଙ୍କ ସହିତ ଆଲୋଚନା କରି ଲେଖ ।**

ଏହି ମୌର୍ଯ୍ୟ ସାମ୍ରାଜ୍ୟ ଓ ଶାସନ ସମ୍ବନ୍ଧୀୟ ସମସ୍ତ ତଥ୍ୟ ମେଗାସ୍ଥିନିସ୍‌ଙ୍କ ଦ୍ୱାରା ଲିଖିତ "ଇଣ୍ଡିକା", ଚାଣକ୍ୟଙ୍କ 'ଅର୍ଥଶାସ୍ତ୍ର' ଗ୍ରନ୍ଥ ଓ ଅଶୋକଙ୍କ ଶିଳାଲେଖମାନଙ୍କରୁ ମିଳିପାରିଛି ।

### ଚନ୍ଦ୍ରଗୁପ୍ତ ମୌର୍ଯ୍ୟ :


ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ନନ୍ଦ ରାଜା ଧନନନ୍ଦଙ୍କୁ ପରାସ୍ତକରି ମଗଧରେ ମୌର୍ଯ୍ୟ ଶାସନ ଆରମ୍ଭ କରିଥିଲେ । ଏହି ସମୟରେ ଆଲେକ୍‌ଜାଣ୍ଡାର୍‌ଙ୍କ ସେନାପତି ସେଲିଉକସ୍ ନିକ୍ତାର ଭାରତରେ ଗ୍ରୀକ୍ ଅଧିକୃତ ଅଞ୍ଚଳରେ ଶାସନ

କରୁଥିଲେ। ଚନ୍ଦ୍ରଗୁପ୍ତ ସେଲିଉକସ୍‌ଙ୍କ ସହିତ ଯୁଦ୍ଧକରି ତାଙ୍କୁ ପରାସ୍ତ କରିଥିଲେ । ଯୁଦ୍ଧରେ ପରାସ୍ତ ହୋଇ ସେଲିଉକସ୍ ଚନ୍ଦ୍ରଗୁପ୍ତଙ୍କ ସହିତ ସନ୍ଧି କରିଥିଲେ । ସନ୍ଧି ଅନୁଯାୟୀ ଗ୍ରୀକ୍ ଅଧିକୃତ ଆଫଗାନିସ୍ଥାନ, (କାବୁଲ, କାନ୍ଦାହାର ଓ ହେରାତ୍) ବେଲୁଚିସ୍ଥାନ ପ୍ରଭୃତି ଭାରତର ଉତ୍ତର-ପଶ୍ଚିମ ଅଞ୍ଚଳ ଚନ୍ଦ୍ରଗୁପ୍ତଙ୍କ ସାମ୍ରାଜ୍ୟରେ ମିଶି ଯାଇଥିଲା । ଫଳରେ ସେହି ଅଞ୍ଚଳରେ ଗ୍ରୀକ୍ ଶାସନର ଅବସାନ ଘଟିଥିଲା । ସେ ପଶ୍ଚିମ ଭାରତର ଗୁଜରାଟ୍ ଅନ୍ତର୍ଗତ ସୌରାଷ୍ଟ୍ର ପର୍ଯ୍ୟନ୍ତ ସମସ୍ତ ଅଞ୍ଚଳକୁ ନିଜ ସାମ୍ରାଜ୍ୟରେ ମିଶାଇ ଦେଇଥିଲେ ।

ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ସମୟରେ ମୌର୍ଯ୍ୟ ସାମ୍ରାଜ୍ୟ ଉତ୍ତର ପଶ୍ଚିମରେ ପାରସ୍ୟ ପର୍ଯ୍ୟନ୍ତ, ପୂର୍ବରେ ବିହାର, ପଶ୍ଚିମରେ ସୌରାଷ୍ଟ୍ର ଏବଂ ଦକ୍ଷିଣରେ କର୍ଣ୍ଣାଟକ ପର୍ଯ୍ୟନ୍ତ ବ୍ୟାପିଥିଲା । ତାଙ୍କ ସାମ୍ରାଜ୍ୟର ରାଜଧାନୀ ଥିଲା ପାଟଳୀପୁତ୍ର ଯାହାକୁ ବିହାରର ପାଟଣା ସହିତ ଚିହ୍ନିତ କରାଯାଏ । ସେ ଦୀର୍ଘ ୨୫ବର୍ଷକାଳ ରାଜତ୍ୱ କରିଥିଲେ । ଖ୍ରୀଷ୍ଟପୂର୍ବ ୨୯୮ ମସିହାରେ ତାଙ୍କର ମୃତ୍ୟୁ ହୋଇଥିଲା ।

### ଚାଣକ୍ୟ :

ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ତାଙ୍କର ମୁଖ୍ୟ ଉପଦେଷ୍ଟା ରୂପେ ଚାଣକ୍ୟଙ୍କୁ ନିଯୁକ୍ତ କରିଥିଲେ। ଚାଣକ୍ୟଙ୍କ ଅନ୍ୟ ନାମ ଥିଲା କୌଟିଲ୍ୟ । ସେ 'ଅର୍ଥଶାସ୍ତ୍ର' ନାମକ ଏକ ଗ୍ରନ୍ଥ ରଚନା କରିଥିଲେ। ଏହି ଗ୍ରନ୍ଥରେ ମୌର୍ଯ୍ୟ ସାମ୍ରାଜ୍ୟର ଶାସନ ପଦ୍ଧତି ଏବଂ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥା ସମ୍ପର୍କରେ ବର୍ଣ୍ଣନା କରାଯାଇଛି ।


ଚାଣକ୍ୟ

### ମେଗାସ୍ଥିନିସ୍ :


ଗ୍ରୀକ୍‌ର ରାଜା ସେଲିଉକସ୍ ନିକ୍ତାରଙ୍କ ନିର୍ଦ୍ଦେଶରେ ଗ୍ରୀକ୍‌ର ରାଜଦୂତ ଭାବେ ମେଗାସ୍ଥିନିସ୍ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଦରବାରକୁ ଆସିଥିଲେ । ସେ ମୌର୍ଯ୍ୟ ଦରବାରରେ ଦୀର୍ଘ ପାଞ୍ଚବର୍ଷ କାଳ ରହିଥିଲେ । ଏହି ରହଣି ସମୟ ମଧ୍ୟରେ ସେ ଭାରତର ବହୁ ଅଞ୍ଚଳ ବୁଲି ଦେଖିଥିଲେ । ଭାରତ ସମ୍ବନ୍ଧରେ ସେ ଯେଉଁ ବିବରଣୀ ପୁସ୍ତକ ଲେଖିଲେ ତାହାର ନାମ "ଇଣ୍ଡିକା" । ସେଥିରେ ମୌର୍ଯ୍ୟ ରାଜତ୍ୱ ଓ ଶାସନ ବ୍ୟବସ୍ଥା, ବିଶେଷକରି ପୌର ଶାସନ ବିଷୟରେ ଅନେକ କଥା ବର୍ଣ୍ଣନା କରାଯାଇଛି । ଆହୁରି ମଧ୍ୟ ସେ ମୌର୍ଯ୍ୟ ରାଜପ୍ରାସାଦ ଏବଂ ପାଟଳୀପୁତ୍ର ନଗରର ବର୍ଣ୍ଣନା କରିଛନ୍ତି ।

### ବିନ୍ଦୁସାର :

ଚନ୍ଦ୍ରଗୁପ୍ତଙ୍କ ପରେ ତାଙ୍କ ପୁତ୍ର ବିନ୍ଦୁସାର ସିଂହାସନ ଆରୋହଣ କରିଥିଲେ । ସେ ଜଣେ ପରାକ୍ରମଶାଳୀ ସମ୍ରାଟ ଥିଲେ । ପିତାଙ୍କ ବିଶାଳ ସାମ୍ରାଜ୍ୟକୁ ଦକ୍ଷତାର ସହିତ ଶାସନ କରିଥିଲେ । ଗ୍ରୀକ୍‌ମାନେ ତାଙ୍କୁ "ଅମିତ୍ରଘାତ" ଉପାଧି ଦେଇଥିଲେ । ସେ ତାଙ୍କ ରାଜତ୍ୱ କାଳ ମଧ୍ୟରେ ୧୬ ଜଣ ରାଜାଙ୍କୁ ପରାସ୍ତକରି ସେମାନଙ୍କ ରାଜ୍ୟକୁ ମୌର୍ଯ୍ୟ ସାମ୍ରାଜ୍ୟରେ ମିଶାଇଥିଲେ ।

## ଅଶୋକ:

ଖ୍ରୀଷ୍ଟପୂର୍ବ ୨୭୩ ମସିହାରେ ବିନ୍ଦୁସାରଙ୍କ ପରେ ଅଶୋକ ମୌର୍ଯ୍ୟ ସାମ୍ରାଜ୍ୟର ଶାସକ ହୋଇଥିଲେ । ଅଶୋକ ବାଲ୍ୟାବସ୍ଥାରୁ ନିର୍ଭୀକ, ସାହସୀ ଓ ନିଷ୍ଠୁର ଥିଲେ । ତାଙ୍କର ନିଷ୍ଠୁର ଓ ଭୟଙ୍କର ପ୍ରକୃତି ପାଇଁ ତାଙ୍କୁ 'ଚଣ୍ଡାଶୋକ' ବୋଲି କୁହାଯାଉଥିଲା । ବିନ୍ଦୁସାରଙ୍କ ଶାସନ କାଳରେ ତକ୍ଷଶୀଳାରେ ବିଦ୍ରୋହ ଦେଖା ଦେଇଥିଲା । ସେହି ବିଦ୍ରୋହକୁ ଦମନ କରିବା ପାଇଁ ରାଜକୁମାର ଅଶୋକଙ୍କୁ ପଠାଯାଇଥିଲା । ଅଶୋକ ବିଦ୍ରୋହକୁ ଦମନ କରିବାରୁ ତକ୍ଷଶୀଳା ଓ ଉଜ୍ଜୟିନୀର ପ୍ରାଦେଶିକ ଶାସନକର୍ତ୍ତା ରୂପେ ନିଯୁକ୍ତ ହୋଇଥିଲେ । ଅଶୋକ ବିନ୍ଦୁସାରଙ୍କ ମୃତ୍ୟୁ ପରେ ମଗଧ ସିଂହାସନ ଆରୋହଣ କରିଥିଲେ, କିନ୍ତୁ ତାଙ୍କର ଅଭିଷେକ ଚାରି ବର୍ଷ ପରେ ହୋଇଥିଲା ।



## କଳିଙ୍ଗ ଯୁଦ୍ଧ:

ସୁବର୍ଣ୍ଣରେଖା ନଦୀଠାରୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ ସୁବିସ୍ତୃତ ପୂର୍ବ ସାଗର କୂଳବର୍ତ୍ତୀ ଅଞ୍ଚଳ କଳିଙ୍ଗ ରାଷ୍ଟ୍ର ଅନ୍ତର୍ଭୁକ୍ତ ଥିଲା । ଏହା ପ୍ରାଚୀନ ଭାରତର ଏକ ଶକ୍ତିଶାଳୀ ସ୍ୱାଧୀନ ରାଷ୍ଟ୍ର ଥିଲା । ଅଶୋକ ନିଜ ସାମ୍ରାଜ୍ୟର ନିକଟରେ ଥିବା ଏକ ସ୍ୱାଧୀନ ଓ ଶକ୍ତିଶାଳୀ ରାଷ୍ଟ୍ରର ସ୍ଥିତିକୁ ସହ୍ୟ କରିପାରିନଥିଲେ । ଏହି କଳିଙ୍ଗ ରାଷ୍ଟ୍ର (ବର୍ତ୍ତମାନର ଓଡିଶା ରାଜ୍ୟ) ଥିଲା ବିପୁଳ ଐଶ୍ୱର୍ଯ୍ୟର ଅଧିକାରୀ ଓ ବାଣିଜ୍ୟ କାରବାରର ପୀଠସ୍ଥଳୀ । ମଗଧ ସାମ୍ରାଜ୍ୟର ଅର୍ଥନୈତିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଅଶୋକ କଳିଙ୍ଗ ଆକ୍ରମଣ କରିଥିଲେ । ଖ୍ରୀଷ୍ଟପୂର୍ବ ୨୬୧ ମସିହାରେ ଅଶୋକ କଳିଙ୍ଗ ଆକ୍ରମଣ କରିଥିଲେ । ଅନେକ ବିଶ୍ୱାସ କରନ୍ତି ଯେ ଶକ୍ତିଶାଳୀ କଳିଙ୍ଗ ବାହିନୀ ଭୁବନେଶ୍ୱରର ଦୟାନଦୀ କୂଳରେ ଥିବା ଧଉଳି ପାହାଡ଼ ନିକଟରେ ଅଶୋକଙ୍କ ସେନା ବାହିନୀଙ୍କୁ ପ୍ରତିରୋଧ କରିଥିଲେ । କଳିଙ୍ଗ ସେନାର ପ୍ରବଳ ପରାକ୍ରମ ଅଶୋକଙ୍କ ସେନା ସମ୍ମୁଖରେ ପରାଜୟ ବରଣ କରିଥିଲା । ଏହି ଯୁଦ୍ଧରେ ଏକ ଲକ୍ଷ ଲୋକ ନିହତ ହେଲେ । ଦେଢ଼ ଲକ୍ଷ ଲୋକଙ୍କୁ ବନ୍ଦୀ କରାଯାଇଥିଲା । ଯୁଦ୍ଧଜନିତ ମୃତ୍ୟୁ, ରକ୍ତପାତ, କ୍ଷୟକ୍ଷତି ଓ ଆହତ ସୈନ୍ୟମାନଙ୍କର ଆର୍ତ୍ତନାଦ ଅଶୋକଙ୍କ ହୃଦୟକୁ ବ୍ୟଥିତ କରିଥିଲା । ତାଙ୍କର ହୃଦୟ ପରିବର୍ତ୍ତନ ହୋଇଥିଲା । ସେଠାରେ ସେ ଅସ୍ତ୍ରତ୍ୟାଗ କରି ଜୀବନରେ ଆଉ ଯୁଦ୍ଧ କରିବେ ନାହିଁ ବୋଲି ସ୍ଥିର କରିଥିଲେ ।



ଅଶୋକଙ୍କ ଅନୁଶୋଚନା

**ବର୍ତ୍ତମାନ ଭୁବନେଶ୍ୱରର ଧଉଳି ନିକଟରେ ଅଶୋକଙ୍କ ସମୟର ଯେଉଁକୀର୍ତ୍ତି ଦେଖିବାକୁ ମିଳେ, ସେ ବିଷୟରେ ଅନ୍ୟମାନଙ୍କୁ ପଚାରି ଲେଖ ।**

## ଅଶୋକଙ୍କ ବୌଦ୍ଧ ଧର୍ମ ଗ୍ରହଣ ଓ ପ୍ରଚାର:

କଳିଙ୍ଗ ଯୁଦ୍ଧ ଅଶୋକଙ୍କ ଜୀବନଧାରାକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇଥିଲା । କଳିଙ୍ଗ ଯୁଦ୍ଧ ଯୋଗୁ ହୋଇଥିବା ରକ୍ତପାତ ହିଁ ଅଶୋକଙ୍କୁ 'ଚଣ୍ଡାଶୋକ' ରୁ 'ଧର୍ମାଶୋକ'ରେ ପରିଣତ କରାଇଥିଲା । ଏହି ଯୁଦ୍ଧ ପରେ ଅଶୋକ ବୌଦ୍ଧ ଧର୍ମ ଗ୍ରହଣ କରିଥିଲେ ଏବଂ ତାହାର ଉନ୍ନତି ଓ ପ୍ରସାର ପାଇଁ ନିଜକୁ ନିୟୋଜିତ କରିଥିଲେ । ବୌଦ୍ଧଧର୍ମର ଅହିଂସା ନୀତି ପ୍ରତି ଆକୃଷ୍ଟ ହୋଇ ତାହାର ପ୍ରଚାର ପାଇଁ ସେ ଉଦ୍ୟମ କରିଥିଲେ ।

ଅଶୋକ ଧର୍ମ ପ୍ରଚାର ପାଇଁ ଲୁମ୍ବିନୀ, ସାରନାଥ, କୁଶୀନଗର (କୁଶୀନାରା) ଇତ୍ୟାଦି ସ୍ଥାନକୁ ନିଜେ ଯାତ୍ରା କରିଥିଲେ । ତାଙ୍କର ଏହି ଯାତ୍ରାକୁ ଧର୍ମ ଯାତ୍ରା କୁହାଯାଏ । ବୌଦ୍ଧ ଧର୍ମର ପ୍ରଧାନ ପୀଠସ୍ଥଳୀମାନଙ୍କୁ ଯାତ୍ରା କରିବା ଦ୍ୱାରା ଅନେକ ଲୋକ ବୌଦ୍ଧ ଧର୍ମ ପ୍ରତି ଆକୃଷ୍ଟ ହୋଇ ଏହି ଧର୍ମ ଗ୍ରହଣ କରିଥିଲେ ।

### ଶିଳାଲିପି:

ଅଶୋକ ବୌଦ୍ଧଧର୍ମର ପ୍ରସାର ପାଇଁ ଅନେକ ସ୍ତମ୍ଭ, ସ୍ତୂପ, ବିହାରମାନ ସାମ୍ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ମାଣ କରିଥିଲେ । ଭୁବନେଶ୍ୱର ନିକଟରେ ଧଉଳି ପାହାଡ଼ରେ ତାଙ୍କର ଏକ ଶିଳାଲେଖ ଦେଖିବାକୁ ମିଳେ । ତାଙ୍କର ଆଉଏକ ଶିଳାଲେଖ ଗଞ୍ଜାମ ଜିଲ୍ଲାର ଜଉଗଡ଼ଠାରେ ଅଛି । ତାଙ୍କ ନିର୍ଦ୍ଦେଶରେ ଶିଳା ଓ ସ୍ତମ୍ଭମାନଙ୍କରେ ଖୋଦିତ ଲେଖାର ବିଷୟବସ୍ତୁ ହେଉଛି ପ୍ରଜା ଓ ରାଜକର୍ମଚାରୀମାନଙ୍କପ୍ରତି ଉଦ୍ଦିଷ୍ଟ ଅନୁଶାସନ । ଏହା ମଧ୍ୟ ତାଙ୍କ ଦ୍ୱାରା ପ୍ରବର୍ତ୍ତିତ "ଧମ୍ମ" ନୀତି ସୂଚାଇ ଦିଏ । "ଧମ୍ମ" କୌଣସି ଏକ ନିର୍ଦ୍ଦିଷ୍ଟ ଧର୍ମକୁ ବୁଝାଏ ନାହିଁ । ଅଶୋକ ତାଙ୍କ ଅନୁଶାସନରେ ଜନସାଧାରଣମାନଙ୍କୁ ତାଙ୍କ କର୍ତ୍ତବ୍ୟ ପ୍ରତି ସଚେତନ କରାଇବା ପାଇଁ ନୀତିବାଣୀଗୁଡ଼ିକ ଖୋଦନ କରିଥିଲେ । ସେହି ନୀତିଗୁଡ଼ିକ ହେଲା- (୧) ଜୀବ ହତ୍ୟାରୁ ନିବୃତ୍ତ ରହିବା, (୨) ଜୀବ ପ୍ରତି ଅହିଂସା ଭାବ ପ୍ରଦର୍ଶନ କରିବା, (୩) ପିତାମାତା ଗୁରୁଜନମାନଙ୍କର ଆଦେଶ ପାଳନ କରିବା, (୪) ଗୁରୁଜନଙ୍କୁ ଭକ୍ତି କରିବା, (୫) ବନ୍ଧୁବର୍ଗ, ଆତ୍ମୀୟ ସ୍ୱଜନ, ବ୍ରାହ୍ମଣ, ବୃଦ୍ଧ ଓ ବିପଦଗ୍ରସ୍ତମାନଙ୍କ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ କରିବା (୬) ଦାସ, ଦାସୀ ବା ଭୃତ୍ୟମାନଙ୍କ ପ୍ରତି ଦୟା କରିବା, (୭) ସତ୍ୟ କହିବା, (୮) ସାମାନ୍ୟ ସଞ୍ଚୟ କରିବା ଇତ୍ୟାଦି । ପ୍ରେମ ଓ ବନ୍ଧୁତା ଦ୍ୱାରା ହୃଦୟ ଜୟ କରିହେବ । ଏଣୁ ସମସ୍ତ ଲୋକ ପରସ୍ପର ପ୍ରତି ଭାତୃଭାବ ପ୍ରଦର୍ଶନ କରିବା ଆବଶ୍ୟକ ।

### ଧର୍ମ ମହାମାତ୍ର:

ଅଶୋକ 'ଧର୍ମ ମହାମାତ୍ର' ନାମକ କର୍ମଚାରୀମାନଙ୍କୁ ନିଯୁକ୍ତି ଦେଉଥିଲେ । ଏହି ଧର୍ମ ମହାମାତ୍ରମାନେ ସମଗ୍ର ଦେଶରେ ଭ୍ରମଣ କରି ଲୋକମାନଙ୍କୁ ତାଙ୍କଦ୍ୱାରା ପ୍ରବର୍ତ୍ତିତ "ଧମ୍ମ" ନୀତି ଶୁଣାଉଥିଲେ ଏବଂ ବୌଦ୍ଧଧର୍ମ ପ୍ରତି ଆକୃଷ୍ଟ କରିବା ପାଇଁ "ଧମ୍ମ" ନୀତିକୁ ବୁଝାଉଥିଲେ । ଏହା ଛଡ଼ା ଅଶୋକ ରାଜୁକ, ପ୍ରାଦେଶିକ ଓ ଯୁକ୍ତ ନାମକ କର୍ମଚାରୀମାନଙ୍କୁ ନିଯୁକ୍ତ କରିଥିଲେ । ଏମାନେ ପ୍ରଜାମାନଙ୍କୁ ଶ୍ରଦ୍ଧା କରିବା ସହିତ ସେମାନଙ୍କର ମଙ୍ଗଳ ପାଇଁ କାର୍ଯ୍ୟ କରୁଥିଲେ ।

### ଲୋକହିତକର କାର୍ଯ୍ୟ:

ଅଶୋକ ପ୍ରଜାମାନଙ୍କର ମଙ୍ଗଳ ପାଇଁ ବହୁ ଜନହିତକର କାର୍ଯ୍ୟ କରିଥିଲେ । ଲୋକମାନଙ୍କର ଯାତାୟାତ ପାଇଁ ସେ ରାସ୍ତାମାନ ନିର୍ମାଣ କରିବା ସହ ପଥିକମାନଙ୍କର ସୁବିଧା ପାଇଁ ରାସ୍ତା କଡ଼ରେ ଛାୟାପ୍ରଦାନକାରୀ ବୃକ୍ଷରୋପଣ କରିଥିଲେ । ଲୋକମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ଦେଇ ଅନେକ ସ୍ଥାନରେ ଔଷଧ ଜାତୀୟ ବୃକ୍ଷଲତାର ବଗିଚା କରିଥିଲେ । ଲୋକମାନଙ୍କୁ ପାନୀୟ ଜଳ ଯୋଗାଇଦେବା ପାଇଁ ଅନେକ କୂପ ଖୋଳାଇଥିଲେ ଏବଂ ପଥିକମାନଙ୍କ ବିଶ୍ରାମ ପାଇଁ ପାନ୍ଥଶାଳାମାନ ନିର୍ମାଣ କରିଥିଲେ । ମନୁଷ୍ୟ ଓ ପଶୁମାନଙ୍କ ଚିକିତ୍ସା ପାଇଁ ଚିକିତ୍ସାଳୟ ସ୍ଥାପନ କରିଥିଲେ ।

**ଅଶୋକଙ୍କ ଶିଳା ଓ ସ୍ତମ୍ଭ ଲେଖାରୁ ସେ କିପରି ରାଜାଥିଲେ ବୋଲି ତୁମେ ଭାବୁଛ, ଲେଖ ।**

## ଭାରତ ବାହାର ଦେଶ ସହ ସମ୍ପର୍କ:

ମୌର୍ଯ୍ୟ ଶାସକମାନେ ଭାରତ ବାହାରେ ଥିବା ଦେଶମାନଙ୍କ ସହିତ ସଂପର୍କ ରଖିଥିଲେ। ଅଶୋକଙ୍କ ପ୍ରଚେଷ୍ଟାରେ ପଶ୍ଚିମ ଏସିଆରେ ଲୋକମାନଙ୍କ ମଧ୍ୟରେ ଭ୍ରାତୃତ୍ୱ, ଅହିଂସା ଓ ଶାନ୍ତି ପ୍ରଭୃତି ମାନବିକ ନୀତିମାନଙ୍କର ମୂଳ ଭିତ୍ତି ସ୍ଥାପନ କରାହୋଇଥିଲା । ସେ ନିଜ ପୁତ୍ର ଓ କନ୍ୟାଙ୍କୁ ସିଂହଳ ଦେଶକୁ ପଠାଇ ସେଠାରେ ବୌଦ୍ଧ ଧର୍ମର ପ୍ରଚାର ଓ ପ୍ରସାର କରିବା ସହିତ ଭ୍ରାତୃତ୍ୱ ଭାବ ସୃଷ୍ଟି କରିଥିଲେ । ସେହିପରି ବ୍ରହ୍ମଦେଶକୁ ଶୋଣ ଓ ଉତ୍ତର ନାମକ ଦୁଇଜଣ ବୌଦ୍ଧ ଭିକ୍ଷୁଙ୍କୁ ପଠାଇଥିଲେ ।



ନନ୍ଦନଗଡର ଅଶୋକ ସ୍ତମ୍ଭ



ଅଶୋକ ସ୍ତମ୍ଭ

## ଅଶୋକ ସ୍ତମ୍ଭ :

ଅଶୋକ କଳା ଓ ସ୍ଥାପତ୍ୟର ପୃଷ୍ଠପୋଷକ ଥିଲେ । ସେ ଅନେକ ପ୍ରାସାଦ, ସ୍ତୂପ, ସ୍ତମ୍ଭ, ବୌଦ୍ଧବିହାର ମାନ ନିର୍ମାଣ କରାଇଥିଲେ। ସେଗୁଡ଼ିକ ମଧ୍ୟରୁ ସାରନାଥର ସ୍ତମ୍ଭ ପ୍ରଧାନ ଅଟେ। ଏହି ସ୍ତମ୍ଭର ଶୀର୍ଷ ଦେଶରେ ଚାରିଗୋଟି ସିଂହ ଅଛି । ଏହି ସିଂହ ଚାରିଦିଗକୁ ମୁହଁକରି ରହିଛନ୍ତି। ଭାରତ ସରକାର ଅଶୋକ ସ୍ତମ୍ଭର ଏହି ସିଂହକୁ ଜାତୀୟ ସଙ୍କେତ ରୂପେ ଗ୍ରହଣ କରିଛନ୍ତି। ଏହି ଚିହ୍ନ ମଧ୍ୟରେ ଥିବା ଚକ୍ରକୁ ଜାତୀୟ ପତାକାରେ ସ୍ଥାନ ଦିଆଯାଇଅଛି । ଏହି (ଅଶୋକ ସ୍ତମ୍ଭ) ସିଂହଚିହ୍ନଟି ଭାରତୀୟ ମୁଦ୍ରାମାନଙ୍କରେ ସ୍ଥାନ ପାଇଛି। ଏହି ସ୍ତମ୍ଭର ଉଚ୍ଚତା ୨.୧୫ ମିଟର ଅଟେ । ଏହି ଅଶୋକସ୍ତମ୍ଭରେ ଚାରିଗୋଟି ସିଂହ, ଗୋଟିଏ ଘୋଡା, ଗୋଟିଏ ହାତୀ ଓ ଗୋଟିଏ ଷଣ୍ଢର ଚିତ୍ର ରହିଅଛି । ଏଥିରେ ଥିବା ଧର୍ମ ଚକ୍ରଟି ସତ୍ୟର ପ୍ରତୀକ , ଏଥିରେ ୨୪ଟି ଅର ରହିଛି ।

**ଆମ ଜାତୀୟ ପତାକାର ଏକ ଚିତ୍ରଆଙ୍କି ଉପଯୁକ୍ତ ରଙ୍ଗଦିଅ ।**

## ଅଭ୍ୟାସ

୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ୫୦ଗୋଟି ଶବ୍ଦରେ ଉତ୍ତର ଦିଅ।

କ) ଚନ୍ଦ୍ରଗୁପ୍ତ ମୌର୍ଯ୍ୟ କିପରି ନନ୍ଦବଂଶ ଲୋପ କରି ମଗଧରେ ମୌର୍ଯ୍ୟ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ ?

ଖ) ସେଲିଉକସ୍ ନିକ୍‌ତାର କିଏ ? ଚନ୍ଦ୍ରଗୁପ୍ତଙ୍କ ସହ ତାଙ୍କର ଯୁଦ୍ଧର ପରିଣତି କ'ଣ ହୋଇଥିଲା ?

ଗ) ଚାଣକ୍ୟଙ୍କ ଦ୍ୱାରା ଲିଖିତ ''ଅର୍ଥଶାସ୍ତ୍ର''ରେ କେଉଁ ବିଷୟ ଉଲ୍ଲେଖ କରାଯାଇଛି ?

ଘ) ମେଗାସ୍ଥିନିସ୍ କିଏ ? ତାଙ୍କ ବିବରଣୀରେ କ'ଣ ଉଲ୍ଲେଖ କରାଯାଇଛି ?

ଙ) କଳିଙ୍ଗ ଯୁଦ୍ଧର କାରଣ ଓ ଫଳାଫଳ କ'ଣ ଥିଲା ?

ଚ) କଳିଙ୍ଗ ଯୁଦ୍ଧ ଅଶୋକଙ୍କ ମନରେ କାହିଁକି ପରିବର୍ତ୍ତନ ଆଣିଥିଲା ?

ଛ) ଅଶୋକଙ୍କ ''ଧମ୍ମ'' ନୀତି କ'ଣ ଥିଲା ?

ଜ) ଅଶୋକ କେଉଁ ଧର୍ମ ଗ୍ରହଣ କରିଥିଲେ ଏବଂ ଏହାର ପ୍ରସାର ପାଇଁ କେଉଁ କେଉଁ ପଦକ୍ଷେପ ନେଇଥିଲେ ?

**୨. ସଂକ୍ଷେପରେ ଏଗୁଡିକ ବିଷୟରେ ଲେଖ ।**

ଅଶୋକଙ୍କ ଶିଳାଲିପି, ଅଶୋକ ସ୍ତମ୍ଭ, ଧର୍ମ ମହାମାତ୍ର ।

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇଟି ବାକ୍ୟରେ ଲେଖ ।**

କ) ଚନ୍ଦ୍ରଗୁପ୍ତ କେଉଁମାନଙ୍କୁ ନେଇ ଏକ ସୈନ୍ୟବାହିନୀ ଗଠନ କରିଥିଲେ ?

ଖ) ଅଶୋକ କଳିଙ୍ଗ ଆକ୍ରମଣ କରିବାର ଦୁଇଟି କାରଣ କ'ଣ ?

ଗ) ବିନ୍ଦୁସାର ତକ୍ଷଶୀଳାର ବିଦ୍ରୋହକୁ ଦମନ କରିବା ପାଇଁ କାହାକୁ ପଠାଇଥିଲେ ?

ଘ) ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ସାମ୍ରାଜ୍ୟ କେଉଁଠାରୁ କେଉଁ ପର୍ଯ୍ୟନ୍ତ ବିସ୍ତୃତ ଥିଲା ?

**୪. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ଗୋଟିଏ ବାକ୍ୟରେ ଲେଖ ।**

କ) ଅଶୋକ ବୌଦ୍ଧଧର୍ମ ପ୍ରଚାର ଓ ପ୍ରସାର ପାଇଁ ନିଜ ପୁତ୍ର ଓ କନ୍ୟାଙ୍କୁ କେଉଁଠାକୁ ପଠାଇଥିଲେ ?

ଖ) ଅଶୋକ ସ୍ତମ୍ଭ ମଧ୍ୟରେ ଥିବା ଚକ୍ରକୁ କ'ଣ କୁହାଯାଏ ?

ଗ) ଅଶୋକଙ୍କ ନିଷ୍ଠୁର ପ୍ରକୃତି ପାଇଁ ତାଙ୍କୁ କ'ଣ କୁହାଯାଉଥିଲା ?

ଘ) କଳିଙ୍ଗ ଯୁଦ୍ଧ କେବେ ହୋଇଥିଲା ?

ଙ) ଚନ୍ଦ୍ରଗୁପ୍ତ ମୌର୍ଯ୍ୟ କାହାକୁ ପରାସ୍ତ କରି ମଗଧର ଶାସକ ହୋଇଥିଲେ ?

**୫. ପ୍ରତ୍ୟେକ ଉକ୍ତିରେ ଥିବା ଭ୍ରମ ସଂଶୋଧନ କର ।**

କ) ଗ୍ରୀକ୍‌ବୀର ଆଲେକ୍‌ଜାଣ୍ଡାର୍‌ଙ୍କ ସେନାପତି ମେଗାସ୍ଥିନିସ୍ ଥିଲେ ।

ଖ) ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଚାଣକ୍ୟଙ୍କୁ ସେନାପତି ରୂପେ ନିଯୁକ୍ତ କରିଥିଲେ ।

ଗ) ଅଶୋକ ''ଧର୍ମ ମହାମାତ୍ର'' ମାନଙ୍କୁ ଯୁଦ୍ଧ କାର୍ଯ୍ୟରେ ନିୟୋଜିତ କରିଥିଲେ ।

ଘ) ଅଶୋକ ସ୍ତମ୍ଭରେ ଚାରିଗୋଟି ବାଘର ଚିତ୍ର ରହିଛି ।

୬. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦବାଛି ଶୂନ୍ୟସ୍ଥାନ ପୂରଣ କର ।

କ) ମଗଧରେ ନନ୍ଦ ବଂଶକୁ ଲୋପ କରିବାପାଇଁ ____________ ଶପଥ ନେଇଥିଲେ ।

(ଚନ୍ଦ୍ରଗୁପ୍ତ, ଅଶୋକ, ଚାଣକ୍ୟ, ସେଲିଉକାସ୍ ନିକ୍‌ତାର୍)

ଖ) ମେଗାସ୍ଥିନିସ୍ ଗ୍ରୀକର ____________ ଥିଲେ ।

(ରାଜଦୂତ, ରାଜା, ସେନାପତି, ଧର୍ମ ପ୍ରଚାରକ)

ଗ) ଅଶୋକ କଳିଙ୍ଗ ଯୁଦ୍ଧରେ ____________ ଲୋକଙ୍କୁ ବନ୍ଦୀ କରିଥିଲେ ।

(ପଚାଶହଜାର, ଏକଲକ୍ଷ, ଦେଢ଼ଲକ୍ଷ, ଦୁଇଲକ୍ଷ )

ଘ) ସତ୍ୟର ପ୍ରତୀକ ଧର୍ମଚକ୍ରରେ ____________ ଟି ଅର ଅଛି ।

(୧୨, ୨୪, ୨୦, ୨୧)

୭. 'କ' ସ୍ତମ୍ଭର ପ୍ରତ୍ୟେକ ଶବ୍ଦ ସହିତ 'ଖ' ସ୍ତମ୍ଭର ସଂପର୍କିତ ଶବ୍ଦଗୁଡ଼ିକ ମିଳାଇ ଲେଖ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଇଣ୍ଡିକା | ଚନ୍ଦ୍ରଗୁପ୍ତ |
| ଧମ୍ମ | ମେଗାସ୍ଥିନିସ୍ |
| କୌଟିଲ୍ୟ | ଅଶୋକ |
| | ଚାଣକ୍ୟ |



## ତୁମପାଇଁ କାମ :



ଓଡ଼ିଶା ମାନଚିତ୍ର ଅଙ୍କନକରି କଳିଙ୍ଗ ଯୁଦ୍ଧର ସ୍ଥାନ ଦର୍ଶାଅ ।

ନବମ ଅଧ୍ୟାୟ

D5T4QK

# ଖ୍ରୀ.ପୂ. ୨୦୦ରୁ ଖ୍ରୀ:ଅ: ୩୦୦ ମଧ୍ୟରେ ଭାରତ



ଆଜି ରବିବାର । ବବ୍‌ଲୁ ସକାଳୁ ଉଠି ଜଳଖିଆ ଖାଇଲା । ଏହି ସମୟରେ ଖବର କାଗଜବାଲା ଖବର କାଗଜ ସହିତ ସାପ୍ତାହିକ ଦେଇଗଲା । ସାପ୍ତାହିକରେ ମୌର୍ଯ୍ୟ ସମ୍ରାଟ ଅଶୋକଙ୍କ ବିଷୟରେ ସୁନ୍ଦର ଗପଟିଏ ବାହାରିଥିଲା । ସେହି ଗପରୁ ଅଶୋକ ଜଣେ ସମ୍ରାଟ ଓ ସୁଶାସକ ଥିଲେ ବୋଲି ବବ୍‌ଲୁ ଜାଣିବାକୁ ପାଇଲା । ଏହା ସହ ଅଶୋକଙ୍କ ମୃତ୍ୟୁପରେ ତାଙ୍କ ଦୁର୍ବଳ ଉତ୍ତରାଧିକାରୀମାନେ ତାଙ୍କ ବିରାଟ ସାମ୍ରାଜ୍ୟକୁ ରକ୍ଷା କରିପାରିନଥିଲେ ବୋଲି ଜାଣି ତା ମନରେ ପ୍ରଶ୍ନ ଉଠିଲା, ଅଶୋକଙ୍କ ପରେ ଭାରତର ଅବସ୍ଥା କ'ଣ ହୋଇଥିବ ? ଏ ପ୍ରଶ୍ନର ଉତ୍ତର ପାଇବା ପାଇଁ ତା ପରଦିନ ସେ ବିଦ୍ୟାଳୟର ପାଠାଗାରକୁ ଯାଇ ଇତିହାସ ବହି ପଢ଼ି ତା' ମନରେ ଉଠିଥିବା ପ୍ରଶ୍ନର ଉତ୍ତର ପାଇଗଲା ।

ସେ ପାଇଥିବା ଉତ୍ତରଗୁଡ଼ିକ ହେଉଛି – ଭାରତରେ ଖ୍ରୀ: ପୂ: ୨୦୦ରେ ମୌର୍ଯ୍ୟ ସାମ୍ରାଜ୍ୟ ପରି ବଡ଼ ସାମ୍ରାଜ୍ୟ ଗଠନ ହୋଇ ପାରିନଥିଲେ ମଧ୍ୟ ଏହି ସମୟରେ କେନ୍ଦ୍ର ଏସିଆ ଓ ଭାରତ ମଧ୍ୟରେ ବହୁବିଧ ସଂପର୍କ ସ୍ଥାପିତ ହୋଇଥିଲା । ମୌର୍ଯ୍ୟ ଶାସନ ପରେ ପୂର୍ବ, ମଧ୍ୟ ଓ ଦକ୍ଷିଣ ଭାରତରେ ଶୁଙ୍ଗ, କାଣ୍ୱ ଓ ସାତବାହନ ଆଦି ବଂଶର ରାଜାମାନେ ଶାସନ କରୁଥିବା ବେଳେ ପଶ୍ଚିମ ଭାରତରେ କେନ୍ଦ୍ର ଏସିଆର କେତେକ ଶାସକ ଶାସନ କରୁଥିଲେ ।

## ଭାରତୀୟ-ଗ୍ରୀକ୍‌ମାନଙ୍କର ଶାସନ:

ଖ୍ରୀ:ପୂ: ଦ୍ୱିତୀୟ ଶତାବ୍ଦୀରେ ଉତ୍ତର ପଶ୍ଚିମ ଭାରତକୁ ଏକାଧିକ ବୈଦେଶିକ ଜାତି ଆକ୍ରମଣ କରିଥିଲେ । ଏହି ଆକ୍ରମଣକାରୀଙ୍କ ମଧ୍ୟରୁ ଉତ୍ତର ଆଫଗାନିସ୍ଥାନର ଆମୁଦରିଆ ନଦୀର ଦକ୍ଷିଣରେ ଅବସ୍ଥିତ ବ୍ୟାକଟ୍ରିଆ ରାଜ୍ୟରେ ଶାସନ କରୁଥିବା ଗ୍ରୀକ୍‌ମାନେ ପ୍ରଥମେ ହିନ୍ଦୁକୁଶ ପର୍ବତ ଅତିକ୍ରମ କରିଥିଲେ । ଏହି ଆକ୍ରମଣକାରୀମାନେ ବିଭିନ୍ନ ସମୟରେ ଆସିଥିଲେ । ସେମାନଙ୍କ ମଧ୍ୟରୁ କେତେକ ସେଠାରେ ନିଜେ ଶାସନ କରିଥିଲେ ଓ ଆଉ କେତେକ ସେଠାରେ ନିଜର ଶାସନକର୍ତ୍ତା ନିଯୁକ୍ତ କରିଥିଲେ ।

ଶକ ଜାତିର ଲୋକମାନଙ୍କ ପ୍ରବଳ ଚାପ ଯୋଗୁ ଏହି ଅଞ୍ଚଳର ଶାସକମାନେ ପରବର୍ତ୍ତୀ ସମୟରେ ନିଜର ଶାସନ କାର୍ଯ୍ୟ ଚଳାଇ ପାରିନଥିଲେ । ଏହି ସମୟରେ ଚୀନ୍‌ର ବୃହତ ପ୍ରାଚୀର ନିର୍ମାଣ ହୋଇ ଯାଇଥିବାରୁ ଶକମାନେ ଚୀନ ଆଡକୁ ଅଗ୍ରସର ହୋଇପାରି ନଥିଲେ । ଯାହାର ଫଳସ୍ୱରୂପ ସେମାନେ ନିଜ ପଡ଼ୋଶୀ ଦେଶରେ ଶାସନ କରୁଥିବା ଗ୍ରୀକ୍ ଓ ପଲ୍ଲବ ଶାସକମାନଙ୍କ ଉପରେ ନଜର ପକାଇଲେ । ଶକମାନଙ୍କ ଚାପ ଫଳରେ ବାକ୍ଟ୍ରିଆରେ ଶାସନ କରୁଥିବା ଗ୍ରୀକ୍‌ମାନେ ଭାରତ ଆଡକୁ ଅଗ୍ରସର ହେଲେ ।

**ଗ୍ରୀକମାନେ କେଉଁଦିଗରୁ ଭାରତ ମଧ୍ୟରେ ପ୍ରବେଶ କରିଥିବେ, ମାନଚିତ୍ର ଦେଖି ସ୍ଥିର କର ।**

ଗ୍ରୀକ୍‌ମାନଙ୍କୁ ସେହି ସମୟରେ ଶାସନ କରୁଥିବା ଅଶୋକଙ୍କ ଦୁର୍ବଳ ଉତ୍ତରାଧିକାରୀମାନେ ପ୍ରତିରୋଧ କରିପାରିନଥିଲେ । ଫଳରେ ବାକ୍‌ଟ୍ରିଆରେ ଶାସନ କରୁଥିବା ଗ୍ରୀକ୍‌ମାନେ ପ୍ରଥମେ ଭାରତର ଉତ୍ତର-ପଶ୍ଚିମାଞ୍ଚଳ ଅଧିକାର କରିଥିଲେ ଏବଂ ପରେ ଅଯୋଧ୍ୟା ଓ ପାଟଳୀପୁତ୍ର ପର୍ଯ୍ୟନ୍ତ ମାଡ଼ି ଆସିଥିଲେ ବୋଲି କୁହାଯାଏ । ମାତ୍ର ଗ୍ରୀକ୍‌ମାନେ ସାମଗ୍ରିକ ଭାବେ ଭାରତରେ ନିଜର ଶାସନ ପ୍ରତିଷ୍ଠା କରିପାରିନଥିଲେ ।

ଗ୍ରୀକ୍ ଶାସନକର୍ତ୍ତାମାନଙ୍କ ମଧ୍ୟରେ ମେନେଣ୍ଡର୍ (ଖ୍ରୀ:ପୂ: ୧୬୫-୧୪୫) ପ୍ରମୁଖ ଥିଲେ । କେତେକ ତାଙ୍କୁ 'ମିଳିନ୍ଦ' ବୋଲି କହିଥାନ୍ତି । ସେ ତାଙ୍କର ରାଜଧାନୀ 'ଶାକଳ' (ବର୍ତ୍ତମାନର ପଶ୍ଚିମ ପଞ୍ଜାବର ସିଆଲ୍‌କୋଟ୍) ଠାରେ ସ୍ଥାପନ କରିଥିଲେ । ମେନେଣ୍ଡର୍ ବୌଦ୍ଧଗୁରୁ ନାଗାର୍ଜୁନଙ୍କ ଦ୍ୱାରା ବୌଦ୍ଧ ଧର୍ମରେ ଦୀକ୍ଷିତ ହୋଇଥିଲେ ଓ ସେ ନାଗାର୍ଜୁନଙ୍କୁ ବୌଦ୍ଧ ଧର୍ମ ବିଷୟରେ ଅନେକ ପ୍ରଶ୍ନ ପଚାରିଥିଲେ । ମେନେଣ୍ଡର୍ ପଚାରିଥିବା ପ୍ରଶ୍ନ ଓ ନାଗାର୍ଜୁନ ଦେଇଥିବା ଉତ୍ତର ''ମିଳିନ୍ଦପନ୍‌ହ'' ନାମକ ଗ୍ରନ୍ଥରେ ଲିପିବଦ୍ଧ ହୋଇଅଛି ।

ଭାରତୀୟ - ଗ୍ରୀକ୍‌ମାନେ ଭାରତରେ ଅନେକ ଗୁଡିଏ ମୁଦ୍ରା ପ୍ରଥମେ ପ୍ରଚଳନ କରିଥିଲେ । ପରବର୍ତ୍ତୀ ଶତାବ୍ଦୀରେ ଅନ୍ୟ ରାଜ୍ୟମାନଙ୍କରେ ମଧ୍ୟ ମୁଦ୍ରା ପ୍ରଚଳିତ ହୋଇଥିଲା । ଏହାଛଡ଼ା ଭାରତରେ ସେମାନେ ବୌଦ୍ଧ ଶିଳ୍ପ କଳାର ପୃଷ୍ଠପୋଷକତା କରୁଥିଲେ, ଯାହାକୁ ଗାନ୍ଧାର କଳା ମଧ୍ୟ କୁହାଯାଏ ।



ଭାରତୀୟ-ଗ୍ରୀକମାନଙ୍କର ମୁଦ୍ରା

ଭାରତରେ ଶାସନ କରୁଥିବା ଗ୍ରୀକ୍‌ମାନେ କାଳକ୍ରମେ ଭାରତୀୟ ସଂସ୍କୃତି ଓ ଧର୍ମ ଗ୍ରହଣ କରିଥିଲେ । ଆହୁରି ମଧ୍ୟ ପରସ୍ପର ମଧ୍ୟରେ ସଂପର୍କ ବଢ଼ାଇବା ପାଇଁ ବୈବାହିକ ସମ୍ବନ୍ଧ ସ୍ଥାପନ କରି ଭାରତୀୟ ନାମ ଧାରଣ କରିଥିଲେ । ଯାହାର ଫଳସ୍ୱରୂପ ସେମାନେ ଭାରତୀୟ ବୋଲି ପରିଗଣିତ ହେଲେ ଏବଂ ସେମାନଙ୍କର ମୂଳ ପରିଚୟ ଲୋପପାଇଲା ।

ଚିତ୍ରରେ ଥିବା ଗ୍ରୀକ୍ ମୁଦ୍ରା ଏବଂ ଆମେ ବ୍ୟବହାର କରୁଥିବା ମୁଦ୍ରାମାନଙ୍କ ମଧ୍ୟରେ କି ପାର୍ଥକ୍ୟ ଦେଖୁଛ ?

### ଶକମାନଙ୍କର ଶାସନ :

ଭାରତୀୟ - ଗ୍ରୀକ୍‌ମାନଙ୍କ ପରେ ଉତ୍ତର-ପଶ୍ଚିମ ଭାରତରେ ଶକମାନେ ଶାସନ କରିଥିଲେ । ଗ୍ରୀକ୍‌ମାନଙ୍କ ଅପେକ୍ଷା ଶକମାନେ ଭାରତର ଅଧିକ ଅଞ୍ଚଳରେ ନିଜର ଶାସନ ପ୍ରତିଷ୍ଠା କରିଥିଲେ । ଶକମାନେ ମଙ୍ଗୋଲୀୟମାନଙ୍କର ଏକ ଶାଖାଥିଲେ । ସେମାନେ ପ୍ରଥମେ ସରଦରିଆ ନଦୀର ପଶ୍ଚିମ ଭାଗରେ ବାସ କରୁଥିଲେ । ସେମାନଙ୍କୁ ସେଠାରୁ ୟୁ-ଚି ଜାତିର ଲୋକମାନେ ବିତାଡ଼ିତ କରିବାରୁ ସେମାନେ ଭାରତ ଆଡ଼କୁ ଅଗ୍ରସର ହେଲେ ଏବଂ ଭାରତୀୟ-ଗ୍ରୀକ୍ ରାଜ୍ୟ ଅଧିକାର କରି ନିଜର ଶାସନ ପ୍ରତିଷ୍ଠା କଲେ । ଶକମାନେ ପାଞ୍ଚଟି ଭାଗରେ ବିଭକ୍ତ ହୋଇ ଭାରତ ଓ ଆଫଗାନିସ୍ଥାନରେ ନିଜର ଶାସନ ପ୍ରତିଷ୍ଠା କରିଥିଲେ । ଏହି ଭାଗଗୁଡ଼ିକ ମଧ୍ୟରୁ ପ୍ରଥମଭାଗ ଆଫଗାନି ସ୍ଥାନରେ ଓ ଦ୍ୱିତୀୟ ଭାଗଟି ଭାରତର ତକ୍ଷଶୀଳାଠାରେ ନିଜର ରାଜଧାନୀ ପ୍ରତିଷ୍ଠାକରି ଶାସନ କରିଥିଲେ । ତୃତୀୟ ଭାଗଟି ମଥୁରାରେ ରହି ଦୁଇ ଶହ ବର୍ଷ ଧରି

ଶାସନ କରିଥିଲେ । ଚତୁର୍ଥ ଭାଗଟି ପଶ୍ଚିମ ଭାରତରେ ବସବାସ କରି ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀ ପର୍ଯ୍ୟନ୍ତ ଶାସନ କରିଥିଲେ ଓ ପଞ୍ଚମ ଭାଗଟି ଦାକ୍ଷିଣାତ୍ୟର ଉପର ଭାଗରେ ନିଜର ଶାସନ ପ୍ରତିଷ୍ଠା କରିଥିଲେ ।

ଭାରତୀୟ ରାଜା ଓ ଲୋକମାନଙ୍କଠାରୁ ଶକମାନେ କୌଣସି ପ୍ରତିରୋଧର ସମ୍ମୁଖୀନ ହୋଇ ନଥିଲେ । ମାତ୍ର କିମ୍ବଦନ୍ତୀ ଅନୁସାରେ ଉଜ୍ଜୟିନୀର ଜଣେ ରାଜା ଶକମାନଙ୍କୁ ସଫଳ ଭାବେ ପ୍ରତିରୋଧ କରି ତଡି ଦେବାରେ ସମର୍ଥ ହୋଇଥିଲେ । ସେ ଖ୍ରୀ:ପୂ: ୫୮ ମସିହାରେ ଶକମାନଙ୍କୁ ପରାସ୍ତ କରି ନିଜକୁ ବିକ୍ରମାଦିତ୍ୟ ଉପାଧିରେ ଭୂଷିତ କରି ବିକ୍ରମ ସମ୍ବତ୍ ବା ଅବ୍ଦ ପ୍ରଚଳନ କରିଥିଲେ । ତାଙ୍କ ପରେ ଆହୁରି ଅନେକ ରାଜା ବିକ୍ରମାଦିତ୍ୟ ଉପାଧି ଧାରଣ କରି ଶାସନ କରିଥିଲେ । ଏହି ପ୍ରଥା ଖ୍ରୀଷ୍ଟାବ୍ଦ ୧୪୦୦ ପର୍ଯ୍ୟନ୍ତ ପଶ୍ଚିମ ଭାରତ ଓ ଦାକ୍ଷିଣାତ୍ୟରେ ଚଳି ଆସିଥିଲା ।

ଶକମାନେ ଭାରତର ବିଭିନ୍ନ ଭାଗରେ ଶାସନ କରୁଥିଲେ ମଧ୍ୟ କେବଳ ପଶ୍ଚିମ ଭାରତରେ ସେମାନେ ଦୀର୍ଘ ଚାରି ଶହବର୍ଷ ଧରି ନିଜର ଶାସନ ଚଳାଇଥିଲେ । ଶକରାଜାମାନଙ୍କ ମଧ୍ୟରେ ରୁଦ୍ରଦାମନ (ଖ୍ରୀ.ଅ. ୧୩୦-୧୫୦) ଶ୍ରେଷ୍ଠ ଥିଲେ । ସେ ମାଳବ, ସୌରାଷ୍ଟ୍ର, ଗୁଜରାଟ ଉତ୍ତର କଙ୍କଣ ଉପକୂଳ ଏବଂ ନର୍ମଦା ଉପତ୍ୟକାରେ ଥିବା କେତେକ ରାଜ୍ୟ ଜୟ କରିଥିଲେ । ଆହୁରି ମଧ୍ୟ ସେ ମୌର୍ଯ୍ୟ ଶାସନ କାଳରେ ଜଳସେଚନ ପାଇଁ ତିଆରି ହୋଇ ବହୁଦିନ ବ୍ୟବହୃତ ହୋଇନଥିବା ସୁଦର୍ଶନ ହ୍ରଦର ମରାମତି କରାଇ ସୁନାମ ଅର୍ଜନ କରିଥିଲେ ।


ଚାଷ ଜମିରେ କିପରି ଜଳସେଚନ କରାଯାଏ, ଅନୁଧ୍ୟାନ କର ଓ ସାଙ୍ଗମାନଙ୍କ ସହିତ ଆଲୋଚନା କରି ଲେଖ ।

ରୁଦ୍ରଦାମନ ସଂସ୍କୃତ ଭାଷାକୁ ଅତ୍ୟନ୍ତ ଭଲ ପାଉଥିଲେ ଓ ଏଥିରେ ତାଙ୍କର ଗଭୀର ପାଣ୍ଡିତ୍ୟ ଥିଲା । ସେ ବିଦ୍ୱାନ ପଣ୍ଡିତମାନଙ୍କୁ ସମ୍ମାନ ଦେଇ ଆଦର କରୁଥିଲେ । ଆହୁରି ମଧ୍ୟ ତାଙ୍କର ବ୍ୟାକରଣ, ରାଜନୀତି, ସଙ୍ଗୀତ ଓ ଦର୍ଶନ କ୍ଷେତ୍ରରେ ପର୍ଯ୍ୟାପ୍ତ ଜ୍ଞାନ ଥିଲା ବୋଲି ତାଙ୍କ ସମୟର ଏକ ପ୍ରାଚୀନ ଶିଳାଲିପିରୁ ଜଣାଯାଏ । ସେ ଭାରତରେ ଶାସନ କରୁଥିବା ସାତବାହନ, ଲିଚ୍ଛବୀ ଇତ୍ୟାଦି ରାଜ ପରିବାର ସହ ବୈବାହିକ ସଂପର୍କ ସ୍ଥାପନ କରିଥିଲେ । ଶକମାନେ ଭାରତୀୟ ଲୋକମାନଙ୍କ ରୀତିନୀତି ଓ ଚଳଣୀରେ ସାମିଲ ହୋଇଥିଲେ ଏବଂ ଭାରତୀୟ ସଂସ୍କୃତି ଗ୍ରହଣ କରି ଗ୍ରୀକ୍‌ମାନଙ୍କ ପରି ସଂପୂର୍ଣ୍ଣ ଭାବରେ ଭାରତୀୟ ହୋଇଯାଇଥିଲେ ।

### କୁଶାଣ ରାଜତ୍ୱ :

ଖ୍ରୀଷ୍ଟ ଜନ୍ମର ପୂର୍ବବର୍ତ୍ତୀ ଦୁଇ ଶହବର୍ଷ ମଧ୍ୟରେ ପଶ୍ଚିମ ଏସିଆ ଭୂଖଣ୍ଡକୁ ବିଭିନ୍ନ ଜାତିର ଲୋକମାନେ ଆସିଥିଲେ । ସେମାନଙ୍କ ମଧ୍ୟରେ ତିନୋଟି ଜାତି, ଯଥା: ଶକ, ପଲ୍ଲବ ଏବଂ ୟୁ-ଚି ପ୍ରଧାନ । ଏହିସବୁ ଜାତିର ଲୋକମାନେ ଆସିବା ଫଳରେ ପଶ୍ଚିମ ଏସିଆର ବିଭିନ୍ନ ଅଞ୍ଚଳରେ ପ୍ରଭାବ ବିସ୍ତାର କରିଥିବା ଗ୍ରୀକ୍‌ମାନଙ୍କର ଆଧିପତ୍ୟ ଲୋପ ପାଇଲା । ଏହି ଜାତିମାନଙ୍କ ମଧ୍ୟରେ ୟୁ-ଚି ଜାତି ପାଞ୍ଚ ଗୋଷ୍ଠୀରେ ବିଭକ୍ତ ହୋଇଥିଲେ । ଏମାନଙ୍କ ମଧ୍ୟରେ କୁଶାଣ ଗୋଷ୍ଠୀ ପ୍ରସିଦ୍ଧ ଥିଲେ ।

କୁଶାଣମାନଙ୍କ ଉତ୍ପତ୍ତି ବିଷୟରେ ଚୀନ ଭାଷାରେ ଲିଖିତ ପ୍ରାଚୀନ ଗ୍ରନ୍ଥରୁ ଅନେକ ତଥ୍ୟ ମିଳିଥାଏ । ଏହି ତଥ୍ୟ ଅନୁସାରେ ଖ୍ରୀ:ପୂ: ଦ୍ୱିତୀୟ ଶତାବ୍ଦୀରେ ଚୀନ ଦେଶର ପଶ୍ଚିମ ଭାଗରେ ୟୁ-ଚି ନାମକ ଗୋଟିଏ ଶକ୍ତିଶାଳୀ ଯାଯାବର ଜାତି




ବାସ କରୁଥିଲେ । ହୁଣ ନାମକ ଅନ୍ୟ ଏକ ଶକ୍ତିଶାଳୀ ଯାଯାବର ଜାତି ଏମାନଙ୍କୁ ସେଠାରୁ ତଡ଼ି ଦେଇଥିଲେ । ୟୁ-ଚିମାନେ ପଶ୍ଚିମ ଏସିଆକୁ ପଳାଇ ଆସି ଶକମାନଙ୍କୁ ବିତାଡ଼ିତ କରି ବାକ୍ଟ୍ରିଆ ବା ଉତ୍ତର ଆଫଗାନିସ୍ଥାନ ଦଖଲ କଲେ । ଏହାପରେ ସେମାନେ ହିନ୍ଦୁକୁଶ ପର୍ବତ ଅତିକ୍ରମ କରି ନିମ୍ନ ସିନ୍ଧୁ ଅବବାହିକା ଓ ବିସ୍ତୀର୍ଣ୍ଣ ଗାଙ୍ଗେୟ ଅବବାହିକାରେ ନିଜର ଆଧିପତ୍ୟ ବିସ୍ତାର କଲେ ।

କୁଶାଣମାନଙ୍କ ସାମ୍ରାଜ୍ୟ ଆମୁଦରିଆଠାରୁ ଗଙ୍ଗା ପର୍ଯ୍ୟନ୍ତ ଏବଂ କେନ୍ଦ୍ର ଏସିଆର ଖୋରାସନଠାରୁ ଉତ୍ତର ପ୍ରଦେଶର ବାରାଣାସୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । କେନ୍ଦ୍ର ଏସିଆର କେତେକ ଅଞ୍ଚଳ, ଆଫଗାନିସ୍ଥାନର କିଛି ଅଂଶ ଏବଂ ପାକିସ୍ତାନ ଓ ଉତ୍ତର ଭାରତର ଅଧିକାଂଶ ଅଞ୍ଚଳ କୁଶାଣ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିଲା ।

**ମାନଚିତ୍ର ଆଙ୍କି ସେଥିରେ କୁଶାଣ ସାମ୍ରାଜ୍ୟ ଚିହ୍ନିତ କର ।**

କୁଶାଣ ଶାସକମାନେ ଭାରତରେ ସଫଳ ଭାବେ ନିଜର ଶାସନ ପ୍ରତିଷ୍ଠା କରିଥିଲେ । ସେମାନଙ୍କ ମଧ୍ୟରେ ପ୍ରଥମ କାଡ୍‌ଫିସେସ୍ ଓ ଦ୍ୱିତୀୟ କାଡ୍‌ଫିସେସ୍ ପ୍ରମୁଖ ଥିଲେ । ଏହି ଦୁଇଜଣ ରାଜା ତାଙ୍କ ରାଜ୍ୟରେ ଅନେକ ମୁଦ୍ରା ପ୍ରଚଳନ କରିଥିଲେ । ଦ୍ୱିତୀୟ କାଡ୍‌ଫିସେସ୍ ସ୍ୱର୍ଣ୍ଣମୁଦ୍ରା ପ୍ରଚଳନ କରିଥିଲେ । ଏହା ଭାରତରେ ପ୍ରଚଳିତ ପ୍ରଥମ ସ୍ୱର୍ଣ୍ଣମୁଦ୍ରା । କେତେକ ମୁଦ୍ରାରେ ଶିବ ମୂର୍ତ୍ତି ଥିବାରୁ ସେ ଶିବ ଉପାସକ ଥିଲେ ବୋଲି ଅନୁମାନ କରାଯାଏ ।

### କୁଶାଣ ସମ୍ରାଟ କନିଷ୍କ

କନିଷ୍କ କୁଶାଣ ରାଜବଂଶର ତୃତୀୟ ଏବଂ ସର୍ବଶ୍ରେଷ୍ଠ ରାଜାଥିଲେ । ସେ ୭୮ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । ଏହି ବର୍ଷଠାରୁ ଶକାବ୍ଦ ଗଣନା କରାଯାଏ ।

#### ରାଜ୍ୟଜୟ :

କନିଷ୍କ ସିଂହାସନ ଆରୋହଣ କରିବା ସମୟରେ ତାଙ୍କ ରାଜ୍ୟ ଆଫଗାନିସ୍ଥାନ, ସିନ୍ଧୁପ୍ରଦେଶର ଏକ ବୃହତ ଅଂଶ, ପଞ୍ଜାବ ଏବଂ ପାର୍ଥିଆର ଓ ବାକ୍‌ଟ୍ରିଆର କେତେକ ଅଞ୍ଚଳରେ ବିସ୍ତୃତ ଥିଲା । କନିଷ୍କ ଖୋଟାନ, କାଶ୍ମୀର, ଗାଙ୍ଗେୟ ଉପତ୍ୟକାର କେତେକ ଅଂଶ, ମାଳବ ଇତ୍ୟାଦି ଜୟକରି ନିଜ ସାମ୍ରାଜ୍ୟରେ ମିଶାଇଥିଲେ । ତାଙ୍କ ସାମ୍ରାଜ୍ୟ ପଶ୍ଚିମରେ ପାରସ୍ୟ (ବର୍ତ୍ତମାନର ଇରାନ) ଠାରୁ ପୂର୍ବରେ ପାଟଳିପୁତ୍ର (ବିହାରର ପାଟଣା) ପର୍ଯ୍ୟନ୍ତ ବିସ୍ତୃତ ଥିଲା । ପୁରୁଷପୁର (ପାକିସ୍ଥାନର ପେଶାବାର) ତାଙ୍କର ରାଜଧାନୀ ଥିଲା ।



କୁଶାଣମାନଙ୍କ ଦ୍ୱାରା ପ୍ରଚଳିତ ମୁଦ୍ରା

ଅଶ୍ୱଘୋଷଙ୍କ ଦ୍ୱାରା ପ୍ରଭାବିତ ହୋଇ କନିଷ୍କ ବୌଦ୍ଧଧର୍ମ ଗ୍ରହଣ କରିଥିଲେ ଓ ଏହି ଧର୍ମର ପ୍ରଚାର ଓ ପ୍ରସାର ପାଇଁ ଅନେକ କାର୍ଯ୍ୟ କରିଥିଲେ । ସେ ଅନେକ ସ୍ତୂପ ଓ ବୌଦ୍ଧ ବିହାର ନିର୍ମାଣ କରିଥିଲେ । ସେତେବେଳକୁ ବୌଦ୍ଧ ଧର୍ମ ହୀନଯାନ ଓ ମହାଯାନ ଦୁଇ ଭାଗରେ ବିଭକ୍ତ ହୋଇଥିଲା । କନିଷ୍କ ମହାଯାନ ବୌଦ୍ଧ ଧର୍ମର ପୃଷ୍ଠପୋଷକତା କରିଥିଲେ । ତାଙ୍କ ଦ୍ୱାରା ଚତୁର୍ଥ ବୌଦ୍ଧ ସମ୍ମିଳନୀ ଆହୂତ ହୋଇଥିଲା । ଏହି ସମ୍ମିଳନୀରେ ବୌଦ୍ଧ ପଣ୍ଡିତମାନେ ବୌଦ୍ଧଗ୍ରନ୍ଥଗୁଡ଼ିକୁ ଅନୁଧ୍ୟାନ କରି ବ୍ୟାଖ୍ୟା କରିଥିଲେ ଓ ସେହି ବ୍ୟାଖ୍ୟାଗୁଡିକ ''ମହାବିଭାଷା'' ନାମରେ ପରିଚିତ । ଏହାଛଡ଼ା ସେ ବୌଦ୍ଧ ଧର୍ମର ପ୍ରଚାର ଓ ପ୍ରସାର ପାଇଁ ମଧ୍ୟ-ଏସିଆ ଓ ଚୀନକୁ ପ୍ରଚାରକ ପଠାଇଥିଲେ । କନିଷ୍କ ଅନେକ ମୁଦ୍ରା ପ୍ରଚଳନ କରିଥିଲେ । ସେହି ମୁଦ୍ରାଗୁଡ଼ିକରେ ବିଭିନ୍ନ ଗ୍ରୀକ୍ ଓ ଭାରତୀୟ ଦେବାଦେବୀଙ୍କ ମୂର୍ତ୍ତି ଥିବାରୁ ସେ ଅନ୍ୟ ଧର୍ମ ପ୍ରତି ସହନଶୀଳ ଥିଲେ ବୋଲି ଜଣାଯାଏ ।

କନିଷ୍କ ନିଜ ସାମ୍ରାଜ୍ୟରେ ବାଣିଜ୍ୟ ବୃଦ୍ଧିପାଇଁ ଉଦ୍ୟମ କରିଥିଲେ । ଚୀନ ଓ ରୋମ ସହ ତାଙ୍କ ସାମ୍ରାଜ୍ୟର ବାଣିଜ୍ୟିକ ସମ୍ପର୍କ ଥିଲା । କନିଷ୍କ ବୁଦ୍ଧ ଓ ତାଙ୍କ ଶିଷ୍ୟମାନଙ୍କର ଦେହାବଶେଷ ସଂରକ୍ଷଣ ପାଇଁ ସ୍ତୂପମାନ ନିର୍ମାଣ କରିଥିଲେ । ତାଙ୍କ ରାଜସଭାରେ ଚରକ, ଅଶ୍ୱଘୋଷ ଓ ନାଗାର୍ଜ୍ଜୁନ ଆଦି ପଣ୍ଡିତମାନେ ସ୍ଥାନ ପାଇଥିଲେ । କନିଷ୍କଙ୍କ ସମୟରେ ସଂସ୍କୃତ ଭାଷାରେ ଅନେକ ଗ୍ରନ୍ଥ ରଚିତ ହୋଇଥିଲା । ତାଙ୍କର ପ୍ରଚେଷ୍ଟାରେ ଗାନ୍ଧାର କଳାର ବିକାଶ ଘଟିଥିଲା । ମଥୁରାରୁ କନିଷ୍କଙ୍କର ଏକ ମସ୍ତକବିହୀନ ମୂର୍ତ୍ତି ମିଳିଛି ।


କନିଷ୍କଙ୍କ ମସ୍ତକବିହୀନ ମୂର୍ତ୍ତି

କନିଷ୍କ ୨୩ ବର୍ଷ ରାଜତ୍ୱ କରିଥିଲେ । ଏହି ସମୟରେ କୁଶାଣ ସାମ୍ରାଜ୍ୟର ବହୁବିଧ ଉନ୍ନତି ହୋଇଥିଲା । ତାଙ୍କ ପରେ ତାଙ୍କ ଉତ୍ତରାଧିକାରୀମାନେ ଦୁର୍ବଳ ହୋଇପଡ଼ିଥିଲେ । ଫଳରେ କୁଶାଣ ସାମ୍ରାଜ୍ୟ ଭାଙ୍ଗି ପଡ଼ିଥିଲା ।

## ଦାକ୍ଷିଣାତ୍ୟର ସାତବାହନ ସାମ୍ରାଜ୍ୟ:

ମୁଦ୍ରା, ଶିଳାଲିପି ଓ ମତ୍ସ୍ୟପୁରାଣରୁ ସାତବାହନ ସାମ୍ରାଜ୍ୟ ବିଷୟରେ ଅନେକ ତଥ୍ୟ ମିଳିଥାଏ । ଏହି ତଥ୍ୟଗୁଡ଼ିକରୁ ଜଣାଯାଏ ଯେ ଖ୍ରୀ.ପୂ. ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀରେ ନର୍ମଦା, ତାପ୍ତି, ଗୋଦାବରୀ ଓ କୃଷ୍ଣାନଦୀ ମଧ୍ୟବର୍ତ୍ତୀ ଅଞ୍ଚଳରେ ସାତବାହନ ସାମ୍ରାଜ୍ୟ ପ୍ରତିଷ୍ଠା ହୋଇଥିଲା । ଏହି ସାମ୍ରାଜ୍ୟ ପୂର୍ବରେ ବଙ୍ଗୋପସାଗରଠାରୁ ପଶ୍ଚିମରେ ଆରବ ସାଗର ପର୍ଯ୍ୟନ୍ତ ବିସ୍ତୃତ ଥିଲା । ସାତବାହନ ସାମ୍ରାଜ୍ୟର ରାଜଧାନୀର ନାମ ଥିଲା ପ୍ରତିଷ୍ଠାନ । ବର୍ତ୍ତମାନ ଏହା ମହାରାଷ୍ଟ୍ରର ପୈଠାନ ନାମରେ ପରିଚିତ ।

ପୁରାଣରେ ସାତବାହନମାନଙ୍କୁ ଆନ୍ଧ୍ର କୁହାଯାଇଛି । ପୁରାଣ ଅନୁଯାୟୀ ସାତବାହନ ବଂଶର ପ୍ରତିଷ୍ଠାତା ଥିଲେ ସିମୁକ । ସେ ଶୁଙ୍ଗ-କାଣ୍ୱ ଶାସନର ଅବସାନ ଘଟାଇ ଏହି ବଂଶର ପ୍ରାଧାନ୍ୟ ସ୍ଥାପନ କରିଥିଲେ । ତାଙ୍କର ଭାଇ କୃଷ୍ଣ ଥିଲେ ଏହି ବଂଶର ପରବର୍ତ୍ତୀ ଶାସକ । ତାଙ୍କ ପରେ ଏହି ବଂଶର ତୃତୀୟ ରାଜା ସାତକର୍ଣ୍ଣୀ ମାଳବ ଜୟ କରି ଏହି ବିଜୟର ସ୍ମାରକୀ ସ୍ୱରୂପ ଅଶ୍ୱମେଧ ଯଜ୍ଞ କରିଥିଲେ । ମାତ୍ର ଶକ ରାଜା ସାତକର୍ଣ୍ଣୀଙ୍କୁ ଯୁଦ୍ଧରେ ପରାସ୍ତ କରି ସାତବାହନ ସାମ୍ରାଜ୍ୟର ଅନେକ ଅଞ୍ଚଳ ଦଖଲ କରିନେଇଥିଲେ । ସାତକର୍ଣ୍ଣୀଙ୍କ ମୃତ୍ୟୁପରେ ତାଙ୍କର ରାଣୀ ତାଙ୍କ ଦୁଇଜଣ ନାବାଳକ ପୁତ୍ରମାନଙ୍କର ଅଭିଭାବକ ରୂପେ କିଛିଦିନ ଶାସନ କାର୍ଯ୍ୟ ଚଳାଇ ଥିଲେ ।

**ତୁମେ ଦେଖିଥିବା ଯଜ୍ଞ ବିଷୟରେ ଲେଖ ।**

ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀର ପ୍ରଥମ ଭାଗରେ ଗୌତମୀ ପୁତ୍ର ସାତକର୍ଣ୍ଣୀ ବା ଦ୍ୱିତୀୟ ସାତକର୍ଣ୍ଣୀ ସାତବାହନ ବଂଶର ଯଶ ଓ ଖ୍ୟାତି ବଢ଼ାଇଥିଲେ । ସେ ଶକ, ଯବନ ଓ ପହ୍ଲବମାନଙ୍କୁ ପରାସ୍ତ କରିଥିଲେ ଓ ଶକମାନେ ଦଖଲ କରିଥିବା ଅଞ୍ଚଳଗୁଡ଼ିକୁ ଛଡ଼ାଇ ଆଣିଥିଲେ । ତାଙ୍କ ପରେ ବାଶିଷ୍ଠିପୁତ୍ର ପୁଲମାବୀ ଓ ତାଙ୍କ ପରେ ଯଜ୍ଞଶ୍ରୀ ସାତକର୍ଣ୍ଣୀ ସାତବାହନ ବଂଶର ଯଶ ବଢ଼ାଇଥିଲେ ।

ଯଜ୍ଞଶ୍ରୀ ସାତକର୍ଣ୍ଣୀଙ୍କ ସମୟରୁ ସାତବାହନ ସାମ୍ରାଜ୍ୟର ପତନ ଆରମ୍ଭ ହୋଇଥିଲା । ଶେଷରେ ଶକ, ପହ୍ଲବ ଓ କୁଶାଣମାନଙ୍କ ଆକ୍ରମଣ ଫଳରେ ସାତବାହନ ସାମ୍ରାଜ୍ୟ ଲୋପପାଇଥିଲା ।

## ସାତବାହନମାନଙ୍କର ଶାସନ ପ୍ରଣାଳୀ

ରାଜା ସମସ୍ତ କ୍ଷମତାର ଅଧିକାରୀ ଥିଲେ । ସାମ୍ରାଜ୍ୟକୁ କେତୋଟି ପ୍ରଦେଶ ଓ ପ୍ରଦେଶଗୁଡ଼ିକୁ ଜନପଦରେ ଭାଗ କରାଯାଇଥିଲା ।

**ପ୍ରଶାସନିକ ସୁବିଧା ଦୃଷ୍ଟିରୁ ଆମ ରାଜ୍ୟକୁ କିପରି ଭାଗ କରାଯାଇଛି ଲେଖ ।**

ସାତବାହନ ସାମ୍ରାଜ୍ୟର ମଧ୍ୟ-ଏସିଆ ଓ ରୋମ ସାମ୍ରାଜ୍ୟ ସହିତ ବାଣିଜ୍ୟ କାରବାର ଥିଲା । ଆମଦାନୀ ତୁଳନାରେ ରପ୍ତାନୀ ଅଧିକ ହେଉଥିଲା । ସାତବାହନମାନେ ବ୍ରାହ୍ମଣ ଥିଲେ । ରାଜା ଅନ୍ୟ ଧର୍ମ ପ୍ରତି ସହନଶୀଳ ଥିଲେ । ବଣିକମାନେ ବୌଦ୍ଧଗୁମ୍ଫା, ଚୈତ୍ୟଗୃହ ଓ ସ୍ତୂପମାନ ନିର୍ମାଣ କରୁଥିଲେ । ସାତବାହନମାନେ ଶକମାନଙ୍କ ସହ ବୈବାହିକ ସଂପର୍କ ସ୍ଥାପନ କରିଥିଲେ । ସେମାନେ ରାଜ୍ୟର ସଡ଼କ ପଥର ଉନ୍ନତି କରିଥିଲେ ।

## ଖାରବେଳ :

ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ କଳିଙ୍ଗରେ (ବର୍ତ୍ତମାନର ଓଡ଼ିଶା) ଏକ ମହାନ ରାଜବଂଶର ଉତ୍‌ଥାନ ଘଟିଥିଲା । ଏହି ରାଜବଂଶ ମହାମେଘବାହନ ବଂଶ ନାମରେ ପରିଚିତ । ସେମାନଙ୍କର ପୂର୍ବ ପୁରୁଷମାନେ ଚେଦି ଥିଲେ ବୋଲି ବିଶ୍ୱାସ କରାଯାଏ । ଏହି ରାଜବଂଶର ସର୍ବଶ୍ରେଷ୍ଠ ରାଜା ଥିଲେ ମହାମେଘବାହନ ଐର ଖାରବେଳ । ସେ କଳିଙ୍ଗକୁ ଏକ ଶକ୍ତିଶାଳୀ ରାଜ୍ୟରେ ପରିଣତ କରିଥିଲେ । ସାରା ଭାରତବର୍ଷରେ କଳିଙ୍ଗର ଗୌରବ ବୃଦ୍ଧିପାଇଥିଲା । ସେ ଜଣେ ଦିଗବିଜୟୀ ବୀର, ପ୍ରଜା ହିତକାରୀ ଶାସକ ଏବଂ କଳା ଓ ସଂସ୍କୃତିର ପ୍ରଗାଢ଼ ଅନୁରାଗୀ ଥିଲେ । ସେ ଜୈନ ଧର୍ମ ଗ୍ରହଣ କରିଥିଲେ ମଧ୍ୟ ଅନ୍ୟ ଧର୍ମକୁ ସମ୍ମାନ ଦେଖାଉଥିଲେ ।

ଖାରବେଳ ଥିଲେ ମହାମେଘବାହନ ବଂଶର ତୃତୀୟ ରାଜା । ପିତାଙ୍କ ମୃତ୍ୟୁପରେ ଶାସନ ଭାର ଗ୍ରହଣ କଲାବେଳକୁ ତାଙ୍କର ବୟସ ଥିଲା ମାତ୍ର ୧୫ବର୍ଷ । ଭୁବନେଶ୍ୱରର ଉଦୟଗିରି ପାହାଡରେ ଥିବା ହାତୀଗୁମ୍ଫାରେ ତାଙ୍କ ତେର ବର୍ଷର ରାଜତ୍ୱର ବିବରଣୀ ଖୋଦିତ ହୋଇଛି । ସେଥିରୁ ଜଣାଯାଏ ଯେ ଖାରବେଳ ବାଲ୍ୟାବସ୍ଥାରେ ବିଭିନ୍ନ ବିଦ୍ୟା ଶିକ୍ଷା ଲାଭ କରିବା ସହିତ ଯୁଦ୍ଧ ବିଦ୍ୟାରେ ପାରଙ୍ଗମତା ହାସଲ କରିଥିଲେ । ସେ ଖ୍ରୀ:ପୂ: ୪୦ମସିହାରେ କଳିଙ୍ଗ ସିଂହାସନ ଆରୋହଣ କରିଥିଲେ ।

## ଖାରବେଳଙ୍କ ଶାସନ ସମୟର ବିଭିନ୍ନ କାର୍ଯ୍ୟ :

ଖାରବେଳଙ୍କ ଶାସନର ପ୍ରଥମ ବର୍ଷରେ ବାତ୍ୟାରେ ଭାଙ୍ଗି ଯାଇଥିବା ତାଙ୍କ ରାଜଧାନୀ କଳିଙ୍ଗନଗରୀର ତୋରଣ, ପ୍ରାଚୀର ଇତ୍ୟାଦିର ପୁନଃନିର୍ମାଣ କରିବା ସହିତ ନଗରୀର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଶୀତଳ ଜଳପୂର୍ଣ୍ଣ ପୁଷ୍କରିଣୀ ଓ ଉଦ୍ୟାନର ପୁନରୁଦ୍ଧାର କରାଇଥିଲେ ।

## ଖାରବେଳଙ୍କ ରାଜ୍ୟଜୟ :

ଖାରବେଳଙ୍କ ରାଜ୍ୟ ଶାସନର ଦ୍ୱିତୀୟ ବର୍ଷରୁ ତାଙ୍କର ଦିଗ୍‌ବିଜୟ କାର୍ଯ୍ୟ ଆରମ୍ଭ ହୋଇଥିଲା । ଖାରବେଳ ପଶ୍ଚିମ ଦିଗରେ କୃଷ୍ଣାନଦୀ ପର୍ଯ୍ୟନ୍ତ ଅଗ୍ରସର ହୋଇ ରାଷ୍ଟ୍ରିକ ଓ ଭୋଜକମାନଙ୍କୁ ପରାସ୍ତ କରିଥିଲେ । ଉତ୍ତର ଭାରତରେ ସୈନ୍ୟଚାଳନା କରି ମଗଧ ରାଜାଙ୍କୁ ପରାସ୍ତ କରିଥିଲେ । ଏହାଛଡ଼ା ଆକ୍ରମଣକାରୀ ଯବନମାନଙ୍କୁ ମଥୁରା ପର୍ଯ୍ୟନ୍ତ

ତଡ଼ିଦେଇଥିଲେ । ଦକ୍ଷିଣ ଦିଗରେ ପିଥୁଣ୍ଡ ଅଧିକାର କରିବା ସହିତ ଶକ୍ତିଶାଳୀ ତାମିଲ ରାଷ୍ଟ୍ରସଂଘକୁ ଧ୍ୱଂସ କରିଦେଇଥିଲେ। ମଗଧର ରାଜା ବୃହସ୍ପତି ମିତ୍ରଙ୍କୁ ପରାସ୍ତ କରି ପୂର୍ବରୁ ନନ୍ଦରାଜା କଳିଙ୍ଗ ଆକ୍ରମଣ କରି ନେଇଯାଇଥିବା କଳିଙ୍ଗ ଜିନ ଫେରାଇ ଆଣିଥିଲେ ।

### ଖାରବେଳଙ୍କ ଶାସନ :

ମୌର୍ଯ୍ୟ ଶାସନ ଅମଳର କେତେକ ରାଜକର୍ମଚାରୀ ପଦ ଖାରବେଳଙ୍କ ସମୟରେ ମଧ୍ୟ ପ୍ରଚଳିତ ଥିଲା। ମୌର୍ଯ୍ୟ ଶାସନର ମହାମାତ୍ରଙ୍କୁ ସେତେବେଳେ ମହାମଦ କୁହାଯାଇଥିଲା । ନଗର ଅଖଦଂସ ଏବଂ କମ୍ମ ନାମରେ ଉଚ୍ଚକର୍ମଚାରୀ କର୍ମ ବିଭାଗ ଦାୟିତ୍ୱରେ ଥିଲେ ।

**ବର୍ତ୍ତମାନ ଆମ ରାଜ୍ୟ ଶାସନ କାର୍ଯ୍ୟରେ ନିଯୁକ୍ତ ହୋଇଥିବା କେତେଜଣ ମୁଖ୍ୟ କର୍ମଚାରୀମାନଙ୍କର ନାମ ସଂଗ୍ରହ କରି ଏକ ତାଲିକା ପ୍ରସ୍ତୁତ କର ।**

ଖାରବେଳ ଜଣେ ଦକ୍ଷ ଶାସକ ଥିଲେ । ପ୍ରଜାମାନଙ୍କ ହିତ ପାଇଁ ସେ ବହୁ ଅର୍ଥ ତାଙ୍କ ରାଜକୋଷରୁ ଖର୍ଚ୍ଚ କରିଥିଲେ। ସେ ବହୁ ଅର୍ଥ ବ୍ୟୟ କରି କଳିଙ୍ଗନଗରୀର ଦୁର୍ଗ, ଅଟ୍ଟାଳିକା, ଉଦ୍ୟାନ ଓ ପୁଷ୍କରିଣୀର ଉନ୍ନତି ସାଧନ କରିଥିଲେ। ନନ୍ଦରାଜାଙ୍କ ଦ୍ୱାରା ଖୋଳା ଯାଇଥିବା କେନାଲକୁ ସେ ମରାମତି କରି କଳିଙ୍ଗନଗରୀ ପର୍ଯ୍ୟନ୍ତ ବଢ଼ାଇଥିଲେ । ଭୁବନେଶ୍ୱର ନିକଟସ୍ଥ ଶିଶୁପାଳଗଡ଼ଠାରେ ତାଙ୍କ ରାଜଧାନୀ କଳିଙ୍ଗନଗରୀ ଥିଲା ବୋଲି ଅନୁମାନ କରାଯାଏ । ରାଜତ୍ୱର ନବମ ବର୍ଷରେ ସେ ମହାବିଜୟ ପ୍ରାସାଦ ନିର୍ମାଣ କରିଥିଲେ ।

**କେନାଲ ଦ୍ୱାରା ଲୋକମାନଙ୍କର କି ଉପକାର ହୁଏ, ଲେଖ ।**

ଖାରବେଳ ଜୈନ ଧର୍ମ ଗ୍ରହଣ କରିଥିଲେ । ସେ ଜୈନ ଧର୍ମାବଲମ୍ବୀ ଥିଲେ ମଧ୍ୟ ଅନ୍ୟ ଧର୍ମ ପ୍ରତି ଉଦାର ନୀତି ଅବଲମ୍ବନ କରୁଥିଲେ । ବିଭିନ୍ନ ଧର୍ମର ଉପାସନା ପୀଠର ସଂସ୍କାର ସାଧନ କରାଇଥିଲେ । ଭୁବନେଶ୍ୱରର ଉଦୟଗିରି ପାହାଡ଼ରେ ଜୈନ ସନ୍ନ୍ୟାସୀମାନଙ୍କ ସାମୟିକ ରହଣିପାଇଁ କେତେଗୁଡ଼ିଏ ଗୁମ୍ଫା ଖୋଳାଇଥିଲେ ।

### ଦକ୍ଷିଣ ଭାରତର ସଙ୍ଗମ ଯୁଗ :

ଦକ୍ଷିଣ ଭାରତରେ ଯେଉଁ ସମୟରେ ତାମିଲ୍ କବି ଓ ପଣ୍ଡିତମାନେ ସଭାରେ ଏକତ୍ରିତ ହୋଇ ଅନେକଗୁଡ଼ିଏ ଉତ୍କୃଷ୍ଟ କବିତା ରଚନା କରିଥିଲେ, ସେହି ସମୟକୁ ସଙ୍ଗମ ଯୁଗ କୁହାଯାଏ । ଏହି କବିତାଗୁଡ଼ିକ ପାଣ୍ଡ୍ୟ, ଚୋଳ, ଚେର ରାଜାମାନଙ୍କ ପୃଷ୍ଠପୋଷକତାରେ ବିଶିଷ୍ଟ କବି ଓ ପଣ୍ଡିତମାନଙ୍କ ଦ୍ୱାରା ରଚିତ ହୋଇଥିଲା । ତାମିଲ କବି ଓ ପଣ୍ଡିତମାନଙ୍କର ସଭାକୁ ସଙ୍ଗମ କୁହାଯାଉଥିଲା । ତାମିଲନାଡୁର ମଦୁରାଇ ସହରରେ ଏହିପରି ତିନୋଟି ସଙ୍ଗମ ଅନୁଷ୍ଠିତ ହୋଇଥିଲା ।

### ସଙ୍ଗମ ସାହିତ୍ୟ :

ସଙ୍ଗମ ଯୁଗରେ ତାମିଲ ସାହିତ୍ୟର ବିକାଶ ଘଟିଥିଲା। ଶତାଧିକ ଉତ୍କୃଷ୍ଟ କବି ବା ବହୁ କବିମାନଙ୍କ ଦ୍ୱାରା ସଙ୍ଗମରେ ଅନେକ କବିତା ରଚିତ ହୋଇଥିଲା । ସେମାନଙ୍କ ମଧ୍ୟରୁ କେତେକ ନାରୀ କବି ଥିଲେ । ଏହାଛଡ଼ା ଏହି ଯୁଗରେ 'ତୋଲ୍‌କାପିୟମ' ନାମକ ଏକ ତାମିଲ୍ ବ୍ୟାକରଣ ମଧ୍ୟ ରଚନା କରାଯାଇଥିଲା । ସାହିତ୍ୟର ଏହି ଉତ୍କୃଷ୍ଟ କବିତାଗୁଡ଼ିକୁ ଆଠ ଭାଗରେ ବିଭକ୍ତ କରାଯାଇଛି ।

**ତୁମ ଅଞ୍ଚଳର ବିଶିଷ୍ଟ କବି ଓ ଲେଖକମାନଙ୍କର ନାମ ତାଲିକା କର ।**

ସଙ୍ଗମ ଯୁଗକୁ ତାମିଲ ସାହିତ୍ୟର 'ସୁବର୍ଣ୍ଣ ଯୁଗ' କୁହାଯାଏ । ସଙ୍ଗମ ସାହିତ୍ୟରୁ ତାମିଲ ରାଜ୍ୟର ଲୋକମାନଙ୍କର ସଂସ୍କୃତି, ପରମ୍ପରା ଓ ଚଳଣି ଆଦି ସଂପର୍କରେ ଅନେକ ତଥ୍ୟ ମିଳିଥାଏ । ଏହି ତଥ୍ୟଗୁଡ଼ିକ ମଧ୍ୟରେ ସାମାଜିକ, ଅର୍ଥନୈତିକ ଅବସ୍ଥା ଓ ବାଣିଜ୍ୟ ବ୍ୟବସ୍ଥା ଅନ୍ୟତମ ।

### ସାମାଜିକ ଅବସ୍ଥା

ସମାଜରେ ବ୍ରାହ୍ମଣମାନଙ୍କ ଅପେକ୍ଷା ଅରିଭାରମାନଙ୍କୁ (ଜ୍ଞାନୀ ଲୋକ) ଅଧିକ ଉଚ୍ଚସ୍ଥାନ ଦିଆଯାଉଥିଲା । କୃଷକମାନଙ୍କୁ ଭଲାଭାର କୁହାଯାଉଥିଲା । ସମାଜରେ ଶିକାରୀ, ମେଷପାଳକ ଓ ମତ୍ସ୍ୟଜୀବୀ ଇତ୍ୟାଦି ବାସ କରୁଥିଲେ । ସ୍ତ୍ରୀ ଲୋକମାନଙ୍କୁ ପରିବାରର ଆଲୋକ ବୋଲି କୁହାଯାଉଥିଲା । ଧନୀ ଲୋକମାନେ ଇଟା ତିଆରି ଘରେ ଓ ଗରିବ ଲୋକମାନେ କୁଡ଼ିଆ ଘରେ ରହୁଥିଲେ ।

### ଅର୍ଥନୈତିକ ଅବସ୍ଥା ଓ ବାଣିଜ୍ୟ ବ୍ୟବସାୟ

ତାମିଲ ରାଜ୍ୟର ଜମିଗୁଡ଼ିକ ଉର୍ବରଥିଲା । ଚାଷ ଉପରେ ଅର୍ଥନୀତି ନିର୍ଭର କରୁଥିଲା । ଚାଷ ବ୍ୟତୀତ ଲୋକମାନେ ଗୋପାଳନ, ଲୁଗା ବୁଣା, ମାଛ ଧରା ଓ ବେପାର ବଣିଜ କରି ଅର୍ଥ ଉପାର୍ଜନ କରୁଥିଲେ । ଗୋଟିଏ ଜିନିଷ ପାଇବା ପାଇଁ ଆଉ ଗୋଟିଏ ଜିନିଷ ଦେବାକୁ ପଡୁଥିଲା (ବସ୍ତୁ ବିନିମୟ ବ୍ୟବସ୍ଥା ପ୍ରଚଳନ ଥିଲା) ।

ତାମିଲ ଲୋକମାନେ ଦରିଆପାରି ଦେଶମାନଙ୍କ ସହିତ ବାଣିଜ୍ୟ କାରବାର କରୁଥିଲେ । ରୋମ ସାମ୍ରାଜ୍ୟ ସହିତ ବାଣିଜ୍ୟରେ ବହୁତ ଉନ୍ନତି ଘଟିଥିଲା । ଜଳ ଜାହାଜରେ ସମୁଦ୍ର ପଥ ଦେଇ ବିଦେଶ ସହ ବାଣିଜ୍ୟ କାରବାର ହେଉଥିଲା । ତାମିଲ ରାଜ୍ୟରୁ ବାହାର ଦେଶକୁ ମସଲା, ଗୋଲମରିଚ ରେଶମ ଆଦି ଜିନିଷ ପଠାଯାଉଥିଲା ଓ ବାହାର ଦେଶରୁ ତାମିଲ ରାଜ୍ୟକୁ ସୁନା ଓ ରୁପା ଆମଦାନୀ କରାଯାଉଥିଲା ।

## ଅଭ୍ୟାସ

**୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ୫୦ଟି ଶବ୍ଦରେ ଦିଅ ।**

(କ) ବାକ୍‌ଟ୍ରିଆରେ ଶାସନ କରୁଥିବା ଗ୍ରୀକ୍‌ମାନେ ଭାରତ ଆକ୍ରମଣ କରିବାକୁ ବାଧ୍ୟ ହେଲେ କାହିଁକି ?

(ଖ) ଶକମାନେ ଭାରତରେ କିପରି ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ ?

(ଗ) କନିଷ୍କଙ୍କୁ କୁଶାଣ ବଂଶର ଶ୍ରେଷ୍ଠ ନରପତି କାହିଁକି କୁହାଯାଏ ?

(ଘ) ସାତବାହନମାନଙ୍କର ଶାସନ ପ୍ରଣାଳୀ କିପରି ଥିଲା ?

(ଙ) ଖାରବେଳଙ୍କୁ ଜଣେ ଦିଗବିଜୟୀ ସମ୍ରାଟ ଓ ଜଣେ ଉତ୍ତମ ଶାସକ କାହିଁକି କୁହାଯାଏ ?

(ଚ) ସଙ୍ଗମ ଯୁଗରେ ଦକ୍ଷିଣ ଭାରତର ସାମାଜିକ ଅବସ୍ଥା କିପରି ଥିଲା ?

**୨. ସଂକ୍ଷିପ୍ତ ଟିପ୍‌ପଣୀ ଦିଅ ।**

(କ) ମେନେଣ୍ଡର୍ (ମିଳିନ୍ଦ)

(ଖ) ରୁଦ୍ରଦାମନ

(ଗ) ୟୁ-ଚି

(ଘ) ଦ୍ୱିତୀୟ କାଡ୍‌ଫିସେସ୍

(ଙ) ମହାବିଭାଷା

(ଚ) ଦ୍ୱିତୀୟ ସାତକର୍ଣ୍ଣୀ

**୩. ନିମ୍ନରେ ଦିଆଯାଇଥିବା ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ କିମ୍ବା ଦୁଇଟି ବାକ୍ୟରେ ଲେଖ ।**

(କ) ଭାରତୀୟ ଗ୍ରୀକ ଶାସନକର୍ତ୍ତା ମେନେଣ୍ଡର୍‌ଙ୍କର ରାଜଧାନୀ ଶାକଳର ବର୍ତ୍ତମାନ ନାମ କ'ଣ ?

(ଖ) ଶକମାନେ ପ୍ରଥମେ କେଉଁଠାରେ ବାସ କରୁଥିଲେ ?

(ଗ) କେଉଁ କେଉଁ ଅଞ୍ଚଳ କୁଶାଣ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିଲା ?

(ଘ) କନିଷ୍କ କେଉଁ କେଉଁ ଅଞ୍ଚଳ ଜୟକରି ନିଜ ସାମ୍ରାଜ୍ୟରେ ମିଶାଇଥିଲେ ?

(ଙ) କୁଶାଣମାନେ କେଉଁ ମୂଳ ଯାଯାବର ଜାତିର ଲୋକଥିଲେ ?

(ଚ) ସାତବାହନ ବଂଶର ପ୍ରତିଷ୍ଠାତା କିଏ ଥିଲେ ?

(ଛ) ଖାରବେଳଙ୍କ ରାଜ୍ୟର ରାଜଧାନୀ କେଉଁଠାରେ ଥିଲା ବୋଲି ବିଶ୍ୱାସ କରାଯାଏ ?

**୪. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଚାରୋଟିକରି ସମ୍ଭାବ୍ୟ ଉତ୍ତର ପ୍ରତ୍ୟେକ ପ୍ରଶ୍ନତଳେ ଦିଆଯାଇଛି । ସେଥିରୁ ଯେଉଁ ଉତ୍ତରଟି ଠିକ୍ ତା' ପାଖରେ ଠିକ୍ (✓) ଚିହ୍ନ ଦିଅ ।**

(କ) ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ କିଏ ପ୍ରଥମେ ଭାରତ ଆକ୍ରମଣ କରିଥିଲେ ?

ଶକ　　　କୁଶାଣ

ସାତବାହନ　　　ଗ୍ରୀକ୍

(ଖ) କେଉଁମାନେ ମଙ୍ଗୋଲୀୟ ମହାଶାଖାର ଲୋକଥିଲେ ?

ଶକ　　　କୁଶାଣ

ସୁଙ୍ଗ　　　ସାତବାହନ

(ଗ) କିଏ ଭାରତରେ ପ୍ରଥମେ ସ୍ୱର୍ଣ୍ଣମୁଦ୍ରା ପ୍ରଚଳନ କରିଥିଲେ ?

ରୁଦ୍ରଦାମନ　　　କନିଷ୍କ

ପ୍ରଥମ କାଡ଼ଫିସେସ୍　　　ଦ୍ୱିତୀୟ କାଡ଼ଫିସେସ୍

(ଘ) ଖାରବେଳ ରାଜତ୍ୱର କେଉଁ ବର୍ଷରେ ମହାବିଜୟପ୍ରାସାଦ ନିର୍ମାଣ କରିଥିଲେ ?

ସପ୍ତମ　　　ପଞ୍ଚମ

ଚତୁର୍ଥ　　　ନବମ

(ଙ) କେଉଁ ଯୁଗକୁ ତାମିଲ ସାହିତ୍ୟର ସୁବର୍ଣ୍ଣଯୁଗ କୁହାଯାଏ ?

ଗୁପ୍ତଯୁଗ　　　ବୈଦିକଯୁଗ

ସଙ୍ଗମ ଯୁଗ　　　ମୌର୍ଯ୍ୟ ଯୁଗ

(ଚ) ବାହାର ଦେଶରୁ ତାମିଲ ରାଜ୍ୟକୁ କେଉଁ ଜିନିଷ ଆମଦାନୀ କରାଯାଉଥିଲା ?

| | |
|---|---|
| ସୁନା | ତମ୍ବା |
| ପିତଳ | କଂସା |

**୫. ସାତବାହନ ବଂଶର ରାଜାମାନଙ୍କୁ ସେମାନେ ଶାସନ କରିଥିବା ସମୟ କ୍ରମରେ ସଜାଅ ।**

| | |
|---|---|
| ଯଜ୍ଞଶ୍ରୀ ସାତକର୍ଣ୍ଣୀ | ସିମୁକ |
| ଗୌତମୀପୁତ୍ର ସାତକର୍ଣ୍ଣୀ | କୃଷ୍ଣ |
| ବାଶିଷ୍ଠିପୁତ୍ର ପୁଲମାବୀ | |

**୬. 'କ' ସ୍ତମ୍ଭର ଶବ୍ଦ ସହ 'ଖ' ସ୍ତମ୍ଭର ଉପଯୁକ୍ତ ଶବ୍ଦବାଛି ସଂଯୋଗ କର ।**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଅରିଭାର | ବୌଦ୍ଧପଣ୍ଡିତ |
| ଆମୁଦରିଆ | ଯାଯାବର |
| ୟୁ-ଚି | ରୁଦ୍ରଦାମନ |
| ଶକ | ନଦୀ |
| ନାଗାର୍ଜ୍ଜୁନ | ପର୍ବତ |
| ନଗର ଅଖଦଂସ | ରାଜକର୍ମଚାରୀ |
| | ଜ୍ଞାନୀଲୋକ |

**୭. ଠିକ୍ ଉକ୍ତି ପାଖରେ ଠିକ୍ (✓) ଚିହ୍ନ ଓ ଭୁଲ୍ ଉକ୍ତି ପାଖରେ ଭୁଲ୍ (×) ଚିହ୍ନ ଦିଅ ।**

(କ) ଚୀନର ବୃହତ୍ ପ୍ରାଚୀର ନିର୍ମାଣ ହୋଇଯାଇଥିବାରୁ ଗ୍ରୀକ୍‌ମାନେ ଚୀନ ଆଡ଼କୁ ଅଗ୍ରସର ହୋଇ ପାରିନଥିଲେ ।

(ଖ) ରୁଦ୍ରଦାମନ ପାଲିଭାଷାର ପୃଷ୍ଠପୋଷକତା କରିଥିଲେ ।

(ଗ) ଦ୍ୱିତୀୟ କାଡ଼ଫିସେସ୍ ସ୍ୱର୍ଣ୍ଣମୁଦ୍ରା ପ୍ରଚଳନ କରିଥିଲେ ।

(ଘ) ସଙ୍ଗମ ଯୁଗରେ 'ତୋଲକାପିୟମ୍' ନାମକ ଏକ ତାମିଲ୍ ବ୍ୟାକରଣ ରଚନା କରାଯାଇଥିଲା ।

(ଙ) ତାମିଲ କବି ଓ ପଣ୍ଡିତମାନଙ୍କର ସଭାକୁ ସଙ୍ଗମ କୁହାଯାଉଥିଲା ।

(ଚ) ଖାରବେଳ ରାଜକର୍ମଚାରୀମାନଙ୍କ ରହିବା ପାଇଁ ଭୁବନେଶ୍ୱରର ଉଦୟଗିରି ପାହାଡ଼ରେ ଗୁମ୍ଫା ଖୋଳାଇଥିଲେ ।



## ତୁମପାଇଁ କାମ :



ଭାରତ ମାନଚିତ୍ର ଅଙ୍କନ କରି କନିଷ୍କ କେଉଁ କେଉଁ ରାଜ୍ୟ ଜୟ କରିଥିଲେ (ବର୍ତ୍ତମାନର ନାମ) ଚିହ୍ନଟ କର ।

ଦଶମ ଅଧ୍ୟାୟ

# ଖ୍ରୀଷ୍ଟାବ୍ଦ ୩୦୦ ରୁ ୮୦୦ ମଧ୍ୟରେ ଭାରତ

D62ZS8



ଅବିନାଶ 'ମହାରାଜାଧିରାଜ' ଉପାଧି ବହିରୁ ପଢ଼ିଲା ପରେ ତାହା ବିଷୟରେ ଜାଣିବାପାଇଁ ଆଗ୍ରହ ପ୍ରକାଶ କଲା । ସେହି ଉପାଧିର ଅର୍ଥ କ'ଣ ଏବଂ ତାକୁ କିଏ ଓ କାହିଁକି ବ୍ୟବହାର କରୁଥିଲେ ଜାଣିବାକୁ ଚାହିଁବାରୁ ତା'ର ମାମୁଁ ବୁଝାଇ କହିଲେ, ''ରାଜାମାନଙ୍କ ମଧ୍ୟରେ ସବୁଠାରୁ ଶକ୍ତିଶାଳୀ ଓ ଚକ୍ରବର୍ତ୍ତୀ ରାଜା ଏହି ଉପାଧି ଗ୍ରହଣ କରୁଥିଲେ । ପ୍ରାଚୀନ ଭାରତରେ ଗୁପ୍ତବଂଶର ରାଜା ପ୍ରଥମ ଚନ୍ଦ୍ରଗୁପ୍ତ ନିଜକୁ ମହାରାଜାଧିରାଜ ଉପାଧିରେ ଭୂଷିତ କରିଥିଲେ'' । ଏବେ ସେହି ବଂଶର ରାଜା ଏବଂ ତାଙ୍କ ପରବର୍ତ୍ତୀ ସମୟର ରାଜାମାନଙ୍କ ବିଷୟରେ ଜାଣିବା ।

କୁଶାଣମାନଙ୍କ ରାଜତ୍ୱ ପରେ ଭାରତରେ ରାଜନୈତିକ ଅସ୍ଥିରତା ଦେଖାଗଲା ଏବଂ ଏହା କେତେଗୁଡ଼ିଏ ଛୋଟଛୋଟ ରାଜ୍ୟରେ ବିଭକ୍ତ ହୋଇଗଲା । କିନ୍ତୁ ଗୁପ୍ତମାନେ ଏକ ବିଶାଳ ଓ ଶକ୍ତିଶାଳୀ ସାମ୍ରାଜ୍ୟ ପ୍ରତିଷ୍ଠା କରିପାରିଥିଲେ । ସେହି ବଂଶର ପ୍ରଥମ ଦୁଇଜଣ ରାଜା ଶ୍ରୀଗୁପ୍ତ ଓ ଘଟୋତ୍କଚ ଗୁପ୍ତ ଅଧସ୍ତନ ରାଜା ଥିଲେ ଏବଂ ସେମାନଙ୍କର ଉପାଧି ଥିଲା ମହାରାଜ । ଭାରତରେ ଗୁପ୍ତ ଶାସନ ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀର ମଧ୍ୟଭାଗରେ ପ୍ରତିଷ୍ଠିତ ହେଲା । ଗୁପ୍ତ ବଂଶର ତୃତୀୟ ରାଜା ଥିଲେ ପ୍ରଥମ ଚନ୍ଦ୍ରଗୁପ୍ତ । ସେ ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀରେ ରାଜତ୍ୱ କରୁଥିଲେ । ସେ ପ୍ରଥମ ଦୁଇଜଣ ରାଜାଙ୍କ ପରି ଅଧସ୍ତନ ରାଜା ନହୋଇ ସ୍ୱାଧୀନ ଭାବରେ ନିଜ ପ୍ରଭୁତ୍ୱ ଜାହିର କରି ରାଜତ୍ୱ କରିଥିଲେ । ତେଣୁ ତାଙ୍କର ଉପାଧି ଥିଲା ମହାରାଜାଧିରାଜ ।

### ପ୍ରଥମ ଚନ୍ଦ୍ରଗୁପ୍ତ (ଆନୁମାନିକ ଖ୍ରୀ:ଅ: ୩୨୦-୩୩୫) :


ଚନ୍ଦ୍ରଗୁପ୍ତ ଖ୍ରୀ.ଅ ୩୨୦ରେ ସିଂହାସନ ଆରୋହଣ କରିଥିଲେ । ଏହି ବର୍ଷଠାରୁ ଭାରତରେ ଗୁପ୍ତାବ୍ଦ ଆରମ୍ଭ ହେଲା । ସେ ଲିଚ୍ଛବି ବଂଶର ରାଜକୁମାରୀ କୁମାରଦେବୀଙ୍କୁ ବିବାହ କରିଥିଲେ । ଏହା ଦ୍ୱାରା ଉତ୍ତର ଭାରତରେ ତାଙ୍କର ପ୍ରଭାବ ବୃଦ୍ଧି ପାଇଥିଲା । ତାଙ୍କର ରାଜ୍ୟ ବିହାର, ବଙ୍ଗଳା ଓ ଉତ୍ତର ଭାରତର କେତେକ ଅଞ୍ଚଳକୁ ନେଇ ଗଠିତ ହୋଇଥିଲା । ସେ ମଧ୍ୟ ମୁଦ୍ରା ପ୍ରଚଳନ କରିଥିଲେ ।

### ସମୁଦ୍ରଗୁପ୍ତ (ଖ୍ରୀ:ଅ:୩୩୫-୩୮୦) :

ପ୍ରଥମ ଚନ୍ଦ୍ରଗୁପ୍ତଙ୍କ ପରେ ତାଙ୍କର ସୁଯୋଗ୍ୟ ପୁତ୍ର ସମୁଦ୍ରଗୁପ୍ତ ସିଂହାସନ ଆରୋହଣ କରିଥିଲେ । ଆହ୍ଲାବାଦ ସ୍ତମ୍ଭଲେଖରୁ ତାଙ୍କର କୃତିତ୍ୱ ବିଷୟରେ ବହୁ କଥା ଜଣାପଡ଼େ । ଏହାକୁ ତାଙ୍କର ମନ୍ତ୍ରୀ ହରିସେଣ ରଚନା କରିଥିଲେ । ହରିସେଣ ଏହି ସ୍ତମ୍ଭ ଲେଖରେ ସମୁଦ୍ରଗୁପ୍ତଙ୍କ ଯଶ ଗାନ କରିଥିବାରୁ ଏହାକୁ ପ୍ରଶସ୍ତି କୁହାଯାଏ ।

**ଭାରତ ମାନଚିତ୍ରରେ ଆହ୍ଲାବାଦ ସ୍ଥାନକୁ ଚିହ୍ନଟ କର ।**

ଅଶୋକଙ୍କର ଏକ ଅନୁଶାସନ ମଧ୍ୟ ଏହି ସ୍ତମ୍ଭରେ ଲିପିବଦ୍ଧ ହୋଇଅଛି । ଭାରତର ବିଭିନ୍ନ ରାଜା ଓ ରାଜ୍ୟମାନଙ୍କ ସହିତ ସମୁଦ୍ରଗୁପ୍ତଙ୍କ ସମ୍ପର୍କ ବିଷୟରେ ଏହି ପ୍ରଶସ୍ତିରେ ବର୍ଣ୍ଣନା କରାଯାଇଛି । ଏହାଛଡ଼ା ତାଙ୍କ ଦିଗ୍‌ବିଜୟ ମଧ୍ୟ ଏଥିରେ ବର୍ଣ୍ଣନା କରାଯାଇଛି ।




## ରାଜ୍ୟ ଜୟ

ଉତ୍ତର ଭାରତରେ ସମୁଦ୍ରଗୁପ୍ତ ନଅ ଜଣ ରାଜାଙ୍କୁ ପରାସ୍ତ କରି ସେମାନଙ୍କ ରାଜ୍ୟକୁ ନିଜ ରାଜ୍ୟ ସହିତ ମିଶାଇ ଦେଇଥିଲେ ।

ସେ ଦକ୍ଷିଣ ଭାରତକୁ ଯୁଦ୍ଧ ଅଭିଯାନରେ ଯାଇ ବାର ଜଣ ରାଜାଙ୍କୁ ପରାସ୍ତ କରିଥିଲେ। କିନ୍ତୁ ସେ ସେମାନଙ୍କ ରାଜ୍ୟସବୁ ଫେରାଇ ଦେଇଥିଲେ। ପରାଜିତ ରାଜାମାନେ ସମୁଦ୍ରଗୁପ୍ତଙ୍କ ବଶତା ସ୍ୱୀକାର କରିଥିଲେ। ଫଳରେ ସେହି ରାଜ୍ୟଗୁଡ଼ିକ ଗୁପ୍ତମାନଙ୍କ ରାଜନୈତିକ ପ୍ରଭାବ ଅଧୀନରେ ରହିଲା। ଗୁପ୍ତ ସାମ୍ରାଜ୍ୟର ସୀମାକୁ ଲାଗିଥିବା ସମତଟ, ଦାବକ, କାମରୂପ, ନେପାଳ ପ୍ରଭୃତି ରାଜ୍ୟର ନରପତିମାନେ ସ୍ୱଇଚ୍ଛାରେ ସମୁଦ୍ରଗୁପ୍ତଙ୍କ ବଶତା ସ୍ୱୀକାର କରିଥିଲେ। ସେହିପରି ସୀମାନ୍ତରେ ଥିବା ନଅଟି ଜନଜାତିମାନଙ୍କର ମୁଖ୍ୟମାନେ ସମୁଦ୍ରଗୁପ୍ତଙ୍କ ବଶତା ସ୍ୱୀକାର କରିଥିଲେ। ସେମାନେ ସମୁଦ୍ରଗୁପ୍ତଙ୍କୁ କର ଓ ଉପହାର ଆଦି ଦେବା ସହିତ ତାଙ୍କର ଆଦେଶ ପାଳନ କଲେ।

ଶକ, କୁଶାଣ ଏବଂ ମୁରୁଣ୍ଡମାନଙ୍କର ମୁଖ୍ୟ ଓ ସିଂହଳର ରାଜା ମେଘବର୍ଣ୍ଣ ସମୁଦ୍ରଗୁପ୍ତଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ସନ୍ଧିରେ ଆବଦ୍ଧ ହେଲେ। ଫଳରେ ସମୁଦ୍ରଗୁପ୍ତଙ୍କ ରାଜନୈତିକ ପ୍ରଭାବ ଭାରତବର୍ଷର ଅଧିକାଂଶ ଅଞ୍ଚଳରେ ସ୍ଥାପିତ ହେବା ସହିତ ସିଂହଳ ବା ବର୍ତ୍ତମାନର ଶ୍ରୀଲଙ୍କା ପର୍ଯ୍ୟନ୍ତ ବ୍ୟାପିଥିଲା। ଏହିପରି ଭାବରେ ସମୁଦ୍ରଗୁପ୍ତ ତାଙ୍କ ସାମ୍ରାଜ୍ୟକୁ ସଂଗଠିତ କରିଥିଲେ। ଅଶ୍ୱମେଧ ଯଜ୍ଞ ଅନୁଷ୍ଠିତ କରି ସେ ନିଜକୁ ସାର୍ବଭୌମ ରାଜା ବା ସମ୍ରାଟ ବୋଲି ପ୍ରତିପାଦିତ କରିଥିଲେ।

**ବର୍ତ୍ତମାନ ଦକ୍ଷିଣ ଭାରତରେ ଥିବା ରାଜ୍ୟଗୁଡିକର ନାମ ତାଲିକା କର।**

ସମୁଦ୍ରଗୁପ୍ତ କେବଳ ଜଣେ ରାଜ୍ୟଜୟୀ ବୀର ନଥିଲେ। ତାଙ୍କର 'କବିରାଜ' ଉପାଧିରୁ ଜଣାପଡ଼େ ଯେ ସେ ଜଣେ କବି ଥିଲେ। ସଙ୍ଗୀତ ପ୍ରତି ତାଙ୍କର ଅନୁରାଗ ଥିଲା। ତାଙ୍କ ଦ୍ୱାରା ପ୍ରଚଳିତ ଏକ ମୁଦ୍ରାର ଗୋଟିଏ ପାର୍ଶ୍ୱରେ ଖୋଦିତ ବୀଣା ସଦୃଶ ଏକ ବାଦ୍ୟଯନ୍ତ୍ର ସେ ବଜାଉଥିବାର ଚିତ୍ରରୁ ଜଣାପଡ଼େ। ସେ ଦାନୀ ଏବଂ ସୁଶାସକ ଥିଲେ।


ସମୁଦ୍ରଗୁପ୍ତ ବୀଣା ବଜାଉଥିବାର ଚିତ୍ର

## ଦ୍ୱିତୀୟ ଚନ୍ଦ୍ରଗୁପ୍ତ (ଖ୍ରୀ : ଅ ୩୮୦-୪୧୫) :

ସମୁଦ୍ରଗୁପ୍ତଙ୍କ ପରେ ତାଙ୍କ ଯୋଗ୍ୟ ପୁତ୍ର ଦ୍ୱିତୀୟ ଚନ୍ଦ୍ରଗୁପ୍ତ ସମ୍ରାଟ ହୋଇଥିଲେ। ସମୁଦ୍ରଗୁପ୍ତ ତାଙ୍କୁ ତାଙ୍କର ଉତ୍ତରାଧିକାରୀ ଭାବରେ ମନୋନୀତ କରିଥିଲେ। ସେ ବିକ୍ରମାଦିତ୍ୟ ଉପାଧିରେ ଭୂଷିତ ହୋଇଥିଲେ। ଦାକ୍ଷିଣାତ୍ୟର ଶକ୍ତିଶାଳୀ ବାକାତକ ରାଜବଂଶ ସହିତ ତାଙ୍କର ବୈବାହିକ ସମ୍ପର୍କ ଥିଲା। ତାଙ୍କ କନ୍ୟା ପ୍ରଭାବତୀ ଗୁପ୍ତା ବାକାତକ ରାଜକୁମାର ରୁଦ୍ରଦେବଙ୍କ ସହିତ ବିବାହ କରିଥିଲେ। ସେ ପଶ୍ଚିମ ଭାରତରେ ଶକମାନଙ୍କ ବିରୋଧରେ ବିଜୟ ଅଭିଯାନ ଚଳାଇ ପଶ୍ଚିମ ମାଳବ ଓ ସୌରାଷ୍ଟ୍ର ଅଧିକାର କରିଥିଲେ। ଏହା ଫଳରେ ଗୁପ୍ତ ସାମ୍ରାଜ୍ୟ ଆରବ ସାଗର ପର୍ଯ୍ୟନ୍ତ ବିସ୍ତୃତ ହେଲା। ତେଣୁ ଭାରତର ପଶ୍ଚିମ ଉପକୂଳରେ ଥିବା ବନ୍ଦର ଗୁପ୍ତ ସାମ୍ରାଜ୍ୟ ଅଧୀନକୁ ଆସିଲା। ଏହା ସେମାନଙ୍କର ନୌ-ବାଣିଜ୍ୟକୁ ସାହାଯ୍ୟ କଲା।


ଦ୍ୱିତୀୟ ଚନ୍ଦ୍ରଗୁପ୍ତ

**ଓଡ଼ିଶା ଉପକୂଳରେ ଥିବା ବନ୍ଦରଗୁଡ଼ିକର ନାମ ଲେଖି ସେଗୁଡ଼ିକ କେଉଁ ସାଗରକୁ ଲାଗିରହିଛି ମାନଚିତ୍ର ଦେଖି ସ୍ଥିର କର।**

ଚନ୍ଦ୍ରଗୁପ୍ତ ଜ୍ଞାନୀ ଓ ପଣ୍ଡିତମାନଙ୍କୁ ତାଙ୍କ ଦରବାରରେ ସ୍ଥାନ ଦେଇଥିଲେ। ତାଙ୍କ ଦରବାରରେ ନଅ ଜଣ ବିଖ୍ୟାତ ପଣ୍ଡିତ ଥିଲେ ବୋଲି ଅନେକ ମନେ କରନ୍ତି। ସେମାନେ ହେଲେ- ବରାହମିହିର, ଅମର ସିଂହ, କାଳିଦାସ, ଘଟକର୍ପର, ଧନ୍ୱନ୍ତରୀ, କ୍ଷପଣକ, ଶଙ୍କୁ, ବରରୁଚି ଓ ବେତାଳ ଭଟ୍ଟ। ଏହି ପଣ୍ଡିତଗଣ ନବରତ୍ନ ନାମରେ ପରିଚିତ। ଏହି ପଣ୍ଡିତମାନେ ସଂସ୍କୃତ ଭାଷାରେ ଅନେକ ମୂଲ୍ୟବାନ ଗ୍ରନ୍ଥ ରଚନା କରିଥିଲେ। ତାଙ୍କ ରାଜତ୍ୱର ଅନ୍ୟ ଏକ ବିଶିଷ୍ଟ ଘଟଣା ହେଲା ଚୀନ ପରିବ୍ରାଜକ ଫା-ସିଆଁଙ୍କ (ଫାହିୟାନ) ଭାରତ ଭ୍ରମଣ।

### ଫା-ସିଆଁ (ଫାହିୟାନ)ଙ୍କ ଭାରତ ଭ୍ରମଣ :

ବୌଦ୍ଧ ଧର୍ମ ଭାରତରେ ଜନ୍ମନେଇ କାଳକ୍ରମେ ଭାରତ ବାହାରେ ଥିବା ବିଭିନ୍ନ ଦେଶକୁ ପ୍ରସାରିତ ହୋଇଥିଲା। ଚୀନ, ଜାପାନ, ନେପାଳ, ଶ୍ରୀଲଙ୍କା ପ୍ରଭୃତି ଦେଶମାନଙ୍କରେ ଏହି ଧର୍ମ ପ୍ରସାର ଲାଭ କରିଥିଲା। ବୌଦ୍ଧ ଧର୍ମ ବିଷୟରେ ଅଧିକ ଜାଣିବା ପାଇଁ ବହୁ ବିଦେଶୀ ପରିବ୍ରାଜକ ଭାରତ ଭ୍ରମଣରେ ଆସିଥିଲେ। ତନ୍ମଧ୍ୟରୁ ଫା-ସିଆଁ ଅନ୍ୟତମ।

ଫା-ସିଆଁଙ୍କ ଭାରତ ଭ୍ରମଣ କାଳରେ ଦ୍ୱିତୀୟ ଚନ୍ଦ୍ରଗୁପ୍ତ ରାଜତ୍ୱ କରୁଥିଲେ। ସେ ଭାରତର ବିଭିନ୍ନ ସ୍ଥାନ ଭ୍ରମଣ କରି ଲୋକମାନଙ୍କ ସାମାଜିକ ଓ ଆର୍ଥିକ ବ୍ୟବସ୍ଥା ଏବଂ ଧର୍ମ ସମ୍ବନ୍ଧରେ ମୂଲ୍ୟବାନ ବିବରଣୀ ପ୍ରଦାନ କରିଛନ୍ତି। ମାତ୍ର ସେ ଗୁପ୍ତ ସମ୍ରାଟ ଚନ୍ଦ୍ରଗୁପ୍ତଙ୍କ ନାମ ଉଲ୍ଲେଖ କରିନାହାଁନ୍ତି।

ଫା-ସିଆଁଙ୍କ ବିବରଣୀରୁ ଜଣାପଡ଼େ ଯେ ଭାରତୀୟମାନେ ସେତେବେଳେ ଖୁସିରେ ଥିଲେ। ସେମାନେ ବିଭିନ୍ନ ସ୍ଥାନକୁ ଅବାଧରେ ଯାତାୟାତ କରିପାରୁଥିଲେ। ଲୋକମାନଙ୍କ ଆର୍ଥିକ ଅବସ୍ଥା ଭଲ ଥିଲା। ରାଜାମାନେ ସୁଶାସକ ଥିଲେ। ପ୍ରାଣଦଣ୍ଡର ବ୍ୟବସ୍ଥା ନଥିଲା। ଗୁରୁତର ଅପରାଧରେ କିମ୍ବା ବାରମ୍ବାର ବିଦ୍ରୋହ କଲେ ଅଙ୍ଗଚ୍ଛେଦ କରାଯାଉଥିଲା। ଦୋଷୀମାନେ ଅର୍ଥଦଣ୍ଡରେ ଦଣ୍ଡିତ ହେଉଥିଲେ। ଗ୍ରାମମାନଙ୍କ ସଂଖ୍ୟା ଅନେକ ଥିଲା। ରାଜା ଚାଷୀମାନଙ୍କଠାରୁ ଏକ ଚତୁର୍ଥାଂଶ ଫସଲକୁ କର ଆକାରରେ ଗ୍ରହଣ କରୁଥିଲେ। ଭାରତରେ ଅନେକ ଧର୍ମଶାଳା ଥିବା କଥା ସେ ମଧ୍ୟ କହିଛନ୍ତି। ଉଭୟ ବୌଦ୍ଧ ଧର୍ମାବଲମ୍ବୀ ଲୋକ ଓ ବ୍ରାହ୍ମଣମାନେ ଶାନ୍ତିପୂର୍ଣ୍ଣ ଭାବରେ ରହୁଥିଲେ। ଭ୍ରମଣ ଶେଷରେ ଜଳପଥରେ ସେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ।

**ଜାପାନରୁ ବୌଦ୍ଧ ସନ୍ନ୍ୟାସୀମାନେ ଆସିଲେ ଓଡ଼ିଶାର କେଉଁ ସ୍ଥାନଗୁଡ଼ିକ ପରିଦର୍ଶନ କରିବାକୁ ଚାହିଁବେ, ଆଲୋଚନା କରି ଲେଖ।**

### ବୌଦ୍ଧଧର୍ମର ଅବନତି ଓ ବ୍ରାହ୍ମଣ୍ୟଧର୍ମର ପୁନରୁତ୍‌ଥାନ:

ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଆରମ୍ଭ ହୋଇଥିବା ବୌଦ୍ଧ ଧର୍ମ ପରବର୍ତ୍ତୀ ସମୟରେ ଭାରତର ବିଭିନ୍ନ ସ୍ଥାନରେ ପ୍ରସାରିତ ହେବା ସହିତ ଶ୍ରୀଲଙ୍କା, ଚୀନ, ଜାପାନ, ମିଆଁମାର ଆଦି ଦେଶକୁ ପ୍ରସାରିତ ହୋଇଥିଲା। କିନ୍ତୁ ଗୁପ୍ତରାଜତ୍ୱ ସମୟରୁ ଏହି ଧର୍ମର କ୍ରମଶଃ ଅବନତି ହେବାକୁ ଲାଗିଲା। ବ୍ରାହ୍ମଣ ଧର୍ମର ପୁନରୁତ୍‌ଥାନ ଯୋଗୁ ବୌଦ୍ଧ ଧର୍ମର ଅବନତି ଘଟିଲା।

ଗୁପ୍ତ ରାଜାମାନେ ଦୁଇଶହ ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ ଶାସନ କରିଥିଲେ। ସେମାନେ ବ୍ରାହ୍ମଣ୍ୟ ଧର୍ମର ପୃଷ୍ଠପୋଷକତା କରିଥିଲେ। ଅବଶ୍ୟ ଶେଷ ଆଡ଼କୁ ଅଳ୍ପ କେତେଜଣ ରାଜା ବୌଦ୍ଧ ଧର୍ମ ଗ୍ରହଣ କରିଥିଲେ। ଫଳରେ

ବ୍ରାହ୍ମଣ୍ୟ ଧର୍ମ ଲୋକପ୍ରିୟ ହେବାକୁ ଲାଗିଲା । ଏହା ସହିତ ସଂସ୍କୃତ ଭାଷା ବ୍ୟବହାର ଅଧିକ ହେଲା । ବ୍ରାହ୍ମଣ୍ୟ ଧର୍ମର ଗ୍ରନ୍ଥ ସବୁ ସଂସ୍କୃତ ଭାଷାରେ ଲିଖିତ । ଫା-ସିଆଁଙ୍କ ବିବରଣୀରୁ ଜଣାଯାଏ ଯେ ପଞ୍ଚମ ଶତାବ୍ଦୀ ବେଳକୁ ମହାଯାନ ବୌଦ୍ଧ ଧର୍ମ ଉତ୍ତର ଭାରତରେ ଲୋକପ୍ରିୟତା ହରାଇନଥିଲା, କିନ୍ତୁ ବ୍ରାହ୍ମଣ୍ୟ ଧର୍ମର ବିକାଶ ଦ୍ୱାରା ବୌଦ୍ଧ ଧର୍ମର ପୂର୍ବ ଗୌରବ ହ୍ରାସ ପାଇଥିଲା । ଗୟା ଓ କପିଳବାସ୍ତୁରେ ବୌଦ୍ଧ ବିହାରମାନ ପରିତ୍ୟକ୍ତ ଅବସ୍ଥାରେ ରହିଥିବାର ଚୀନ ପରିବ୍ରାଜକ ସ୍ୱୀକାର କରିଛନ୍ତି । ଦକ୍ଷିଣ ଭାରତରେ ପଲ୍ଲବମାନେ ମଧ୍ୟ ବ୍ରାହ୍ମଣ୍ୟ ଧର୍ମର ପୃଷ୍ଠପୋଷକତା କରିଥିଲେ । ମହାଯାନ ପନ୍ଥାର ଅଭ୍ୟୁଦୟ ଯୋଗୁ ବୌଦ୍ଧ ଧର୍ମରେ ମଧ୍ୟ ମୂର୍ତ୍ତି ପୂଜା କରାଗଲା । ବୌଦ୍ଧ ଗ୍ରନ୍ଥ ସବୁ ସଂସ୍କୃତ ଭାଷାରେ ଲେଖାଗଲା । ଫଳରେ ବୌଦ୍ଧ ଧର୍ମ ଓ ବୈଦିକ ବା ବ୍ରାହ୍ମଣ୍ୟ ଧର୍ମ ମଧ୍ୟରେ ଥିବା ପ୍ରଭେଦ ହ୍ରାସ ପାଇଲା । ଏପରିକି ବୁଦ୍ଧ ବିଷ୍ଣୁଙ୍କର ଏକ ଅବତାର ଭାବରେ ପରିଗଣିତ ହେଲେ । ଶେଷରେ ଶଙ୍କରଙ୍କ ଦ୍ୱାରା ପ୍ରଚାରିତ ଅଦ୍ୱୈତବାଦର ପ୍ରଭାବ ବୌଦ୍ଧ ଧର୍ମ ଉପରେ ପଡ଼ିଲା । ସେ ହିନ୍ଦୁ ଧର୍ମର ସୁରକ୍ଷା ନିମନ୍ତେ ଚେଷ୍ଟା କଲେ । ତାଙ୍କର ବଳିଷ୍ଠ ଦାର୍ଶନିକ ତର୍କ ନିକଟରେ ବୌଦ୍ଧ ପଣ୍ଡିତମାନେ ତାଙ୍କର ସମକକ୍ଷ ହୋଇପାରିଲେ ନାହିଁ । ସାଧାରଣ ଲୋକମାନେ ବୌଦ୍ଧ ଧର୍ମକୁ ହିନ୍ଦୁ ଧର୍ମଠାରୁ ପୃଥକ୍ ଭାବେ ଗ୍ରହଣ କଲେ ନାହିଁ । ହିନ୍ଦୁ ଧର୍ମ ପ୍ରଭାବରେ  ବୌଦ୍ଧ ଧର୍ମରେ ତନ୍ତ୍ର  ପ୍ରବେଶ କରିବାରୁ ବଜ୍ରଯାନର ଆବିର୍ଭାବ ହେଲା ।

ସୁତରାଂ ଏହିସବୁ କାରଣ ପାଇଁ ଭାରତରେ ବୌଦ୍ଧ ଧର୍ମର ଘୋର ଅବନତି ଘଟିଥିଲା ।

## ବ୍ରାହ୍ମଣ୍ୟ ଧର୍ମର ପୁନରୁତ୍ଥାନ :

ନିମ୍ନଲିଖିତ କାରଣମାନ ବ୍ରାହ୍ମଣ୍ୟ ଧର୍ମର ପୁନରୁତ୍ଥାନ ପାଇଁ ଦାୟୀ ହୋଇଥାଇପାରେ । ଗୁପ୍ତ ଯୁଗରେ ବୈଷ୍ଣବ ଧର୍ମର ବିଶେଷ ପ୍ରସାର ଲାଭ କରିଥିଲା । କେତେକ ଗୁପ୍ତ ରାଜା ବିଷ୍ଣୁଙ୍କ ଉପାସକ ଥିଲେ । ଏହାର ପ୍ରଭାବରେ ବୈଷ୍ଣବ ଧର୍ମ ସମାଜରେ ଜନପ୍ରିୟ ହେଲା । ଏହାଛଡ଼ା ଭଗବାନ ଶିବଙ୍କୁ ମଧ୍ୟ ଲୋକମାନେ ପୂଜା କରୁଥିଲେ । ଗୁପ୍ତ ଯୁଗରେ ୧୮ଟି ପୁରାଣ ସଂକଳନ କରାଯାଇଥିଲା । ସେହି ପୁରାଣମାନଙ୍କରେ ବିଷ୍ଣୁ ଓ ଶିବଙ୍କର ମାହାତ୍ମ୍ୟ ବର୍ଣ୍ଣନା କରାଗଲା । ମନ୍ଦିରରେ ମୂର୍ତ୍ତି ପୂଜା ଗୁପ୍ତ ଯୁଗରେ ଏକ ପରମ୍ପରାରେ ପରିଗଣିତ ହେଲା । ମୂର୍ତ୍ତି ପୂଜା ନିମନ୍ତେ ବିଭିନ୍ନ ସ୍ଥାନରେ ମନ୍ଦିର ନିର୍ମାଣ ଆରମ୍ଭ ହେଲା । ଗୁପ୍ତ ଯୁଗର ଭଗବତ ବା ବୈଷ୍ଣବ ଧର୍ମର ଅନ୍ୟ ଏକ ବିଶେଷତ୍ୱ ହେଲା ଅବତାରବାଦ । ଦୁଷ୍ଟର ବିନାଶ ପାଇଁ ବିଷ୍ଣୁ ବିଭିନ୍ନ ଅବତାର ରୂପରେ ଭୂ-ପୃଷ୍ଠକୁ ଅବତରଣ କରିଥିଲେ । ଏହି ବିଷୟ ଲୋକମାନଙ୍କ ମନକୁ ବିଶେଷ ଭାବରେ ପ୍ରଭାବିତ କରିଥିଲା ।

**ଦଶଅବତାରମାନଙ୍କର ନାମ ସଂଗ୍ରହ କରି ଲେଖ ।**

## ସାହିତ୍ୟ, କଳା, ସ୍ଥାପତ୍ୟ ଏବଂ ବିଜ୍ଞାନ :

### ସାହିତ୍ୟ

ଗୁପ୍ତ ଯୁଗରେ ସଂସ୍କୃତ ସାହିତ୍ୟରେ ବିଶେଷ ଉନ୍ନତି ହୋଇଥିଲା । ଉଭୟ ଧର୍ମ ସମ୍ବନ୍ଧୀୟ ଏବଂ ଲୌକିକ ସାହିତ୍ୟର ଉନ୍ନତି ଘଟିଥିଲା । ଏହା ଗୁପ୍ତ ରାଜାମାନଙ୍କ ପୃଷ୍ଠପୋଷକତା ଯୋଗୁଁ ସମ୍ଭବ ହୋଇଥିଲା । ଗୁପ୍ତଯୁଗର ପ୍ରସିଦ୍ଧ କବି ଓ ନାଟ୍ୟକାର ଥିଲେ କାଳିଦାସ । ସେ ଉଭୟ ନାଟକ ଓ କାବ୍ୟ  ରଚନା କରିଥିଲେ । ତାଙ୍କର ପ୍ରସିଦ୍ଧ ନାଟକ ହେଉଛି 'ଅଭିଜ୍ଞାନ ଶକୁନ୍ତଳମ୍' । ତାଙ୍କ ରଚିତ ଅନ୍ୟ ନାଟକଗୁଡ଼ିକ ହେଲା, 'ମାଳବିକାଗ୍ନିମିତ୍ରମ୍' ଓ 'ବିକ୍ରମୋର୍ବଶୀୟମ୍' ।  ସେ

ମଧ୍ୟ 'ରଘୁବଂଶମ୍', 'କୁମାର ସମ୍ଭବମ୍' ଏବଂ 'ମେଘଦୂତମ୍' କାବ୍ୟ ରଚନା କରିଥିଲେ। ଏହିସବୁ ସଂସ୍କୃତ ଭାଷାର କାଳଜୟୀ ରଚନା।

**କାଳିଦାସଙ୍କ ପରି ପ୍ରାଚୀନ ଭାରତର ଆଉ କେତେଜଣ କବି ଓ ନାଟ୍ୟକାରଙ୍କ ନାମ ସଂଗ୍ରହ କରି ତାଲିକା କର।**

ଶୁଦ୍ରକଙ୍କ ଦ୍ୱାରା ଲିଖିତ 'ମୃଚ୍ଛକଟିକମ୍' ଏକ ସାମାଜିକ ନାଟକ ଥିଲା। ସେ ସମୟରେ 'ପଞ୍ଚତନ୍ତ୍ର' ବିଷ୍ଣୁ ଶର୍ମାଙ୍କ ଦ୍ୱାରା ରଚିତ ହୋଇଥିଲା।

ଗୁପ୍ତ ଯୁଗରେ ଅମରସିଂହ 'ଅମରକୋଷଃ' ଅଭିଧାନ ରଚନା କରିଥିଲେ। ଗୁପ୍ତ ଯୁଗରେ ରାମାୟଣ, ମହାଭାରତ ଓ ପୁରାଣଗୁଡ଼ିକର ସଂକଳନ ସମ୍ପୂର୍ଣ୍ଣ ହୋଇଥିଲା। ଭଗବଦ୍ ଗୀତା ମହାଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ। ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ଜଣାଯାଏ ଯେ ସାହିତ୍ୟ କ୍ଷେତ୍ରରେ ଗୁପ୍ତଯୁଗ ଏକ ଗୌରବମୟ ଯୁଗ ଥିଲା।

### କଳା ଓ ସ୍ଥାପତ୍ୟ :

ଗୁପ୍ତ ଯୁଗର କଳା ଓ ସ୍ଥାପତ୍ୟ ପୂର୍ଣ୍ଣଭାବରେ ବିକାଶ ଲାଭ କରିଥିଲା। କଳାର ବିଭିନ୍ନ ବିଭାଗ ଯଥା, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଓ ଚିତ୍ରକଳାରେ ବିଶେଷ ଉନ୍ନତି ସାଧିତ ହୋଇଥିଲା।

### ସ୍ଥାପତ୍ୟ :

ଏହି ସମୟରେ ଅନେକ ବୌଦ୍ଧ ଚୈତ୍ୟଗୃହ ଓ ବିହାର ନିର୍ମାଣ କରାଯାଇଥିଲା। ପଥର ଖୋଦିତ ସ୍ଥାପତ୍ୟର ଦୃଷ୍ଟାନ୍ତ ଅଜନ୍ତାଗୁମ୍ଫାରେ ଦେଖିବାକୁ ମିଳେ।

**ଓଡ଼ିଶାର କେଉଁ ସ୍ଥାନମାନଙ୍କରେ ବୌଦ୍ଧ ବିହାର ରହିଛି ନାମ ସଂଗ୍ରହକରି ଲେଖ।**

ବ୍ରାହ୍ମଣ୍ୟ ଧର୍ମର ପୁନରୁତ୍‌ଥାନ ଯୋଗୁ ଗୁପ୍ତଯୁଗରେ ଦେବଦେବୀଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଉତ୍ତର ପ୍ରଦେଶର ଝାନ୍‌ସୀ ଜିଲ୍ଲାର ଦେଓଗଡ଼ଠାରେ ଥିବା ଦଶାବତାର ମନ୍ଦିର, ମଧ୍ୟପ୍ରଦେଶର ଜବଲପୁର ଜିଲ୍ଲାର ତିଗୱାଠାରେ ଥିବା ବିଷ୍ଣୁ ମନ୍ଦିର, ଭୂମାରାଠାରେ ଶିବମନ୍ଦିର ଓ ଭିତରଗାଓଁର ଇଟାରେ ନିର୍ମିତ ମନ୍ଦିର ଆଦି ଗୁପ୍ତଯୁଗ ସ୍ଥାପତ୍ୟର ନିଦର୍ଶନ।

### ଭାସ୍କର୍ଯ୍ୟ :

ଗୁପ୍ତ ଯୁଗର ଭାସ୍କର୍ଯ୍ୟ ମଧ୍ୟ ଉନ୍ନତିର ଶୀର୍ଷ ସ୍ଥାନରେ ପହଞ୍ଚିଥିଲା। ଗୁପ୍ତ ଭାସ୍କର୍ଯ୍ୟରେ କୋମଳତା, ସ୍ୱାଭାବିକତା, ସୁଦୃଶ୍ୟତା, ଆଳଙ୍କାରିକତା ଏବଂ ଆଧ୍ୟାତ୍ମିକତାର ସୁନ୍ଦର ସମାବେଶ ଦେଖାଯାଏ। ଗୁପ୍ତଯୁଗର ଶ୍ରେଷ୍ଠ କଳାକୃତି ମଥୁରା ଓ ସାରନାଥଠାରେ ଦେଖିବାକୁ ମିଳେ। ସାରନାଥର ବୁଦ୍ଧମୂର୍ତ୍ତି ଭାରତୀୟ ଭାସ୍କର୍ଯ୍ୟର ଶ୍ରେଷ୍ଠ କୃତି


ସାରନାଥର ବୁଦ୍ଧ

ଭାବରେ ପରିଗଣିତ । ମଧ୍ୟପ୍ରଦେଶର ଉଦୟଗିରିରେ ଥିବା ବରାହ ମୂର୍ତ୍ତି, ଦେଓଗଡ଼ର ଶେଷଶାୟୀ ବିଷ୍ଣୁ, ଅହିଛତ୍ରର ମାଟିର ମୂର୍ତ୍ତି ଓ କୋହର ମୁଖଲିଙ୍ଗ ଆଦି ଗୁପ୍ତ ମୂର୍ତ୍ତିକଳାର ଅନବଦ୍ୟ ସୃଷ୍ଟି ।

**ତୁମ ଘର ନିକଟରେ ଥିବା ମନ୍ଦିର ସମ୍ବନ୍ଧରେ ଅନୁଧ୍ୟାନ କରି ଲେଖ ।**

## ଚିତ୍ରକଳା

ଗୁପ୍ତ ଯୁଗରେ ଚିତ୍ରକଳାର ମଧ୍ୟ ଉନ୍ନତି ଘଟିଥିଲା । ମହାରାଷ୍ଟ୍ରରେ ଥିବା ଅଜନ୍ତାର ଭିତ୍ତିଚିତ୍ର ଚିତ୍ରକଳାର ଏକ ଜୀବନ୍ତ ଉଦାହରଣ । ଅଜନ୍ତା ଗୁମ୍ଫାରେ ଥିବା ଚିତ୍ର ସାରା ବିଶ୍ୱରେ ପରିଚିତ ।


ମେହେରାଉଲିର ଲୌହ ସ୍ତମ୍ଭ

## ବିଜ୍ଞାନ

ଗୁପ୍ତ ଯୁଗରେ କେବଳ ସାହିତ୍ୟ ଓ କଳାର ଉନ୍ନତି ଘଟି ନଥିଲା । ବିଜ୍ଞାନ କ୍ଷେତ୍ରରେ ମଧ୍ୟ ବିକାଶ ସାଧିତ ହୋଇଥିଲା । ଗଣିତ କ୍ଷେତ୍ରରେ ଦଶମିକ ପଦ୍ଧତି, ଶୂନ୍ୟର ପ୍ରଚଳନ ଆଦି ଗୁପ୍ତ ଯୁଗର ଅବଦାନ । ଭାରତର ଅଙ୍କ ଲିଖନ ପଦ୍ଧତି ଆରବ ଦେଶରେ ଲୋକପ୍ରିୟ ହୋଇଥିଲା । ଏହି ପଦ୍ଧତି ୟୁରୋପକୁ ଯାଇଥିଲା । ପ୍ରଖ୍ୟାତ ଗଣିତ ବିଶାରଦ ଆର୍ଯ୍ୟଭଟ୍ଟ ''ଆର୍ଯ୍ୟଭଟ୍ଟୀୟମ୍'' ପୁସ୍ତକ ରଚନା କରିଥିଲେ । ସେ ଗଣିତ ଓ ଜ୍ୟୋତିର୍ବିଜ୍ଞାନରେ ପାରଙ୍ଗମ ଥିଲେ । ତାଙ୍କର ଗାଣିତିକ ପଦ୍ଧତି ଦଶମିକ ଉପରେ ପ୍ରତିଷ୍ଠିତ ହୋଇଥିଲା । ସେ ଗଣିତକୁ ଏକ ସ୍ୱତନ୍ତ୍ର ବିଷୟରୂପେ ପରିଗଣିତ କରିଥିଲେ । ତାଙ୍କ ମତରେ ପୃଥିବୀ ଏକ ଗ୍ରହ ଓ ନିଜକକ୍ଷରେ ଘୂରୁଛି ।

ସେ ଯୁଗର ଆଉ ଜଣେ ଜ୍ୟୋତିର୍ବିଜ୍ଞାନୀ ହେଲେ ବରାହମିହିର । ସେ ''ବୃହତ ସଂହିତା'' ରଚନା କରିଥିଲେ । ସେ ସିଦ୍ଧାନ୍ତିକାରେ ରୋମକ ସିଦ୍ଧାନ୍ତ କଥା ଉଲ୍ଲେଖ କରିଛନ୍ତି । ଏଥିରେ ଗ୍ରୀକ୍ ପ୍ରଭାବ ପଡିଥିବା ଜଣାଯାଏ । ଚିକିତ୍ସା ଶାସ୍ତ୍ର ବିଶାରଦ 'ବାଗଭଟ୍ଟ' ଗୁପ୍ତ ଯୁଗରେ ଥିଲେ ବୋଲି ଅନେକ ବିଶ୍ୱାସ କରନ୍ତି ।

**ଓଡ଼ିଶାର ଜଣେ ପ୍ରସିଦ୍ଧ ଜ୍ୟୋତିର୍ବିଜ୍ଞାନୀଙ୍କ ନାମ ଲେଖ । ତାଙ୍କ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କର ।**

ଗୁପ୍ତଯୁଗର ଧାତୁ ଶିଳ୍ପ କ୍ଷେତ୍ରରେ ମଧ୍ୟ ଉନ୍ନତି ହୋଇଥିଲା । ଗୁପ୍ତଯୁଗର ଶିଳ୍ପୀମାନେ ସୁନ୍ଦର ସୁନ୍ଦର ଲୌହ ଓ କଂସା ମୂର୍ତ୍ତି ନିର୍ମାଣ କରିଥିଲେ । ଦିଲ୍ଲୀର ମେହରାଉଲିଠାରେ ଥିବା ଲୌହ ସ୍ତମ୍ଭ ଗୁପ୍ତ ଯୁଗର କୀର୍ତ୍ତି । ସବୁଠାରୁ ଆଶ୍ଚର୍ଯ୍ୟ ବିଷୟ ହେଉଛି ଯେ ଏଥିରେ ଏ ପର୍ଯ୍ୟନ୍ତ କଳଙ୍କି ଲାଗିନାହିଁ । ଏଥିରୁ ଗୁପ୍ତଯୁଗର ଧାତୁଶିଳ୍ପ ବିଦ୍ୟାର ନିପୁଣତା ଜଣାଯାଏ । ନାଳନ୍ଦାରୁ ଏକ ବିଶାଳ ତାମ୍ର ନିର୍ମିତ ବୁଦ୍ଧ ମୂର୍ତ୍ତି ଉଦ୍ଧାର କରାଯାଇଛି । ଏହାର ରଙ୍ଗ ଆଜି ପର୍ଯ୍ୟନ୍ତ ସତେଜ ହୋଇ ରହିଅଛି । ଉପରୋକ୍ତ ବର୍ଣ୍ଣନାରୁ ଜଣାପଡୁଛି ଯେ ଗୁପ୍ତଯୁଗ ଭାରତ ଇତିହାସର ଏକ ସୁବର୍ଣ୍ଣ ଯୁଗ ।

## ପଲ୍ଲବ ବଂଶ, ଚାଲୁକ୍ୟ ବଂଶ, ବର୍ଦ୍ଧନ ବଂଶ ଏବଂ ଜୁଆଙ୍ଗ-ଜାଙ୍ଗ ଭାରତ ଭ୍ରମଣ :

### ପଲ୍ଲବ ବଂଶ

ପଲ୍ଲବ ବଂଶ ଏକ ପ୍ରାଚୀନ ରାଜ ବଂଶ । ପଲ୍ଲବମାନେ ତାମିଲନାଡୁର କାଞ୍ଚି ଅଞ୍ଚଳରେ ରାଜତ୍ୱ କରୁଥିଲେ । ଚାଲୁକ୍ୟମାନଙ୍କ ପୂର୍ବରୁ ସେମାନେ ଦକ୍ଷିଣ ଭାରତରେ ଏକ ଶକ୍ତିଶାଳୀ ରାଜ୍ୟ ପ୍ରତିଷ୍ଠା କରିପାରିଥିଲେ । ସାତବାହନ ବଂଶର ପତନ ପରେ ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀର ଶେଷବେଳକୁ ପଲ୍ଲବ ରାଜ୍ୟ ପ୍ରତିଷ୍ଠା ହୋଇଥିଲା । ଏହି ବଂଶର ପ୍ରଥମ ରାଜା ସିଂହବିଷ୍ଣୁ ଶତ୍ରୁମାନଙ୍କୁ ପରାସ୍ତ କରି କୃଷ୍ଣାନଦୀଠାରୁ କାବେରୀ ନଦୀ ପର୍ଯ୍ୟନ୍ତ ରାଜ୍ୟ ସ୍ଥାପନ କରିଥିଲେ ।

### ପ୍ରଥମ ମହେନ୍ଦ୍ର ବର୍ମନ (ଖ୍ରୀ:ଅ: ୬୦୦-୬୩୦)

ପଲ୍ଲବ ବଂଶର ପ୍ରଥମ ପରାକ୍ରମଶାଳୀ ରାଜା ହେଉଛନ୍ତି ପ୍ରଥମ ମହେନ୍ଦ୍ର ବର୍ମନ । ତାଙ୍କ ରାଜତ୍ୱ ସମୟରେ ପଲ୍ଲବ ଓ ଚାଲୁକ୍ୟମାନଙ୍କ ମଧ୍ୟରେ ଶତ୍ରୁତା ଆରମ୍ଭ ହୋଇଥିଲା । ଯାହା ଏକ ଶହ ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ ଲାଗିରହିଥିଲା । ଚାଲୁକ୍ୟ ରାଜା ଦ୍ୱିତୀୟ ପୁଲକେଶୀନ୍ ଓ ମହେନ୍ଦ୍ରବର୍ମନଙ୍କ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା । ମହେନ୍ଦ୍ରବର୍ମନ ଏକଧାରାରେ ଯୋଦ୍ଧା, କବି ଓ ସଙ୍ଗୀତଜ୍ଞ ଥିଲେ ।

### ପ୍ରଥମ ନରସିଂହ ବର୍ମନ (ଖ୍ରୀ:ଅ:୬୩୦-୬୬୮)

ପଲ୍ଲବ ବଂଶର ସର୍ବଶ୍ରେଷ୍ଠ ରାଜା ରୂପେ ପ୍ରଥମ ନରସିଂହ ବର୍ମନ ସୁପରିଚିତ । ତାଙ୍କ ସମୟରେ ପଲ୍ଲବମାନଙ୍କର ରାଜନୈତିକ ଶକ୍ତି ଶୀର୍ଷ ସ୍ଥାନରେ ପହଞ୍ଚିଥିଲା । ସେ ଚାଲୁକ୍ୟରାଜା ଦ୍ୱିତୀୟ ପୁଲକେଶୀନ୍‌ଙ୍କୁ ଯୁଦ୍ଧରେ ପରାସ୍ତ କରି ଚାଲୁକ୍ୟ ରାଜଧାନୀ ବାତାପିକୁ ଅଧିକାର କରିଥିଲେ । ସେଥିପାଇଁ ତାଙ୍କୁ 'ବାତାପିକୋଣ୍ଡା' ନାମରେ ଅଭିହିତ କରାଯାଇଥିଲା । ଯାହାର ଅର୍ଥ ଥିଲା 'ବାତାପିର ବିଜୟୀ' । ପୁଲକେଶୀନ୍ ଯୁଦ୍ଧରେ ପରାସ୍ତ ହୋଇ ମୃତ୍ୟୁ ବରଣ କରିଥିଲେ । ସେ ମଧ୍ୟ ଚେର ଓ ଚୋଳମାନଙ୍କୁ ଯୁଦ୍ଧରେ ପରାସ୍ତ କରିଥିଲେ । ନରସିଂହ ବର୍ମନ ଶ୍ରୀଲଙ୍କା ବିରୁଦ୍ଧରେ ନୌସେନା ପଠାଇଥିଲେ । ଏଥିରେ ସେ ବିଶେଷ ସଫଳତା ପାଇଥିଲେ । ନବମ ଶତାବ୍ଦୀର ଶେଷ ଭାଗରେ ଚୋଳମାନେ ପଲ୍ଲବ ରାଜ୍ୟକୁ ଧ୍ୱଂସ କରିଦେଇଥିଲେ ।

### ସଂସ୍କୃତିର ବିକାଶ :

ଦକ୍ଷିଣ ଭାରତର ସାଂସ୍କୃତିକ ଇତିହାସରେ ପଲ୍ଲବମାନଙ୍କ ଅବଦାନ ଅତୁଳନୀୟ । ସେ ସମୟରେ ସଂସ୍କୃତ ଭାଷାକୁ ଯଥେଷ୍ଟ ସମ୍ମାନ ଦିଆଯାଉଥିଲା । ସେମାନଙ୍କର ବହୁ ଶିଳାଲେଖ ସଂସ୍କୃତ ଭାଷାରେ ଲେଖାଯାଇଛି । ଭାରବୀ ଓ ଦଣ୍ଡିଙ୍କ ପରି ମହାନ ପଣ୍ଡିତ ପଲ୍ଲବ ରାଜଦରବାରରେ ଥିଲେ । ଭାରବୀଙ୍କ ''କୀରାତାର୍ଜୁନୀୟମ୍'' ଏବଂ ''ଦଶକୁମାରଚରିତମ୍'' ସଂସ୍କୃତ ଭାଷାର ଦୁଇଟି ସୁବିଦିତ ଗ୍ରନ୍ଥ । କାଞ୍ଚି ସଂସ୍କୃତି ଓ ଶିକ୍ଷାର ଏକ ଶ୍ରେଷ୍ଠ କେନ୍ଦ୍ର ଥିଲା । ରାଜା ପ୍ରଥମ ମହେନ୍ଦ୍ର ବର୍ମନଙ୍କ ଦ୍ୱାରା ରଚିତ ''ମତ୍ତବିଳାସ ପ୍ରହସନ'' ଏକ ସାମାଜିକ ନାଟକ । ଧର୍ମକ୍ଷେତ୍ରରେ ଭକ୍ତି ଆନ୍ଦୋଳନ ବୈଷ୍ଣବ ଓ ଶୈବ ସନ୍ଥମାନଙ୍କ ଦ୍ୱାରା ପ୍ରଥମେ ପଲ୍ଲବ ରାଜ୍ୟରେ ଆରମ୍ଭ ହୋଇଥିଲା । ଏହି ସମୟରେ ଦକ୍ଷିଣ ଭାରତରେ ଆର୍ଯ୍ୟ ସଂସ୍କୃତିର ପ୍ରସାର ସମ୍ପୂର୍ଣ୍ଣ ହୋଇଥିଲା । କାଞ୍ଚି ବିଶ୍ୱବିଦ୍ୟାଳୟ ଆର୍ଯ୍ୟ ସଂସ୍କୃତି ପ୍ରସାରର କେନ୍ଦ୍ର ଥିଲା । ପଲ୍ଲବ ରାଜାମାନେ ସବୁଧର୍ମ ପ୍ରତି ସମ୍ମାନ ପ୍ରଦର୍ଶନ କରୁଥିଲେ । ଚୀନ ପରିବ୍ରାଜକ ଜୁଆଙ୍ଗ୍-ଜାଙ୍ଗ୍ ପଲ୍ଲବ ରାଜ୍ୟ ଭ୍ରମଣ କରି ତାଙ୍କ ବିବରଣୀରେ କାଞ୍ଚିପୁରମ୍ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି ।

ପଲ୍ଲବମାନଙ୍କ ରାଜତ୍ୱ ସମୟରେ କଳା ଓ ସ୍ଥାପତ୍ୟର ବିକାଶ ଘଟିଥିଲା । ଉଭୟ ଶିବ ଓ ବିଷ୍ଣୁ ମନ୍ଦିରମାନ ନିର୍ମାଣ କରାଯାଇଥିଲା । ମହାବଳୀପୁରମ୍‌ରେ ବିରାଟ ପଥରକାଟି କେତେଗୁଡ଼ିଏ ମନ୍ଦିର ନିର୍ମାଣ କରାଯାଇଥିଲା । ସେଗୁଡ଼ିକୁ ରଥ କୁହାଯାଏ । ମହାବଳୀପୁରମ୍‌ର ପାଣ୍ଡବ ରଥ ଓ ସମୁଦ୍ରତଟ ମନ୍ଦିର ପଲ୍ଲବ ମନ୍ଦିରମାନଙ୍କ ମଧ୍ୟରେ ବିଖ୍ୟାତ । ଏହାଛଡ଼ା କାଞ୍ଚିପୁରମ୍‌ରେ କୈଳାସନାଥ ମନ୍ଦିର ପଲ୍ଲବମାନଙ୍କର କୃତି ।

**ତୁମେ ଦେଖୁଥିବା ଓଡ଼ିଶାର ମନ୍ଦିରଗୁଡ଼ିକ ପଥରକୁ କାଟି ନା ପଥରକୁ ଯୋଡ଼େଇ ହୋଇ ତିଆରି ହୋଇଛି, ଅନୁଧ୍ୟାନ କରି ଲେଖ ।**

## ଚାଲୁକ୍ୟ ବଂଶ

ବିନ୍ଧ୍ୟ ପର୍ବତମାଳାରୁ ତୁଙ୍ଗଭଦ୍ରାନଦୀ ପର୍ଯ୍ୟନ୍ତ ଅଞ୍ଚଳକୁ ଦାକ୍ଷିଣାତ୍ୟ କୁହାଯାଏ । ଏହି ଅଞ୍ଚଳରେ ସାତବାହନମାନଙ୍କ ପତନ ପରେ ବାକାତକମାନେ ଏକ ଶକ୍ତିଶାଳୀ ରାଷ୍ଟ୍ର ସ୍ଥାପନ କରିବା ପାଇଁ ଉଦ୍ୟମ କରିଥିଲେ; କିନ୍ତୁ ସେମାନେ ବେଶିଦିନ ପର୍ଯ୍ୟନ୍ତ ଶାସନ କରି ପାରିନଥିଲେ । ତା'ପରେ ଚାଲୁକ୍ୟମାନେ ଦାକ୍ଷିଣାତ୍ୟରେ ଏକ ଶକ୍ତିଶାଳୀ ରାଷ୍ଟ୍ର ନିର୍ମାଣ କରିବାରେ ସଫଳ ହୋଇଥିଲେ । ମୁଖ୍ୟତଃ କୃଷ୍ଣା ଓ ତୁଙ୍ଗଭଦ୍ରା ନଦୀ ମଧ୍ୟରେ ଥିବା ରାଇଚୁରର ଉର୍ବର ଅଞ୍ଚଳରେ ଚାଲୁକ୍ୟମାନେ ନିଜର ଆଧିପତ୍ୟ ବିସ୍ତାର କରିବା ପାଇଁ ସବୁବେଳେ ଉଦ୍ୟମ କରୁଥିଲେ ।

### ଦ୍ୱିତୀୟ ପୁଲକେଶୀନ୍ (ଖ୍ରୀ:ଅ: ୬୦୮-୬୪୨)

ଚାଲୁକ୍ୟ ରାଜାମାନଙ୍କ ମଧ୍ୟରେ ଦ୍ୱିତୀୟ ପୁଲକେଶୀନ୍ ସର୍ବଶ୍ରେଷ୍ଠ ରାଜାଥିଲେ । ସେ ହର୍ଷବର୍ଦ୍ଧନଙ୍କର ସମସାମୟିକ ଥିଲେ । ଜୈନ କବି ରବିକୀର୍ତ୍ତିଙ୍କ ଦ୍ୱାରା ରଚିତ ଅହିହୋଲ୍ ଶିଳାଲେଖରୁ ପୁଲକେଶୀନ୍‌ଙ୍କ ରାଜତ୍ୱ ସମ୍ବନ୍ଧରେ ଅନେକ କଥା ଜଣାପଡ଼େ । ହର୍ଷବର୍ଦ୍ଧନ ଦକ୍ଷିଣ ଭାରତ ଅଭିଯାନରେ ଆସିଥିଲାବେଳେ, ନର୍ମଦା ନଦୀକୂଳରେ ପୁଲକେଶୀନ୍‌ଙ୍କ ଦ୍ୱାରା ଯୁଦ୍ଧରେ ପରାଜିତ ହୋଇ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ । ହର୍ଷବର୍ଦ୍ଧନଙ୍କୁ ପରାସ୍ତ କରି ଚାଲୁକ୍ୟ ରାଜା ପୁଲକେଶୀନ୍ 'ଦକ୍ଷିଣାପଥସ୍ୱାମୀ' ଉପାଧିରେ ଭୂଷିତ ହୋଇଥିଲେ । ସେ ମଧ୍ୟ ପଲ୍ଲବ ରାଜା ପ୍ରଥମ ମହେନ୍ଦ୍ର ବର୍ମନଙ୍କୁ ଯୁଦ୍ଧରେ ପରାସ୍ତ କରିଥିଲେ । ତାଙ୍କ ସମୟରେ ଚାଲୁକ୍ୟ ରାଜ୍ୟର ସୀମା ପଶ୍ଚିମରେ ଆରବ ସାଗର ଓ ଦକ୍ଷିଣରେ ଅଧୁନା କର୍ଣ୍ଣାଟକ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା ।

କିନ୍ତୁ ତାଙ୍କର ଏହି ସଫଳତା ବେଶିଦିନ ରହିଲା ନାହିଁ । ପଲ୍ଲବ ମହେନ୍ଦ୍ର ବର୍ମନଙ୍କ ପରେ ପ୍ରଥମ ନରସିଂହ ବର୍ମନ ପୁଲକେଶୀନ୍‌ଙ୍କୁ ଯୁଦ୍ଧରେ ପରାସ୍ତ କଲେ । ଚାଲୁକ୍ୟ ରାଜଧାନୀ ବାତାପିକୁ ପଲ୍ଲବମାନେ ଅଧିକାର କରିଥିଲେ । କିଛି ବର୍ଷ ପରେ ପ୍ରଥମ ବିକ୍ରମାଦିତ୍ୟ ଚାଲୁକ୍ୟ ରାଜ୍ୟର ପୂର୍ବ ଗୌରବ ଫେରାଇ ଆଣିବାରେ ସକ୍ଷମ ହୋଇଥିଲେ ଏବଂ ରାଜଧାନୀ ବାତାପିକୁ ପୁନଃ ଅଧିକାର କରିଥିଲେ । ଅଷ୍ଟମ ଶତାବ୍ଦୀର ମଧ୍ୟଭାଗ ବେଳକୁ ଚାଲୁକ୍ୟ ରାଜ୍ୟର ପତନ ଘଟିଥିଲା । ଚାଲୁକ୍ୟ ରାଜ୍ୟର ରାଜଧାନୀ ବାତାପି ବା ବାଦାମି ବର୍ତ୍ତମାନ କର୍ଣ୍ଣାଟକ ରାଜ୍ୟରେ ଅବସ୍ଥିତ ।

### ସଂସ୍କୃତିର ବିକାଶ :

ରାଜଧାନୀ ବାତାପି ଏକ ସମୃଦ୍ଧଶାଳୀ ସହର ଥିଲା । ବାଣିଜ୍ୟଗତ ସମ୍ପର୍କ ଯୋଗୁ ଚାଲୁକ୍ୟର ଅର୍ଥନୈତିକ ଉନ୍ନତି ଘଟିଥିଲା । ଇରାନ୍, ଆରବ ଦେଶ ଏବଂ ଲୋହିତ ସାଗରସ୍ଥିତ ବିଭିନ୍ନ ବନ୍ଦର ସହିତ ଚାଲୁକ୍ୟ ବଣିକମାନେ ବ୍ୟବସାୟ

ପାଇଁ ଯାଉଥିଲେ । ଦ୍ୱିତୀୟ ପୁଲକେଶୀନ୍ ପାରସ୍ୟ ରାଜା ଦ୍ୱିତୀୟ ଖୁସ୍ରୁଙ୍କ ପାଖକୁ ଦୂତ ପଠାଇଥିଲେ । ହୁଆଙ୍ଗ୍-ଢାଙ୍ଗ୍ଙ୍କ ବିବରଣୀରୁ ଜଣାଯାଏ ଯେ ସେ ବଡ଼ ପ୍ରତାପଶାଳୀ ରାଜା ଥିଲେ ।

ପାହାଡ଼ ଖୋଳି ମନ୍ଦିର ଚାଲୁକ୍ୟ ରାଜ୍ୟରେ ନିର୍ମାଣ କରାଯାଇଥିଲା । ବାତାପି ବା ବାଦାମିରେ ଥିବା ବିଭିନ୍ନ ମନ୍ଦିରରେ ବିଷ୍ଣୁ, ବ୍ରହ୍ମା ଓ ଶିବଙ୍କର ଅତି କମନୀୟ ମୂର୍ତ୍ତି ଦେଖିବାକୁ ମିଳେ । ଏହି ସମୟରେ ଅଜନ୍ତାର ଚୈତ୍ୟଗୃହଗୁଡ଼ିକ ପାହାଡ଼ରେ ଖୋଦିତ ହୋଇଥିଲା । ଏଲୋରା, ମେଗୁତି, ଅହିହୋଲ୍ ଏବଂ ପଟ୍ଟଦକଲ୍‌ଠାରେ ମନ୍ଦିର ଚାଲୁକ୍ୟ ରାଜତ୍ୱ କାଳରେ ନିର୍ମିତ ହୋଇଥିଲା ।

## ବର୍ଦ୍ଧନ ବଂଶ

ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀର ମଧ୍ୟଭାଗରେ ଗୁପ୍ତ ସାମ୍ରାଜ୍ୟର ପତନ ହୋଇଥିଲା । ହୁଣମାନେ ଗୁପ୍ତଙ୍କର ବିଶାଳ ସାମ୍ରାଜ୍ୟକୁ ଧ୍ୱଂସ କରିଦେଇଥିଲେ । ଉତ୍ତର ଭାରତରେ ବହୁ ଛୋଟ ଛୋଟ ରାଜ୍ୟମାନଙ୍କର ଆବିର୍ଭାବ ହେଲା । ରାଜନୈତିକ ଏକତା ଓ ଶକ୍ତିଶାଳୀ ଶାସନର ଘୋର ଅଭାବ ଦେଖାଗଲା । ଶେଷ ଭାଗରେ ଉତ୍ତର ଭାରତରେ ଦୁଇଟି ପ୍ରମୁଖ ରାଜ ବଂଶର ଉତ୍‌ଥାନ ହୋଇଥିଲା, ଯଥା: ଥାନେଶ୍ୱରର ବର୍ଦ୍ଧନବଂଶ ଏବଂ କନୌଜର ମୌଖରୀ ବଂଶ ।

ସପ୍ତମ ଶତାବ୍ଦୀର ଆରମ୍ଭରେ ପ୍ରଭାକର ବର୍ଦ୍ଧନ 'ମହାରାଜାଧିରାଜ' ଉପାଧିରେ ଭୂଷିତ ହୋଇ ଥାନେଶ୍ୱରରେ ଏକ ସ୍ୱତନ୍ତ୍ର ରାଜ୍ୟ ସ୍ଥାପନ କରିଥିଲେ । ରାଜ୍ୟବର୍ଦ୍ଧନ ଓ ହର୍ଷବର୍ଦ୍ଧନ ତାଙ୍କର ଦୁଇପୁତ୍ର ଏବଂ ଏକ ମାତ୍ର କନ୍ୟା ରାଜ୍ୟଶ୍ରୀ ମୌଖାରୀ ରାଜକୁମାର ଗ୍ରହବର୍ମନଙ୍କୁ ବିବାହ କରିଥିଲେ । ପିତାଙ୍କ ମୃତ୍ୟୁପରେ ରାଜ୍ୟବର୍ଦ୍ଧନ ଥାନେଶ୍ୱରର ରାଜା ହୋଇଥିଲେ ।

ଏହି ସମୟରେ ମାଳବର ରାଜା ଦେବଗୁପ୍ତ ଗ୍ରହବର୍ମନଙ୍କୁ ହତ୍ୟା କରିଥିଲେ । ଦେବଗୁପ୍ତ ଗୌଡ଼ ବା ବଙ୍ଗଳାର ରାଜା ଶଶାଙ୍କଙ୍କ ସହିତ ମିତ୍ରତା ସ୍ଥାପନ କରିଥିଲେ । ଭଗ୍ନୀପତିର ହତ୍ୟାକାରୀକୁ ଯୁଦ୍ଧରେ ପରାସ୍ତ କରି ଫେରିଲାବେଳେ ଶଶାଙ୍କଙ୍କ ଷଡ଼ଯନ୍ତ୍ରଦ୍ୱାରା ରାଜ୍ୟବର୍ଦ୍ଧନଙ୍କ ମୃତ୍ୟୁ ହୋଇଥିଲା । ରାଜ୍ୟଶ୍ରୀ ବିନ୍ଧ୍ୟ ପର୍ବତରେ ଆଶ୍ରୟ ନେଇଥିଲେ । ହର୍ଷଙ୍କୁ ଏହି ପରି ଦୁର୍ଦ୍ଦିନରେ ମାତ୍ର ଷୋହଳ ବର୍ଷ ବୟସରେ ରାଜା ହେବାକୁ ପଡ଼ିଥିଲା ।

## ହର୍ଷବର୍ଦ୍ଧନ (ଖ୍ରୀ.ଅ: ୬୦୬-୬୪୭)

ବଡଭାଇ ରାଜ୍ୟବର୍ଦ୍ଧନଙ୍କ ମୃତ୍ୟୁପରେ ଖ୍ରୀ.ଅ : ୬୦୬ରେ ହର୍ଷବର୍ଦ୍ଧନ ସିଂହାସନ ଆରୋହଣ କରିଥିଲେ । ଏହି ସମୟରୁ ହର୍ଷାବ୍ଦ ପ୍ରଚଳନ ଆରମ୍ଭ ହୋଇଥିଲା । ହର୍ଷବର୍ଦ୍ଧନଙ୍କ ବିଷୟରେ ଆମେ ତାଙ୍କ ରାଜକବି ବାଣଭଟ୍ଟଙ୍କ ଦ୍ୱାରା ରଚିତ ''ହର୍ଷଚରିତଂ''ରୁ ଜାଣିପାରୁ । କିନ୍ତୁ ଏହା ହର୍ଷବର୍ଦ୍ଧନଙ୍କ ସମ୍ପୂର୍ଣ୍ଣ ଜୀବନୀ ନୁହେଁ ।

**କୌଣସି ଲୋକର ଜୀବନୀ ପଢ଼ିଲେ ଆମେ କ'ଣ ଜାଣିବା, ଚିନ୍ତା କରି ଲେଖ ।**

ଗ୍ରହବର୍ମନଙ୍କ ମୃତ୍ୟୁପରେ କନୌଜରେ କେହି ରାଜା ନଥିଲେ । ରାଜ୍ୟଶ୍ରୀ ଶାସନ ଭାର ବହନ କରିବା ପାଇଁ ରାଜି ନହେବାରୁ କନୌଜର ରାଜା ହେବା ପାଇଁ ହର୍ଷବର୍ଦ୍ଧନଙ୍କୁ ନିମନ୍ତ୍ରଣ କରାଗଲା । ହର୍ଷବର୍ଦ୍ଧନ ମୌଖାରୀ ରାଜ୍ୟର ରାଜା ହେବା ଫଳରେ ଥାନେଶ୍ୱର ଓ କନୌଜ ରାଜ୍ୟର ମିଶ୍ରଣ ହେଲା । ହର୍ଷବର୍ଦ୍ଧନ ତାଙ୍କର ରାଜଧାନୀ ଥାନେଶ୍ୱରରୁ କନୌଜକୁ ସ୍ଥାନାନ୍ତରିତ କରିଥିଲେ । ତାପରେ ସେ ବର୍ଦ୍ଧନ ବଂଶର ପ୍ରଧାନ ଶତ୍ରୁ ଗୌଡ଼ରାଜା ଶଶାଙ୍କ ବିରୁଦ୍ଧରେ ପ୍ରତିଶୋଧ ନେବା ପାଇଁ ଯୁଦ୍ଧାଭିଯାନରେ ବାହାରି ଥିଲେ । ଇତି ମଧ୍ୟରେ ଶଶାଙ୍କ ବିରୁଦ୍ଧରେ ନିଜ ସ୍ଥିତି ସୁଦୃଢ଼ କରିବା ପାଇଁ କାମରୂପ

(ଆସାମ)ର ରାଜା ଭାସ୍କରବର୍ମନଙ୍କ ସହିତ ସନ୍ଧି କଲେ । ଶଶାଙ୍କ ହର୍ଷଙ୍କ ଦ୍ୱାରା ପରାସ୍ତ ହୋଇଥିଲେ କି ନାହିଁ, ସେ ବିଷୟରେ କୌଣସି ସଠିକ୍ ତଥ୍ୟ ମିଳିନାହିଁ । କିନ୍ତୁ ଏହା ଜଣାପଡ଼ିଛି ଯେ ଶଶାଙ୍କ ମୃତ୍ୟୁପରେ (ଖ୍ରୀ.ଅ:୬୪୪) ହର୍ଷ ଗୌଡ଼ ଅଧିକାର କରିନେଇଥିଲେ ।

ହର୍ଷ ନିଜର ଜାମାତା ଧ୍ରୁବସେନଙ୍କୁ ବଲ୍ଲବୀ ରାଜ୍ୟ ସିଂହାସନରେ ବସାଇଥିଲେ । ଏହା ଦ୍ୱାରା ବଲ୍ଲବୀରେ ତାଙ୍କର ଆଧିପତ୍ୟ ପ୍ରତିଷ୍ଠିତ ହେଲା । ଦାକ୍ଷିଣାତ୍ୟ ଅଭିଯାନ ସମୟରେ ହର୍ଷ ଚାଲୁକ୍ୟ ରାଜା ଦ୍ୱିତୀୟ ପୁଲକେଶୀନ୍‌ଙ୍କ ଦ୍ୱାରା ପରାଜିତ ହୋଇ ନିଜ ରାଜ୍ୟକୁ ଫେରିଆସିଥିଲେ ।

ହର୍ଷବର୍ଦ୍ଧନ ଉତ୍ତର ଭାରତର ଅଧିକାଂଶ ଅଞ୍ଚଳ ନିଜ ସାମ୍ରାଜ୍ୟଭୁକ୍ତ କରିଥିଲେ । ତେଣୁ ତାଙ୍କୁ 'ସକଳୋତ୍ତର ପଥନାଥ' କୁହାଯାଉଥିଲା । ଚାଳିଶ ବର୍ଷ ରାଜତ୍ୱ କରିବା ପରେ ହର୍ଷବର୍ଦ୍ଧନ ୬୪୭ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କରିଥିଲେ ।

### ଶାସନ ଓ ସଭ୍ୟତା :



ହର୍ଷବର୍ଦ୍ଧନ ଗୁପ୍ତ ଶାସନ ବ୍ୟବସ୍ଥାକୁ ସାମାନ୍ୟ ପରିବର୍ତ୍ତନ କରି ନିଜ ସାମ୍ରାଜ୍ୟରେ ପ୍ରଚଳନ କରିଥିଲେ । ସୁଶାସନ ପ୍ରତିଷ୍ଠା କରିବା ପାଇଁ ସେ ଯତ୍ନଶୀଳ ଥିଲେ । ଶାସନକାର୍ଯ୍ୟ ପାଇଁ ବହୁ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିଲା । ଅଶୋକଙ୍କ ଭଳି ସେ ରାଜ୍ୟର ବିଭିନ୍ନ ସ୍ଥାନ ଗସ୍ତ କରି ପ୍ରତ୍ୟକ୍ଷ ଭାବରେ ଶାସନ ବ୍ୟବସ୍ଥାକୁ ନିରୀକ୍ଷଣ କରୁଥିଲେ । ଉତ୍ପନ୍ନ ଶସ୍ୟର ଏକ ଷଷ୍ଠାଂଶ କର ରାଜା ଆଦାୟ କରୁଥିଲେ । ଶାନ୍ତି ଶୃଙ୍ଖଳା ପ୍ରତିଷ୍ଠା କରିବା ଲାଗି ହର୍ଷ କଠୋର ଆଇନ ବ୍ୟବସ୍ଥା ପ୍ରଣୟନ କରିଥିଲେ । ଗୁରୁତର ଅପରାଧ ପାଇଁ ଅଙ୍ଗଚ୍ଛେଦର ବ୍ୟବସ୍ଥା ଥିଲା ।

### ଧର୍ମ :

ହର୍ଷବର୍ଦ୍ଧନ ଉଭୟ ହିନ୍ଦୁ ଓ ବୌଦ୍ଧ ଧର୍ମରେ ବିଶ୍ୱାସ କରୁଥିଲେ । ସେ ନିଜେ ସୂର୍ଯ୍ୟ, ଶିବ ଓ ବୁଦ୍ଧଙ୍କର ଉପାସନା କରୁଥିଲେ । ଜୀବନର ଶେଷ ବେଳକୁ ସେ ବୌଦ୍ଧ ଧର୍ମ ପ୍ରତି ଆକୃଷ୍ଟ ହୋଇଥିଲେ । ଚୀନ ପରିବ୍ରାଜକ ଜୁଆଙ୍ଗ୍-ଜାଙ୍ଗ୍‌ଙ୍କୁ ସମ୍ମାନ ଦେବା ପାଇଁ ସେ ରାଜଧାନୀ କନୌଜରେ ଏକ ବିରାଟ ଧର୍ମସଭା ଆୟୋଜନ କରିଥିଲେ । ହର୍ଷ ପ୍ରତି ପାଞ୍ଚ ବର୍ଷରେ ପ୍ରୟାଗ (ଆଲାହାବାଦ) ଠାରେ ଏକ ଧର୍ମ ଉତ୍ସବ ପାଳନ କରୁଥିଲେ । ସେହି ଉତ୍ସବରେ ସେ ରାଜ୍ୟର ସମସ୍ତ ସଞ୍ଚିତ ଧନକୁ ଲୋକମାନଙ୍କୁ ଦାନ କରୁଥିଲେ । ହର୍ଷଙ୍କ ସମୟରେ ମହାଯାନ ବୌଦ୍ଧ ଧର୍ମର ବିଶେଷ ପ୍ରସାର ହୋଇଥିଲା ।

ହର୍ଷବର୍ଦ୍ଧନଙ୍କର ସାହିତ୍ୟ ପ୍ରତି ରୁଚିଥିଲା । 'ନାଗାନନ୍ଦ', 'ରତ୍ନାବଳୀ' ଏବଂ 'ପ୍ରିୟଦର୍ଶିକା' ସଂସ୍କୃତ ନାଟକଗୁଡ଼ିକର ରଚୟିତା ହର୍ଷ କନୌଜ ରାଜା ହର୍ଷବର୍ଦ୍ଧନ ବୋଲି ଅନେକ ବିଶ୍ୱାସ କରନ୍ତି । କବି ବାଣଭଟ୍ଟ ତାଙ୍କ ରାଜସଭା ମଣ୍ଡନ କରିଥିଲେ । 'ହର୍ଷଚରିତଂ' ବ୍ୟତୀତ ସେ 'କାଦମ୍ବରୀ' ରଚନା କରିଥିଲେ ।

### ଜୁଆଙ୍ଗ୍ - ଜାଙ୍ଗ୍‌ଙ୍କ ଭାରତ ଭ୍ରମଣ :

ଭାରତରୁ ବୌଦ୍ଧ ଗ୍ରନ୍ଥ ସଂଗ୍ରହ କରିବା ଏବଂ ବୌଦ୍ଧଧର୍ମ ସମ୍ବନ୍ଧରେ ଜ୍ଞାନ ଆହରଣ କରିବା ଉଦ୍ଦେଶ୍ୟରେ ଚୀନ ପରିବ୍ରାଜକ ଜୁଆଙ୍ଗ୍-ଜାଙ୍ଗ୍ (ହୁଏନ୍‌ସାଂ) ୬୨୯ ଖ୍ରୀଷ୍ଟାବ୍ଦରେ ସ୍ଥଳପଥରେ ଭାରତ ଆସିଥିଲେ । ଭାରତ ବର୍ଷର ବିଭିନ୍ନ ସ୍ଥାନ ଭ୍ରମଣକରି 'ସି-ୟୁ-କି' ନାମକ ଗ୍ରନ୍ଥ ରଚନା କରିଥିଲେ । ସେ ଓଡ଼ିଶାକୁ ଆସି ପୁଷ୍ପଗିରି ବୌଦ୍ଧ ବିହାର ଏବଂ ଚେଳିତାଲୋ ବନ୍ଦର ଦେଖିଥିଲେ । ସେ କନୌଜରେ ହର୍ଷଙ୍କ ବ୍ୟକ୍ତିଗତ ବନ୍ଧୁ ଭାବରେ କିଛି ଦିନ ରହିଥିଲେ । ଜୁଆଙ୍ଗ୍-ଜାଙ୍ଗ୍‌ଙ୍କ ଭ୍ରମଣ ବୃତ୍ତାନ୍ତ ଅପେକ୍ଷାକୃତ ଅଧିକ ବିଶ୍ୱାସ ଯୋଗ୍ୟ ବୋଲି ଐତିହାସିକମାନେ ମନେ କରନ୍ତି । ହର୍ଷଙ୍କ ସମୟର ସାମାଜିକ ଓ ଅର୍ଥନୈତିକ ଅବସ୍ଥା, ଧର୍ମ ଏବଂ ଶାସନ ବ୍ୟବସ୍ଥା ସମ୍ବନ୍ଧରେ ଅନେକ କଥା ତାଙ୍କ ବିବରଣୀରୁ ଜଣାଯାଏ । ତାଙ୍କ ଲେଖାରୁ ଜଣାପଡ଼େ ଯେ କନୌଜ ଏକ ସମୃଦ୍ଧିଶାଳୀ ନଗର ଥିଲା ବେଳେ ପାଟଳୀପୁତ୍ର ଓ ବୈଶାଳୀ ନଗରମାନଙ୍କର ଗୌରବ ହ୍ରାସ ପାଇଥିଲା ।


ଜୁଆଙ୍ଗ୍-ଜାଙ୍ଗ୍

ଜୁଆଙ୍ଗ୍-ଜାଙ୍ଗ୍ ବିବରଣୀରୁ ଜଣାଯାଏ ଯେ ଲୋକମାନଙ୍କ ଜୀବନ ସରଳ ଥିଲା । ଅଧିକାଂଶ ଲୋକ ନିରାମିଷ ଖାଦ୍ୟ ଖାଇବାକୁ ଭଲ ପାଉଥିଲେ । କଠୋର ଜାତି ପ୍ରଥା ପ୍ରଚଳନ ଥିଲା । ଶୂଦ୍ରମାନଙ୍କୁ କୃଷକ ଜାତିର ଲୋକ ବୋଲି କହିଛନ୍ତି । ସେ ବୌଦ୍ଧ ଧର୍ମ ସମ୍ପର୍କରେ ବିଶଦ ବର୍ଣ୍ଣନା ମଧ କରିଛନ୍ତି । ବୌଦ୍ଧ ଧର୍ମର ଅଠରଟି ଶାଖା ଥିଲା ବୋଲି ତାଙ୍କ ବିବରଣୀରୁ ଜଣାଯାଏ । ସେଥିମଧ୍ୟରୁ ମହାଯାନ ଓ ହୀନଯାନ ଶାଖା ପ୍ରଧାନ ଥିଲା । ଅନେକ ପୁରାତନ ବୌଦ୍ଧ କେନ୍ଦ୍ର ତାଙ୍କ ଭ୍ରମଣ ସମୟ ବେଳକୁ ଧ୍ୱଂସ ପାଇଥିଲା ବୋଲି ସେ ଲେଖିଛନ୍ତି । ହର୍ଷଙ୍କ ସମୟରେ ନାଳନ୍ଦା ବିଶ୍ୱବିଦ୍ୟାଳୟ ଏକ ଶ୍ରେଷ୍ଠ ଏବଂ ସମ୍ମାନଜନକ ଶିକ୍ଷା କେନ୍ଦ୍ର ଥିଲା । ଦେଶ ବିଦେଶରୁ ୧୦,୦୦୦ ବିଦ୍ୟାର୍ଥୀ ଆସି ସେଠାରେ ଅଧ୍ୟୟନ କରୁଥିଲେ । ସେଠାରେ ମହାଯାନ ଶାଖାର ବୌଦ୍ଧ ଦର୍ଶନ ଶିକ୍ଷା ଦିଆଯାଉଥିଲା । ସେ ହର୍ଷଙ୍କୁ ଜଣେ ଜନହିତୈଷୀ ଶାସକ ଭାବରେ ବର୍ଣ୍ଣନା କରିଛନ୍ତି । ସେ ହର୍ଷଙ୍କ ଦ୍ୱାରା ଆୟୋଜିତ କନୌଜ ସଭା ଏବଂ ପ୍ରୟାଗ ଧର୍ମ ସଭାର ବିଶଦ ବିବରଣୀ ଦେଇଛନ୍ତି । ଜୁଆଙ୍ଗ୍ ଜାଙ୍ଗ୍ ୬୪୪ ଖ୍ରୀଷ୍ଟାବ୍ଦରେ ସ୍ୱଦେଶ ଫେରିଯାଇଥିଲେ ।

### ଇସ୍‌ଲାମ୍ ଧର୍ମର ଅଭ୍ୟୁଦୟ ଏବଂ ଆରବମାନଙ୍କର ସିନ୍ଧୁ ଅଞ୍ଚଳ ଅଧିକାର :

ଯେତେଗୁଡ଼ିଏ ଧର୍ମର ପୃଥିବୀରେ ଅଭ୍ୟୁତ୍‌ଥାନ ହୋଇଛି, ସେଥିମଧ୍ୟରୁ ଇସ୍‌ଲାମ୍ ଧର୍ମ ଅନ୍ୟତମ । ଅନ୍ଧବିଶ୍ୱାସ ଦୂର କରିବା ପାଇଁ ଯେତେଗୁଡ଼ିଏ ମାର୍ଗ ଦର୍ଶାଯାଇଛି, ସେଥିମଧ୍ୟରୁ ଇସ୍‌ଲାମ୍ ହେଉଛି ସବୁଠାରୁ ସରଳ ଓ ବୋଧଗମ୍ୟ । ଐକ୍ୟଭାବ, ଉଦାରତା, ଭ୍ରାତୃପ୍ରେମ, ପବିତ୍ରତା ଓ ସତ୍ୟ ଭଳି ପରମ ଆଦର୍ଶ ଏହି ଧର୍ମର ମୂଳମନ୍ତ୍ର ।

ଉତ୍ତର ଭାରତରେ ହର୍ଷବର୍ଦ୍ଧନ, ଦକ୍ଷିଣ ଭାରତରେ ପଲ୍ଲବ ରାଜା ନରସିଂହ ବର୍ମନ ଓ ଚାଲୁକ୍ୟ ରାଜା ଦ୍ୱିତୀୟ ପୁଲକେଶୀନ୍ ଶାସନ କରୁଥିବା ବେଳେ ସୁଦୂର ଆରବ ମରୁଭୂମିରେ ଷଷ୍ଠ ଶତାବ୍ଦୀର ଶେଷ ଭାଗରେ ଏକ ନୂତନ ଧର୍ମ ପ୍ରଚାର କରାଯାଇଥିଲା । ମହାପୁରୁଷ ମହମ୍ମଦ ଏହାର ପ୍ରବର୍ତ୍ତକ ଥିଲେ ।

**ଇସଲାମ୍ ଧର୍ମ ବ୍ୟତୀତ ଭାରତ ବାହାରେ ସୃଷ୍ଟି ହୋଇଥିବା ଆଉ କେତେକ ଧର୍ମ ବିଷୟରେ ଜାଣିବାକୁ ଚେଷ୍ଟା କର ।**

ଏହି ଧର୍ମର ଅଭ୍ୟୁତ୍ଥାନ ପୂର୍ବରୁ ସମାଜରେ ନାନା କୁସଂସ୍କାର ଦେଖା ଦେଇଥିଲା । ଆରବ ଅଧିବାସୀମାନେ ବିଭିନ୍ନ ମୂର୍ତ୍ତିମାନଙ୍କୁ ପୂଜା କରୁଥିଲେ । ମକ୍କାରେ ଥିବା 'କାବା' ନାମକ ପଥରକୁ ସେମାନେ ପୂଜା କରୁଥିଲେ । ଧନୀକଶ୍ରେଣୀର ଲୋକମାନେ ଉଚ୍ଚହାରରେ ସୁଧ ନେଇ ଗରିବ ଲୋକମାନଙ୍କୁ ଶୋଷଣ କରୁଥିଲେ । ମାଦକ ଦ୍ରବ୍ୟର ଚାହିଦା ବେଶୀ ଥିଲା ।

ମହମ୍ମଦ ୫୭୦ ଖ୍ରୀଷ୍ଟାବ୍ଦରେ ମକ୍କାରେ ଜନ୍ମ ଗ୍ରହଣ କରିଥିଲେ । କୁସଂସ୍କାର ତାଙ୍କ ମନକୁ ସବୁବେଳେ ବିଚଳିତ କରୁଥିଲା । 'ହୀରା' ନାମକ ପର୍ବତରେ ଧ୍ୟାନ କରୁଥିବା ସମୟରେ ଭଗବାନ ଆଲ୍ଲାଙ୍କ ପ୍ରେରିତ ଦୂତ ଗାବ୍ରିୟେଲଙ୍କ ବାଣୀ ତାଙ୍କୁ ଶୁଣାଯାଉଥିଲା । ଏହି ନୂତନ ଧର୍ମର ସାରାଂଶ ଥିଲା – ଭଗବାନ ଏକ ଓ ଅଦ୍ୱିତୀୟ । ଆଲ୍ଲା ହେଉଛନ୍ତି ଭଗବାନ ଓ ତାଙ୍କର ପ୍ରତିନିଧି ହେଲେ ମହମ୍ମଦ । ଯେଉଁମାନେ ତାଙ୍କ ଧର୍ମକୁ ଗ୍ରହଣ କଲେ ସେମାନଙ୍କୁ ମୁସଲମାନ କୁହାଗଲା ।

ଇସ୍‌ଲାମ୍ ଧର୍ମର ପବିତ୍ର ଗ୍ରନ୍ଥର ନାମ 'କୋରାନ' । ଏହା ଆଲ୍ଲାଙ୍କର ମୁଖ ନିଃସୃତ ବାଣୀ । ଏକେଶ୍ୱରବାଦକୁ ମହମ୍ମଦ ବେଶୀ ଗୁରୁତ୍ୱ ଦେଉଥିଲେ ।

### ଆରବ ବଣିକମାନଙ୍କ ସହିତ ଭାରତର ସମ୍ପର୍କ :

ଖ୍ରୀଷ୍ଟପୂର୍ବ ୨୦୦ ଓ ଖ୍ରୀଷ୍ଟାବ୍ଦ ୨୦୦ ମଧ୍ୟରେ ଭାରତ ଏସିଆର ପଶ୍ଚିମ ଓ କେନ୍ଦ୍ରାଞ୍ଚଳର ବିଭିନ୍ନ ଦେଶମାନଙ୍କ ସହିତ ବାଣିଜ୍ୟିକ ସମ୍ପର୍କ ସ୍ଥାପନ କରିଥିଲା । ଇସ୍‌ଲାମ୍‌ର ଆବିର୍ଭାବ ପୂର୍ବରୁ ଆରବ ଦେଶରେ ବଣିକମାନେ ରୋମ ସାମ୍ରାଜ୍ୟର ବିଭିନ୍ନ ସ୍ଥାନମାନଙ୍କ ସହିତ ବାଣିଜ୍ୟ କାରବାର କରୁଥିଲେ । ସେମାନଙ୍କ ମଧ୍ୟରୁ ଅନେକ କେରଳର ଉପକୂଳବର୍ତ୍ତୀ ଅଞ୍ଚଳ ସହିତ ବାଣିଜ୍ୟଗତ ସମ୍ପର୍କ ଆରମ୍ଭ କରିଥିଲେ । ସେଠାରୁ ଭାରତୀୟ ମସଲା ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀକୁ କିଣି ବିଭିନ୍ନ ଦେଶର ବଜାରରେ ବିକ୍ରୟ କରିବା ସହିତ ନିଜ ଦେଶକୁ ମଧ୍ୟ ନେଉଥିଲେ । ଏହିପରି ଭାବରେ ଇସ୍‌ଲାମ୍‌ର ଆବିର୍ଭାବ ପୂର୍ବରୁ ଆରବ ସହିତ ଭାରତର ବାଣିଜ୍ୟଗତ ସମ୍ପର୍କ ଆରମ୍ଭ ହୋଇଯାଇଥିଲା । ତା'ପରେ ନୂତନ ଧର୍ମରେ ଦୀକ୍ଷିତ ହୋଇ ଆରବ ବଣିକମାନେ ଭାରତରେ ଧର୍ମପ୍ରଚାର ଆରମ୍ଭ କଲେ ଓ କିଛି ଭାରତୀୟମାନେ ଇସ୍‌ଲାମ୍‌କୁ ମଧ୍ୟ ଗ୍ରହଣ କରିଥିଲେ । କାଳକ୍ରମେ କେରଳରେ ଏକ ମୁସଲମାନ ସମ୍ପ୍ରଦାୟର ଆବିର୍ଭାବ ହେଲା । ସେମାନଙ୍କୁ ମୋପ୍‌ଲା ମୁସଲମାନ କୁହାଯାଏ । ଆରବ ବଣିକମାନେ ତାଙ୍କ ସାମ୍ରାଜ୍ୟର ବିଭିନ୍ନ ସ୍ଥାନରେ ବାଣିଜ୍ୟ ମେଳା ଆୟୋଜନ କରୁଥିଲେ । ଭାରତର ଓ ଭାରତ ବାହାରୁ ଅନେକ ସାମଗ୍ରୀ ଆସି ସେଠାରେ ବିକ୍ରି ହେଉଥିଲା ।

## ଆରବୀୟମାନଙ୍କର ସିନ୍ଧୁ ଅଞ୍ଚଳ ଅଧିକାର :

ମହମ୍ମଦଙ୍କ ମୃତ୍ୟୁ ପରେ ତାଙ୍କର ଉତ୍ତରାଧିକାରୀ ବା ଖଲିଫାମାନେ ରାଜ୍ୟ ବିସ୍ତାର ପାଇଁ ଚେଷ୍ଟା କଲେ । ଅଳ୍ପ ସମୟ ମଧ୍ୟରେ ଆରବ ସୈନ୍ୟମାନେ ସିରିୟା, ମେସୋପଟାମିଆ, ପାଲେଷ୍ଟାଇନ୍, ଇଜିପ୍ଟ, ଆଫ୍ରିକାର ପୂର୍ବାଞ୍ଚଳ ଓ ୟୁରୋପର ସ୍ପେନ ଆଦି ସ୍ଥାନମାନଙ୍କରେ ଧର୍ମ ପ୍ରଚାର ସହିତ ଉପନିବେଶ ସ୍ଥାପନ କଲେ। ରାଜ୍ୟ ବିସ୍ତାର ଉଦ୍ଦେଶ୍ୟରେ ଅଷ୍ଟମ ଶତାବ୍ଦୀରେ ଖଲିଫାମାନେ ଭାରତକୁ ଆକ୍ରମଣ କରିଥିଲେ । ସେମାନେ ଭାରତର ଧନରତ୍ନ ପ୍ରତି ଆକୃଷ୍ଟ ହୋଇଥିଲେ । ତତ୍‌କାଳୀନ ରାଜନୈତିକ ଅବସ୍ଥା ସେମାନଙ୍କୁ ମଧ୍ୟ ଭାରତ ଆକ୍ରମଣ କରିବାକୁ ଉତ୍ସାହିତ କରିଥିଲା । ଭାରତକୁ ଦୁଇଥର ଆକ୍ରମଣ କରି ମଧ୍ୟ ସେମାନେ ସଫଳତା ହାସଲ କରିପାରିନଥିଲେ ।

ଶେଷରେ ୭୧୨ ଖ୍ରୀଷ୍ଟାବ୍ଦରେ ଖଲିଫାଙ୍କ ଆଦେଶ କ୍ରମେ ମହମ୍ମଦ-ବିନ୍-କାଶିମ୍ ନାମକ ଏକ ଆକ୍ରମଣକାରୀ ବହୁ ସଂଖ୍ୟକ ସୈନ୍ୟ ନେଇ ସିନ୍ଧୁ ପ୍ରଦେଶରେ ପ୍ରବେଶ କରିଥିଲେ । ସ୍ଥାନୀୟ ରାଜାଙ୍କ ପ୍ରତି ପ୍ରଜାମାନଙ୍କ ଅସନ୍ତୋଷ ଏବଂ ଅନ୍ତର୍ଦ୍ୱନ୍ଦ୍ୱ ଆଦି କାରଣ ଯୋଗୁଁ ମହମ୍ମଦ-ବିନ୍- କାଶିମ୍ ଅତି ସହଜରେ ସିନ୍ଧୁ ଓ ପଞ୍ଜାବର କେତେକ ସ୍ଥାନ ଅଧିକାର କରିଥିଲେ। ଏହାସତ୍ତ୍ୱେ ଖଲିଫାଙ୍କ ଆଦେଶରେ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ତେଣୁ ଆରବମାନେ ଭାରତରେ ଇସ୍‌ଲାମ୍ ରାଷ୍ଟ୍ର ନିର୍ମାଣ କରିପାରିନଥିଲେ। କିନ୍ତୁ ସାଂସ୍କୃତିକ ଦୃଷ୍ଟିରୁ ଆରବୀୟମାନେ ଭାରତରୁ ଦର୍ଶନ, ଗଣିତ ବିଦ୍ୟା, ଆୟୁର୍ବେଦ, ବିଜ୍ଞାନ, ଜ୍ୟୋତିର୍ବିଦ୍ୟା ଓ ଜ୍ୟୋତିଷ ବିଦ୍ୟା ଇତ୍ୟାଦି ବିଷୟରେ ଜ୍ଞାନ ଆହରଣ କରିଥିଲେ ।

## ଅଭ୍ୟାସ

### ୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

କ) ଦ୍ୱିତୀୟ ଚନ୍ଦ୍ରଗୁପ୍ତ ନିଜକୁ କେଉଁ ଉପାଧିରେ ଭୂଷିତ କରିଥିଲେ ଏବଂ ସେ କିପରି ନିଜ ସାମ୍ରାଜ୍ୟକୁ ବିସ୍ତୃତ କରିଥିଲେ ?

ଖ) ଫା-ସିଆଁଙ୍କ ଭାରତ ଭ୍ରମଣ ବିବରଣୀରୁ ସେହି ସମୟରେ ଲୋକମାନଙ୍କର ଅର୍ଥନୈତିକ ଓ ସାମାଜିକ ଅବସ୍ଥା କିପରି ଥିଲା, ଉଲ୍ଲେଖ କର ।

ଗ) ଗୁପ୍ତଯୁଗରେ ବୌଦ୍ଧ ଧର୍ମର ଅବନତି ଓ ବ୍ରାହ୍ମଣ୍ୟଧର୍ମର ପୁନରୁତ୍‌ଥାନ କିପରି ହୋଇଥିଲା ?

ଘ) ଗୁପ୍ତଯୁଗର ଶାସକମାନଙ୍କ ସମୟରେ ସାହିତ୍ୟ, କଳା ଓ ସ୍ଥାପତ୍ୟର କିପରି ଉନ୍ନତି ହୋଇଥିଲା, ଲେଖ ।

ଙ) ଭାରତୀୟ ସଂସ୍କୃତିକୁ ଚାଲୁକ୍ୟମାନଙ୍କର ଅବଦାନ ବିଷୟ ଉଲ୍ଲେଖ କର ।

ଚ) ଦକ୍ଷିଣ ଭାରତର ସାଂସ୍କୃତିକ କ୍ଷେତ୍ରରେ ପଲ୍ଲବ ରାଜବଂଶର ଶାସକମାନଙ୍କ ଦାନ କିପରି ଅତୁଳନୀୟ ଥିଲା ?

ଛ) ଜୁଆଙ୍ଗ୍ ଜାଙ୍ଗ୍ (ହୁଏନ୍‌ସାଂ) କିଏ ? ସେ ତାଙ୍କ ଭ୍ରମଣ ବୃତ୍ତାନ୍ତରେ କ'ଣ ଲେଖିଛନ୍ତି ?

ଜ) ହର୍ଷବର୍ଦ୍ଧନଙ୍କ ରାଜ୍ୟଶାସନ ପ୍ରଣାଳୀ କିପରି ଥିଲା ?

ଝ) ସମୁଦ୍ରଗୁପ୍ତ କିପରି ନିଜ ରାଜ୍ୟକୁ ସଂଗଠିତ କରିଥିଲେ ?

ଞ) ଗୁପ୍ତଯୁଗକୁ ଭାରତର 'ସୁବର୍ଣ୍ଣ ଯୁଗ' କୁହାଯାଏ କାହିଁକି ?

**୨. ନିମ୍ନଲିଖିତ ପ୍ରଶ୍ନର ଉତ୍ତର ସଂକ୍ଷେପରେ ଲେଖ । (ତିନୋଟି କରି ବାକ୍ୟ ମଧ୍ୟରେ)**

କ) ପ୍ରଥମ ଚନ୍ଦ୍ରଗୁପ୍ତ କେଉଁ ବଂଶର ରାଜକୁମାରୀଙ୍କୁ ବିବାହ କରିଥିଲେ ଏବଂ ଏହାଦ୍ୱାରା ତାଙ୍କର ପ୍ରଭାବ କିପରି ବୃଦ୍ଧି ଘଟିଥିଲା ?

ଖ) ଆହ୍ଲାବାଦ ସ୍ତମ୍ଭଲେଖକୁ କିଏ ରଚନା କରିଥିଲେ ଏବଂ ଏହାକୁ କାହିଁକି ପ୍ରଶସ୍ତି କୁହାଯାଏ ?

ଗ) ସମୁଦ୍ରଗୁପ୍ତଙ୍କ ସଙ୍ଗୀତ ପ୍ରତି ଅନୁରାଗ ଥିଲା, ଏହା କିପରି ଜଣାପଡ଼େ ?

ଘ) ଫା-ସିଆଁଙ୍କ ଭାରତ ଭ୍ରମଣ ବିବରଣୀରେ ଗୁପ୍ତ ଯୁଗରେ ଦୋଷୀମାନେ କିପରି ଦଣ୍ଡିତ ହେଉଥିଲେ ବୋଲି ଜଣାପଡ଼େ ?

ଙ) ପ୍ରସିଦ୍ଧ କବି ଓ ନାଟ୍ୟକାର କାଳିଦାସ କ'ଣ କ'ଣ ରଚନା କରିଥିଲେ ?

ଚ) ଗୁପ୍ତଯୁଗରେ ବିଜ୍ଞାନର କିପରି ବିକାଶ ସାଧିତ ହୋଇଥିଲା ?

ଛ) ମହମ୍ମଦ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ଏବଂ ଇସଲାମ୍ ଧର୍ମ ସମ୍ବନ୍ଧରେ କ'ଣ କହିଥିଲେ ?

ଜ) କେଉଁ ଉଦ୍ଦେଶ୍ୟରେ ଖଲିଫାମାନେ ଭାରତ ଆକ୍ରମଣ କରିଥିଲେ ?

ଝ) ଇସଲାମ୍‌ର ଆବିର୍ଭାବ ପୂର୍ବରୁ ଆରବ ବଣିକମାନେ ଭାରତ ସହିତ କିପରି ବାଣିଜ୍ୟ ସମ୍ପର୍କ ରଖିଥିଲେ ?

**୩. ନିମ୍ନରେ ଦିଆଯାଇଥିବା ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ଗୋଟିଏ ବାକ୍ୟରେ ଲେଖ ।**

କ) ପ୍ରଥମ ଚନ୍ଦ୍ରଗୁପ୍ତଙ୍କ ପୂର୍ବରୁ ଥିବା ଦୁଇଜଣ ଗୁପ୍ତ ବଂଶର ରାଜାଙ୍କ ନାମ ଲେଖ ।

ଖ) ଗୁପ୍ତବଂଶର ତୃତୀୟ ରାଜା ପ୍ରଥମ ଚନ୍ଦ୍ରଗୁପ୍ତ କେଉଁ ଉପାଧିରେ ଭୂଷିତ ହୋଇଥିଲେ ?

ଗ) କେଉଁ ବର୍ଷଠାରୁ ଭାରତରେ ଗୁପ୍ତାବ୍ଦ ଆରମ୍ଭ ହୋଇଥିଲା ?

ଘ) ସମୁଦ୍ରଗୁପ୍ତ କେଉଁ ଯଜ୍ଞ କରି ନିଜକୁ ସାର୍ବଭୌମ ରାଜା ବା ସମ୍ରାଟ ବୋଲି ପ୍ରତିପାଦିତ କରିଥିଲେ ?

ଙ) ଗୁପ୍ତସମ୍ରାଟ ଚନ୍ଦ୍ରଗୁପ୍ତ ଋଷୀମାନଙ୍କଠାରୁ କିପରି କର ଗ୍ରହଣ କରୁଥିଲେ ?

ଚ) ଶଙ୍କରଙ୍କ ଦ୍ୱାରା ପ୍ରଚରିତ ଅଦ୍ୱୈତବାଦର ପ୍ରଭାବ କେଉଁ ଧର୍ମ ଉପରେ ପଡ଼ିଥିଲା ?

ଛ) 'ପଞ୍ଚତନ୍ତ୍ର' କିଏ ରଚନା କରିଥିଲେ ?

ଜ) କେଉଁ ଗୁପ୍ତରାଜାଙ୍କ ଦରବାରରେ କାଳିଦାସ ଥିଲେ ?

ଝ) କେଉଁ ପଲ୍ଲବରାଜା 'ବାତାପିକୋଣ୍ଡା' ଉପାଧି ଗ୍ରହଣ କରିଥିଲେ ?

ଞ) ହର୍ଷବର୍ଦ୍ଧନଙ୍କ ପିତାଙ୍କ ନାମ କ'ଣ ଥିଲା ?

ଟ) ହର୍ଷଙ୍କ ଦ୍ୱାରା ଲିଖିତ ନାଟକଗୁଡ଼ିକର ନାମ ଲେଖ ।

ଠ) ମହମ୍ମଦ କେତେ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ ?

ଡ଼) ଇସଲାମ୍ ଧର୍ମର ପବିତ୍ର ଗ୍ରନ୍ଥର ନାମ କ'ଣ ?

**୪ 'କ' ସ୍ତମ୍ଭରେ ଥିବା ଶବ୍ଦଗୁଡ଼ିକୁ 'ଖ' ସ୍ତମ୍ଭରେ ଥିବା ଉପଯୁକ୍ତ ଶବ୍ଦ ସହ ଗାର ଟାଣି ଯୋଡ଼ ।**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ମହମ୍ମଦ | କାଦମ୍ବରୀ |
| ପ୍ରଥମ ଚନ୍ଦ୍ରଗୁପ୍ତ | କାଞ୍ଚି |
| ବାଣଭଟ୍ଟ | ଭାରତୀୟ ମସଲା |
| ପଲ୍ଲବ | ଅଦ୍ୱୈତବାଦ |
| ଦ୍ୱିତୀୟ ପୁଲକେଶୀନ୍ | ଅହିହୋଲ ଶିଳାଲେଖ |
| ଜୁଆଙ୍ଗ୍-ଜାଙ୍ଗ୍ | ସି-ୟୁ-କି |
| ଆରବ ବଣିକ | ସିନ୍ଧୁ ଆକ୍ରମଣ |
| ମହମ୍ମଦ-ବିନ୍-କାଶିମ୍ | ଏକେଶ୍ୱରବାଦ |
| ଶଙ୍କର | ଗୁପ୍ତାବ୍ଦ |
| | ମୋପ୍‌ଲା |

**୫. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।**

କ) ଦ୍ୱିତୀୟ ଚନ୍ଦ୍ରଗୁପ୍ତ ପଶ୍ଚିମ ଭାରତରେ ____________ ମାନଙ୍କୁ ପରାସ୍ତ କରିଥିଲେ ।

(ଶକ, ହୁଣ, ଗ୍ରୀକ୍, କୁଶାଣ)

ଖ) ଶଶାଙ୍କ ____________ ଦେଶର ରାଜା ଥିଲେ ।

(ଗୌଡ଼, ପାଞ୍ଚାଳ, କଳିଙ୍ଗ, କାମରୂପ)

ଗ) ରାମାୟଣ, ମହାଭାରତ ଓ ପୁରାଣଗୁଡ଼ିକ ____________ ଯୁଗରେ ସଂକଳନ ସମ୍ପୂର୍ଣ୍ଣ କରାଯାଇଥିଲା ।

(ମୌର୍ଯ୍ୟ, ନନ୍ଦ, ଗୁପ୍ତ, ବୈଦିକ)

ଘ) ପ୍ରଭାକର ବର୍ଦ୍ଧନ ____________ ଉପାଧିରେ ଭୂଷିତ ହୋଇଥିଲେ ।

(ବାତାପିକୋଣ୍ଡ, ମହାରାଜାଧିରାଜ, କବିରାଜ, ଗଜରାଜ)

ଙ) ଜୁଆଙ୍ଗ୍ ଜାଙ୍ଗ୍ ____________ ଖ୍ରୀଷ୍ଟାବ୍ଦରେ ସ୍ୱଦେଶ ଫେରିଯାଇଥିଲେ ।

(୬୨୯ ଖ୍ରୀଷ୍ଟାବ୍ଦ, ୬୪୪ଖ୍ରୀଷ୍ଟାବ୍ଦ, ୫୭୦ ଖ୍ରୀଷ୍ଟାବ୍ଦ, ୭୧୦ ଖ୍ରୀଷ୍ଟାବ୍ଦ)

ଚ) ଦ୍ୱିତୀୟ ପୁଲକେଶୀନ୍ __________ ବଂଶର ସର୍ବଶ୍ରେଷ୍ଠ ରାଜାଥିଲେ ।

(ଗୁପ୍ତ, ପଲ୍ଲବ , ଚାଲୁକ୍ୟ, ବର୍ଦ୍ଧନ)

ଛ) ହର୍ଷ ପ୍ରତି ପାଞ୍ଚ ବର୍ଷରେ __________ ଠାରେ ଏକ ଧର୍ମ ଉତ୍ସବ ପାଳନ କରୁଥିଲେ ।

(କନୌଜ, ପ୍ରୟାଗ, ଥାନେଶ୍ୱର, ଏଲୋରା)

ଜ) 'ସକଳୋତ୍ତର ପଥନାଥ' __________ ଙ୍କୁ କୁହାଯାଉଥିଲା ।

(ସମୁଦ୍ରଗୁପ୍ତ, ଦ୍ୱିତୀୟ ଚନ୍ଦ୍ରଗୁପ୍ତ, ହର୍ଷବର୍ଦ୍ଧନ, ଶଶାଙ୍କ)



## ତୁମପାଇଁ କାମ :



- କାଳିଦାସଙ୍କ ପରି ପ୍ରାଚୀନ ଭାରତର ଆଉ କେତେଜଣ କବି ଓ ନାଟ୍ୟକାରଙ୍କର ନାମ ସଂଗ୍ରହ କରି ତାଲିକା ପ୍ରସ୍ତୁତ କର ।

# ରାଜନୀତି ବିଜ୍ଞାନ















D6BVTV

ପ୍ରଥମ ଅଧ୍ୟାୟ

# ଆମେ ଓ ଆମ ସମାଜ



ଖବରକାଗଜ ପଢୁ ପଢୁ ବାପା ମା'ଙ୍କୁ କହିଲେ ଜାଣିଲ, ଗତ ବନ୍ୟାରେ କାହିଁ କେତେ ଧନଜୀବନ ନଷ୍ଟ ହୋଇଛି । ଲୋକଙ୍କର ଘରଦ୍ୱାର ଭାସି ଯାଇଛି, ଖାଇବାକୁ ଗଣ୍ଡେ ପାଉ ନାହାଁନ୍ତି । ସରକାରୀ, ବେସରକାରୀ ସଂଗଠନମାନେ ସାହାଯ୍ୟ କରିବାକୁ ଆଗେଇ ଆସିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ କରିବା ପାଇଁ ସର୍ବସାଧାରଣଙ୍କୁ ଅନୁରୋଧ କରାଯାଇଛି । ମୁଁ ଆଜି କିଛି ଟଙ୍କା ମନିଅର୍ଡ଼ର କରିଦେଉଛି । ମା' କହିଲେ, "ନିଶ୍ଚୟ, ଏହା ତ ଆମର କର୍ତ୍ତବ୍ୟ । ଆମେ ସମାଜରେ ରହିଅଛେ। ପରସ୍ପର ସୁଖଦୁଃଖରେ ଭାଗୀ ହେବା ଉଚିତ୍ । ସବୁ ଲୋକ, ସବୁ ପରିବାର ସୁଖରେ ରହିଲେ ସିନା ଆମ ସମାଜ ତଥା ଆମ ଦେଶର ଉନ୍ନତି ହେବ ।" ପଢ଼ା ଘରେ ଥାଇ ମିନି ବାପା ମା'ଙ୍କ କଥାବାର୍ତ୍ତା ଶୁଣୁଥିଲା । ଭାବୁଥିଲା ପରିବାର, ସମାଜ ଏସବୁ କ'ଣ ? ଏସବୁ ମଧ୍ୟରେ ସଂପର୍କ କ'ଣ ? ଏସବୁ ନଥିଲେ ଆମର କି ଅସୁବିଧା ହୁଅନ୍ତା ?


## ଆସ, ଆମେ ଏସବୁ ବିଷୟରେ ଜାଣିବା:

### ପରିବାର


ଆମେ ସମସ୍ତେ ପରିବାରରେ ରହିଥାଉ। ଏହା ହେଉଛି ସବୁଠାରୁ କ୍ଷୁଦ୍ର ସାମାଜିକ ଅନୁଷ୍ଠାନ। ପରିବାରର ସମସ୍ତ ଲୋକ ଗୋଟିଏ ଗୃହରେ ବାସ କରନ୍ତି। କେହି କେହି ବାହାରେ ରହିଲେ ବି ପରିବାର ସହ ସଂପର୍କ ରଖିଥାନ୍ତି।

**ତୁମେ ଜାଣିଛ କି ?**

ଏକକ ପରିବାର :




**ଯୌଥ ପରିବାର:**




- ଭାରତୀୟ ପରିବାରଗୁଡ଼ିକରେ ପିତା ହିଁ ମୁଖ୍ୟ ହୋଇଥାଆନ୍ତି
- ଆଉ କେତେକ ପରିବାରରେ ମାତା ମଧ୍ୟ ମୁଖ୍ୟ ହୋଇଥାଆନ୍ତି

ବାପା, ମା' ଓ ସେମାନଙ୍କର ସନ୍ତାନଙ୍କୁ ନେଇ ଗଠିତ ପରିବାରକୁ ଏକକ ପରିବାର କୁହାଯାଏ । ଆଉ କେତେକ ପରିବାରରେ ବାପା, ମା', ବଡ଼ବାପା, ବଡ଼ମାଆ, ଦାଦା, ଖୁଡୀ, ଅବିବାହିତ ଦାଦା ଓ ପିଉସୀ, ଜେଜେବାପା, ଜେଜେ ମା' ଆଦି ମିଳିମିଶି ରହନ୍ତି। ଏଭଳି ପରିବାରକୁ **ଯୌଥ ପରିବାର** କୁହାଯାଏ।

ବଂଶରକ୍ଷା କରିବା ପରିବାରର ମୌଳିକ କାର୍ଯ୍ୟ । ଏହାଛଡ଼ା ଶିଶୁର ଲାଳନପାଳନ କରିବା, ଶିଶୁକୁ ବିଭିନ୍ନ ସଦ୍‌ଗୁଣ ଶିକ୍ଷା ଦେବା, ସେ ବଡ଼ ହେବା ପରେ ତାକୁ ଜୀବିକା ଅର୍ଜନରେ ତାକୁ ସାହାଯ୍ୟ କରିବା ଆଦି କାର୍ଯ୍ୟ ମଧ୍ୟ ପରିବାର କରିଥାଏ । ପରିବାରର ଲୋକଙ୍କଠାରୁ ସଦ୍‌ଗୁଣ ଶିକ୍ଷା କରି ଶିଶୁଟି ଉତ୍ତମ ନାଗରିକ ହୋଇଥାଏ ।

**ପରିବାରରୁ ଶିଶୁ କି କି ଭଲଗୁଣ ଶିକ୍ଷା କରିଥାଏ, ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ । ଯେପରି- ମିଳିମିଶି କାମ କରିବା ।**

### ବଂଶ

ତୁମେ ପୁରାଣରୁ ଯଦୁ ବଂଶ, କୁରୁ ବଂଶ ଆଦି ବିଷୟରେ ଶୁଣିଥିବ । ସେମିତି ଇତିହାସରେ ମୌର୍ଯ୍ୟ ବଂଶ, ପଲ୍ଲବ ବଂଶ, ଚାଲୁକ୍ୟ ବଂଶ ଓ ଗୁପ୍ତ ବଂଶ ଆଦି ବିଷୟରେ ପଢ଼ିଥିବ । ସାଧାରଣତଃ, କେତେକ ପିଢ଼ିର ରକ୍ତ ସଂପର୍କୀୟମାନଙ୍କୁ ନେଇ ବଂଶ ଗଠିତ । ତୁମ ବାପା, ବଡ଼ବାପା, ଦାଦାଙ୍କ ପରିବାର ତୁମ ଜେଜେବାପାଙ୍କ ପରିବାରରୁ ସୃଷ୍ଟି ହୋଇଛି । ତୁମ ଜେଜେ ବାପା ଓ ତାଙ୍କର ଭାଇମାନଙ୍କ ପରିବାର ସେମାନଙ୍କ ବାପାଙ୍କଠାରୁ ସୃଷ୍ଟି ହୋଇଛି । ତେଣୁ ତୁମମାନଙ୍କ ମଧ୍ୟରେ ରକ୍ତ ସଂପର୍କ ରହିଛି । ତୁମେ ସବୁ ଗୋଟିଏ ବଂଶର ।

ଗୋଟିଏ ବଂଶର ଲୋକମାନେ ପରସ୍ପରକୁ ସାହାଯ୍ୟ ଓ ସହଯୋଗ କରିଥାନ୍ତି । ବଂଶ ପରମ୍ପରା ଅନୁସାରେ ବିଭିନ୍ନ ଧାର୍ମିକ ଅନୁଷ୍ଠାନ, କ୍ରିୟା-କର୍ମ ପାଳନ କରିଥାନ୍ତି । ବଂଶର ସଦସ୍ୟମାନଙ୍କ ମଧ୍ୟରେ ବିବାଦ ଉପୁଜିଲେ, ବଂଶର ମୁରବୀ, ସ୍ଥାନୀୟ ଲୋକମାନେ ଏହାର ସମାଧାନ କରିଥାନ୍ତି । ବଂଶ ବହୁ ପିଢ଼ିର ହୋଇଗଲେ, ଏହାର ଲୋକ ସଂଖ୍ୟା ଅତ୍ୟଧିକ ହୋଇଯାଏ । ଫଳରେ ଧାର୍ମିକ କ୍ରିୟା-କର୍ମ ପାଳନରେ ଅସୁବିଧା ହୋଇଥାଏ, ବେଳେବେଳେ ସଂପତ୍ତିଗତ ବିବାଦ ମଧ୍ୟ ସୃଷ୍ଟି ହୁଏ । ଏପରି ହେଲେ କେତେକ ନିକଟ ସଂପର୍କୀୟ ପରିବାରର ମୂଳବଂଶରୁ ଅଲଗା ହୋଇ ନୂଆ ବଂଶ ସୃଷ୍ଟି କରନ୍ତି । ଏହାକୁ ବଂଶ ବିଭାଜନ କୁହାଯାଏ । ବଂଶ ବିଭାଜନ ହେଉଥିଲେ ମଧ୍ୟ ସମଗ୍ର ବଂଶର ଏକ ସାଧାରଣ ପୂର୍ବ ପୁରୁଷ ଥାଏ । ପ୍ରତ୍ୟେକ ବଂଶର ଗୋତ୍ର ବିଭିନ୍ନ ପ୍ରକାର ଅଟେ । ଗୋତ୍ର ଅର୍ଥାତ୍ କୁଳ ପ୍ରବର୍ତ୍ତକ ଋଷି । ବିଭିନ୍ନ ଋଷିଙ୍କୁ ନେଇ ବିଭିନ୍ନ ବଂଶ । ଯେଉଁ ଋଷିଙ୍କୁ ନିଜର ବୋଲି ସମ୍ମାନ ଦିଅନ୍ତ, ସେ ବଂଶର ଗୋତ୍ର ସେହି ଋଷି, ଯଥା- କାଶ୍ୟପ, ଭରଦ୍ୱାଜ ଓ ନାଗସ୍ୟ ।

**ତୁମେ ଜାଣିଛ କି ?**

- ହିନ୍ଦୁମାନଙ୍କର ବଂଶ ସାଧାରଣତଃ ପିତୃବଂଶୀୟ ଅଟେ ।
- ଝିଅଟିଏ ଯେଉଁ ପରିବାରରେ ବିବାହ କରେ, ସେ ସେହି ପରିବାରଟି ଯେଉଁ ବଂଶର ସେହି ବଂଶ ଅନ୍ତର୍ଭୁକ୍ତ ହୁଏ ।
- ଅନ୍ୟ ବଂଶରୁ ଆସିଥିବା ପୋଷ୍ୟ ସନ୍ତାନ ଯେଉଁ ପରିବାରକୁ ଆସେ, ସେହି ପରିବାରର ବଂଶ ଅନ୍ତର୍ଭୁକ୍ତ ହୁଏ ।
- ପ୍ରତ୍ୟେକ ବଂଶର ଗୋତ୍ର ଥାଏ ।
- କେତେକ ଗୋତ୍ର ହେଉଛି- କାଶ୍ୟପ, ଭରଦ୍ୱାଜ ଓ ନାଗସ୍ୟ
- ସାଙ୍ଗମାନଙ୍କ ସହ ଆଲୋଚନା କରି ଅନ୍ୟ ଗୋତ୍ରଗୁଡ଼ିକର ନାମ ଲେଖ:-

**ତୁମ ବଂଶରେ କେତୋଟି ପରିବାର ଅଛି ହିସାବ କର ।**

## ଜନଜାତି

ଜନଜାତି ଭାରତୀୟ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଇଂରାଜୀରେ ଏହାକୁ ଟ୍ରାଇବ୍ (Tribe) କୁହାଯାଏ । ଜନଜାତିର ଲୋକଙ୍କୁ ଆମେ ଆଦିବାସୀ ବା ବନବାସୀ ଭାବରେ ଜାଣୁ ।

ଏମାନେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବାସ କରିଥାନ୍ତି । ଗୋଟିଏ ଜନଜାତିର ଲୋକମାନେ ନିଜକୁ ଏକ ସାଧାରଣ ବଂଶର ବୋଲି ମନେ କରନ୍ତି । ଏମାନେ ଏକ ସାଧାରଣ ଭାଷାରେ କଥାବାର୍ତ୍ତା ହୁଅନ୍ତି, ମିଳିମିଶି ବିଭିନ୍ନ ପର୍ବପର୍ବାଣି ପାଳନ କରନ୍ତି ଓ ସମାନ ପ୍ରକାର କାର୍ଯ୍ୟ କରି ଜୀବିକା ନିର୍ବାହ କରନ୍ତି । ପ୍ରତ୍ୟେକ ଜନଜାତିର ଜଣେ ମୁଖ୍ୟ ଥାଆନ୍ତି । ସମସ୍ତେ ତାଙ୍କ ନିର୍ଦ୍ଦେଶ ପାଳନ କରିଥାଆନ୍ତି । ଆମ ରାଜ୍ୟରେ ବଣ୍ଡା, ସାନ୍ତାଳ, କନ୍ଧ ଆଦି ଜନଜାତି ଦେଖାଯାଆନ୍ତି ।

**ଓଡ଼ିଶାରେ କେଉଁ ଜନଜାତିର ଲୋକ କେଉଁ ଜିଲ୍ଲାରେ ବାସ କରନ୍ତି, ତା'ର ତାଲିକା କର । ଯେପରି – ପରଜା : କୋରାପୁଟ**

ଜନଜାତିର ଲୋକମାନେ କେତେକ କାରଣରୁ ଶିକ୍ଷା ଓ ବୈଷୟିକ ଜ୍ଞାନ ଦୃଷ୍ଟିରୁ ପଛୁଆ ଅଛନ୍ତି । ମାତ୍ର ସେମାନଙ୍କର ସଂସ୍କୃତି ଉନ୍ନତ । ସେମାନଙ୍କ ନୃତ୍ୟ, ଗୀତ, ପର୍ବ ପାଳନର ପଦ୍ଧତିରୁ ସେମାନଙ୍କର ଉନ୍ନତ ସଂସ୍କୃତି ବିଷୟରେ ଜଣାପଡ଼େ । ଏବେ ସେମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟରକ୍ଷା, ରୋଜଗାର ଆଦି କ୍ଷେତ୍ରରେ ଉନ୍ନତ କରିବା ପାଇଁ ଚେଷ୍ଟା କରାଯାଉଛି ।

### ତୁମେ ଜାଣିଛ କି ?

- ଆମ ରାଜ୍ୟରେ ପ୍ରାୟ ୬୨ ପ୍ରକାର ଆଦିମ ଅଧିବାସୀ ଦେଖାଯାନ୍ତି ।
- ସାନ୍ତାଳମାନଙ୍କର ଭାଷା ସାନ୍ତାଳୀ । ଏହାର ନିଜସ୍ୱ ଲିପି ଅଛି ।

**ଏହିପରି ଅନ୍ୟ ଜନଜାତିମାନଙ୍କର ନାମ ଏବଂ ସେମାନଙ୍କର ଭାଷାର ନାମ ଲେଖ ।**

| ଜନଜାତିର ନାମ | ଭାଷା |
| --- | --- |
| • | • |
| • | • |
| • | • |
| • | • |
| • | • |
| • | • |

**ଜନଜାତିର ଉନ୍ନତି ପାଇଁ କ'ଣ ସବୁ କରାଯାଉଛି ଆଲୋଚନା କରି ଲେଖ । ଯେପରି : ଆଦିବାସୀ ଗାଁରେ ବିଦ୍ୟାଳୟ ସ୍ଥାପନ ।**

## ସଂଘ

କେତେକ ଲକ୍ଷ୍ୟ ହାସଲ କରିବାଲାଗି ଲୋକମାନେ ନିଜ ଇଚ୍ଛାରେ ଏକାଠିହୋଇ କାମ କରନ୍ତି । ଏଭଳି ଏକଜୁଟ ହୋଇ କାମ କରିବାରୁ ସଂଘ ସୃଷ୍ଟି ହୁଏ । ପ୍ରତ୍ୟେକ ସଂଘର ସାଧାରଣ ଲକ୍ଷ୍ୟ ଥାଏ । କେତେକ ନୀତି ନିୟମ ଥାଏ, ଯାହାକୁ

ସଂଘର ସଦସ୍ୟମାନେ ପାଳନ କରିଥାଆନ୍ତି । ସଂଘର ପରିଚାଳନା ପାଇଁ ଜଣେ ମୁଖ୍ୟ ଥାଆନ୍ତି । ସଦସ୍ୟମାନେ ଚାନ୍ଦା ଦେଇ ସଂଘର ନିଜସ୍ୱ ପାଣ୍ଠି ଗଠନ କରିଥାଆନ୍ତି ।

ପରିବାର ଭଳି ସଂଘ, ଚିରସ୍ଥାୟୀ ହୋଇଥିବା ବେଳେ ଅନ୍ୟ ସଂଘଗୁଡ଼ିକ ଚିରସ୍ଥାୟୀ ନହେଲେ ବି ଅଧିକ ସମୟ ପର୍ଯ୍ୟନ୍ତ ସ୍ଥାୟୀ ହୋଇଥାଆନ୍ତି ।

**ତୁମେ ଜାଣିଛ କି ?**

- କାର୍ଯ୍ୟ ଅନୁସାରେ ଅନେକ ପ୍ରକାର ସଂଘ ଦେଖାଯାଏ । ଏହି ସଂଘଗୁଡ଼ିକ ମଧ୍ୟରୁ କେତେଗୁଡ଼ିକର ଉଦାହରଣ ଦିଆଯାଇଛି । ଆଉ କେଉଁ ସବୁ ଉଦାହରଣ ଦିଆଯାଇ ପାରିବ ଚିନ୍ତା କରି ଲେଖ ।
- ରକ୍ତ ସଂପର୍କୀୟ ସଂଘ – ପରିବାର
- ଧର୍ମୀୟ ସଂଘ – ହିନ୍ଦୁ ମହାସଭା
- ଅବସର ବିନୋଦନ ସଂଘ – ବିଭିନ୍ନ ସଂଗୀତ, ନୃତ୍ୟ ଅନୁଷ୍ଠାନ
- ବୃତ୍ତିଗତ ସଂଘ – ଓକିଲ ସଂଘ
-
-
-

**ତୁମେ ଜାଣିଥିବା କେତେକ ସଂଘର ଲକ୍ଷ୍ୟ କ'ଣ, ଆଲୋଚନା କରି ଲେଖ ।**
**ଯେପରି : ରିକ୍ସା ଚାଳକ ସଂଘର ଏକ ଲକ୍ଷ୍ୟ ହେଲା ଉପଯୁକ୍ତ ଭଡ଼ା ଅର୍ଥ ପାଇବା ।**

## ସମୁଦାୟ/ଗୋଷ୍ଠୀ (କମ୍ୟୁନିଟି)

ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଐକ୍ୟ ମନୋଭାବ ନେଇ ବାସ କରୁଥିବା ଲୋକଙ୍କୁ ନେଇ 'ସମୁଦାୟ' ବା ଗୋଷ୍ଠୀ ଗଠିତ ହୁଏ । ଏହା ପ୍ରାକୃତିକ ଭାବରେ ସୃଷ୍ଟି ହୁଏ । ଏକ ଗୋଷ୍ଠୀରେ ବାସ କରୁଥିବା ବ୍ୟକ୍ତିମାନେ ଏକ ସର୍ବସାଧାରଣ ଜୀବନ ଧାରାରେ ସହଭାଗୀ ହୋଇଥାଆନ୍ତି । ଗ୍ରାମ୍ୟ ସମୁଦାୟ, ପୌର ସମୁଦାୟ ଆଦି ଏହାର ଉଦାହରଣ ।

ସଦସ୍ୟମାନଙ୍କର ସମସ୍ତ ଆବଶ୍ୟକତା ପୂରଣ କରିବା ଗୋଷ୍ଠୀ ବା ସମୁଦାୟର ପ୍ରଧାନ ଲକ୍ଷ୍ୟ । ଏକ ସମୁଦାୟରେ ବାସ କରୁଥିବା ଲୋକଙ୍କର ପ୍ରଥା, ପରମ୍ପରା, ଭାଷା ଆଦିରେ ସମାନତା ଦେଖାଯାଏ । 'ସମୁଦାୟ' ବାସ କରୁଥିବା ଅଞ୍ଚଳଟି ଯେତେ ଛୋଟ ହୁଏ, ଲୋକଙ୍କ ମଧ୍ୟରେ ଐକ୍ୟ ସେତେ ଦୃଢ଼ ହୋଇଥାଏ । ତେବେ ବୃହତ୍ 'ସମୁଦାୟ' ମଧ୍ୟ ବ୍ୟକ୍ତିକୁ ଅନେକ ପ୍ରକାର ସାହାଯ୍ୟ କରିଥାଏ ।

**ତୁମେ ଜାଣିଛ କି ?**

- କୌଣସି ସଂଘ ନିଜସ୍ୱ ଲକ୍ଷ୍ୟ ବାଦ୍ ସର୍ବସାଧାରଣ ଉନ୍ନତିମୂଳକ କାର୍ଯ୍ୟ କଲେ ତାହାର ସାମୁଦାୟିକ ଗୁଣ ବୃଦ୍ଧି ପାଏ ।
- ବର୍ତ୍ତମାନ ଆମ ଗ୍ରାମଗୁଡ଼ିକର ସାମୁଦାୟିକ ଗୁଣ ହ୍ରାସ ପାଇବାକୁ ଲାଗିଛି । ଏହା ଏକ ଭଲ ଲକ୍ଷଣ ନୁହେଁ । ଏହାର କାରଣ ନିଜେ ଚିନ୍ତା କର ଓ ସାମୁଦାୟିକ ସଂପର୍କ ଓ ଏକତା ବୃଦ୍ଧି ପାଇଁ କ'ଣ କ'ଣ କରାଯାଇ ପାରିବ ଲେଖ ।
-
-
-

କ୍ଷୁଦ୍ର ସମୁଦାୟରେ ଆତ୍ମନିର୍ଭରଶୀଳତା, ନିବିଡ଼ ସଂପର୍କ, ବନ୍ଧୁତା, ଆନ୍ତରିକତା ଦେଖାଯାଉଥିବା ବେଳେ, ବୃହତ୍ ସମୁଦାୟଗୁଡ଼ିକ ବ୍ୟକ୍ତିଙ୍କୁ ପ୍ରୟୋଜନୀୟ ଜିନିଷ ଯୋଗାଣ, ସାମାଜିକ ନିରାପତ୍ତା, ଅର୍ଥ ଉପାର୍ଜନ କ୍ଷମତା ଆଦି ପ୍ରଦାନ କରିଥାଆନ୍ତି ।

**ଅନ୍ୟ କେଉଁ ସବୁ କ୍ଷେତ୍ରରେ ଗୋଷ୍ଠୀ ବା ସମୁଦାୟ ବ୍ୟକ୍ତିଙ୍କୁ ସାହାଯ୍ୟ କରିଥାଏ, ଆଲୋଚନା କର ।**

## ସମାଜ

ଆଦିମ ମଣିଷ ସ୍ୱାଧୀନ ଭାବରେ ଜୀବନଯାପନ କରୁଥିଲା । ପରବର୍ତ୍ତୀ ସମୟରେ ଲୋକସଂଖ୍ୟା ବୃଦ୍ଧି ଯୋଗୁଁ ସେମାନଙ୍କ ମଧ୍ୟରେ କଳହ ଓ ଶତ୍ରୁତା ସୃଷ୍ଟି ହେଲା । ତେଣୁ ମଣିଷ କେତେକ ନୀତି ନିୟମ ସୃଷ୍ଟି କରି ସୁଖରେ ରହିବାକୁ ଚେଷ୍ଟା କଲା । ଏପରି ଚଳିବାରୁ ସମାଜ ସୃଷ୍ଟି ହେଲା ।

- ୧୯୩୮ ମସିହାରେ ଆମେରିକାରେ ଆନ୍ନା ନାମ୍ନୀ ଏକ ପାଞ୍ଚବର୍ଷର ଝିଅକୁ ଆବିଷ୍କାର କରାଗଲା । ଛଅମାସ ବୟସରୁ ତାକୁ ଏକ କୋଠରିରେ ଲୁଚାଇ ରଖାଯାଇଥିଲା । ତାକୁ ପାଞ୍ଚବର୍ଷ ହୋଇଥିଲେ ମଧ୍ୟ ସେ ଠିକ୍ ଭାବରେ ଚାଲିପାରୁ ନଥିଲା କି କଥା କହିପାରୁ ନଥିଲା । ଉପଯୁକ୍ତ ତାଲିମ୍ ନେବା ପରେ ସେ ଧୀରେ ଧୀରେ କଥା କହିବା ଓ ଚାଲିବା ଶିଖିଲା ।

ସମାଜ ବିନା ବଞ୍ଚିବା ମନୁଷ୍ୟ ପକ୍ଷରେ ଅସମ୍ଭବ । ନିଜର ଆବଶ୍ୟକତା ପୂରଣ ପାଇଁ ମନୁଷ୍ୟ ସମାଜ ଉପରେ ନିର୍ଭର କରେ । ସମାଜ ବାଲ୍ୟକାଳରେ ଶିଶୁକୁ ସହାୟତା ପ୍ରଦାନ କରେ । ଶିଶୁ ସମାଜରୁ ସହଯୋଗ, ସହିଷ୍ଣୁତା, ପରିଚ୍ଛନ୍ନତା ଭଳି ଗୁଣ ଶିକ୍ଷା କରେ । ସମାଜ ବ୍ୟକ୍ତିକୁ ଜୀବିକା ଅର୍ଜନରେ ସାହାଯ୍ୟ କରେ ଓ ବ୍ୟକ୍ତି ନିଜର ଧନ ଜୀବନର ସୁରକ୍ଷା ପାଇଁ ସମାଜ ଉପରେ ନିର୍ଭର କରେ । ବ୍ୟକ୍ତି ସମାଜରୁ ନୂଆ ଅଭିଜ୍ଞତା ଓ ଜ୍ଞାନ ହାସଲ କରେ, ନିଜକୁ ପରିମାର୍ଜିତ କରି ଉନ୍ନତି କରିବାକୁ ଚେଷ୍ଟା କରେ । ସମାଜରେ ପ୍ରଚଳିତ ଆଦର୍ଶ ନୀତି ଓ ପ୍ରଥାଗୁଡ଼ିକ ବ୍ୟକ୍ତିତ୍ୱ ବିକାଶରେ ସାହାଯ୍ୟ କରେ । ବ୍ୟକ୍ତି ଯେପରି ସମାଜ ଉପରେ ନିର୍ଭର କରେ, ସମାଜ ସେପରି ବ୍ୟକ୍ତି ଉପରେ ନିର୍ଭର କରିଥାଏ । ବ୍ୟକ୍ତିର ଉନ୍ନତି ହେଲେ ସମାଜର ଉନ୍ନତି ହୁଏ । ବ୍ୟକ୍ତି ସମାଜରେ ପରିବର୍ତ୍ତନ ଆଣି ଏହାକୁ ସମୃଦ୍ଧ କରେ ।

**ପୂର୍ବକାଳରେ ଅପରାଧୀମାନଙ୍କୁ ନିର୍ବାସନ ଦଣ୍ଡ ଦିଆଯାଉଥିଲା କାହିଁକି ? ଆଲୋଚନା କର ।**

## ଆମେ କ'ଣ ଶିଖିଲେ ?

- ପରିବାର ହେଉଛି କ୍ଷୁଦ୍ରତମ ସାମାଜିକ ଅନୁଷ୍ଠାନ ।
  ଶିଶୁ ପରିବାରରୁ ବିଭିନ୍ନ ଗୁଣ ଶିକ୍ଷା କରେ ।
- ରକ୍ତ ସଂପର୍କ ଥିବା ପରିବାରଗୁଡ଼ିକୁ ନେଇ ବଂଶ ଗଠିତ ।
  କୁଳ ପ୍ରବର୍ତ୍ତକ ଋଷିଙ୍କୁ ନେଇ ଗୋତ୍ର ସୃଷ୍ଟି ହୁଏ ।
- ଏକ ସାଧାରଣ ନାମ ଥିବା ଦେଶୀୟ ଲୋକମାନଙ୍କର କ୍ଷୁଦ୍ର ସମୂହକୁ 'ଜନଜାତି' କୁହାଯାଏ ।
  ସେମାନଙ୍କ ଭାଷା, ଧର୍ମବିଶ୍ୱାସ, ଚଳଣି, ଜୀବିକା ଅର୍ଜନ ଆଦିରେ ସମାନତା ଦେଖାଯାଏ ।
- ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ ପାଇଁ କେତେକ ବ୍ୟକ୍ତି ଇଚ୍ଛାକୃତ ଭାବରେ ମିଶି ସଂଘ ଗଠନ କରିଥାଆନ୍ତି ।

- ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏକତାବଦ୍ଧ ହୋଇ ବାସ କରୁଥିବା ଲୋକଙ୍କୁ ନେଇ 'ସମୁଦାୟ'ବା ଗୋଷ୍ଠୀ ଗଠିତ ହୁଏ । ସର୍ବସାଧାରଣଙ୍କର ବହୁବିଧ ଉନ୍ନତି କରିବା ଏହାର ଲକ୍ଷ୍ୟ ।
- ସମାଜ ବିନା ମନୁଷ୍ୟର ସ୍ଥିତି ଅସମ୍ଭବ । ବ୍ୟକ୍ତି ଓ ସମାଜ ପରସ୍ପର ପରିପୂରକ ।

## ଅଭ୍ୟାସ

**୧. ସଂକ୍ଷେପରେ ଉତ୍ତର ଲେଖ ।**

(କ) ବ୍ୟକ୍ତି ସମାଜ ଉପରେ ନିର୍ଭର କରିଥାଏ କିପରି ?

(ଖ) ପରିବାରର କାର୍ଯ୍ୟଗୁଡ଼ିକ କ'ଣ ?

(ଗ) ସମୁଦାୟ ଓ ସଂଘ ମଧ୍ୟରେ ପାର୍ଥକ୍ୟ କ'ଣ ?

(ଘ) ଗୋଟିଏ ଜନଜାତିର ଲୋକଙ୍କ ମଧ୍ୟରେ କେଉଁ ସବୁ ସମାନତା ଦେଖାଯାଏ ?

(ଙ) ବଂଶ ବିଭାଜନର କାରଣଗୁଡ଼ିକ କ'ଣ ?

(ଚ) ସମାଜର ଉନ୍ନତି କିପରି କରାଯାଇପାରିବ ?

**୨. ତଳେ ଲେଖାଥିବା ସଂଘଗୁଡ଼ିକ କାର୍ଯ୍ୟଦୃଷ୍ଟିରୁ କେଉଁ ପ୍ରକାରର ?**

ପରିବାର-

ରାମକୃଷ୍ଣ ମିଶନ -

ପ୍ରାଥମିକ ଶିକ୍ଷକ ସଂଘ -

ରେଡ଼କ୍ରସ -

**୩. ଶୂନ୍ୟସ୍ଥାନ ପୂରଣ କର ।**

(କ) କ୍ଷୁଦ୍ରତମ ସାମାଜିକ ଅନୁଷ୍ଠାନ ହେଉଛି ___________ ।

(ଖ) ସାଧାରଣ ଲକ୍ଷ୍ୟ ସାଧନ ପାଇଁ କେତେକ ବ୍ୟକ୍ତି ଇଚ୍ଛାକୃତ ଭାବରେ ମିଶି ___________ ଗଠନ କରିଥାଆନ୍ତି ।

(ଗ) ଲୋକମାନଙ୍କ ମଧ୍ୟରେ ସଂପର୍କର ନିବିଡ଼ତା ___________ ସମୁଦାୟରେ ଅଧିକ ।

(ଘ) ସାନ୍ତାଳ ଜନଜାତିର ଲୋକମାନେ ___________ ଭାଷାରେ କଥାବାର୍ତ୍ତା କରନ୍ତି ।

(ଙ) ରକ୍ତ ସଂପର୍କୀୟ ପରିବାରମାନଙ୍କୁ ନେଇ ___________ ଗଠିତ ।

୪. ଠିକ୍ ଉକ୍ତି ପାଖରେ (✓) ଚିହ୍ନ ଓ ଭୁଲ ଉକ୍ତି ପାଖରେ (X) ଚିହ୍ନ ଦିଅ ।

(କ) ଏକକ ପରିବାରରେ ବାପା, ମା, ଦାଦା, ଖୁଡ଼ୀ, ସେମାନଙ୍କର ପିଲାମାନେ ମିଳିମିଶି ରହନ୍ତି । ☐

(ଖ) ସମୁଦାୟ ପ୍ରାକୃତିକ ଭାବେ ସୃଷ୍ଟି ହୋଇଥାଏ । ☐

(ଗ) ସମାଜ ସହ ବ୍ୟକ୍ତିର କୌଣସି ସଂପର୍କ ନଥାଏ। ☐

(ଘ) ପରିବାରରୁ ଶିଶୁ ବିଭିନ୍ନ ଗୁଣ ଶିକ୍ଷା କରେ । ☐

୫. ସଂପର୍କକୁ ଲକ୍ଷ୍ୟ କରି ଶୂନ୍ୟସ୍ଥାନ ପୂରଣ କର ।

(କ) ପୁତ୍ର : ପିତାଙ୍କ ଗୋତ୍ର : : ବିବାହିତା କନ୍ୟା : ____________

(ଖ) ପରଜା : କୋରାପୁଟ : : ବଣ୍ଡା : ____________

(ଗ) ଆତ୍ମନିର୍ଭରଶୀଳତା : କ୍ଷୁଦ୍ର ସମୁଦାୟ : : ସାମାଜିକ ନିରାପତ୍ତା : ____________

(ଘ) ପରିବାର : ଚିରସ୍ଥାୟୀ : : ରାଜନୈତିକ ଦଳ : ____________



## ତୁମପାଇଁ କାମ :



- ତୁମ ଗ୍ରାମ / ଅଞ୍ଚଳରେ ଥିବା କ୍ଲବ ବା ସ୍ୱୟଂ ସହାୟକ ଗୋଷ୍ଠୀର ମୁଖ୍ୟଙ୍କୁ ଭେଟି ସେମାନେ କେଉଁ ସବୁ କାର୍ଯ୍ୟ କରୁଛନ୍ତି ପଚାରି ବୁଝ ଓ ଲେଖ ।
- ତୁମ ବଂଶର ପୂର୍ବ ପୁରୁଷମାନଙ୍କର ତାଲିକା କର । ଆବଶ୍ୟକ ହେଲେ ବାପା / ଜେଜେବାପାଙ୍କୁ ପଚାରି ବୁଝ ।
- 'ଟାର୍ଜନ' ଗପ ବହି ପଢ଼ । ସମାଜରୁ ଦୂରେଇ ରହିଲେ କି ଅସୁବିଧା ହୁଏ ଲେଖ ।
- ତୁମ ଗାଁ/ୱାର୍ଡ଼ରେ ଥିବା ଏକକ ଓ ଯୌଥ ପରିବାରଗୁଡ଼ିକର ତାଲିକା କରି ପରିବାର ମୁଖ୍ୟଙ୍କ ନାମ ଲେଖ।

ଦ୍ୱିତୀୟ ଅଧ୍ୟାୟ

# ରାଷ୍ଟ୍ର



ଶ୍ରେଣୀରେ ପାଠପଢ଼ା ଆରମ୍ଭ ହେବା ପୂର୍ବରୁ ଶିକ୍ଷକ ପିଲାମାନଙ୍କୁ ଗୋଟିଏ ପ୍ରଶ୍ନ ପଚାରିଲେ, କହିଲେ ପିଲାଏ 'ଗରିବ ରଥ' କାହାକୁ କୁହାଯାଏ । ସଂଗେ ସଂଗେ ସୁମନ ସୌରଭ ଠିକ୍ ଉତ୍ତର ଦେଇ କହିଲା ଯେ, ଯେଉଁ ଯାତ୍ରୀବାହୀ ରେଳଗାଡ଼ିରେ ସ୍ୱଳ୍ପ ମୂଲ୍ୟରେ ଶୀତତାପ ନିୟନ୍ତ୍ରଣର ସୁବିଧା ରହିଛି ତାକୁ 'ଗରିବ ରଥ' କହନ୍ତି ଏବଂ ଏହା ସାଧାରଣତଃ ଗୋଟିଏ ରାଜ୍ୟର ରାଜଧାନୀରୁ ଅନ୍ୟ ଏକ ରାଜ୍ୟର ରାଜଧାନୀକୁ ଯାତାୟାତ କରିଥାଏ । ଉତ୍ତରରେ ଶିକ୍ଷକ ଖୁସି ହୋଇଗଲେ ଏବଂ କହିଲେ, ''ଏହି ପ୍ରକାର ରେଳ ସୁବିଧା ଆମ ପାଇଁ ରାଷ୍ଟ୍ର କରିଛି ।''

ଏହା ଶୁଣି ସୁମନ ସୌରଭ ମନେ ମନେ ଭାବିଲା, ରାଷ୍ଟ୍ର କ'ଣ ? ରାଷ୍ଟ୍ର ଆମ ପାଇଁ ଆଉ କ'ଣ ସବୁ କରିଛି ?

## ରାଷ୍ଟ୍ରର ଅର୍ଥ :

ରାଷ୍ଟ୍ର ରାଜନୀତି ବିଜ୍ଞାନର ମୁଖ୍ୟ ବିଷୟବସ୍ତୁ ଓ କେନ୍ଦ୍ର ବିନ୍ଦୁ । ଆମ ସାମାଜିକ ଜୀବନରେ ରାଷ୍ଟ୍ରର ଭୂମିକା ଖୁବ୍ ବେଶି । କାରଣ, ଏହା ସବୁଠାରୁ ବଡ଼ କ୍ଷମତାଶାଳୀ ସାମାଜିକ ତଥା ରାଜନୈତିକ ଅନୁଷ୍ଠାନ । ଏହା ଏକ ରାଜନୈତିକ ସଂଘ । ମନୁଷ୍ୟ ଜନ୍ମ ହେଲା ମାତ୍ରେ ନିଜକୁ ରାଷ୍ଟ୍ରର ସଭ୍ୟ ତାଲିକାରେ ସାମିଲ କରେ । ରାଷ୍ଟ୍ର କେବେ ସୃଷ୍ଟି ହେଲା, ସେ ବିଷୟରେ ଠିକ୍ ଭାବେ କୁହାଯାଇପାରେ ନାହିଁ । ମାତ୍ର ମନୁଷ୍ୟ ସୃଷ୍ଟି ହେବା ସହିତ ରାଷ୍ଟ୍ରର ଆବଶ୍ୟକତା ଉପଲବ୍ଧି ହୋଇଅଛି ବୋଲି କୁହାଯାଏ । ଏହା ସବୁଠାରୁ କ୍ଷମତାଶାଳୀ ସଂଗଠନ ହୋଇଥିବାରୁ ବ୍ୟକ୍ତି ଓ ସଂଘମାନଙ୍କର ବିଭିନ୍ନ କାର୍ଯ୍ୟକଳାପ ମଧ୍ୟରେ ସମନ୍ୱୟ ସ୍ଥାପନ କରିଥାଏ ।

### ତୁମେ ଜାଣିଛ କି ?

- ଆରିଷ୍ଟୋଟଲଙ୍କ ମତରେ, ପରିବାର ଓ ଗ୍ରାମମାନଙ୍କର ସମଷ୍ଟିରେ ରାଷ୍ଟ୍ରର ସୃଷ୍ଟି ।
- ଅଧ୍ୟାପକ **ଗାରନର୍‌ଙ୍କ** ମତରେ, ସ୍ଥାୟୀ ଭାବରେ ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ଭୋଗଦଖଲକାରୀ, ବାହ୍ୟ ନିୟନ୍ତ୍ରଣ ମୁକ୍ତ ଏବଂ ଅଧିକାଂଶ ଅଧିବାସୀଙ୍କ ନିରବଚ୍ଛିନ୍ନ ଆନୁଗତ୍ୟ ଲାଭ କରୁଥିବା ଏକ ସଂଗଠିତ ସରକାରର ଅଧିକାରୀ, ଊଣା ଅଧିକ ଲୋକମାନଙ୍କର ସଂପ୍ରଦାୟକୁ ରାଷ୍ଟ୍ର କହନ୍ତି ।

ରାଷ୍ଟ୍ର ଦ୍ୱାରା ହିଁ ପ୍ରତ୍ୟେକ ବ୍ୟକ୍ତିର ଉପଯୁକ୍ତ ବିକାଶ ହୋଇଥାଏ । କାରଣ, ସାଧାରଣ ବ୍ୟକ୍ତିମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ରାଷ୍ଟ୍ର ଅନେକଗୁଡ଼ିଏ କଲ୍ୟାଣକାରୀ ଯୋଜନା ପ୍ରସ୍ତୁତ କରି କାର୍ଯ୍ୟକାରୀ କରିଥାଏ । ସମୟ ପରିବର୍ତ୍ତନ ସହିତ ରାଷ୍ଟ୍ରର କାର୍ଯ୍ୟ କରିବାର ଢଙ୍ଗ ମଧ୍ୟ ପରିବର୍ତ୍ତନ ହୋଇଥାଏ । ସୁସ୍ଥ ସାମାଜିକ ଜୀବନଯାପନ ପାଇଁ ପ୍ରତ୍ୟେକ ମନୁଷ୍ୟର ଇଚ୍ଛା ଥାଏ । ଏହାର ମୂଳରେ ରାଷ୍ଟ୍ର ସୃଷ୍ଟିର କାରଣ ରହିଛି । ରାଷ୍ଟ୍ର ଏକ ସ୍ଥାୟୀ ଅନୁଷ୍ଠାନ ହୋଇଥିବାରୁ ଏହାର ଆବଶ୍ୟକତା ସର୍ବଦା ଦରକାର ହୋଇଥାଏ । ରାଷ୍ଟ୍ରର ନୀତି ନିୟମ ସାମାଜିକ ଜୀବନକୁ ଶୃଙ୍ଖଳିତ ଓ ଦୃଢ଼ୀଭୂତ କରେ । ମନୁଷ୍ୟର ଇଚ୍ଛା ତାକୁ ରାଷ୍ଟ୍ରରେ ରହିବାକୁ ବାଧ୍ୟ କରୁଥିବାରୁ ଏହାକୁ ଅତ୍ୟାବଶ୍ୟକ ଅନୁଷ୍ଠାନ କୁହାଯାଏ ।

## ରାଷ୍ଟ୍ରର ବୈଶିଷ୍ଟ୍ୟ / ଉପାଦାନ

ରାଷ୍ଟ୍ରର ମୁଖ୍ୟତଃ ଚାରିଗୋଟି ଉପାଦାନ ରହିଛି । ସେଗୁଡ଼ିକ ହେଲା : କ) ଜନ ସଂଖ୍ୟା ଖ) ଆୟତନ ଗ) ସରକାର ଘ) ସାର୍ବଭୌମତ୍ୱ ।

କ) **ଜନସଂଖ୍ୟା :** ରାଷ୍ଟ୍ର ଗଠନ ପାଇଁ ଅଧିବାସୀ / ଜନସଂଖ୍ୟା ଆବଶ୍ୟକ । କାରଣ, ଜନ ମାନବ ଶୂନ୍ୟ ମରୁଭୂମି, ସାଗର ଓ ପଶୁମାନଙ୍କର ବାସସ୍ଥଳୀ ଜଙ୍ଗଲକୁ ରାଷ୍ଟ୍ର କୁହାଯାଇ ପାରିବ ନାହିଁ । ଜନସଂଖ୍ୟା ବିନା ରାଷ୍ଟ୍ରର କଳ୍ପନା ଅସମ୍ଭବ । ଜନସଂଖ୍ୟାର କୌଣସି ନିର୍ଦ୍ଦିଷ୍ଟ ସୀମା ନଥାଏ । ଏହା ଚୀନ ଓ ଭାରତ ଭଳି ଜନ ବହୁଳ ରାଷ୍ଟ୍ର କିମ୍ବା ମୋନାକୋ ଓ ସାନ୍‌ମାରିନୋ ଭଳି ଜନ ବିରଳ ରାଷ୍ଟ୍ର ହୋଇପାରେ । ତେବେ ପ୍ରକୃତରେ କହିବାକୁ ଗଲେ ଗୋଟିଏ ରାଷ୍ଟ୍ରର ଜନସଂଖ୍ୟା ସେହି ରାଷ୍ଟ୍ରର ଆୟତନ ଓ ସମ୍ବଳ ଅନୁସାରେ ହେବା ଉଚିତ୍ ।

> **ତୁମେ ଜାଣିଛ କି ?**
> - ପ୍ଲାଟୋଙ୍କ ମତରେ ରାଷ୍ଟ୍ରର ଜନସଂଖ୍ୟା ୫୦୪୦ ହେବା ଦରକାର ।
> - ରୁଷୋ କହିଥିଲେ, ରାଷ୍ଟ୍ରର ଜନସଂଖ୍ୟା ୧୦,୦୦୦ ହେବା ଦରକାର ।

ଖ) **ଆୟତନ :** ଜନସଂଖ୍ୟା ପରି ପ୍ରତ୍ୟେକ ରାଷ୍ଟ୍ରର ଏକ ନିର୍ଦ୍ଦିଷ୍ଟ ଭୂ-ଖଣ୍ଡ ରହିବା ଆବଶ୍ୟକ । ଏହା ନଥିଲେ ଗୋଟିଏ ରାଷ୍ଟ୍ର ହୋଇପାରିବ ନାହିଁ । ସେଥିପାଇଁ ଏହାର ନିର୍ଦ୍ଦିଷ୍ଟ ପରିସୀମା ରହିବା ଦରକାର । ଜଳ, ସ୍ଥଳ, ଆକାଶ, ନଦୀ, ହ୍ରଦ ଓ ଖଣିଜ ପଦାର୍ଥକୁ ନେଇ ଏକ ରାଷ୍ଟ୍ରର ପରିସୀମା ସ୍ଥିର ହୋଇଥାଏ । ରାଷ୍ଟ୍ରପାଇଁ ଭୂଭାଗ ଆବଶ୍ୟକ ହେଉଥିଲେ ମଧ୍ୟ ଏହାର ସୀମା କେତେ ହେବା ଆବଶ୍ୟକ ସେଥିପାଇଁ କିଛି ନିର୍ଦ୍ଦିଷ୍ଟ ନିୟମ ନାହିଁ। ଏହା ରୁଷ, ଯୁକ୍ତରାଷ୍ଟ୍ର ଆମେରିକା ଓ ଚୀନ୍‌ର ପରିସୀମା ପରି ବଡ଼ କିମ୍ବା ମୋନାକୋ ଓ ସାନ୍‌ମାରିନୋ ପରି ଛୋଟ ପରିସୀମା ହୋଇପାରେ ।

**ଆୟତନ ବଡ ହେଲେ ରାଷ୍ଟ୍ରରେ କି କି ସୁବିଧା ହୁଏ ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।**

ଗ) **ସରକାର :** ସରକାର ରାଷ୍ଟ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଗୋଟିଏ ନିର୍ଦ୍ଦିଷ୍ଟ ଭୂଭାଗରେ ଅଧିବାସୀ ରହିଥିଲେ ମଧ୍ୟ ସରକାର ନଥିଲେ ତାକୁ ରାଷ୍ଟ୍ର ବୋଲି କୁହାଯାଇ ପାରିବ ନାହିଁ । ସରକାର ଏକ ରାଜନୈତିକ ସଂଗଠନ ହୋଇଥିବାରୁ ଏହା ଦ୍ୱାରା ରାଷ୍ଟ୍ର ନିଜର ଇଚ୍ଛା ପ୍ରକାଶ କରେ ଓ ବିଭିନ୍ନ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଏ । ସରକାରଙ୍କ ଦ୍ୱାରା ରାଷ୍ଟ୍ରର ବାସ୍ତବରୂପ ପ୍ରକାଶ ପାଇଥାଏ । ସରକାର ନ ରହିଲେ ରାଷ୍ଟ୍ରର ଶାସନ କାର୍ଯ୍ୟ ହୋଇପାରେ ନାହିଁ, କାରଣ ସରକାର ରାଷ୍ଟ୍ରର ସମସ୍ତ କ୍ଷମତା ଉପଭୋଗ କରନ୍ତି । ଜନସାଧାରଣଙ୍କର ସାମାଜିକ ଜୀବନକୁ ନିୟନ୍ତ୍ରଣ କରନ୍ତି । ଆହୁରି ମଧ୍ୟ ସରକାର ଆଇନ୍ ଦ୍ୱାରା ପରିଚାଳିତ ଓ ଶୃଙ୍ଖଳିତ ଶାସନ ପ୍ରତିଷ୍ଠା କରିଥାନ୍ତି । ସରକାର ନଥିଲେ ଅରାଜକତା ସୃଷ୍ଟି ହୋଇ ରାଷ୍ଟ୍ର ତଥା ସମାଜ ଓ ବ୍ୟକ୍ତିର ସ୍ଥିତି ବିପନ୍ନ ହୋଇଥାଏ ।

ଘ) **ସାର୍ବଭୌମତ୍ୱ :** ସାର୍ବଭୌମତ୍ୱ ହେଉଛି ରାଷ୍ଟ୍ରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ଏହା ରାଷ୍ଟ୍ରର ଜୀବନ ଶକ୍ତି । ଏହା ବଳରେ ରାଷ୍ଟ୍ର ଅନ୍ୟ ସମସ୍ତ ସଂଘ ଠାରୁ ଅଲଗା ଜଣାପଡ଼େ । ସାର୍ବଭୌମତ୍ୱ ରାଷ୍ଟ୍ରର ସବୁଠାରୁ ବଡ଼ କ୍ଷମତା, ଯାହା ଉପରେ ଆଉ କୌଣସି କ୍ଷମତା ନାହିଁ । ସାର୍ବଭୌମତ୍ୱ କ୍ଷମତା ପ୍ରୟୋଗ କରି ରାଷ୍ଟ୍ର ନିଜ ଦେଶର ନାଗରିକ, ଗୋଷ୍ଠୀ, ଅନୁଷ୍ଠାନ ଇତ୍ୟାଦିକୁ ନିୟନ୍ତ୍ରଣ କରିବା ସଂଗେ ସଂଗେ ସ୍ୱାଧୀନ ଭାବରେ ବୈଦେଶିକ ନୀତି ନିର୍ଦ୍ଧାରଣ କରେ ।

**ତୁମେ ଜାଣିଛ କି ?**

- ସାର୍ବଭୌମତ୍ୱ (Sovereignty) ଲାଟିନ୍ ଶବ୍ଦ ସୁପର୍‌ଆନସ୍‌ରୁ ଆସିଅଛି । ଯାହାର ଅର୍ଥ ହେଉଛି ସର୍ବୋଚ୍ଚ କ୍ଷମତା ।
- ସାର୍ବଭୌମତ୍ୱକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି । ଯଥା-ଆଭ୍ୟନ୍ତରୀଣ ସାର୍ବଭୌମତ୍ୱ ଓ ବହିଃ ସାର୍ବଭୌମତ୍ୱ ।
- ଆଭ୍ୟନ୍ତରୀଣ ସାର୍ବଭୌମତ୍ୱ ବଳରେ ରାଷ୍ଟ୍ର ବ୍ୟକ୍ତି, ନାଗରିକ, ଗୋଷ୍ଠୀ ଓ ଅନୁଷ୍ଠାନ ଉପରେ ନିୟନ୍ତ୍ରଣ ଜାରି କରେ ।
- ବହିଃ ସାର୍ବଭୌମତ୍ୱ ବଳରେ ରାଷ୍ଟ୍ର ନିଜର ବୈଦେଶିକ ନୀତି ଓ ସମ୍ପର୍କ ନିର୍ଦ୍ଧାରଣ କରେ ।

## ରାଷ୍ଟ୍ରର ଉତ୍ପତ୍ତି ଓ ବିକାଶ

ରାଷ୍ଟ୍ର କେବେ ଓ କିପରି ଉତ୍ପତ୍ତି ହେଲା ସେ ବିଷୟରେ କିଛି ନିର୍ଦ୍ଦିଷ୍ଟ ଐତିହାସିକ ପ୍ରମାଣ ନାହିଁ । ଏହାର ଉତ୍ପତ୍ତି ସମ୍ବନ୍ଧରେ ଯାହା କୁହାଯାଇଛି ସେଗୁଡ଼ିକ ମୁଖ୍ୟତଃ ଅନୁମାନ ଓ କଳ୍ପନା ଉପରେ ଆଧାରିତ । ଏହି ବିଷୟରେ ନିମ୍ନରେ ଆଲୋଚନା କରାଯାଇଛି । ରାଷ୍ଟ୍ରର ଉତ୍ପତ୍ତି ସମ୍ବନ୍ଧରେ ଏକ ପ୍ରାଚୀନ ମତ ରହିଛି । ଏହା ଅନୁସାରେ ରାଷ୍ଟ୍ର ଈଶ୍ୱରଙ୍କ ଦ୍ୱାରା ସୃଷ୍ଟି ହୋଇଛି । ଏହାକୁ ଶାସନ କରିବା ପାଇଁ ଈଶ୍ୱର ରାଜାଙ୍କୁ ପଠାଇଛନ୍ତି । ରାଜା ହେଉଛନ୍ତି ଈଶ୍ୱରଙ୍କ ପ୍ରତିନିଧି । ଏହି ମତ ଅନୁସାରେ ଅନେକ ରାଜା ଅତୀତରେ ସ୍ୱେଚ୍ଛାଚାରୀ ହୋଇ ପ୍ରଜାମାନଙ୍କୁ ବହୁ ଅତ୍ୟାଚାର କରିଥିଲେ ।

- ଖ୍ରୀଷ୍ଟ ଧର୍ମର ପୁରାତନ ଟେଷ୍ଟାମେଣ୍ଟ ଓ ହିନ୍ଦୁ ଧର୍ମର ମନୁସ୍ମୃତି ଓ ମହାଭାରତରେ ଭଗବାନଙ୍କ ଦ୍ୱାରା ରାଷ୍ଟ୍ର ସୃଷ୍ଟି ହୋଇଛି ବୋଲି କୁହାଯାଇଛି ।
- ଭଗବାନଙ୍କ ଦ୍ୱାରା ରାଷ୍ଟ୍ର ସୃଷ୍ଟି ହୋଇଛି । ଏହି ମତକୁ ଐଶ୍ୱରିକ ସୃଷ୍ଟି ତତ୍ତ୍ୱ କୁହାଯାଏ ।

**ରାଜା ସ୍ୱେଚ୍ଛାଚାରୀ ହେଲେ ଲୋକମାନଙ୍କର କି କି ଅସୁବିଧା ହେବ ତା'ର ଏକ ତାଲିକା କର ।**

ଅନ୍ୟ ଏକ ମତ ଅନୁସାରେ ଶକ୍ତି ବା ଯୁଦ୍ଧ ଦ୍ୱାରା ରାଷ୍ଟ୍ରର ଉତ୍ପତ୍ତି ହୋଇଛି ବୋଲି କୁହାଯାଏ । ଅତୀତରେ କେତେକ ଦଳର ନେତା ବଳ ପ୍ରୟୋଗ କରି ଅନ୍ୟମାନଙ୍କୁ ଅକ୍ତିଆର କରୁଥିଲେ । ଆହୁରି ମଧ୍ୟ କେତେକ ଶକ୍ତିଶାଳୀ ରାଷ୍ଟ୍ର ଦୁର୍ବଳ ରାଷ୍ଟ୍ରମାନଙ୍କୁ ଯୁଦ୍ଧରେ ପରାସ୍ତ କରି ସେମାନଙ୍କ ରାଜ୍ୟକୁ ନିଜ ରାଜ୍ୟରେ ମିଶାଇ ନିଜ ରାଜ୍ୟର ପରିସୀମା

**ତୁମେ ଜାଣିଛ କି ?**

- ଯୁଦ୍ଧ ବା ଶକ୍ତି ଦ୍ୱାରା ରାଷ୍ଟ୍ର ସୃଷ୍ଟି ମତବାଦକୁ ଶକ୍ତି ତତ୍ତ୍ୱ କୁହାଯାଏ ।
- ଏହି ପ୍ରକାର ପ୍ରଥା ପ୍ରାଚୀନ କାଳରେ ପ୍ରଚଳିତ ଥିଲା ।

ବଢ଼ାଉଥିଲେ । "ଜୋର୍ ଯାହାର ମୂଲକ ତାହାର" ନୀତିରେ ସମାଜ ପରିଚାଳିତ ହେଉଥିଲା । ଏଣୁ ଯୁଦ୍ଧ ବା ଶକ୍ତିରୁ ରାଷ୍ଟ୍ରର ଉତ୍ପତ୍ତି ହୋଇଛି ବୋଲି ଅନୁମାନ କରାଯାଏ ।

ପିତା ବା ମାତାଙ୍କ କର୍ତ୍ତୃତ୍ୱରୁ ରାଷ୍ଟ୍ର ସୃଷ୍ଟି ହୋଇଛି ବୋଲି ଆଉ କେତେକ ମତ ଦିଅନ୍ତି । ଏହି ମତ ଅନୁସାରେ ଅତି ପ୍ରାଚୀନ କାଳରେ ବିଭିନ୍ନ ସ୍ଥାନରେ ପିତୃକୈନ୍ଦ୍ରିକ ଓ ମାତୃକୈନ୍ଦ୍ରିକ ପରିବାର ଥିବାର ପ୍ରମାଣ ମିଳିଛି । ପିତା ବା ମାତା ପରିବାରର ମୁଖ୍ୟ ଥିଲେ । ପରିବାରର ମୁଖ୍ୟ ହିସାବରେ ଅନ୍ୟମାନେ ସେମାନଙ୍କୁ ମାନୁଥିଲେ । ପରିବାରରୁ ବଂଶ ଓ ବଂଶରୁ ଗୋଷ୍ଠୀ ସୃଷ୍ଟି ହୋଇଥିଲା । ଏହି ଗୋଷ୍ଠୀରୁ ରାଷ୍ଟ୍ରର ଉତ୍ପତ୍ତି ହୋଇଛି । ରାଷ୍ଟ୍ର ପିତା ବା ମାତାଙ୍କ କର୍ତ୍ତୃତ୍ୱର ରୂପାନ୍ତର ବୋଲି କୁହାଯାଏ ।

- ପିତା ବା ମାତାଙ୍କ କର୍ତ୍ତୃତ୍ୱର ରୂପାନ୍ତରରେ ରାଷ୍ଟ୍ର ସୃଷ୍ଟି ହୋଇଛି । ଏହି ମତକୁ ପିତୃଶାସିତ ଓ ମାତୃଶାସିତ ସିଦ୍ଧାନ୍ତ କୁହାଯାଏ ।

**ତୁମ ପରିବାରରେ ବାପା ଓ ମାଆ କ'ଣ କ'ଣ କରନ୍ତି ଲେଖ ।**

ରାଷ୍ଟ୍ରର ସୃଷ୍ଟି ସମ୍ବନ୍ଧରେ ଆଉ କେତେକ ଅନ୍ୟ ମତ ଦିଅନ୍ତି । ସେମାନଙ୍କ ମତରେ ସାମାଜିକ ଚୁକ୍ତିରୁ ରାଷ୍ଟ୍ରର ଉତ୍ପତ୍ତି ହୋଇଛି । ସେମାନେ କୁହନ୍ତି ସୃଷ୍ଟିର ପ୍ରାକ୍‌କାଳରେ କୌଣସି ସମାଜ ବା ରାଷ୍ଟ୍ର ନଥିଲା । ସେତେବେଳେ ବାସ କରୁଥିବା ଆଦିମାନବମାନେ ସରଳ ଜୀବନଯାପନ କରୁଥିଲେ । ଏହି ଅବସ୍ଥାକୁ ମାନବର ପ୍ରାକୃତିକ ଅବସ୍ଥା କୁହାଯାଉଥିଲା । ପରେ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗିଲା । ସେମାନେ "ଜୋର୍ ଯାହାର ମୂଲକ ତାହାର" ନୀତି ଅବଲମ୍ବନ କଲେ । ଯାହାର ଫଳସ୍ୱରୂପ ସେମାନେ ଅତି ଦୁଃଖରେ ଜୀବନଯାପନ କଲେ । କାଳକ୍ରମେ ଏହି ଅବସ୍ଥା ଅତ୍ୟନ୍ତ ଅସହ୍ୟ ହୋଇ ପଡ଼ିବାରୁ ନିଜର ଧନ ଜୀବନ ସୁରକ୍ଷା ଓ ଶାନ୍ତିରେ ରହିବା ପାଇଁ ସାମାଜିକ ଚୁକ୍ତି ସାହାଯ୍ୟରେ ରାଷ୍ଟ୍ର ସୃଷ୍ଟି କଲେ ।

**ତୁମେ ଜାଣିଛ କି ?**

- ମନୁଷ୍ୟ ଚୁକ୍ତି କରି ରାଷ୍ଟ୍ର ସୃଷ୍ଟି କରିଅଛି । ଏହି ମତକୁ ସାମାଜିକ ଚୁକ୍ତି ମତବାଦ କୁହାଯାଏ ।
- ଇଂରେଜ ଦାର୍ଶନିକ ହବସ, ଲକ୍ ଓ ଫରାସୀ ଦାର୍ଶନିକ ରୁଷୋ, ସାମାଜିକ ଚୁକ୍ତି ମତବାଦର ସମର୍ଥକ ଅଟନ୍ତି ।

ଆଉ କେତେକ ରାଷ୍ଟ୍ରର ଉତ୍ପତ୍ତି ସମ୍ବନ୍ଧରେ ଭିନ୍ନ ମତ ଦିଅନ୍ତି । ସେମାନଙ୍କ ମତ ହେଲା ରାଷ୍ଟ୍ର ବିଭିନ୍ନ ପର୍ଯ୍ୟାୟରେ କ୍ରମ ବିବର୍ତ୍ତନ ହୋଇ ଜନ୍ମଲାଭ କରିଛି । ସେଗୁଡ଼ିକ ନିମ୍ନରେ ଆଲୋଚନା କରାଯାଇଛି ।

## ରକ୍ତଗତ ସମ୍ପର୍କ :

ରାଷ୍ଟ୍ରର କ୍ରମ ବିକାଶରେ ପରିବାରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ରକ୍ତଗତ ସମ୍ପର୍କରୁ ପରିବାର ବୃଦ୍ଧି ଏବଂ କାଳ କ୍ରମେ ବଂଶ ଓ ଗୋଷ୍ଠୀର ଉତ୍ପତ୍ତି ହୋଇଛି । ସେହି ଗୋଷ୍ଠୀ ଶେଷରେ ରାଷ୍ଟ୍ରରେ ପରିଣତ ହୋଇଥିଲା ।



**ଧର୍ମ :** ଅତି ପ୍ରାଚୀନ କାଳରୁ ଧର୍ମ ସାହାଯ୍ୟରେ ଐକ୍ୟଭାବ ସୃଷ୍ଟି କରି ଲୋକମାନେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରହିଥିଲେ । ତେଣୁ ଧାର୍ମିକ ଏକତା ଯୋଗୁ ରାଷ୍ଟ୍ର ସୃଷ୍ଟି ହୋଇଥିଲା ।

**ଶକ୍ତି :** ଅତୀତରେ ଶକ୍ତି ପ୍ରୟୋଗ କରି କେତେଗୁଡ଼ିଏ ରାଷ୍ଟ୍ର ନିର୍ମାଣ କରାଯାଇଥିଲା । ରାଜାମାନେ ଯୁଦ୍ଧ ସାହାଯ୍ୟରେ ସୀମା ବୃଦ୍ଧି କରି ସାମ୍ରାଜ୍ୟ ପ୍ରତିଷ୍ଠା କରୁଥିଲେ । ଶକ୍ତି ରାଷ୍ଟ୍ରର ସ୍ଥିତିକୁ ନିୟନ୍ତ୍ରଣ କରୁଥିଲା ।

### ବ୍ୟକ୍ତିଗତ ସମ୍ପତ୍ତି :

ଯାଯାବର ଜୀବନ ପରିତ୍ୟାଗ କରି ମଣିଷ ଏକ ସମୟରେ ବ୍ୟକ୍ତିଗତ ସମ୍ପତ୍ତିର ମାଲିକ ହେଲା । ତା'ସହିତ ଜନସଂଖ୍ୟାର ବୃଦ୍ଧି ଘଟିଲା । ଏହି ବ୍ୟକ୍ତିଗତ ସମ୍ପତ୍ତିର ସୁରକ୍ଷା ପାଇଁ ରାଷ୍ଟ୍ରର ଆବଶ୍ୟକତା ମନୁଷ୍ୟ ଉପଲବ୍ଧି କଲା । ତେଣୁ ରାଷ୍ଟ୍ରର କ୍ରମ ବିକାଶ ପାଇଁ ବ୍ୟକ୍ତିଗତ ସମ୍ପତ୍ତି ଏକ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ।

### ରାଜନୈତିକ ଚେତନା :

ରାଷ୍ଟ୍ର ଗଠନ ପାଇଁ ରାଜନୈତିକ ଚେତନା ବା ଇଚ୍ଛାଶକ୍ତିକୁ ଏକ ପ୍ରମୁଖ ଉପାଦାନ ଭାବରେ ଗ୍ରହଣ କରାଯାଇଛି । ଏହି ଚେତନା ବା ଇଚ୍ଛାଶକ୍ତି ଦ୍ୱାରା ରାଷ୍ଟ୍ର ସୃଷ୍ଟି ହୋଇଛି । ସମୟର ଅଗ୍ରଗତି ସହିତ ମନୁଷ୍ୟର ରାଜନୈତିକ ଚେତନାର ଅଗ୍ରଗତି ଘଟିଲା । ଏହି ଚେତନା ମାଧ୍ୟମରେ ସେ ନିଜର ମୌଳିକ ଅଧିକାର ଓ ସମାଜରେ ସଂଗଠିତ ଜୀବନର ମୂଲ୍ୟ ବୁଝି ପାରିଲା । ରାଷ୍ଟ୍ର ଦ୍ୱାରା ମନୁଷ୍ୟର ସର୍ବାଙ୍ଗୀନ ଉନ୍ନତି ହୋଇ ପାରିଲା ।

ତେଣୁ ବିଭିନ୍ନ ପର୍ଯ୍ୟାୟରେ ରାଷ୍ଟ୍ରର କ୍ରମ ବିକାଶ ଘଟି ବର୍ତ୍ତମାନ ସମୟର ଗଣତାନ୍ତ୍ରିକ ପ୍ରଥା ମାଧ୍ୟମରେ ଅନେକ ରାଷ୍ଟ୍ର ପରିଚାଳିତ ହେଉଛି ।

### ରାଷ୍ଟ୍ରର କାର୍ଯ୍ୟ :

ବର୍ତ୍ତମାନ ପୃଥିବୀର ଅଧିକାଂଶ ରାଷ୍ଟ୍ର ନିଜକୁ ଜନକଲ୍ୟାଣ ବା ଜନମଙ୍ଗଳ ରାଷ୍ଟ୍ର ବୋଲି ବିବେଚନା କରନ୍ତି । ସେଥିପାଇଁ ସେମାନେ ଜନସାଧାରଣଙ୍କ ପାଇଁ ଅନେକଗୁଡ଼ିଏ ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ ଲକ୍ଷ୍ୟ ରଖିଥାଆନ୍ତି । ଗୋଟିଏ ଜନକଲ୍ୟାଣ ରାଷ୍ଟ୍ରର କାର୍ଯ୍ୟକୁ ଦୁଇ ଭାଗରେ ବିଭକ୍ତ କରାଯାଏ । ଯଥା - (୧) ବାଧ୍ୟତାମୂଳକ କାର୍ଯ୍ୟ, (୨) ଇଚ୍ଛାଧୀନ କାର୍ଯ୍ୟ ।

### ବାଧ୍ୟତାମୂଳକ କାର୍ଯ୍ୟ

- ଦେଶ ମଧ୍ୟରେ ଶାନ୍ତିଶୃଙ୍ଖଳା ରକ୍ଷା କରି ଜନସାଧାରଣଙ୍କ ଧନ ଓ ଜୀବନକୁ ସୁରକ୍ଷା ଦେବା ।
- ଦେଶକୁ ବହିଃଶତ୍ରୁ ଆକ୍ରମଣରୁ ରକ୍ଷା କରିବା ।
- ଉତ୍ତମ ବୈଦେଶିକ ନୀତି ପ୍ରଣୟନ କରି ଅନ୍ୟ ଦେଶମାନଙ୍କ ସହ ସୁସଂପର୍କ ସ୍ଥାପନ କରିବା ।

**ତୁମେ ଜାଣିଛ କି ?**

ରାଷ୍ଟ୍ରର ସ୍ଥିତି, ବ୍ୟକ୍ତିର ସୁରକ୍ଷା ଓ ଦେଶର ସ୍ୱାଧୀନତା ରକ୍ଷା ପାଇଁ ଯେଉଁ କାର୍ଯ୍ୟ କରାଯାଏ, ତାକୁ ରାଷ୍ଟ୍ରର ବାଧ୍ୟତାମୂଳକ କାର୍ଯ୍ୟ କୁହାଯାଏ ।

- ଲୋକମାନଙ୍କୁ ଉପଯୁକ୍ତ ନ୍ୟାୟ ଦେବା ପାଇଁ ଆଇନ୍ ଅଦାଲତର ବ୍ୟବସ୍ଥା କରିବା ।




ଉଚ୍ଚତମ ନ୍ୟାୟାଳୟ

**ଇଚ୍ଛାଧୀନ କାର୍ଯ୍ୟ :**

- ଶିଳ୍ପ ସଂସ୍ଥାମାନଙ୍କୁ ନିୟନ୍ତ୍ରଣ କରିବା ।
- କୃଷିର ଆଧୁନିକୀକରଣ, ଜଳସେଚନ ଓ ସମବାୟ ସଂସ୍ଥାର ଉନ୍ନତି କରିବା ।
- ଅତ୍ୟାବଶ୍ୟକ ଜିନିଷର ଉଚିତ୍ ଦରରେ ଯୋଗାଣ ଓ ବିକ୍ରି ।
- ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ଓ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେବା ।
- ଗମନାଗମନ ଓ ଯୋଗାଯୋଗ ବ୍ୟବସ୍ଥାର ଉପଯୁକ୍ତ ପରିଚାଳନା କରିବା ।
- ଅର୍ଥନୈତିକ ଯୋଜନା ଦ୍ୱାରା ମାନବ ସମ୍ବଳର ଉପଯୁକ୍ତ ବିନିଯୋଗ କରିବା ।
- ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ପାଇଁ ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥା କରିବା ।
- ବୃଦ୍ଧ / ବୃଦ୍ଧା, ପିତୃମାତୃହୀନ ଓ ଭିନ୍ନକ୍ଷମମାନଙ୍କ ପାଇଁ ସାମାଜିକ
- ସୁରକ୍ଷା ପ୍ରଦାନ କରିବା ।

  ବ୍ୟକ୍ତିର ଅଧିକାର ଇତ୍ୟାଦିର ସୁରକ୍ଷା କରିବା ।

ଯେଉଁ କାର୍ଯ୍ୟଗୁଡ଼ିକ ଜନସାଧାରଣଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ତାକୁ ରାଷ୍ଟ୍ରର ଇଚ୍ଛାଧୀନ କାର୍ଯ୍ୟ କୁହାଯାଏ ।




ଡାକ୍ତରଖାନା

**ତୁମ ଅଞ୍ଚଳରେ ସରକାରଙ୍କ ତରଫରୁ ଲୋକମାନଙ୍କର ଉନ୍ନତି ପାଇଁ କି କି କାର୍ଯ୍ୟ କରାହେଉଛି ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।**

ଲୋକମାନଙ୍କର ଉନ୍ନତି ପାଇଁ ରାଷ୍ଟ୍ର ଅନେକଗୁଡ଼ିଏ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥାଏ । ଏହି କାର୍ଯ୍ୟକ୍ରମଗୁଡ଼ିକ ବିଭିନ୍ନ ସମୟରେ ଲୋକମାନଙ୍କର ଆବଶ୍ୟକତାକୁ ଚାହିଁ ଅଲଗା ଅଲଗା ହୋଇଥାଏ । ବର୍ତ୍ତମାନ ବିଭିନ୍ନ ରାଷ୍ଟ୍ର ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୈତିକ ଓ ସାମାଜିକ ସୁରକ୍ଷା ଭଳି ଅନେକ ଯୋଜନା ଉପରେ ଗୁରୁତ୍ୱ ଦେଉଛନ୍ତି । ଏହିସବୁ କାର୍ଯ୍ୟକ୍ରମଗୁଡ଼ିକ ସଫଳଭାବେ କାର୍ଯ୍ୟକାରୀ ହୋଇ ଜନସାଧାରଣଙ୍କର ବହୁବିଧ ଉନ୍ନତି ହେଉଛି ।

## ଆମେ କ'ଣ ଶିଖିଲେ ?

- ରାଷ୍ଟ୍ର ରାଜନୀତି ବିଜ୍ଞାନର ମୁଖ୍ୟ ବିଷୟବସ୍ତୁ ଓ କେନ୍ଦ୍ର ବିନ୍ଦୁ ।
- ରାଷ୍ଟ୍ର ଦ୍ୱାରା ପ୍ରତ୍ୟେକ ବ୍ୟକ୍ତିର ଉପଯୁକ୍ତ ବିକାଶ ହୋଇଥାଏ ।
- ଜନସଂଖ୍ୟା, ଆୟତନ, ସରକାର ଓ ସାର୍ବଭୌମତ୍ୱ : ଏହି ଚାରୋଟି ଉପାଦାନରେ ରାଷ୍ଟ୍ର ଗଢ଼ା ।
- ରାଷ୍ଟ୍ର ଈଶ୍ୱର, ଶକ୍ତି, ସାମାଜିକ ଚୁକ୍ତି, ପିତାମାତାଙ୍କ କର୍ତ୍ତୃତ୍ୱ ଓ କ୍ରମ ବିବର୍ତ୍ତନ ଦ୍ୱାରା ସୃଷ୍ଟି ହୋଇଛି ବୋଲି କୁହାଯାଏ ।
- ରାଷ୍ଟ୍ରର କାର୍ଯ୍ୟକୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରାଯାଇଛି । ଯଥା : (୧) ବାଧ୍ୟତାମୂଳକ ଓ (୨) ଇଚ୍ଛାଧୀନ ।

## ଅଭ୍ୟାସ

୧. **ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ୫୦ଟି ଶବ୍ଦରେ ଉତ୍ତର ଦିଅ ।**

କ) ରାଷ୍ଟ୍ରକୁ ରାଜନୀତି ବିଜ୍ଞାନର ମୁଖ୍ୟ ବିଷୟବସ୍ତୁ କୁହାଯାଏ କାହିଁକି ?

ଖ) ରାଷ୍ଟ୍ରକୁ ଏକ ଅତ୍ୟାବଶ୍ୟକ ଅନୁଷ୍ଠାନ କହିବାର କାରଣ କଣ ?

ଗ) ରାଷ୍ଟ୍ର କେଉଁ କେଉଁ ଉପାଦାନକୁ ନେଇ ଗଠିତ ?

ଘ) ସାର୍ବଭୌମତ୍ୱ କହିଲେ କଣ ବୁଝ ? ଏହାକୁ ରାଷ୍ଟ୍ର କେଉଁ କେଉଁ କ୍ଷେତ୍ରରେ ପ୍ରୟୋଗ କରେ ?

ଙ) ଶକ୍ତି ଦ୍ୱାରା ରାଷ୍ଟ୍ର କିପରି ସୃଷ୍ଟି ହୋଇଛି ?

ଚ) ସାମାଜିକ ଚୁକ୍ତି କହିଲେ କଣ ବୁଝ ? ଏହା କାହିଁକି କରାଯାଇଥିଲା ?

ଛ) ବ୍ୟକ୍ତିଗତ ସମ୍ପତ୍ତି ରାଷ୍ଟ୍ର ଗଠନ ପାଇଁ କିପରି ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ?

ଜ) ରାଷ୍ଟ୍ରର କାର୍ଯ୍ୟକୁ କେତେ ଭାଗରେ ବିଭକ୍ତ କରାଯାଇଛି ଏବଂ ସେଗୁଡ଼ିକ କଣ କଣ ?

୨. **ରେଖାଙ୍କିତ ପଦକୁ ନ ବଦଳାଇ ବାକ୍ୟଟି ଭୁଲ ଥିଲେ ଠିକ୍ କରି ଲେଖ ।**

କ) ରାଷ୍ଟ୍ର ହେଉଛି ଏକ ବୃତ୍ତିଭିତ୍ତିକ ସଂଘ ।

ଖ) ମୋନାକୋ ଗୋଟିଏ ଜନବହୁଳ ଦେଶ ।

ଗ) ସରକାର ଏକ ଧାର୍ମିକ ସଂଗଠନ ।

ଘ) ଗୋଷ୍ଠୀରୁ ପରିବାର ସୃଷ୍ଟି ହୋଇଛି ।

ଙ) ଶିକ୍ଷ ସଂସ୍ଥାମାନଙ୍କୁ ନିୟନ୍ତ୍ରଣ କରିବା ହେଉଛି ରାଷ୍ଟ୍ରର ବାଧ୍ୟତାମୂଳକ କାର୍ଯ୍ୟ ।

୩. **ରେଖାଙ୍କିତ ପଦ/ ପଦଗୁଡ଼ିକ ବଦଳାଇ ଭ୍ରମ ଥିଲେ ବାକ୍ୟଟିକୁ ସଂଶୋଧନ କର ।**

କ) ରାଷ୍ଟ୍ର ଗୋଟିଏ ଅସ୍ଥାୟୀ ଅନୁଷ୍ଠାନ ।

ଖ) ସରକାର ବିଭିନ୍ନ ପ୍ରଥା ଦ୍ୱାରା ପରିଚାଳିତ ହୋଇଥାଏ ।

ଗ) ରାଷ୍ଟ୍ରର ଉତ୍ପତ୍ତି ସମ୍ବନ୍ଧରେ ଯାହା କୁହାଯାଇଛି ସେଗୁଡ଼ିକ ବୈଜ୍ଞାନିକ ତଥ୍ୟ ଉପରେ ଆଧାରିତ ।

ଘ) ଆଦିମାନବ ସରଳ ଜୀବନଯାପନ କରୁଥିବା ସମୟକୁ ମାନବର କୃତ୍ରିମ ଅବସ୍ଥା କୁହାଯାଏ ।

ଙ) ଧର୍ମ ଦ୍ୱାରା ବିଭିନ୍ନତା ଭାବ ସୃଷ୍ଟି ହୁଏ ।

ଚ) ଦେଶ ମଧ୍ୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ହେଉଛି ଏକ ଇଚ୍ଛାଧୀନ କାର୍ଯ୍ୟ ।



## ତୁମପାଇଁ କାମ :



- ତୁମ ଅଞ୍ଚଳରେ ସରକାରଙ୍କ ତରଫରୁ ଗରିବ ଅସହାୟ ଲୋକମାନଙ୍କ ଉନ୍ନତି ପାଇଁ କି କି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ତାହା ଉପରେ ଏକ ବିବରଣୀ ପ୍ରସ୍ତୁତ କର ।
- ବିଭିନ୍ନ ରାଷ୍ଟ୍ରାୟତ୍ତ ସଂସ୍ଥାର ଚିତ୍ର ସଂଗ୍ରହ କରି ଆଲବମ୍‌ଟିଏ ପ୍ରସ୍ତୁତ କର ।

# ସରକାର

D6UHX6



ବିଶ୍ୱଜିତ୍ ଓ ମୋନିକା, ଭାଇ, ଭଉଣୀ । ମୋନିକା ବଡ଼, ବିଶ୍ୱଜିତ୍ ସାନ। ଦିନେ ସକାଳେ ମାଆ ତାଙ୍କୁ କହିଲେ ଆଜି ବାପା ଘରେ ନାହାଁନ୍ତି । ତୁମେ ଦୁଇ ଜଣ ବଜାରକୁ ଯାଇ ମାଛ ଆଣିବ । ଭାଇ ଓ ଭଉଣୀ ବଜାରକୁ ଗଲେ । ବାଟରେ ଯାଉ ଯାଉ ବିଶ୍ୱଜିତ୍ ସୁନ୍ଦର ରାସ୍ତା ଦେଖି ଏଣେତେଣେ ଅନାଇଲା ଓ ମୋନିକାକୁ କହିଲା, ଭଉଣୀ, ଆମ ଗାଁରେ ତ ଏପରି ସୁନ୍ଦର ରାସ୍ତା ନାହିଁ । ଏତେ ବଢ଼ିଆ ରାସ୍ତା କିଏ କରିଛନ୍ତି ? ମୋନିକା କହିଲା – "ସରକାର" ! ଏହା ଶୁଣି ବିଶ୍ୱଜିତ୍ ମନରେ ପ୍ରଶ୍ନ ଉଠିଲା – "ସରକାର" । ଏ ସରକାର କିଏ ? ସେ କେଉଁଠି ଥାଆନ୍ତି ଓ କ'ଣ ସବୁ କରନ୍ତି ?

## ସରକାର କ'ଣ ?

ସରକାର ରାଷ୍ଟ୍ରର ଏକ ଅପରିହାର୍ଯ୍ୟ ଅଙ୍ଗ। ଏହା ସାହାଯ୍ୟରେ ରାଷ୍ଟ୍ରର ଶାସନ କାର୍ଯ୍ୟ କରାଯାଇଥାଏ । ସରକାର ରାଷ୍ଟ୍ରର ଉନ୍ନତି ପାଇଁ ବିଭିନ୍ନ ଯୋଜନା, ଯଥା: ଗମନାଗମନ ପାଇଁ ରାସ୍ତା ତିଆରି, ରାସ୍ତା ମରାମତି, ସହର ଓ ଗ୍ରାମକୁ ବିଦ୍ୟୁତ୍ ଶକ୍ତି ଯୋଗାଣ, ଲୋକମାନଙ୍କୁ ଚାଷ ଓ ବ୍ୟବସାୟ ପାଇଁ ଋଣ ପ୍ରଦାନ, ବିଦ୍ୟାଳୟ ପାଇଁ ଗୃହ ନିର୍ମାଣ ଇତ୍ୟାଦି ଅନେକ କାର୍ଯ୍ୟ କରିଥାଆନ୍ତି । ଏହି ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହେବା ଫଳରେ ଜନସାଧାରଣଙ୍କର ବହୁବିଧ ଉନ୍ନତି ହୋଇଥାଏ ।

ଆହୁରି ମଧ୍ୟ ସରକାର ଦେଶର ସୀମାକୁ ସୁରକ୍ଷିତ କରି ବାହ୍ୟ ଆକ୍ରମଣରୁ ରକ୍ଷା କରନ୍ତି ଓ ଅନ୍ୟ ଦେଶମାନଙ୍କ ସହ ଉତ୍ତମ ସଂପର୍କ ରକ୍ଷା କରି ଆପଣା ଦେଶର ଉନ୍ନତି କରିଥାଆନ୍ତି । ଏହାଛଡ଼ା ସରକାର ଲୋକମାନଙ୍କ ପାଇଁ ଉପଯୁକ୍ତ ପରିମାଣର ଖାଦ୍ୟ ଯୋଗାଣ ବ୍ୟବସ୍ଥା କରିବା ସହ ଉତ୍ତମ ସ୍ୱାସ୍ଥ୍ୟରକ୍ଷା ପାଇଁ ଡାକ୍ତରଖାନା ଖୋଲିଥାଆନ୍ତି । ସରକାର ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ

### ତୁମେ ଜାଣିଛ କି ?

ସରକାରଙ୍କ ଅନ୍ୟାନ୍ୟ କାର୍ଯ୍ୟକ୍ରମଗୁଡ଼ିକ ହେଉଛି-

- ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନଙ୍କ ପାଇଁ ବାସଗୃହ ବ୍ୟବସ୍ଥା ।
- ସମସ୍ତଙ୍କୁ କର୍ମ ଯୋଗାଣ ।
- ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମସ୍ତଙ୍କୁ ସୁରକ୍ଷା ପ୍ରଦାନ।
- ଦରଦାମ୍ ନିୟନ୍ତ୍ରଣ ।

ତୁମେ ଜାଣିଥିବା ସରକାରଙ୍କ ଅନ୍ୟାନ୍ୟ କାର୍ଯ୍ୟକ୍ରମର ତାଲିକା କର ।

-
-

ଯଥା – ଭୂମିକମ୍ପ, ବାତ୍ୟା, ବଢ଼ି ଓ ମରୁଡ଼ି ଇତ୍ୟାଦି ସମୟରେ ଲୋକମାନଙ୍କୁ ସହାୟତା ପ୍ରଦାନ କରି ସେମାନଙ୍କ ଧନଜୀବନ ରକ୍ଷା କରନ୍ତି । ଏହା ସହ କୋର୍ଟ କଚେରୀ ମାଧ୍ୟମରେ ଲୋକମାନଙ୍କର ବିଭିନ୍ନ ବିବାଦର ସମାଧାନ କରି ସରକାର ସେମାନଙ୍କୁ ସୁଖ ଶାନ୍ତିରେ ରହିବା ପାଇଁ ବ୍ୟବସ୍ଥା କରିଥାଆନ୍ତି ।

- ନଦୀବଢ଼ି, ମରୁଡ଼ି ସମୟରେ ଓଡ଼ିଶାର ବିଭିନ୍ନ ଜିଲ୍ଲାମାନଙ୍କରେ ଲୋକମାନଙ୍କର ବହୁତ କ୍ଷତି ହୋଇଥାଏ । ଏହି ବିପତ୍ତି ସମୟରେ ସରକାର ଜନସାଧାରଣଙ୍କ ପାଇଁ ବିଭିନ୍ନ ସାହାଯ୍ୟର ବ୍ୟବସ୍ଥା କରନ୍ତି । ସରକାରୀ ସହାୟତା ଯୋଗୁଁ ଲୋକମାନେ ବଞ୍ଚିବା ପାଇଁ ସାହସ ପାଆନ୍ତି ଓ ବିପଦର ସଫଳ ମୁକାବିଲା କରିଥାନ୍ତି । ସରକାର ନ ଥିଲେ ଲୋକମାନେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତେ ।

**ତୁମ ଅଂଚଳରେ ସରକାରଙ୍କ ତରଫରୁ କେଉଁ କେଉଁ ଜନହିତକର କାର୍ଯ୍ୟ କରାଯାଇଛି ତାହାର ଏକ ତାଲିକା କର ।**

ସରକାର ଜନସାଧାରଣଙ୍କର ମଙ୍ଗଳ ପାଇଁ ଆଇନ ପ୍ରଣୟନ କରିଥାଆନ୍ତି । ଯେପରି ସର୍ବସାଧାରଣ ସ୍ଥାନରେ ଧୂମପାନ ନ କରିବା, ଗାଡ଼ି ଚଳାଇଲା ବେଳେ ପାଖରେ ଲାଇସେନ୍ସ ରଖିବା ଓ ହେଲମେଟ୍ ପିନ୍ଧିବା ଇତ୍ୟାଦିର ଆଇନ । ଏହି କାର୍ଯ୍ୟଗୁଡ଼ିକୁ ଜନସାଧାରଣ ପାଳନ ନ କଲେ ଦଣ୍ଡ ଦେବାର ବ୍ୟବସ୍ଥା କରି ଆଇନକୁ କାର୍ଯ୍ୟକାରୀ କରନ୍ତି । ଦେଶରେ ସରକାର ନଥିଲେ ଶାନ୍ତି ଶୃଙ୍ଖଳା ବ୍ୟାହତ ହୋଇ ଅରାଜକତା ଦେଖାଦିଏ । ଯାହାର ଫଳସ୍ୱରୂପ ଦେଶର ପ୍ରଗତି ଠିକ୍ ଭାବେ ହୋଇପାରେ ନାହିଁ ।

**ସରକାରଙ୍କ ଦ୍ୱାରା ଆଉ କେଉଁ କେଉଁ ନୀତି ନିୟମ ପ୍ରଣୟନ କରାଯାଇ କାର୍ଯ୍ୟକାରୀ କରାଯାଉଛି ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।**

ସରକାର ବିଭିନ୍ନ କାର୍ଯ୍ୟର ସୁପରିଚାଳନା ପାଇଁ ଅନେକ ଗୁଡ଼ିଏ ଅନୁଷ୍ଠାନ, ଯଥା – ପୋଷ୍ଟ ଅଫିସ, ବିଦ୍ୟାଳୟ, ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ, ହାଇକୋର୍ଟ ଇତ୍ୟାଦି ଗଠନ କରିଥାଆନ୍ତି । ଏହା ମାଧ୍ୟମରେ ବିଭିନ୍ନ ସରକାରୀ କାର୍ଯ୍ୟ ସଫଳଭାବେ ସରକାର କାର୍ଯ୍ୟକାରୀ କରି ଜନସାଧାରଣଙ୍କର ଅଶେଷ ଉନ୍ନତି କରିଥାଆନ୍ତି ।



ଉଚ୍ଚ ନ୍ୟାୟାଳୟ



ସଚିବାଳୟ

ଆଗରୁ ଆଲୋଚନା କରାଯାଇଥିବା ବିଭିନ୍ନ କାର୍ଯ୍ୟ ସରକାରଙ୍କ ଦ୍ୱାରା କରାଯାଉଥିବାରୁ ରାଷ୍ଟ୍ରଗଠନ ପାଇଁ ସରକାରର ଆବଶ୍ୟକତା କେତେ ଅଧିକ ତାହା ସହଜରେ ଜଣାପଡ଼େ । ସରକାର ରାଷ୍ଟ୍ରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ପୃଥିବୀର ବିଭିନ୍ନ ଦେଶରେ ରାଜନୈତିକ ଓ ଅର୍ଥନୈତିକ ଆଧାରରେ

ସରକାର ଗଠିତ ହୋଇଥାଏ । ଏହି ସରକାର ବିଭିନ୍ନ ପ୍ରକାରର ହୋଇଥାଆନ୍ତି। ଯେପରି - ସଂସଦୀୟ, ରାଷ୍ଟ୍ରପତୀୟ, ଐକିକ, ରାଷ୍ଟ୍ରସଂଘୀୟ, ରାଜତନ୍ତ୍ରିକ ଓ ଗଣତାନ୍ତ୍ରିକ ସରକାର ଇତ୍ୟାଦି।

ତୁମ ଅଂଚଳରେ କି କି ସରକାରୀ ଅନୁଷ୍ଠାନ ଅଛି ସେଗୁଡ଼ିକର ନାମ ଓ ସେଠାରେ ହେଉଥିବା କାମ ଗୁଡ଼ିକ ଲେଖ ।

### ସଂସଦୀୟ ସରକାର :

କେତେକ ଦେଶରେ ରାଷ୍ଟ୍ର ଶାସନ ପାଇଁ ସଂସଦୀୟ ସରକାର ଅଛି । ଏହି ସରକାରରେ ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ଉତ୍ତମ ବୁଝାମଣା ଭିତ୍ତିରେ କାର୍ଯ୍ୟ କରିଥାନ୍ତି । ଏଥିରେ କାର୍ଯ୍ୟପାଳିକା ବ୍ୟବସ୍ଥାପିକାର ଏକ ମୁଖ୍ୟ ଅଂଶ । କାର୍ଯ୍ୟପାଳିକା ବ୍ୟବସ୍ଥାପିକା ପାଖରେ ଉତ୍ତରଦାୟୀ ରହିଥାଏ। ବ୍ୟବସ୍ଥାପିକାର ସଭ୍ୟମାନେ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ହୋଇଥାଆନ୍ତି । ଏମାନେ ବିଭିନ୍ନ କାର୍ଯ୍ୟପାଇଁ ଲୋକମାନଙ୍କ ପାଖରେ ଉତ୍ତରଦାୟୀ ରହିଥାନ୍ତି। ଭାରତ ଓ ଇଂଲଣ୍ଡରେ ଏହି ପ୍ରକାର ସରକାର ଦେଖାଯାଏ।

**ତୁମେ ଜାଣିଛ କି ?**

- ସଂସଦୀୟ ସରକାରରେ ରାଷ୍ଟ୍ରମୁଖ୍ୟ ଆଳଙ୍କାରିକ ମୁଖ୍ୟ ହିସାବରେ ରହିଥାଆନ୍ତି ।
- ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ପରିଚାଳିତ ମନ୍ତ୍ରିମଣ୍ଡଳ ଶାସନର ପ୍ରକୃତ ମୁଖ୍ୟ ଅଟନ୍ତି ।
- ପ୍ରତ୍ୟେକ ମନ୍ତ୍ରୀ ନିଜ ଓ ନିଜ ବିଭାଗର କାର୍ଯ୍ୟକଳାପ ପାଇଁ ବ୍ୟକ୍ତିଗତ ଭାବେ ଓ ସମୂହ ଭାବେ ସଂସଦ ନିକଟରେ ଉତ୍ତରଦାୟୀ ରହନ୍ତି ।

**ତୁମ ଅଂଚଳର ସାଂସଦମାନେ କି କି ଜନହିତକର କାର୍ଯ୍ୟ କରୁଛନ୍ତି ସାଙ୍ଗମାନଙ୍କ ସହ ଆଲୋଚନା କରି ତାର ଏକ ତାଲିକା କର ।**

### ରାଷ୍ଟ୍ରପତୀୟ ସରକାର :

ଏହି ଶାସନ ବ୍ୟବସ୍ଥାରେ ରାଷ୍ଟ୍ରପତି ଉଭୟ ରାଷ୍ଟ୍ର ଓ ସରକାରର ମୁଖ୍ୟ ଅଟନ୍ତି । ତାଙ୍କ ନାମରେ ଶାସନକାର୍ଯ୍ୟ ପରିଚାଳିତ ହୁଏ । ରାଷ୍ଟ୍ରପତି କାର୍ଯ୍ୟପାଳିକାର ମୁଖ୍ୟ । ସେ ଲୋକମାନଙ୍କ ଦ୍ୱାରା ପ୍ରତ୍ୟକ୍ଷଭାବେ ନିର୍ବାଚିତ ହୋଇଥାନ୍ତି । ରାଷ୍ଟ୍ରପତି ବିଭିନ୍ନ ସଚିବମାନଙ୍କୁ ନିଯୁକ୍ତ କରି ସେମାନଙ୍କ ମାଧ୍ୟମରେ ଶାସନକାର୍ଯ୍ୟ ପରିଚାଳନା କରନ୍ତି ।

**ତୁମେ ଜାଣିଛ କି ?**

- ରାଷ୍ଟ୍ରପତୀୟ ସରକାରରେ ରାଷ୍ଟ୍ରପତି ବ୍ୟବସ୍ଥାପିକାର ସଭ୍ୟ ନୁହଁନ୍ତି ।
- ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ସଚିବମାନେ ନିଜ ନିଯୁକ୍ତିଦାତାଙ୍କ ପାଖରେ ଉତ୍ତରଦାୟୀ ରହନ୍ତି ।
- ଏହି ସରକାରରେ ବ୍ୟବସ୍ଥାପିକା ରାଷ୍ଟ୍ରପତିଙ୍କ ସଚିବମାନଙ୍କୁ ପଦଚ୍ୟୁତ କରିପାରନ୍ତି ନାହିଁ ।

ରାଷ୍ଟ୍ର ଶାସନର ସର୍ବୋଚ୍ଚ କ୍ଷମତା ରାଷ୍ଟ୍ରପତିଙ୍କ ପାଖରେ ଥାଏ । ଏହି ଶାସନରେ ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ଅଲଗା ଅଲଗା ଭାବେ ନିଜ କାର୍ଯ୍ୟ କରିଥାନ୍ତି । ରାଷ୍ଟ୍ରପତି ଓ ତାଙ୍କ ଦ୍ୱାରା ନିଯୁକ୍ତ ସଚିବମାନେ ବ୍ୟବସ୍ଥାପିକା ନିକଟରେ ଉତ୍ତରଦାୟୀ ରହନ୍ତି ନାହିଁ । ଯୁକ୍ତରାଷ୍ଟ୍ର ଆମେରିକା, ଫ୍ରାନ୍ସ, ଶ୍ରୀଲଙ୍କା ଓ ବ୍ରାଜିଲ୍ ଆଦି ରାଷ୍ଟ୍ରରେ ଏହିପରି ସରକାର ଦେଖାଯାଏ ।

**ରାଷ୍ଟ୍ରପତି ସମସ୍ତ କ୍ଷମତା ଉପଭୋଗ କରିବା ଦ୍ୱାରା କି କି ସୁବିଧା ଓ ଅସୁବିଧା ହେଉଥିବ ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।**

### ଐକିକ ସରକାର :

ଯେଉଁ ରାଷ୍ଟ୍ରରେ ସମସ୍ତ କ୍ଷମତା ଗୋଟିଏ ସରକାର ବା କେନ୍ଦ୍ର ସରକାରଙ୍କ ଉପରେ ନ୍ୟସ୍ତ ଥାଏ ତାକୁ ଐକିକ ସରକାର କୁହାଯାଏ । ଏହି ପ୍ରକାର ରାଷ୍ଟ୍ରଶାସନ ବ୍ୟବସ୍ଥାକୁ ଅଧିକ ଫଳପ୍ରଦ କରିବା ପାଇଁ ରାଷ୍ଟ୍ରକୁ କେତେକ ଅଂଚଳରେ ଭାଗ କରାଯାଇଥାଏ । ଏହି ଅଂଚଳଗୁଡ଼ିକ ପାଇଁ ଆଂଚଳିକ ସରକାର ଗଠନ କରିବା ବ୍ୟବସ୍ଥା ଥାଏ । ଏହା ଛଡ଼ା କେନ୍ଦ୍ର ସରକାର, ଆଂଚଳିକ ସରକାରମାନଙ୍କୁ ସେମାନଙ୍କ ଅଂଚଳ ଶାସନ ପାଇଁ କିଛି କ୍ଷମତା ପ୍ରଦାନ କରିଥାଆନ୍ତି ଓ ଏହି ସରକାରମାନେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ଶାସନ କରନ୍ତି । ଇଂଲଣ୍ଡ ଓ ଫ୍ରାନ୍ସ୍ ପ୍ରଭୃତି ରାଷ୍ଟ୍ରରେ ଐକିକ ସରକାର ଶାସନ ପ୍ରଚଳିତ ।

**ତୁମେ ଜାଣିଛ କି ?**

ଇଂଲଣ୍ଡ, ଇଟାଲୀ, ବେଲଜିୟମ, ଜାପାନ, ଇରାନ୍ ଆଦି ରାଷ୍ଟ୍ରରେ ଐକିକ ସରକାର ଶାସନ ପ୍ରଚଳିତ ।

ଏଭଳି ଆଉ କେଉଁ ରାଷ୍ଟ୍ରରେ ଐକିକ ସରକାର ଶାସନ ପ୍ରଚଳିତ, ତଥ୍ୟ ସଂଗ୍ରହ କରି ଲେଖ ।

- 
- 
- 

**ରାଷ୍ଟ୍ରସଂଘୀୟ ସରକାର :-** ରାଷ୍ଟ୍ରସଂଘୀୟ ସରକାରରେ ଦୁଇ ପ୍ରକାରର ସରକାର ଥାଏ । ରାଷ୍ଟ୍ର ସ୍ତରରେ କେନ୍ଦ୍ର ଓ ରାଜ୍ୟ ସ୍ତରରେ ରାଜ୍ୟ ସରକାରମାନ ଗଠନ କରାଯାଇଥାଏ । ପ୍ରତ୍ୟେକ ସରକାର ସେ ଦେଶର ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ସ୍ୱାଧୀନ ଭାବେ କ୍ଷମତା ଉପଭୋଗ କରି ଶାସନ କାର୍ଯ୍ୟ କରିଥାଆନ୍ତି । ଉଭୟ ସରକାର ବ୍ୟବସ୍ଥାପିକା, ପ୍ରଶାସନିକ ଓ ନ୍ୟାୟିକ କ୍ଷମତା ଉପଭୋଗ କରିଥାନ୍ତି । ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା ଇତ୍ୟାଦି ରାଷ୍ଟ୍ରରେ ଏ ପ୍ରକାର ସରକାର ଦେଖାଯାଏ ।

**ତୁମେ ଜାଣିଛ କି ?**

- ସମ୍ବିଧାନର ନିର୍ଦ୍ଦେଶ ଅନୁଯାୟୀ ରାଷ୍ଟ୍ରସଂଘୀୟ ସରକାର ଗଠନ ହୋଇଥାଏ ।
- କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କ୍ଷମତା ବଣ୍ଟନ ସମୟରେ ନିର୍ଦ୍ଦିଷ୍ଟ ନୀତି ଅନୁସରଣ କରାଯାଇଥାଏ ।
- ସବୁ ସଂଘୀୟ ରାଷ୍ଟ୍ରର କ୍ଷମତା ବଣ୍ଟନ ପ୍ରଣାଳୀ ସମାନ ନଥାଏ ।



**ରାଜତନ୍ତ୍ରିକ ସରକାର :-** ସବୁଠାରୁ ପୁରୁଣା ଶାସନ ହେଉଛି ରାଜତନ୍ତ୍ର । ଏହି ଶାସନ ବ୍ୟବସ୍ଥାରେ ବଂଶାନୁକ୍ରମିକ ସୂତ୍ରରେ ରାଜାଙ୍କ ପ୍ରଥମ ସନ୍ତାନଙ୍କୁ ରାଜା/ରାଣୀ କରାଯାଇ ରାଷ୍ଟ୍ର ଶାସନ କରିବା ପାଇଁ ସୁଯୋଗ ଦିଆଯାଏ । ରାଜାଙ୍କ ପାଖରେ ସମସ୍ତ କ୍ଷମତା ଠୁଳ ହୋଇଥାଏ । ରାଷ୍ଟ୍ରର ସମସ୍ତ ଆଇନ ରାଜା ମାନିବାକୁ ବାଧ୍ୟ ହୋଇ ନ ଥାଆନ୍ତି । ଏହି ଶାସନ ବ୍ୟବସ୍ଥାରେ ରାଜାଙ୍କ ନିଷ୍ପତ୍ତି ସମସ୍ତେ ମାନିବାକୁ ବାଧ୍ୟ ଅଟନ୍ତି ।

ଏହାଛଡ଼ା ରାଜା ଆଇନ ତିଆରି କରି ସେ ସବୁକୁ କାର୍ଯ୍ୟକାରୀ କରାନ୍ତି ଓ ଯେଉଁମାନେ ଆଇନ ନ ମାନନ୍ତି, ତାହା ବିଚାର କରି ସେମାନଙ୍କୁ ଦଣ୍ଡ ଦିଅନ୍ତି ।

ଗଣତନ୍ତ୍ର ଶାସନ ପରି ଲୋକମାନଙ୍କ ପାଖରେ ରାଜା ତାଙ୍କର ବିଭିନ୍ନ କାର୍ଯ୍ୟକଳାପ ପାଇଁ ଉତ୍ତରଦାୟୀ ହୋଇ ନ ଥାଆନ୍ତି। ପୂର୍ବକାଳରେ ଫ୍ରାନ୍‌ସ ଓ ନେପାଳ ଆଦି ରାଷ୍ଟ୍ରରେ ଏପରି ଶାସନ ପ୍ରଚଳିତ ଥିଲା ।

**ତୁମେ ଯଦି ରାଜା ହେବ, ଲୋକମାନଙ୍କ ପାଇଁ କି କି କାମ କରିବ ତା'ର ଏକ ତାଲିକା କର ।**

**ଗଣତାନ୍ତ୍ରିକ ସରକାର** – ଆଧୁନିକ ଯୁଗରେ ଗଣତନ୍ତ୍ର ଶାସନ ସବୁଠାରୁ ଲୋକପ୍ରିୟ ଅଟେ । ଏହି ଶାସନ ହେଉଛି ଲୋକମାନଙ୍କର ଶାସନ । ଏହି ଶାସନରେ ସାବାଳକ ନାଗରିକ ସ୍ୱାଧୀନ ଭାବରେ ନିର୍ବାଚନ ମାଧ୍ୟମରେ ଭୋଟ ଦେଇ ରାଜନୈତିକ ଦଳର ଲୋକମାନଙ୍କ ମଧ୍ୟରୁ ସେମାନଙ୍କର ପ୍ରତିନିଧି ବାଛନ୍ତି । ସଂଖ୍ୟା ଗରିଷ୍ଠ ରାଜନୈତିକ ଦଳର ପ୍ରତିନିଧିମାନେ ସରକାର ଗଢ଼ି ରାଜ୍ୟ ଶାସନ କରିଥାଆନ୍ତି । ଏହି ନିର୍ବାଚିତ ପ୍ରତିନିଧିମାନେ ସେମାନଙ୍କର ବିଭିନ୍ନ କାର୍ଯ୍ୟକଳାପ ପାଇଁ ଜନସାଧାରଣଙ୍କ ପାଖରେ ଉତ୍ତରଦାୟୀ ରହନ୍ତି। ବର୍ତ୍ତମାନ ଭାରତ, ଯୁକ୍ତରାଷ୍ଟ୍ର ଆମେରିକା ଆଦି ରାଷ୍ଟ୍ରରେ ଗଣତାନ୍ତ୍ରିକ ସରକାର ପ୍ରତିଷ୍ଠା ହୋଇ ଶାସନ କାର୍ଯ୍ୟ ପରିଚାଳିତ ହେଉଛି।

**ତୁମେ ଜାଣିଛ କି ?**

- ଗଣତନ୍ତ୍ର (ଡେମୋକ୍ରାସି) ଶବ୍ଦଟି ଦୁଇଟି ଗ୍ରୀକ୍ ଶବ୍ଦ ଡେମୋସ୍ ଓ କ୍ରାଟସ୍‌ରୁ ଆସିଛି ।
- ଗଣତନ୍ତ୍ର ହେଉଛି ଗଣ-ଶାସନ ।
- ଗଣତନ୍ତ୍ର ଶାସନରେ ସବୁ କ୍ଷମତା ଲୋକମାନଙ୍କ ପାଖରେ ଥାଏ।
- ସରକାର ଠିକ୍ ଶାସନ ନକଲେ ଲୋକମାନେ ସରକାରଙ୍କୁ ବଦଳାଇ ପାରିବେ ।
- ଗଣତନ୍ତ୍ର ଶାସନରେ ଜାତି, ବର୍ଣ୍ଣ, ଧର୍ମ, ନିର୍ବିଶେଷରେ ସମସ୍ତେ ସମାନ ସୁବିଧା ସୁଯୋଗ ଓ ଅଧିକାର ଉପଭୋଗ କରନ୍ତି ।
- ଆମ ଦେଶରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସର ଲୋକମାନଙ୍କର ଭୋଟ ଦେବାର ଅଧିକାର ଅଛି ।

**ଲୋକ ପ୍ରତିନିଧି ହିସାବରେ ତୁମକୁ ଯଦି ନିର୍ବାଚିତ କରାଯାଏ ତେବେ ତୁମେ କି କି କାର୍ଯ୍ୟ କରିବ ଲେଖ।**

ବିଭିନ୍ନ ରାଷ୍ଟ୍ରରେ ଭିନ୍ନ ଭିନ୍ନ ପ୍ରକାରର ସରକାର ଶାସନ କରୁଥିଲେ ମଧ୍ୟ ପ୍ରତ୍ୟେକ ପ୍ରକାର ସରକାରର କେତେଗୁଡ଼ିଏ ଦୋଷ ଓ ଗୁଣ ଥାଏ । ଏହା ସତ୍ତ୍ୱେ ପରମ୍ପରା ଓ ଲୋକମାନଙ୍କର ଆବଶ୍ୟକତାକୁ ଆଧାର କରି ବିଭିନ୍ନ ରାଷ୍ଟ୍ରରେ ସରକାରମାନଙ୍କର ଶାସନ ପଦ୍ଧତି ଅଲଗା ଅଲଗା ହୋଇଥାଏ ।

## ଆମେ କ'ଣ ଶିଖିଲେ ?

- ସରକାର ରାଷ୍ଟ୍ରର ଏକ ଅପରିହାର୍ଯ୍ୟ ଅଙ୍ଗ ।
- ରାଷ୍ଟ୍ର ଶାସନ ପାଇଁ ସରକାର ଗଠନ କରାଯାଇଥାଏ ।
- ସରକାର କରୁଥିବା ବିଭିନ୍ନ କାର୍ଯ୍ୟଗୁଡ଼ିକ ହେଲା :-
    - ବିଭିନ୍ନ ଯୋଜନା ପ୍ରଣୟନ କରି କାର୍ଯ୍ୟକାରୀ କରିବା ।
    - ଜନହିତକର କାର୍ଯ୍ୟକ୍ରମଗୁଡ଼ିକ ଦ୍ୱାରା ଲୋକମାନଙ୍କୁ ଉପକୃତ କରାଇବା ।
    - ପ୍ରାକୃତିକ ବିପତ୍ତି ବେଳେ ଲୋକମାନଙ୍କର ଧନଜୀବନ ରକ୍ଷା କରିବା ।

- ବିଭିନ୍ନ ନୀତି ନିୟମ ପ୍ରଣୟନ କରି କାର୍ଯ୍ୟକାରୀ କରିବା ।
- ବିଭିନ୍ନ ଦେଶ ସହ ଉତ୍ତମ ସଂପର୍କ ରକ୍ଷା କରି ଦେଶର ପ୍ରଗତିକୁ ଆଗେଇ ନେବା ।
- ବିଭିନ୍ନ ସରକାରୀ ଅନୁଷ୍ଠାନ ଯଥା ଡାକ୍ତରଖାନା, ବିଦ୍ୟାଳୟ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସଚିବାଳୟ ଓ ହାଇକୋର୍ଟ ଇତ୍ୟାଦି ସ୍ଥାପନ କରି ସେଗୁଡ଼ିକ ସାହାଯ୍ୟରେ ବିଭିନ୍ନ ଜନହିତକର କାର୍ଯ୍ୟର ବ୍ୟବସ୍ଥା କରିବା ।

**ପୃଥିବୀର ବିଭିନ୍ନ ରାଷ୍ଟ୍ରରେ ଭିନ୍ନ ଭିନ୍ନ ପ୍ରକାରର ସରକାର ଦେଖାଯାଏ । ସେଗୁଡ଼ିକ ହେଲା :**

- ସଂସଦୀୟ ସରକାର – ଭାରତ, ଇଂଲଣ୍ଡ
- ରାଷ୍ଟ୍ରପତୀୟ ସରକାର – ଯୁକ୍ତରାଷ୍ଟ୍ର ଆମେରିକା, ଫ୍ରାନ୍ସ
- ଐକିକ ସରକାର – ଫ୍ରାନ୍ସ ଓ ଇଂଲଣ୍ଡ
- ରାଷ୍ଟ୍ରସଂଘୀୟ ସରକାର – ଭାରତ, ଯୁକ୍ତରାଷ୍ଟ୍ର ଆମେରିକା
- ରାଜତନ୍ତ୍ରିକ ସରକାର – ବୃନେଇ
- ଗଣତାନ୍ତ୍ରିକ ସରକାର – ଭାରତ, ଇଂଲଣ୍ଡ

## ଅଭ୍ୟାସ

**୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ୫୦ଟି ଶବ୍ଦରେ ଦିଅ –**

କ) ସରକାର କାହିଁକି ଗଠନ କରାଯାଉଛି ?

ଖ) ସରକାରଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ଜନହିତକର କାର୍ଯ୍ୟର ଉଦାହରଣ ଦିଅ ।

ଗ) ସଂସଦୀୟ ସରକାରର ଲକ୍ଷଣଗୁଡ଼ିକ ଲେଖ ।

ଘ) ରାଷ୍ଟ୍ରପତୀୟ ସରକାର ଓ ସଂସଦୀୟ ସରକାର ମଧ୍ୟରେ ଏକ ତୁଳନାତ୍ମକ ବିବରଣୀ ଦିଅ ।

ଙ) 'ଗଣତାନ୍ତ୍ରିକ ସରକାର ଲୋକମାନଙ୍କର ସରକାର' କହିଲେ କ'ଣ ବୁଝ ?

ଚ) ରାଷ୍ଟ୍ରସଂଘୀୟ ସରକାର ଓ ଐକିକ ସରକାର ମଧ୍ୟରୁ ତୁମକୁ କେଉଁଟି ଅଧିକ ଭଲ ଲାଗୁଛି ଓ କାହିଁକି ?

**୨. ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ କିମ୍ବା ଦୁଇଟି ବାକ୍ୟରେ ଲେଖ ।**

କ) ରାଷ୍ଟ୍ରର ଉନ୍ନତି ପାଇଁ ବିଭିନ୍ନ ପ୍ରକାରର ନୀତି ନିୟମ କିଏ ପ୍ରଣୟନ କରିଥାଏ ?

ଖ) ଐକିକ ସରକାରରେ କାହା ଉପରେ କ୍ଷମତା ନ୍ୟସ୍ତ କରାଯାଇଥାଏ ?

ଗ) ରାଷ୍ଟ୍ରପତୀୟ ସରକାରରେ କାର୍ଯ୍ୟପାଳିକାର ମୁଖ୍ୟ କିଏ ?

ଘ)　ରାଷ୍ଟ୍ରସଂଘୀୟ ସରକାରରେ ଥିବା ଦୁଇ ପ୍ରକାର ସରକାରର ନାମ ଲେଖ ?

ଙ)　ଗଣତାନ୍ତ୍ରିକ ସରକାରରେ ଶାସନକାର୍ଯ୍ୟ କାହାଦ୍ୱାରା କରାଯାଏ ?

**୩.　ରେଖାଙ୍କିତ ପଦ/ ପଦଗୁଡ଼ିକ ବଦଳାଇ ଭ୍ରମ ସଂଶୋଧନ କର ।**

(କ)　ପରିବାର ହେଉଛି ଏକ ସରକାରୀ ଅନୁଷ୍ଠାନ ।

(ଖ)　ସଂସଦୀୟ ସରକାରରେ କାର୍ଯ୍ୟପାଳିକା ନ୍ୟାୟପାଳିକାର ଏକ ଅଂଶ ।

(ଗ)　ରାଷ୍ଟ୍ରପତୀୟ ସରକାରରେ ସଚିବମାନଙ୍କୁ ବ୍ୟବସ୍ଥାପିକା ନିଯୁକ୍ତ କରେ ।

(ଘ)　ଇଂଲଣ୍ଡରେ ରାଷ୍ଟ୍ରପତୀୟ ସରକାର ଅଛି ।

(ଙ)　ଐକିକ ସରକାରରେ ସମସ୍ତ କ୍ଷମତା ଆଞ୍ଚଳିକ ସରକାର ଉପରେ ନ୍ୟସ୍ତ ଥାଏ ।

(ଚ)　ରାଷ୍ଟ୍ରସଂଘୀୟ ସରକାରରେ ତିନି ପ୍ରକାର ସରକାର ଥାଏ ।

(ଛ)　ଭାରତରେ ଭୋଟ ଦେବା ପାଇଁ ଜଣକୁ ଅତି କମ୍‌ରେ କୋଡ଼ିଏ ବର୍ଷ ବୟସ ହୋଇଥିବା ଦରକାର ।

**୪.　ପ୍ରତି ପ୍ରଶ୍ନ ପାଇଁ ଥିବା ଚାରୋଟି ଉତ୍ତର ମଧ୍ୟରୁ ସଠିକ୍ ଉତ୍ତରଟି ବାଛି ଲେଖ ।**

(କ)　ରାଷ୍ଟ୍ର ଶାସନ ପାଇଁ କ'ଣ ଗଠନ କରାଯାଇଥାଏ ?

ପରିବାର　　ସମାଜ

ସଂଘ　　ସରକାର

(ଖ)　ଆଧୁନିକ ଯୁଗରେ ସବୁଠାରୁ କେଉଁ ଶାସନ ଲୋକପ୍ରିୟ ?

ଗଣତନ୍ତ୍ର　　ଐକିକ

ରାଜତନ୍ତ୍ର　　ରାଷ୍ଟ୍ରପତୀୟ

(ଗ)　ରାଷ୍ଟ୍ରପତୀୟ ସରକାରରେ ରାଷ୍ଟ୍ରର ଶାସନମୁଖ୍ୟ କିଏ ?

ବ୍ୟବସ୍ଥାପିକା　　ରାଷ୍ଟ୍ରପତି

କାର୍ଯ୍ୟପାଳିକା　　ସଚିବ

(ଘ)　ସବୁଠାରୁ ପ୍ରାଚୀନ ଶାସନ ବ୍ୟବସ୍ଥା କେଉଁଟି ?

ଗଣତନ୍ତ୍ର　　ରାଜତନ୍ତ୍ର

ସାଧାରଣତନ୍ତ୍ର　　ଲୋକତନ୍ତ୍ର

୫. ଠିକ୍ ଉକ୍ତି ପାଖରେ (✓) ଚିହ୍ନ ଓ ଭୁଲ ଉକ୍ତି ପାଖରେ (X) ଚିହ୍ନ ଦିଅ ।

(କ) ସରକାର ନ ଥିଲେ ଆଇନ ଶୃଙ୍ଖଳା ବ୍ୟାହତ ହୁଏ ।

(ଖ) ସଂସଦୀୟ ସରକାରରେ କାର୍ଯ୍ୟପାଳିକା ରାଷ୍ଟ୍ରପତିଙ୍କ ପାଖରେ ଉତ୍ତରଦାୟୀ ।

(ଗ) ଶ୍ରୀଲଙ୍କାରେ ଐକିକ ସରକାର ଅଛି ।

(ଘ) ରାଷ୍ଟ୍ରପତୀୟ ସରକାରରେ ରାଷ୍ଟ୍ରପତି ପରୋକ୍ଷ ଭାବରେ ନିର୍ବାଚିତ ହୁଅନ୍ତି ।

(ଙ) ଗଣତନ୍ତ୍ର ଶାସନ ହେଉଛି ଲୋକମାନଙ୍କର ଶାସନ ।



## ତୁମପାଇଁ କାମ :



- ତୁମ ଗ୍ରାମପଞ୍ଚାୟତ / ମ୍ୟୁନିସିପାଲିଟିରେ ସରକାରଙ୍କ ଦ୍ୱାରା କି କି କାର୍ଯ୍ୟ କରାଯାଇ କେତେ ଅର୍ଥ ଖର୍ଚ୍ଚ କରାଯାଉଛି ତା'ର ଏକ ବିବରଣୀ ପ୍ରସ୍ତୁତ କର ।
- ତୁମ ଅଂଚଳରେ ଥିବା ଯେ କୌଣସି ଦୁଇଟି ସରକାରୀ ଅନୁଷ୍ଠାନକୁ ଯାଇ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ ସଂପର୍କରେ ଲେଖ ।

ଚତୁର୍ଥ ଅଧ୍ୟାୟ

# ସ୍ଥାନୀୟ ସ୍ୱାୟତ୍ତ ଶାସନ

DEUERB



ପ୍ରକାଶ କିଛି କାଗଜ ଧରି ସୁନିତା ଘରେ ପହଞ୍ଚିଲା । ସେତେବେଳେ ସୁନିତା ଘରେ ଥିଲା ଓ ପ୍ରକାଶ ହାତରେ ଏତେଗୁଡ଼ିଏ କାଗଜ ଦେଖି ଆଶ୍ଚର୍ଯ୍ୟ ହୋଇଗଲା; କି'ରେ ପ୍ରକାଶ, ଏତେଗୁଡ଼ିଏ କାଗଜ କ'ଣ ଧରିଛୁ ? ପ୍ରକାଶ କହିଲା, ଏହା ହେଉଛି ଆମ ଗ୍ରାମର ଭୋଟରମାନଙ୍କର ତାଲିକା । ଜାଣିଛ, ଆସନ୍ତା ସୋମବାର ଦିନ ନିର୍ବାଚନ । ଏଣୁ ଆମ ଗାଁରେ ଭୋଟ ହେବ । ସେଥିରୁ ସରପଞ୍ଚ, ସମିତି ସଭ୍ୟ, ଓ୍ୱାର୍ଡ଼ ମେମ୍ବର ଓ ଜିଲ୍ଲା ପରିଷଦ ସଭ୍ୟ ସବୁ ବଛା ହେବେ । ମୋ ହାତରେ ଥିବା ତାଲିକା ଅନୁଯାୟୀ ତୋ'ର ବାପା, ବୋଉ, ଜେଜେବାପା, ନାନୀ, ସମସ୍ତେ ଭୋଟ ଦେଇ ପାରିବେ । ଶୁଣ, ତୋ'ର ଦାୟିତ୍ୱ ହେଲା ସେମାନଙ୍କୁ ସବୁ ନେଇ ଭୋଟ କେନ୍ଦ୍ରକୁ ଯିବୁ । ସୁନିତା ହଁ ଭରିଲା ଏବଂ ପଚାରିଲା, ଆଚ୍ଛା କହିଲୁ ପ୍ରକାଶ, ଏତେ ଜଣଙ୍କୁ ଜଣେ ଏକାବେଳକେ କିପରି ଭୋଟ ଦେବ ? ପୁଣି ସେମାନେ ଭୋଟ ପାଇ କ'ଣ କରିବେ ?

## ସ୍ୱାୟତ୍ତ ଶାସନ କ'ଣ ?



ଆମ ଦେଶର ସର୍ବୋଚ୍ଚ ଶାସନକୁ କେନ୍ଦ୍ର ଶାସନ କୁହନ୍ତି । ଏହି ଶାସନର ମୁଖ୍ୟ କାର୍ଯ୍ୟାଳୟ ଦିଲ୍ଲୀଠାରେ ଅବସ୍ଥିତ । ଆମ ରାଜ୍ୟ ଓଡ଼ିଶା । ଏହାର ଶାସନକୁ ରାଜ୍ୟ ଶାସନ କୁହାଯାଏ । ଏହି ଶାସନର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ଅଛି । ଆମ ଦେଶରେ ପ୍ରାୟ ଛଅ ଲକ୍ଷ ଗ୍ରାମ ଓ ଅନେକଗୁଡ଼ିଏ ସହର ଅଛି । ଏଗୁଡ଼ିକୁ କେନ୍ଦ୍ର ବା ରାଜ୍ୟ ସରକାର ବହୁ ଦୂରରେ ଥାଇ ପ୍ରତ୍ୟକ୍ଷ ଭାବେ ଶାସନ କରିବା ସମ୍ଭବ ହୋଇ ନ ଥାଏ । ଏଣୁ ଆମ ଦେଶର ଗ୍ରାମ ବା ସହରଗୁଡ଼ିକରେ ବାସ କରୁଥିବା ଲୋକ ନିଜର ଉନ୍ନତି ହେବାର ଦାୟିତ୍ୱ ନିଜେ ବହନ କଲେ ଏହି ଅଞ୍ଚଳର ବହୁବିଧ ଉନ୍ନତି ହୋଇ ପାରିବ । ଗ୍ରାମ ବା ସହରଗୁଡ଼ିକର ଲୋକମାନେ ବ୍ୟକ୍ତିଗତ ଭାବେ ଏହି ଦାୟିତ୍ୱ ବହନ କରିପାରନ୍ତି ନାହିଁ । ସେଥିପାଇଁ ସେମାନେ ନିଜର ପ୍ରତିନିଧି ବାଛି ଏକ ଜନଗୋଷ୍ଠୀ ତିଆରି କରିଥାନ୍ତି । ଏହି ଜନଗୋଷ୍ଠୀ ନିଜକୁ ନିଜେ ଶାସନ କରିବାକୁ ସ୍ୱାୟତ୍ତ ଶାସନ କୁହାଯାଏ । ଏହି ଶାସନ ଫଳରେ ଲୋକେ ଦେଶର ସ୍ୱାଧୀନତାକୁ ଉପଲବ୍ଧି କରନ୍ତି ଓ ଗଣତନ୍ତ୍ର ଶାସନର ବିଶେଷତ୍ୱକୁ ବୁଝିଥାଆନ୍ତି ।

**ଲୋକମାନେ ନିଜକୁ ନିଜେ ଶାସନ କରୁଥିବାରୁ ସେମାନଙ୍କର କି କି ସୁବିଧା ହେଉଥିବ, ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।**

ଆମ ଦେଶର ପ୍ରତ୍ୟେକ ଲୋକର ଉନ୍ନତି ପାଇଁ ଗ୍ରାମ ସ୍ତରରୁ ଯୋଜନାଗୁଡ଼ିକ ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ବିଭିନ୍ନ ସ୍ତରରୁ କରାଯାଇଥାଏ । ଏହା ଜରିଆରେ ଲୋକେ ସରକାରଙ୍କୁ ବିଭିନ୍ନ ପରାମର୍ଶ ଦେଇଥାନ୍ତି । ସରକାର ଏଗୁଡ଼ିକର ଆଧାରରେ ବିଭିନ୍ନ ଯୋଜନା ପ୍ରସ୍ତୁତ କରି ସ୍ୱାୟତ୍ତ ଶାସନ ସଂସ୍ଥା ଦ୍ୱାରା କାର୍ଯ୍ୟକାରୀ କରି ଲୋକମାନଙ୍କର ବହୁତ ଉପକାର କରିଥାଆନ୍ତି ।

**ସରକାରଙ୍କର ବିଭିନ୍ନ ଯୋଜନାଗୁଡ଼ିକ ହେଉଛି -**

- ୬ରୁ ୧୪ ବର୍ଷ ପିଲାଙ୍କ ପଢ଼ିବା ପାଇଁ ବିଦ୍ୟାଳୟ ଗୃହ ନିର୍ମାଣ ।
- ସମସ୍ତଙ୍କୁ ପାନୀୟ ଜଳ ଯୋଗାଣ ।
- ରାସ୍ତାଘାଟ ତିଆରି ଓ ମରାମତି ।
- ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିଭିନ୍ନ କାର୍ଯ୍ୟପାଇଁ ଋଣ ଯୋଗାଣ ଓ ଆର୍ଥିକ ଅନୁଦାନ ।


**ତୁମ ଅଞ୍ଚଳରେ କେଉଁ କେଉଁ ସରକାରୀ ଯୋଜନା କାର୍ଯ୍ୟକାରୀ ହୋଇ ଲୋକମାନଙ୍କର ଉନ୍ନତି ହେଉଛି ତାର ଏକ ତାଲିକା କର ।**

## ପଞ୍ଚାୟତିରାଜ



୧୯୫୮ ମସିହାରେ ବଳବନ୍ତରାୟ ମେହେଟ୍ଟା କମିଟି ଏକ ତିନି ସ୍ତର ବିଶିଷ୍ଟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ପ୍ରଚଳନ କରିବାକୁ ସୁପାରିଶ କରିଥିଲେ । ଏହି ସୁପାରିଶ ଅନୁସାରେ ଗଣତନ୍ତ୍ରର ବିକେନ୍ଦ୍ରୀକରଣ ଜରିଆରେ ଗ୍ରାମ ସ୍ତରରେ ଗ୍ରାମ ପଞ୍ଚାୟତ, ବ୍ଲକ ସ୍ତରରେ ପଞ୍ଚାୟତ ସମିତି ଓ ଜିଲ୍ଲା ସ୍ତରରେ ଜିଲ୍ଲା ପରିଷଦ ଗଠନ କରାଯାଇ ପ୍ରତ୍ୟେକଙ୍କୁ ସ୍ୱାଧୀନ ଭାବରେ କ୍ଷମତା ପ୍ରୟୋଗ କରିବାକୁ ସୁଯୋଗ ଦିଆଯାଇଛି । ଆମ ଦେଶରେ ଏହି ବ୍ୟବସ୍ଥାକୁ ପଞ୍ଚାୟତିରାଜ କୁହାଯାଏ ।

ଆମ ଦେଶରେ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା ଗ୍ରାମାଞ୍ଚଳ ସ୍ୱାୟତ୍ତ ଶାସନ ଓ ସହରାଞ୍ଚଳ ସ୍ୱାୟତ୍ତ ଶାସନ । ଗ୍ରାମାଞ୍ଚଳ ସ୍ୱାୟତ୍ତ ଶାସନ ମଧ୍ୟରେ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ଅନ୍ତର୍ଭୁକ୍ତ । ସହରାଞ୍ଚଳ ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ପୌର ନିଗମ, ପୌରପାଳିକା (ମ୍ୟୁନିସ୍‌ପାଲିଟି) ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍.ଏ.ସି.) ରହିଅଛି ।



## ଗ୍ରାମପଞ୍ଚାୟତ

ପ୍ରାଚୀନ କାଳରୁ ଆମ ଦେଶରେ ଗ୍ରାମମାନଙ୍କରେ ପଞ୍ଚାୟତ ବ୍ୟବସ୍ଥା ପ୍ରଚଳନ ଥିଲା । ଗ୍ରାମର ମୁଖ୍ୟ ପାଞ୍ଚ ଜଣଙ୍କୁ ନେଇ ଗୋଟିଏ ସଭା ଗଠିତ ହେଉଥିଲା । ଏହି ସଭା ଗ୍ରାମର

କଳିକଜିଆ ମୀମାଂସା କରୁଥିଲା । ପରେ ଏହି ସଭାକୁ ପଞ୍ଚାୟତ କୁହାଗଲା । ଏହି ପଞ୍ଚାୟତ ଗ୍ରାମର ଗଠନମୂଳକ କାର୍ଯ୍ୟଗୁଡ଼ିକ ବୁଝାବୁଝି କଲେ । ଇଂରେଜମାନେ ଆମ ଦେଶକୁ ଆସିବା ପରେ ଏହି ପଞ୍ଚାୟତ ପ୍ରଥାଟି ଅକାମି ହୋଇଗଲା । ମାତ୍ର ଆମ ଦେଶ ସ୍ୱାଧୀନ ହେବାପରେ ପଞ୍ଚାୟତ ଶାସନ ବ୍ୟବସ୍ଥା ପ୍ରଚଳନ ହେବା ସଙ୍ଗେ ସଙ୍ଗେ ବିଭିନ୍ନ କାର୍ଯ୍ୟ କରିବା ପାଇଁ ଏହାକୁ ଅଧିକ କ୍ଷମତା ପ୍ରଦାନ କରାଗଲା ।

**ତୁମେ ଜାଣିଛକି ?**

- ଗ୍ରାମାଞ୍ଚଳର ଉନ୍ନତି ପାଇଁ ଗ୍ରାମସଭା ଓ ପଲ୍ଲୀସଭା ଗଠନ କରାଯାଇଛି ।
- ପଞ୍ଚାୟତ ଆଇନ୍ ଅନୁସାରେ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ଗଠନ କରାଯାଇଛି ।
- ଆମ ରାଜ୍ୟରେ ବର୍ତ୍ତମାନ ୬,୨୩୪ଟି ଗ୍ରାମପଞ୍ଚାୟତ ରହିଅଛି ।

**ତୁମ ଗ୍ରାମପଞ୍ଚାୟତରେ କେତୋଟି ଗ୍ରାମ ଅଛି ସେଗୁଡ଼ିକର ନାମ ତାଲିକା କର ।**

**ଗଠନ :** ସାଧାରଣତଃ ଦୁଇହଜାରରୁ ଦଶହଜାର ଲୋକସଂଖ୍ୟା ବିଶିଷ୍ଟ ଏକ ଗ୍ରାମ ବା ଏକାଧିକ ଗ୍ରାମକୁ ନେଇ ଗୋଟିଏ ଗ୍ରାମପଞ୍ଚାୟତ ଗଠନ କରାଯାଏ । ପ୍ରତ୍ୟେକ ୱାର୍ଡ଼ରୁ ଜଣେ ସଭ୍ୟ ସେହି ୱାର୍ଡ଼ର ସାବାଳକ ଭୋଟରମାନଙ୍କ ଦ୍ୱାରା ସଂଖ୍ୟାଧିକ ଭୋଟରେ ନିର୍ବାଚିତ ହୁଅନ୍ତି । ସେମାନଙ୍କୁ ୱାର୍ଡ଼ ମେମ୍ବର ବା ପଞ୍ଚ କୁହାଯାଏ । ଆମ ରାଜ୍ୟରେ ଗ୍ରାମ ପଞ୍ଚାୟତ ଆଇନ୍ ଅନୁଯାୟୀ ଅତି ବେଶିରେ ୨୫ ଜଣ ଓ ଅତି କମ୍‌ରେ ୧୧ ଜଣ ୱାର୍ଡ଼ ମେମ୍ବର ରହିପାରିବେ । ଏହା ଛଡ଼ା ଗ୍ରାମପଞ୍ଚାୟତରେ ହରିଜନ, ଆଦିବାସୀ ଓ ମହିଳାମାନେ ୱାର୍ଡ଼ ସଭ୍ୟ (ୱାର୍ଡ଼ମେମ୍ବର) ହେବାପାଇଁ ସ୍ଥାନ ସଂରକ୍ଷଣ କରାହୋଇ ଅଛି । ନିର୍ବାଚିତ ୱାର୍ଡ଼ ମେମ୍ବରମାନେ ଗ୍ରାମ ପଞ୍ଚାୟତର ସଭ୍ୟ ଓ ୱାର୍ଡ଼ର ପ୍ରତିନିଧି ଅଟନ୍ତି ।

ତୁମ ଗ୍ରାମ ପଞ୍ଚାୟତରେ କେଉଁ କେଉଁ ୱାର୍ଡ଼ ଅଛି ଅନ୍ୟମାନଙ୍କ ଠାରୁ ବୁଝି ତାଲିକା କର ।

- 
- 
- 

ପ୍ରତି ଗ୍ରାମ ପଞ୍ଚାୟତର କାର୍ଯ୍ୟ ତୁଲାଇବା ପାଇଁ ଜଣେ ସରପଞ୍ଚ ଥାଆନ୍ତି । ସେ ସେହି ପଞ୍ଚାୟତର ସାବାଳକ ମତଦାତାମାନଙ୍କ ଦ୍ୱାରା ସଂଖ୍ୟାଧିକ ଭୋଟରେ ନିର୍ବାଚିତ ହୁଅନ୍ତି । ପ୍ରତ୍ୟେକ ୱାର୍ଡ଼ରୁ ନିର୍ବାଚିତ ହୋଇଥିବା ୱାର୍ଡ଼ ମେମ୍ବରମାନଙ୍କୁ ନେଇ ପଞ୍ଚାୟତ ବସେ । ପଞ୍ଚାୟତର ନିର୍ବାଚିତ ୱାର୍ଡ଼ ମେମ୍ବରମାନଙ୍କ ମଧ୍ୟରୁ ଜଣକୁ ନାଏବ ସରପଞ୍ଚ ଭାବରେ ନିର୍ବାଚିତ କରାଯାଏ । ସରପଞ୍ଚ ପଞ୍ଚାୟତ କାର୍ଯ୍ୟ ପରିଚାଳନା କରନ୍ତି । ତାଙ୍କ ଅନୁପସ୍ଥିତିରେ ନାଏବ ସରପଞ୍ଚ କାର୍ଯ୍ୟ ତୁଲାଇ ଥାଆନ୍ତି । ଗୋଟିଏ ପଞ୍ଚାୟତର କାର୍ଯ୍ୟକାଳ ୫ ବର୍ଷ । ପାଞ୍ଚ ବର୍ଷ ପୂରିଗଲେ ଆଉଥରେ ନିର୍ବାଚନ କରାଯାଏ ।

**ତୁମ ପଞ୍ଚାୟତରେ ନିର୍ବାଚିତ ହୋଇଥିବା ସରପଞ୍ଚ ଓ ୱାର୍ଡ଼ ମେମ୍ବରମାନଙ୍କ ନାମ ବୁଝି ତାର ଏକ ତାଲିକା କର ।**

ଏହା ବ୍ୟତୀତ ଗ୍ରାମପଞ୍ଚାୟତର ଦୈନନ୍ଦିନ କାର୍ଯ୍ୟ ବୁଝିବା ପାଇଁ ଜଣେ ସଂପାଦକ ଥାଆନ୍ତି । ସେ ପଞ୍ଚାୟତର ବିଭିନ୍ନ କାଗଜପତ୍ର କାମ କରିବା ସହ ଆୟବ୍ୟୟର ହିସାବ ରଖନ୍ତି । କେତେକ ପଞ୍ଚାୟତ ନିଜର ଚପରାସୀ, ଜଗୁଆଳି, ମାଳି ଓ କର ଆଦାୟକାରୀ ମଧ୍ୟ ନିଯୁକ୍ତ କରିଥାଆନ୍ତି ।

## ଗ୍ରାମପଞ୍ଚାୟତର କାର୍ଯ୍ୟ

ଗ୍ରାମପଞ୍ଚାୟତର କାର୍ଯ୍ୟ ଦୁଇ ପ୍ରକାର -

୧) ବାଧ୍ୟତାମୂଳକ କାର୍ଯ୍ୟ　　୨) ଇଚ୍ଛାଧୀନ କାର୍ଯ୍ୟ


## ବାଧ୍ୟତାମୂଳକ କାର୍ଯ୍ୟ

- ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ।
- ଲୋକମାନଙ୍କ ଚିକିତ୍ସା ବ୍ୟବସ୍ଥା କରିବା ।
- ନଳକୂପ ଓ କୂଅ ଖୋଳିବା ।
- ଜନ୍ମମୃତ୍ୟୁ ତାଲିକା କରିବା ।
- ରାସ୍ତାଘାଟ ନିର୍ମାଣ ଓ ରକ୍ଷଣାବେକ୍ଷଣ କରିବା ।
- ପାନୀୟ ଜଳ ଯୋଗାଣ କରିବା ।
- ପୋଖରୀ ଖନନ ଓ ରକ୍ଷଣାବେକ୍ଷଣ କରିବା ।

## ଇଚ୍ଛାଧୀନ କାର୍ଯ୍ୟ

- ସମବାୟ ସମିତି ଗଠନ କରିବା ।
- ମାତୃମଙ୍ଗଳ କେନ୍ଦ୍ର ସ୍ଥାପନ କରିବା ।
- ମାଛ ଚାଷ, କୁକୁଡ଼ା ଚାଷ ଓ ପ୍ରୌଢ଼ ଶିକ୍ଷାକେନ୍ଦ୍ର ସ୍ଥାପନ କରିବା ।
- ପାଠାଗାର ସ୍ଥାପନ କରିବା ।
- ଦାତବ୍ୟ ଚିକିତ୍ସାଳୟ ସ୍ଥାପନ କରିବା ।





ତୁମ ଗ୍ରାମପଞ୍ଚାୟତ ଦ୍ୱାରା କେଉଁ କେଉଁ କାର୍ଯ୍ୟ କରାଯାଉଛି ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

## ଗ୍ରାମସଭା :

ଗ୍ରାମପଞ୍ଚାୟତ ଅନ୍ତର୍ଭୁକ୍ତ ସମସ୍ତ ସାବାଳକ ଭୋଟର, ଗ୍ରାମପଞ୍ଚାୟତର ସମସ୍ତ ୱାର୍ଡ଼ ସଭ୍ୟ ଓ ସରପଞ୍ଚଙ୍କୁ ନେଇ ଗ୍ରାମସଭା ଗଠିତ ହୁଏ । ଏହି ସଭାରେ ସରପଞ୍ଚ ଅଧ୍ୟକ୍ଷତା କରନ୍ତି । ଏହି ସଭାରେ ପଞ୍ଚାୟତର ବିଭିନ୍ନ କାର୍ଯ୍ୟ ଯଥା:- ପଞ୍ଚାୟତର ପତିତ ଜମି ରକ୍ଷଣାବେକ୍ଷଣ, ରାସ୍ତାଘାଟ ନିର୍ମାଣ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କୁ ଚିହ୍ନଟ, ବିଭିନ୍ନ ଭତ୍ତା ପାଇବା ପାଇଁ ଯୋଗ୍ୟ ନାଗରିକଙ୍କ ତାଲିକା ପ୍ରସ୍ତୁତି ଇତ୍ୟାଦି । ଏହିଭଳି ଅନ୍ୟାନ୍ୟ କାର୍ଯ୍ୟଗୁଡ଼ିକର ଯୋଜନା କରାଯାଇ ଗ୍ରାମସଭାରେ ଉପସ୍ଥାପିତ ହୋଇ ଗୃହୀତ ହୁଏ । ଏହି ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ଉପରିସ୍ଥ ସଂସ୍ଥାକୁ ସୁପାରିଶ କରାଯାଏ । ଏହି ସଭା ବର୍ଷରେ ଦୁଇଥର ବସିବା ଆବଶ୍ୟକ ।

ତୁମ ଗ୍ରାମପଞ୍ଚାୟତର ଗ୍ରାମସଭାରେ କେଉଁ କେଉଁ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପ୍ରସ୍ତାବ ଦିଆଯାଇଛି ଅନ୍ୟମାନଙ୍କ ଠାରୁ ବୁଝି ତାଲିକା କର ।

## ଗ୍ରାମପଞ୍ଚାୟତର ଆୟ :

ଗ୍ରାମପଞ୍ଚାୟତର ବିଭିନ୍ନ କାର୍ଯ୍ୟ ପାଇଁ ଅର୍ଥରାଶି ଆବଶ୍ୟକ ହୋଇଥାଏ। ଏହି ଅର୍ଥରାଶି ଗ୍ରାମପଞ୍ଚାୟତ ଦୁଇଟି ମାଧ୍ୟମରୁ ପାଇଥାଏ। ଗୋଟିଏ ହେଲା ତା'ର ନିଜସ୍ୱ ଆୟ, ଯଥା- ଗ୍ରାମପଞ୍ଚାୟତ ଅଧିନରେ ଥିବା ହାଟ, ପୋଖରୀଗୁଡ଼ିକର ନିଲାମ, ଶଗଡ଼ ଓ ରିକ୍ସା ଇତ୍ୟାଦିର ଲାଇସେନ୍ସ୍‌ରୁ ଆୟ। ଅନ୍ୟ ମାଧ୍ୟମଟି ହେଉଛି ସରକାରୀ ଅନୁଦାନ। ଏହି ଅନୁଦାନ ମାଧ୍ୟମରେ ଗ୍ରାମପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ କରାଯାଏ।

**ଗ୍ରାମସଭା :**

ପ୍ରତ୍ୟେକ ୱାର୍ଡ଼ର ଗଠନମୂଳକ କାର୍ଯ୍ୟପାଇଁ ପଲ୍ଲୀସଭା ଗଠନ କରାଯାଏ । ଏହି ସଭାରେ ୱାର୍ଡ଼ର ଆବଶ୍ୟକ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତାଲିକା କରାଯାଇ ଏଥିପାଇଁ ଆବଶ୍ୟକ ବଜେଟ ଓ କିଏ ଏହି କାର୍ଯ୍ୟଗୁଡ଼ିକ ତଦାରଖ କରିବ ଏ ସମସ୍ତ ପ୍ରସ୍ତାବଗୁଡ଼ିକ ପଞ୍ଚାୟତକୁ ସୁପାରିଶ କରାଯାଏ ।

**ତୁମେ ଜାଣିଛ କି :**

ସରପଞ୍ଚ ନିଜ କାର୍ଯ୍ୟରେ ଅବହେଳା କଲେ ତାଙ୍କୁ ସରକାରୀ ଆଦେଶ ବଳରେ କିମ୍ବା ଗ୍ରାମ ପଞ୍ଚାୟତ ସଭ୍ୟମାନଙ୍କ ଦ୍ୱାରା ଅନାସ୍ଥା ପ୍ରସ୍ତାବ ଜରିଆରେ କ୍ଷମତାରୁ ଅନ୍ତର କରାଯାଇ ପାରିବ ।

**ତୁମ ଗ୍ରାମରେ କେଉଁ ଲୋକମାନେ ଇନ୍ଦିରା ଆବାସ ପାଇଛନ୍ତି ତା'ର ଏକ ତାଲିକା କର ।**

## ପଞ୍ଚାୟତ ସମିତି :

ପଞ୍ଚାୟତ ସମିତି ପଞ୍ଚାୟତିରାଜ ବ୍ୟବସ୍ଥାର ଦ୍ୱିତୀୟ ସ୍ତର ଅଟେ । ପ୍ରତି ବ୍ଲକ୍‌ରେ ଗୋଟିଏ ପଞ୍ଚାୟତ ସମିତି ଥାଏ। ବ୍ଲକ୍ ଅଧୀନସ୍ଥ ସମସ୍ତ ପଞ୍ଚାୟତକୁ ନେଇ ଏହା ଗଠିତ ହୋଇଥାଏ । ସାବାଳକ ଭୋଟ ପ୍ରଥା ମାଧ୍ୟମରେ ପ୍ରତ୍ୟେକ ପଞ୍ଚାୟତରୁ ପଞ୍ଚାୟତ ସମିତି ପାଇଁ ଜଣେ ଲେଖାଏଁ ସଭ୍ୟ / ସଭ୍ୟା ନିର୍ବାଚିତ ହୋଇଥାନ୍ତି। ଏମାନଙ୍କୁ **'ସମିତି ସଭ୍ୟ'** କୁହାଯାଏ। ଏହି ସଭ୍ୟମାନଙ୍କ ମଧ୍ୟରୁ ହରିଜନ, ଆଦିବାସୀ ଓ ମହିଳା ସଭ୍ୟ / ସଭ୍ୟାମାନେ ଆନୁପାତିକ ଦୃଷ୍ଟିରୁ ରହିଥାଆନ୍ତି । ଏହି ସଭ୍ୟମାନେ ସେମାନଙ୍କ ମଧ୍ୟରୁ ଜଣକୁ ପଞ୍ଚାୟତ ସମିତିର ଅଧ୍ୟକ୍ଷ (ଚେୟାରମ୍ୟାନ) ଓ ଆଉ ଜଣକୁ ଉପାଧ୍ୟକ୍ଷ ଭାବେ ନିର୍ବାଚିତ କରିଥାଆନ୍ତି । ଅଧ୍ୟକ୍ଷ ପଞ୍ଚାୟତ ସମିତି ପରିଚାଳନା କରନ୍ତି। ତାଙ୍କ ଅନୁପସ୍ଥିତିରେ ଉପାଧ୍ୟକ୍ଷ (ଭାଇସ୍ ଚେୟାରମ୍ୟାନ) ପଞ୍ଚାୟତ ସମିତି କାର୍ଯ୍ୟ ତୁଲାଇ ଥାଆନ୍ତି । ଓଡ଼ିଶାରେ ବର୍ତ୍ତମାନ ୩୧୪ ଟି ପଞ୍ଚାୟତ ସମିତି ଅଛି।

**ପଞ୍ଚାୟତ ସମିତିର ସଭ୍ୟ ରୂପେ ଆଉ କେଉଁମାନଙ୍କୁ ନିଆଯାଏ ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।**

- 
- 
- 

ଏମାନଙ୍କ ବ୍ୟତୀତ ପଞ୍ଚାୟତ ସମିତି ଅନ୍ତର୍ଗତ ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚ, ନଗରପାଳିକା / ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ, ବିଧାନସଭା, ଲୋକସଭା ଓ ରାଜ୍ୟସଭାର ସଦସ୍ୟମାନଙ୍କୁ ସଭ୍ୟ ଭାବେ ଗ୍ରହଣ କରାଯାଏ । ଏହାଛଡ଼ା ସରକାରୀ ସଭ୍ୟ ରୂପେ ବ୍ଲକ୍ ଉନ୍ନୟନ ଅଧିକାରୀ (ବି.ଡ଼ି.ଓ.) ଶିକ୍ଷା, ରାଜସ୍ୱ, ପଶୁପାଳନ, ସ୍ୱାସ୍ଥ୍ୟ ଇତ୍ୟାଦି ବିଭାଗଗୁଡ଼ିକର ଅଧିକାରୀମାନଙ୍କୁ ସଭ୍ୟ ରୂପେ ନିଆଯାଏ । ପଞ୍ଚାୟତ ସମିତିର ବୈଠକ ପ୍ରତି ଦୁଇ ମାସରେ ଥରେ ବସିଥାଏ । ପଞ୍ଚାୟତ ସମିତିର କାର୍ଯ୍ୟକାଳ ପାଞ୍ଚ ବର୍ଷ।

## ପଞ୍ଚାୟତ ସମିତିର କାର୍ଯ୍ୟ :

- ସରକାରଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମଗୁଡ଼ିକ ପଞ୍ଚାୟତର ଲୋକମାନଙ୍କ ସହଯୋଗରେ କାର୍ଯ୍ୟକାରୀ କରିବା ।
- ପଞ୍ଚାୟତ ସମିତି ବୈଠକରେ ଗୃହୀତ ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ବ୍ୟବସ୍ଥା କରିବା ।
- ଗ୍ରାମ ପଞ୍ଚାୟତଗୁଡ଼ିକର ବାର୍ଷିକ ଆୟବ୍ୟୟ ଅଟକଳ (ବଜେଟ) ପ୍ରସ୍ତୁତ କରିବା ।
- ବ୍ଲକ୍ ସ୍ତରୀୟ ସମସ୍ତ ଯୋଜନା ପ୍ରଣୟନ କରିବା ଓ ଉନ୍ନୟନ କାର୍ଯ୍ୟଗୁଡ଼ିକ ପ୍ରତି ଦୃଷ୍ଟି ଦେବା ।
- ପଞ୍ଚାୟତଗୁଡ଼ିକର କାର୍ଯ୍ୟକୁ ନିୟନ୍ତ୍ରଣ କରିବା ।

ସରକାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତୁଲାଇବା ପାଇଁ ପ୍ରତି ବ୍ଲକ୍‌ରେ ଜଣେ ଉନ୍ନୟନ ଅଧିକାରୀ (ବି.ଡ଼ି.ଓ.) ନିଯୁକ୍ତ କରିଥାନ୍ତି । ତାଙ୍କ ଅଧୀନରେ ସମବାୟ, ମତ୍ସ୍ୟଚାଷ, ଶିକ୍ଷା, କୃଷି, ନିର୍ମାଣ ଓ ସାମାଜିକ ସଂଗଠନ ଇତ୍ୟାଦି ବିଷୟ ପାଇଁ ଜଣେ ଲେଖାଏଁ ବିଶେଷଜ୍ଞ ଓ ଅନ୍ୟ କର୍ମଚାରୀ ନିଯୁକ୍ତି ପାଇଥାନ୍ତି । ସେମାନେ ନିଜ ନିଜ ବିଷୟରେ ଲୋକମାନଙ୍କୁ ବିଶେଷ ପରାମର୍ଶ ଦିଅନ୍ତି । ଏହାଛଡ଼ା ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମରେ ଲୋକମାନଙ୍କୁ ସାମିଲ କରିବା ପାଇଁ ଗ୍ରାମ ପଞ୍ଚାୟତମାନଙ୍କରେ ଜଣେ ପଞ୍ଚାୟତକାର୍ଯ୍ୟ ନିର୍ବାହୀ ଅଧିକାରୀ ନିଯୁକ୍ତି ପାଇଥାନ୍ତି । ସେ ଲୋକମାନଙ୍କୁ କୃଷି ଓ ପଶୁପାଳନ ଦିଗରେ ପରାମର୍ଶ ଦେବା ସହ ବ୍ଲକ୍ ଓ ଜନ ସାଧାରଣଙ୍କ ମଧ୍ୟରେ ଯୋଗସୂତ୍ର ରଖନ୍ତି ।

**ଗ୍ରାମସେବକମାନେ ପଞ୍ଚାୟତ ସ୍ତରରେ ଆଉ କେଉଁ କେଉଁ କାର୍ଯ୍ୟ କରନ୍ତି ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।**

## ପଞ୍ଚାୟତ ସମିତିର ଉନ୍ନୟନ କାର୍ଯ୍ୟକ୍ରମ :

ଗ୍ରାମାଞ୍ଚଳ ଲୋକମାନଙ୍କ ଆର୍ଥିକ ଉନ୍ନତି ପାଇଁ ବିଭିନ୍ନ ସମୟରେ ବିଭିନ୍ନ କାର୍ଯ୍ୟକ୍ରମ ବ୍ଲକ୍ ମାଧ୍ୟମରେ କାର୍ଯ୍ୟକାରୀ ହେଉଛି । ସେଗୁଡ଼ିକ ହେଲା :

- **ଗ୍ରାମାଞ୍ଚଳ ଗରିବ ଲୋକଙ୍କ ଆର୍ଥିକ ଥଇଥାନ କାର୍ଯ୍ୟକ୍ରମ :** ଯେଉଁ ଲୋକମାନଙ୍କ ବାର୍ଷିକ ଆୟ ଦୁଇ ହଜାର ଟଙ୍କାରୁ କମ୍ ସେମାନଙ୍କୁ ଗୋଟିଏ ଜୀବିକା ଗ୍ରହଣ ପାଇଁ ଋଣ ଯୋଗାଇବା । ଏହି ଋଣରେ ଶହେରୁ ସତୁରୀ ଭାଗ ଛାଡ଼ କରାଯାଏ ।
- **ସମନ୍ୱିତ ଗ୍ରାମ ଉନ୍ନୟନ କାର୍ଯ୍ୟକ୍ରମ :** ଯେଉଁ ଲୋକମାନଙ୍କର ବାର୍ଷିକ ଆୟ ଚାରି ହଜାର ଆଠ ଶହ ଟଙ୍କାରୁ କମ୍ ସେମାନଙ୍କୁ କୌଣସି ଜୀବିକା ଅବଲମ୍ବନ ପାଇଁ ଋଣ ଯୋଗାଇ ଦିଆଯାଏ । ଏହି ଋଣ ଶହେ ଭାଗରୁ ତେତିଶ ଭାଗ ଛାଡ଼ କରାଯାଏ ।

> - ପଞ୍ଚାୟତ ସମିତି ଦ୍ୱାରା ଦିଆଯାଉଥିବା ଋଣ ଅର୍ଥର କିଛି ଭାଗ ବ୍ୟାଙ୍କ ମାନଙ୍କଠାରୁ ଅଣାଯାଇଥାଏ ।
> - ଋଣର ଯେଉଁ ଅଂଶ ଛାଡ଼ କରାଯାଏ ତାହା ସରକାର ବହନ କରନ୍ତି ।

- **ଜାତୀୟ ଗ୍ରାମ୍ୟ ନିଯୁକ୍ତି କାର୍ଯ୍ୟକ୍ରମ ଏବଂ ଗ୍ରାମ୍ୟ ଶ୍ରମିକ ନିଯୁକ୍ତି ସୃଷ୍ଟି:-** ଏହି କାର୍ଯ୍ୟକ୍ରମ ଜରିଆରେ ଶ୍ରମିକମାନଙ୍କ ପାଇଁ ଦୈନିକ କର୍ମ ଯୋଗାଣ ବ୍ୟବସ୍ଥା ସୃଷ୍ଟି କରାଯାଏ ।
- **ପ୍ରଧାନମନ୍ତ୍ରୀଙ୍କ ଅର୍ଥ ଯୋଗାଣ କାର୍ଯ୍ୟକ୍ରମ :** ଯେଉଁ ଲୋକମାନଙ୍କର ବାର୍ଷିକ ଆୟ ୪,୮୦୦ ରୁ ୬,୦୦୦ ଟଙ୍କା ମଧ୍ୟରେ ଥାଏ ସେମାନଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ କୃଷି ଋଣ ଯୋଗାଇ ଦିଆଯାଏ ।

**ତୁମ ଅଞ୍ଚଳରେ କେଉଁ କେଉଁ ସରକାରୀ ଯୋଜନା କାର୍ଯ୍ୟକାରୀ ହୋଇ ଲୋକମାନଙ୍କର ଉନ୍ନତି ହେଉଛି ସେଗୁଡ଼ିକର ନାମ ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।**

## ପଞ୍ଚାୟତ ସମିତିର ଆୟ

ପଞ୍ଚାୟତ ସମିତିର ନିଜସ୍ୱ ଆୟ ନଥାଏ । ବିଭିନ୍ନ ଉନ୍ନୟନ କାର୍ଯ୍ୟ କରିବା ପାଇଁ ସମସ୍ତ ଅର୍ଥ ସରକାରଙ୍କ ଠାରୁ ମିଳିଥାଏ ।

## ଜିଲ୍ଲା ପରିଷଦ

ପଞ୍ଚାୟତିରାଜ ବ୍ୟବସ୍ଥାର ଉଚ୍ଚତମ ସ୍ତର ହେଉଛି ଜିଲ୍ଲା ପରିଷଦ । ରାଜ୍ୟର ପ୍ରତି ଜିଲ୍ଲାରେ ଗୋଟିଏ ଜିଲ୍ଲା ପରିଷଦ ରହିବା ବ୍ୟବସ୍ଥା ଅଛି । ବର୍ତ୍ତମାନ ୩୦ଗୋଟି ଜିଲ୍ଲା ପରିଷଦ ଓଡ଼ିଶାରେ ଅଛି । ଜିଲ୍ଲା ପରିଷଦ ମାଧ୍ୟମରେ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଯୋଜନା କରାଯାଇ କାର୍ଯ୍ୟକାରୀ କରାଯାଏ ।

## ଜିଲ୍ଲା ପରିଷଦ ଗଠନ :

ପ୍ରତି ଜିଲ୍ଲାକୁ କେତେଗୁଡ଼ିଏ ଜିଲ୍ଲା ପରିଷଦ ଜୋନ୍‌ରେ ବିଭକ୍ତ କରାଯାଇଛି । ପ୍ରତ୍ୟେକ ଜୋନ୍‌ରୁ ସାବାଳକ ଭୋଟ ପ୍ରଥା ଜରିଆରେ ଜଣେ ଜଣେ ସଭ୍ୟ ନିର୍ବାଚିତ ହୁଅନ୍ତି । ତାଙ୍କୁ ଜିଲ୍ଲା ପରିଷଦ ସଭ୍ୟ କୁହାଯାଏ । ଏହି ଜିଲ୍ଲା ପରିଷଦ ସଭ୍ୟମାନେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ଅଧ୍ୟକ୍ଷ ଓ ଆଉ ଜଣଙ୍କୁ ଉପାଧ୍ୟକ୍ଷ ଭାବରେ ନିର୍ବାଚିତ କରିଥାନ୍ତି । ପଞ୍ଚାୟତ ସମିତି ପରି ଜିଲ୍ଲା ପରିଷଦକୁ ମଧ୍ୟ ସଂରକ୍ଷଣ ଭିତ୍ତିରେ ଆଦିବାସୀ, ହରିଜନ ଓ ମହିଳା ସଭ୍ୟ ନିର୍ବାଚିତ ହୋଇଥାନ୍ତି । ଏହିସବୁ ସଭ୍ୟମାନଙ୍କୁ ନେଇ ଜିଲ୍ଲା ପରିଷଦ ଗଠିତ ହୋଇଥାଏ । ଜିଲ୍ଲା ପରିଷଦର କାର୍ଯ୍ୟକାଳ ସର୍ବାଧିକ ୫ ବର୍ଷ ।

**ଜିଲ୍ଲାପରିଷଦରର ଅନ୍ୟ ସଭ୍ୟମାନେ ହେଲେ:-**

- ଜିଲ୍ଲାର ପ୍ରତ୍ୟେକ ପଞ୍ଚାୟତ ସମିତିର ଅଧ୍ୟକ୍ଷ
- ବିଧାନସଭା, ଲୋକସଭା, ଓ ରାଜ୍ୟସଭା ସଦସ୍ୟ ବୃନ୍ଦ
- ଜିଲ୍ଲାରେ ଥିବା ସ୍ୱାୟତ୍ତ ଶାସନ ସଂସ୍ଥାର ଅଧ୍ୟକ୍ଷ ।
- ସମବାୟ ବ୍ୟାଙ୍କର ସଭାପତି
- ଜିଲ୍ଲାର ବିଭିନ୍ନ ବିଭାଗର ଉଚ୍ଚପଦସ୍ଥ କର୍ମଚାରୀ ଓ ଅନ୍ୟାନ୍ୟ ସଦସ୍ୟ ବୃନ୍ଦ ।

## ଜିଲ୍ଲା ପରିଷଦ କାର୍ଯ୍ୟ :

- ଜିଲ୍ଲାସ୍ତରୀୟ ଯୋଜନା ପ୍ରସ୍ତୁତି ।
- ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତଗୁଡ଼ିକୁ ଅନୁଦାନ ପ୍ରଦାନ କରିବା ।
- ଜିଲ୍ଲା ମଧ୍ୟରେ ଥିବା ଶିକ୍ଷାନୁଷ୍ଠାନ, ସର୍ବସାଧାରଣ ପାଠାଗାର ଓ ଜନ ମଙ୍ଗଳ ସଂସ୍ଥାକୁ ଆର୍ଥିକ ସାହାଯ୍ୟ ମଞ୍ଜୁର କରିବା ।
- କୃଷି, ଶିଳ୍ପ, ସାମାଜିକ ବନୀକରଣ, ପଶୁ ପାଳନ, ସମବାୟ, ଗ୍ରାମ୍ୟ ବିଦ୍ୟୁତକରଣ, କ୍ଷୁଦ୍ର ଜଳସେଚନ ଯୋଜନା, ପ୍ରାଥମିକ, ମାଧ୍ୟମିକ ଓ ପ୍ରୌଢ଼ ଶିକ୍ଷାର ଉନ୍ନତି ।



ଜିଲ୍ଲାପରିଷଦ କାର୍ଯ୍ୟାଳୟ

ତୁମ ପଞ୍ଚାୟତରେ ଜିଲ୍ଲା ପରିଷଦ ଦ୍ୱାରା କେଉଁ କେଉଁ ଜନହିତକର କାର୍ଯ୍ୟ କରାଯାଉଛି ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।

### ଜିଲ୍ଲା ପରିଷଦର ଆୟ

ଜିଲ୍ଲା ପରିଷଦ ସରକାରୀ ଅନୁଦାନ ଉପରେ ନିର୍ଭର କରେ । କେତେକ ଜିଲ୍ଲା ପରିଷଦ ବିଭିନ୍ନ କର ଆଦାୟ କରିଥାନ୍ତି । ଅନ୍ୟ କେତେକ ଜିଲ୍ଲା ପରିଷଦ କିଛି ରହିବା ଘର ଓ ଦୋକାନ ଘର ଇତ୍ୟାଦିରୁ ଭଡ଼ା ସୂତ୍ରରେ ଅର୍ଥ ପାଇଥାନ୍ତି ।

### ସହରାଞ୍ଚଳର ସ୍ୱାୟତ୍ତ ଶାସନ ବ୍ୟବସ୍ଥା :

ଭାରତ ଏକ ଗ୍ରାମବହୁଳ ଦେଶ ହେଲେ ମଧ୍ୟ ଏହାର ବିଭିନ୍ନ ଅଞ୍ଚଳରେ ବର୍ତ୍ତମାନ ଛୋଟ ବଡ଼ ସହର ଗଢ଼ି ଉଠିଛି । ଆମ ଓଡ଼ିଶାରେ ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ଓ ରାଉରକେଲା ଆଦି ସହର ଗଢ଼ି ଉଠିଛି । ଏହି ସହରମାନଙ୍କରେ ବହୁତ ଲୋକ ବାସ କରୁଛନ୍ତି । ତେଣୁ ସ୍ୱାୟତ୍ତ ଶାସନ ବ୍ୟବସ୍ଥା କେବଳ ଗ୍ରାମାଞ୍ଚଳରେ ସୀମାବଦ୍ଧ ନ ରହି ସହରାଞ୍ଚଳରେ ମଧ୍ୟ ପ୍ରଚଳିତ ହୋଇଛି । ସହରାଞ୍ଚଳରେ ପ୍ରତିଷ୍ଠିତ ଏହି ସ୍ୱାୟତ୍ତ ଶାସନ ସଂସ୍ଥା ହେଉଛି ମହାନଗର ନିଗମ, ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ।

### ମହାନଗର ନିଗମ :

ମହାନଗର ନିଗମଗୁଡ଼ିକ ରାଜ୍ୟ ଦ୍ୱାରା ପ୍ରଣୀତ ଆଇନ୍ ଅନୁସାରେ ଗଠିତ ହୁଏ । ଦିଲ୍ଲୀ, କୋଲକାତା ପରି ଓଡ଼ିଶାର କଟକ ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲାରେ ମହାନଗର ନିଗମ ଗଠନ କରାଯାଇଛି ।

### ଗଠନ

ନଗରକୁ ବିଭିନ୍ନ ୱାର୍ଡ଼ରେ ଭାଗ କରାଯାଇ ଜଣେ ଲେଖାଏଁ ପ୍ରତିନିଧି ପ୍ରତ୍ୟେକ ୱାର୍ଡ଼ରୁ ନିଗମ ପରିଷଦକୁ ସାବାଳକ ଭୋଟ ପ୍ରଥା ଜରିଆରେ ନିର୍ବାଚିତ ହୁଅନ୍ତି । ଏମାନଙ୍କୁ କର୍‌ପୋରେଟର୍ କୁହାଯାଏ । ଏହି କର୍‌ପୋରେଟର୍‌ମାନଙ୍କ ମଧ୍ୟରୁ କେତେକ ସଭ୍ୟପଦ ଆଦିବାସୀ, ମହିଳା, ହରିଜନମାନଙ୍କ ପାଇଁ ସଂରକ୍ଷିତ ହେବା ବ୍ୟବସ୍ଥା ଅଛି । ନିଗମର ପ୍ରତିନିଧିମାନେ ସେମାନଙ୍କ ମଧ୍ୟରୁ ଜଣକୁ ମେୟର ଓ ଆଉ ଜଣକୁ ଡେପୁଟି ମେୟର ଭାବରେ ନିର୍ବାଚିତ କରନ୍ତି । ମେୟର ନିଗମର ମୁଖ୍ୟ ଅଟନ୍ତି ଓ ନିଗମ ପରିଷଦରେ ଅଧ୍ୟକ୍ଷତା କରନ୍ତି । ସେ ନିଗମର କମିଶନର ଓ ସରକାରଙ୍କ ମଧ୍ୟରେ ଯୋଗ ସୂତ୍ର ରକ୍ଷା କରନ୍ତି । ତାଙ୍କ ଅନୁପସ୍ଥିତିରେ ଡେପୁଟି ମେୟର ନିଗମର ବିଭିନ୍ନ କାର୍ଯ୍ୟ ସମ୍ପାଦନ କରନ୍ତି ।

- ମହାନଗର ନିଗମ – ଦଶ ଲକ୍ଷରୁ ଅଧିକ ଲୋକ ବାସ କରୁଥିବା ସହରରେ ମହାନଗର ନିଗମ ଗଠନ ହୋଇଥାଏ ।
- ପୌରପାଳିକା – ୨୫ହଜାରରୁ ଅଧିକ ଲୋକ ବାସ କରୁଥିବା ସହର ମାନଙ୍କରେ ପୌର ପାଳିକା (ମ୍ୟୁନିସପାଲିଟି) ଗଠନ ହୁଏ ।
- ବିଜ୍ଞାପିତ ଅଞ୍ଚଳ ପରିଷଦ– ଦଶ ହଜାରରୁ ଅଧିକ ଲୋକ ବାସ କରୁଥିବା ଛୋଟ ସହରରେ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍.ଏ.ସି.) ଗଠିତ ହୁଏ ।

ମହାନଗର ନିଗମର କାର୍ଯ୍ୟ ପରିଚାଳନା ପାଇଁ ଜଣେ କାର୍ଯ୍ୟପାଳିକା ବା କମିଶନର ଥାଆନ୍ତି । ସେ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇଥାନ୍ତି । ସେ ନିଗମର ସମସ୍ତ ବୈଠକରେ ଯୋଗ ଦିଅନ୍ତି ଓ ଏହାର କାର୍ଯ୍ୟବିଧିରେ ଅଂଶ ଗ୍ରହଣ କରନ୍ତି । ସେ ବିଭିନ୍ନ ବଜେଟ ରିପୋର୍ଟ ପ୍ରସ୍ତୁତ କରି ନିଗମ ପରିଷଦରେ ଦାଖଲ କରନ୍ତି ।

**ମହାନଗର ନିଗମର କର୍ପୋରେଟର୍‌ମାନେ ଜନ ପ୍ରତିନିଧି ହୋଇ ଥିବାରୁ ଲୋକମାନଙ୍କର କି କି ସୁବିଧା ହେଉଥିବ, ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।**

## ମହାନଗର ନିଗମର କାର୍ଯ୍ୟ

ନିଗମ ଦୁଇ ପ୍ରକାର କାର୍ଯ୍ୟ କରେ । ସେଥିରୁ ଗୋଟିଏ ହେଲା ବାଧ୍ୟତାମୂଳକ କାର୍ଯ୍ୟ ଓ ଅନ୍ୟ ହେଲା ଇଚ୍ଛାଧୀନ କାର୍ଯ୍ୟ ।

## ବାଧ୍ୟତାମୂଳକ କାର୍ଯ୍ୟ



- ପାଣି ଟାଙ୍କି ନିର୍ମାଣ ଓ ଏହାର ରକ୍ଷଣାବେକ୍ଷଣ କରିବା ।
- ବିଜୁଳି ଯୋଗାଣ ଓ ରାସ୍ତା ବିଦ୍ୟୁତ୍‌କରଣ ।
- ଜନ ସ୍ୱାସ୍ଥ୍ୟର ବିକାଶ, ଅଳିଆ ଆବର୍ଜନା ସଫା, ନାଳ ନର୍ଦ୍ଦମା ନିର୍ମାଣ ଓ ରକ୍ଷଣାବେକ୍ଷଣ, ସଂକ୍ରାମକ ରୋଗ ନିୟନ୍ତ୍ରଣ ।
- ରାସ୍ତାଘାଟ ଓ ପୋଲ ନିର୍ମାଣ, ମରାମତି ଓ ରକ୍ଷଣାବେକ୍ଷଣ ।
- ଯାନବାହନ ଚଳାଚଳ ଓ ନିୟନ୍ତ୍ରଣ ।
- ଡ଼ାକ୍ତରଖାନା, ମାତୃମଙ୍ଗଳ ଓ ଶିଶୁ ମଙ୍ଗଳ କେନ୍ଦ୍ର ସ୍ଥାପନ ଓ ରକ୍ଷଣାବେକ୍ଷଣ, ଟୀକାଦାନ ।

ପୌର ନିଗମ ଆଉ କେଉଁ କାର୍ଯ୍ୟ କରେ ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

## ଇଚ୍ଛାଧୀନ କାର୍ଯ୍ୟ



- ସର୍ବସାଧାରଣ ପାଠାଗାର, ଯାଦୁଘର ଓ ପାର୍କ ନିର୍ମାଣ ।
- ବିଶ୍ରାମ ଗୃହ, ଅନାଥାଶ୍ରମ ନିର୍ମାଣ ଓ ପରିଚାଳନା ।
- ପଥପାର୍ଶ୍ୱ ବୃକ୍ଷରୋପଣ ଓ ସାମାଜିକ ବନୀକରଣ ।
- ସହରର ସମସ୍ତ କୋଠାବାଡ଼ିର ସର୍ଭେ ଇତ୍ୟାଦି ।

## ମହାନଗର ନିଗମର ଆୟ :

ମହାନଗର ନିଗମ ନିମ୍ନଲିଖିତ ସୂତ୍ରରୁ ଆୟ କରିଥାଏ ।

- ଟିକସରୁ ଆୟ :- ଯାନବାହନ ଓ ବିଭିନ୍ନ ପ୍ରାଣୀମାନଙ୍କ ଉପରୁ ଟିକସ ଆଦାୟ । ସମ୍ପତ୍ତି କର, ପ୍ରମୋଦକର, ଶିକ୍ଷା କର ଓ ବୃତ୍ତିକର ଇତ୍ୟାଦି ।
- ଅଣଟିକସରୁ ଆୟ :- କୋଠାବାଡ଼ି ଉପରେ କର, ଲାଇସେନ୍‌ସ ଫି, ଯୋଗାଯୋଗ ପ୍ରଭୃତିରୁ ଆୟ ।
- ଲାଭଜନକ ବ୍ୟବସାୟ :- ଗୋପାଳନ, କୁକୁଡ଼ା ପାଳନ, ସିନେମା, ଥିଏଟର ପ୍ରଭୃତିରୁ ବାଣିଜ୍ୟ କର ଆଦାୟ ।
- ସରକାରୀ ଅନୁଦାନ :- ସରକାର ବିଭିନ୍ନ ସମୟରେ ଅନୁଦାନ ଦେଇଥାଆନ୍ତି ।

ମହାନଗର ନିଗମ ଆଉ କେଉଁ କେଉଁ ସୂତ୍ରରୁ ଆୟ କରେ ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

## ନିଗମ ଉପରେ ସରକାରୀ ନିୟନ୍ତ୍ରଣ

ସରକାର ନିଗମର ଉପଯୁକ୍ତ ପରିଚାଳନା ପାଇଁ ଏହା ଉପରେ ନିୟନ୍ତ୍ରଣ ଜାରି କରନ୍ତି । କୌଣସି ପୌର ନିଗମ ସନ୍ତୋଷଜନକ କାର୍ଯ୍ୟ କରୁ ନଥିଲେ ବା କାର୍ଯ୍ୟରେ ଅବହେଳା ବା କ୍ଷମତାଠାରୁ ଅଧିକ କ୍ଷମତା ପ୍ରୟୋଗ କଲେ ସରକାର ସେହି ନିଗମ ପରିଷଦକୁ ଭାଙ୍ଗି ଶାସନ ଦାୟିତ୍ୱ ନିଜ ହାତକୁ ନିଅନ୍ତି ।

## ପୌର ପାଳିକା / ନଗରପାଳିକା :

୨୫ ହଜାରରୁ ଅଧିକ ଲୋକ ବାସକରୁଥିବା ସହରମାନଙ୍କରେ ଗୋଟିଏ ନଗରପାଳିକା ବା ପୌରସଂସ୍ଥା ସ୍ଥାପିତ ହୋଇ ପାରିବ । ଗୋଟିଏ ପୌର ସଂସ୍ଥାକୁ କେତୋଟି ୱାର୍ଡ଼ରେ ବିଭକ୍ତ କରାଯାଏ । ଗୋଟିଏ ପୌର ସଂସ୍ଥା କେତୋଟି ୱାର୍ଡ଼ରେ ଭାଗ କରାଯିବ ତାହା ସହରାଞ୍ଚଳର ଜନସଂଖ୍ୟା ଓ ସରକାରଙ୍କ ଉପରେ ନିର୍ଭର କରେ । ସାଧାରଣତଃ ୱାର୍ଡ଼ଗୁଡ଼ିକ ଏଗାରରୁ ତିରିଶ ମଧ୍ୟରେ ହୋଇଥାଏ ।

## ଗଠନ

ପ୍ରତି ୱାର୍ଡ଼ରୁ ଜଣେ ଜଣେ ୱାର୍ଡ଼ ସଭ୍ୟ ବା କାଉନ୍‌ସିଲର ନିର୍ବାଚିତ ହେବା ବ୍ୟବସ୍ଥା ରହିଛି । ଏହି କାଉନ୍‌ସିଲରମାନଙ୍କ ମଧ୍ୟରୁ ଏକ ତୃତୀୟାଂଶ ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିଛି । ଏହାଛଡ଼ା ହରିଜନ ଓ ଆଦିବାସୀମାନଙ୍କ ସଂଖ୍ୟା ଅନୁପାତରେ ସେମାନଙ୍କ ପାଇଁ କାଉନ୍‌ସିଲର ସ୍ଥାନ ସଂରକ୍ଷିତ ଥାଏ । ପ୍ରତ୍ୟେକ ୱାର୍ଡ଼ର କାଉନ୍‌ସିଲରଙ୍କୁ ସେହି ୱାର୍ଡ଼ରେ ଥିବା ସାବାଳକମାନେ ଭୋଟ ଦେଇ ନିର୍ବାଚିତ କରନ୍ତି । ଏହି ନିର୍ବାଚିତ କାଉନ୍‌ସିଲରମାନେ ପୌର ପରିଷଦ ଗଠନ କରନ୍ତି । କାଉନ୍‌ସିଲରମାନେ ନିଜ ଭିତରୁ ଜଣଙ୍କୁ ଚେୟାରମ୍ୟାନ ଓ ଆଉ ଜଣକୁ ଭାଇସ୍ ଚେୟାରମ୍ୟାନ ଭାବେ ନିର୍ବାଚିତ କରନ୍ତି ।

ପ୍ରତି ପୌରପାଳିକାର ବୈଠକ ଚେୟାରମ୍ୟାନ ଡାକିଥାନ୍ତି ଓ ସେହି ସଭାରେ ଅଧ୍ୟକ୍ଷତା କରନ୍ତି । ଚେୟାରମ୍ୟାନଙ୍କ ଅନୁପସ୍ଥିତିରେ ଭାଇସ୍ ଚେୟାରମ୍ୟାନ ଏ କାର୍ଯ୍ୟ ତୁଲାଇ ଥାଆନ୍ତି । ପୌର ପରିଷଦର ବିଭିନ୍ନ ନିଷ୍ପତ୍ତି ଅନୁସାରେ ସହରାଞ୍ଚଳର ବିଭିନ୍ନ କାର୍ଯ୍ୟ କରାଯାଏ । ପୌର ପରିଷଦର ଦୈନନ୍ଦିନ କାର୍ଯ୍ୟ ତୁଲାଇବା ପାଇଁ ରାଜ୍ୟ ସରକାର ଜଣେ ବରିଷ୍ଠ ପ୍ରଶାସନିକ ଅଫିସରଙ୍କୁ ନିଯୁକ୍ତ କରନ୍ତି । ତାଙ୍କୁ କାର୍ଯ୍ୟନିର୍ବାହୀ ଅଧିକାରୀ କହନ୍ତି । ତାଙ୍କର ମୁଖ୍ୟ କାର୍ଯ୍ୟ ହେଉଛି ପରିଷଦର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା । ଏହାଛଡ଼ା ସେ ସରକାର ଓ ନଗରପାଳିକା ମଧ୍ୟରେ ଯୋଗ ସୂତ୍ର ରକ୍ଷା କରନ୍ତି ।

ପୌରପାଳିକାର ପରିଚାଳନା ପାଇଁ ଜଣେ ସ୍ୱାସ୍ଥ୍ୟ ଅଫିସର, ଜଣେ ପୂର୍ତ୍ତ ବିଭାଗୀୟ ଯନ୍ତ୍ରୀ, ଶିକ୍ଷା ଅଧିକାରୀ ଏହି ଭଳି ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତି ପାଇଥାନ୍ତି । ଏହାଛଡ଼ା ଶିକ୍ଷା, ସ୍ୱାସ୍ଥ୍ୟ, ନିର୍ମାଣ ଇତ୍ୟାଦି ପାଇଁ ସ୍ୱତନ୍ତ୍ର ସଭାମାନ କାଉନ୍‌ସିଲର ଓ ଅନ୍ୟମାନଙ୍କୁ ନେଇ ଗଠିତ ହୋଇଥାଏ । ପୌରପରିଷଦ, ସ୍ୱତନ୍ତ୍ର ସଭା ଓ କର୍ମଚାରୀମାନଙ୍କୁ ନେଇ ପୌରପାଳିକା ଗଠିତ ହୁଏ ।

**ପୌରପାଳିକାରେ ଆଉ କେଉଁମାନେ କାର୍ଯ୍ୟ କରନ୍ତି ଅନ୍ୟମାନଙ୍କ ଠାରୁ ବୁଝି ଲେଖ ।**

## ପୌର ପାଳିକାର କାର୍ଯ୍ୟ :

ପୌରପାଳିକାର କାର୍ଯ୍ୟକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା :
( ୧ ) ବାଧ୍ୟତାମୂଳକ କାର୍ଯ୍ୟ ଓ ( ୨ ) ଇଚ୍ଛାଧୀନ କାର୍ଯ୍ୟ ।

### ବାଧ୍ୟତାମୂଳକ କାର୍ଯ୍ୟ

- ଗମନାଗମନ, ରାସ୍ତା ନିର୍ମାଣ ଓ ରକ୍ଷଣାବେକ୍ଷଣ ।
- ପାନୀୟ ଜଳ ଯୋଗାଣ, ଜଳ ନିଷ୍କାସନ ଓ ଆଲୋକ ବ୍ୟବସ୍ଥା ।
- ସଂକ୍ରାମକ ରୋଗ ନିରାକରଣ ଓ ପ୍ରତିଷେଧକ ବ୍ୟବସ୍ଥା ।
- ଆବର୍ଜନା ନିଷ୍କାସନ ଓ କମ୍ପୋଷ୍ଟ ଖାତ ଖନନ ।
- ପ୍ରାଥମିକ ଶିକ୍ଷାର ପ୍ରସାର ଓ ବିଦ୍ୟାଳୟ ଗୃହ ନିର୍ମାଣ ।
- ଜନ୍ମମୃତ୍ୟୁ ପଞ୍ଜିକରଣ ।



### ଇଚ୍ଛାଧୀନ କାର୍ଯ୍ୟ

- ଗୃହନିର୍ମାଣ ଓ ଟାଉନ ବସ୍ ପ୍ରଚଳନ ।
- ଆମୋଦପ୍ରମୋଦପାଇଁ ପାର୍କ ତିଆରି ।
- ଥିଏଟର ଓ କ୍ରୀଡ଼ା ବ୍ୟବସ୍ଥା, ସିନେମା ଗୃହ ସ୍ଥାପନ ।
- ଜନଗଣନା, ହାଟ ବଜାର ଓ ପାଠାଗାର ସ୍ଥାପନ ।



**ପୌରପାଳିକା ଆଉ କେଉଁ କାର୍ଯ୍ୟକରେ ସାଙ୍ଗମାନଙ୍କ ଠାରୁ ବୁଝି ଲେଖ ।**

### ପୌରପାଳିକାର ଆୟ

ପୌରପାଳିକା ନିଜର ଖର୍ଚ୍ଚ ତୁଲାଇବା ପାଇଁ ଅର୍ଥ ଆବଶ୍ୟକ କରିଥାଏ । ଏହି ଅର୍ଥ ଦୁଇଟି ଉପାୟରେ ମିଳିଥାଏ, ସେଗୁଡ଼ିକ ହେଲା ନିଜସ୍ୱ ଆୟ ଓ ସରକାରୀ ଅନୁଦାନ ।

### ନିଜସ୍ୱ ଆୟ :

- ପୌରପାଳିକା ଅନ୍ତର୍ଗତ ଜମି, ଘର, କୋଠାବାଡ଼ି ଇତ୍ୟାଦି ଉପରେ କର ଧାର୍ଯ୍ୟ କରି ଅର୍ଥ ପାଇଥାଏ ।
- ପଣ୍ୟକର, ପାଇଖାନା, ଆଲୋକ ଓ ଜଳକର, ବ୍ୟବସାୟ ଓ ପ୍ରମୋଦକର ଆଦାୟ କରିଥାଏ ।
- ଯାନବାହନ ଯଥା – ସାଇକେଲ, ରିକ୍ସା, ଶଗଡ଼ ଗାଡ଼ି, ଟ୍ରଲି ଗାଡ଼ି ଇତ୍ୟାଦି ଉପରୁ ଟିକସ୍ ଆଦାୟ ।

### ସରକାରୀ ଅନୁଦାନ

ପୌରପାଳିକାର ଉନ୍ନତିମୂଳକ କାର୍ଯ୍ୟ ପାଇଁ ସରକାର ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ଅନୁଦାନ ଦେବା ସଂଗେ ସଂଗେ ଋଣ ମଧ୍ୟ ଯୋଗାଇ ଥାଆନ୍ତି ।

**ପୌରପାଳିକା ଆଉ କେଉଁ ସୂତ୍ରରୁ ଆୟ କରେ ପଚାରି ଲେଖ ।**

### ବିଜ୍ଞାପିତ ଅଞ୍ଚଳ ପରିଷଦ

ଯେଉଁ ଛୋଟ ଛୋଟ ସହରର ଲୋକ ସଂଖ୍ୟା ୧୦ ହଜାରରୁ ଅଧିକ ସେଠାରେ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍.ଏ.ସି.) ଗଠିତ ହୋଇଥାଏ । ବିଜ୍ଞାପିତ ଅଞ୍ଚଳ ପରିଷଦର ଗଠନ, କାର୍ଯ୍ୟ, ଆୟ ଓ ଅନ୍ୟାନ୍ୟ ବ୍ୟବସ୍ଥା ପୌରପାଳିକାର ଗଠନ, କାର୍ଯ୍ୟ ଓ ଆୟ ଭଳି ହୋଇଥାଏ । ଓଡ଼ିଶାରେ ୬୬ଟି ବିଜ୍ଞାପିତ ପରିଷଦ ଅଞ୍ଚଳ ଅଛି ।

ସହରାଞ୍ଚଳ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଫଳରେ ଲୋକମାନେ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ନିଜେ ସମାଧାନ କରି ପାରୁଛନ୍ତି । ଏହାଛଡ଼ା ବିଭିନ୍ନ ସରକାରୀ ଯୋଜନାଗୁଡ଼ିକ ସ୍ଥାନୀୟ ଲୋକମାନଙ୍କର ସହଯୋଗ ପାଇବା ଫଳରେ ସଫଳ ଭାବେ କାର୍ଯ୍ୟକାରୀ ହୋଇ ଦେଶ ପ୍ରଗତି ପଥକୁ ସୁଗମ କରୁଛି ।

### ଆମେ କ'ଣ ଶିଖିଲେ ?

- ଜନଗୋଷ୍ଠୀ ନିଜକୁ ନିଜେ ଶାସନ କରିବାକୁ ସ୍ୱାୟତ୍ତ ଶାସନ କୁହାଯାଏ ।
- ସ୍ୱାୟତ୍ତ ଶାସନ ଜରିଆରେ ବିଭିନ୍ନ ଯୋଜନା କରାଯାଇ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥାଏ ।
- ସ୍ୱାୟତ୍ତ ଶାସନ ସଂସ୍ଥାଦ୍ୱାରା ସରକାର ବିଭିନ୍ନ ଜନହିତକର ଯୋଜନା କାର୍ଯ୍ୟକାରୀ କରି ଜନସାଧାରଣଙ୍କର ଅନେକ ଉନ୍ନତି ସାଧନ କରିଥାନ୍ତି ।
- ପଞ୍ଚାୟତିରାଜ ଶାସନ ବ୍ୟବସ୍ଥା ଦ୍ୱାରା ରାଜ୍ୟରେ ତ୍ରିସ୍ତରୀୟ ଶାସନ ବ୍ୟବସ୍ଥା ପ୍ରଚଳିତ ହୋଇଅଛି ।
- ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥାକୁ ଦୁଇ ଭାଗରେ ଭାଗ କରାଯାଇଅଛି । ସେଗୁଡ଼ିକ ହେଲା ଗ୍ରାମାଞ୍ଚଳ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଓ ସହରାଞ୍ଚଳ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ।
- ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ଗ୍ରାମାଞ୍ଚଳ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଅନ୍ତର୍ଭୁକ୍ତ ଓ ଏଗୁଡ଼ିକ ଗ୍ରାମାଞ୍ଚଳରେ ଜନସାଧାରଣଙ୍କର ବହୁବିଧ ଉନ୍ନତି କରିଥାନ୍ତି ।
- ମହାନଗର ନିଗମ, ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ସହରାଞ୍ଚଳ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଅନ୍ତର୍ଭୁକ୍ତ ଓ ଏଗୁଡ଼ିକ ସହରାଞ୍ଚଳ ଜନସାଧାରଣଙ୍କର ବହୁବିଧ ଉନ୍ନତି ସାଧନ କରିଥାନ୍ତି ।
- ଗ୍ରାମ ପଞ୍ଚାୟତର ମୁଖ୍ୟ ସରପଞ୍ଚ ଅଟନ୍ତି ଓ ସେ ଲୋକମାନଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହୋଇଥାନ୍ତି । ଗ୍ରାମ ପଞ୍ଚାୟତ ଦୁଇ ପ୍ରକାରର କାର୍ଯ୍ୟ କରିଥାନ୍ତି । ଗୋଟିଏ ହେଲା ବାଧ୍ୟତାମୂଳକ କାର୍ଯ୍ୟ ଓ ଅନ୍ୟଟି ଇଚ୍ଛାଧୀନ କାର୍ଯ୍ୟ ।
- ପଞ୍ଚାୟତ ସମିତିର ମୁଖ୍ୟ ଚେୟାରମ୍ୟାନ (ଅଧ୍ୟକ୍ଷ) ଅଟନ୍ତି । ସେ ଲୋକମାନଙ୍କ ଦ୍ୱାରା ପରୋକ୍ଷ ଭାବେ ନିର୍ବାଚିତ ହୋଇଥାନ୍ତି ।
- ଜିଲ୍ଲା ସ୍ତରରେ ଜିଲ୍ଲା ପରିଷଦ ଗଠନ କରାଯାଏ ଏବଂ ଜିଲ୍ଲା ପରିଷଦର ମୁଖ୍ୟଙ୍କୁ ସଭାପତି (ଅଧ୍ୟକ୍ଷ) କୁହାଯାଏ । ସେ ଲୋକମାନଙ୍କ ଦ୍ୱାରା ପରୋକ୍ଷ ଭାବେ ନିର୍ବାଚିତ ହୋଇଥାନ୍ତି ।
- ମହାନଗର ନିଗମର ମୁଖ୍ୟଙ୍କୁ ମେୟର କୁହାଯାଏ । ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ମୁଖ୍ୟ ଚେୟାରମ୍ୟାନ ଅଟନ୍ତି । ଏହି ସଂସ୍ଥାର ମୁଖ୍ୟମାନେ ଜନସାଧାରଣଙ୍କ ଦ୍ୱାରା ପରୋକ୍ଷ ଭାବେ ନିର୍ବାଚିତ ହୋଇଥାନ୍ତି ।
- ମହାନଗରର ନିଗମ, ପୌରପାଳିକା, ବିଜ୍ଞାପିତ ଅଞ୍ଚଳ ପରିଷଦ ସହରାଞ୍ଚଳ ଜନସାଧାରଣଙ୍କର ବହୁ ଉନ୍ନତି ପାଇଁ କାର୍ଯ୍ୟ କରିଥାନ୍ତି ।

## ଅଭ୍ୟାସ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖ ।**

(କ) ସ୍ୱାୟତ୍ତ ଶାସନ କହିଲେ କଣ ବୁଝ ? ଏହା କାହିଁକି କରାଯାଇଛି ?

(ଖ) ମେହେଟ୍ଟା କମିଟି ସରକାରଙ୍କୁ କ'ଣ ସୁପାରିଶ କରିଥିଲେ ?

(ଗ) ପଞ୍ଚାୟତିରାଜ ବ୍ୟବସ୍ଥା କାହାକୁ କହନ୍ତି ?

(ଘ) ଗ୍ରାମ ପଞ୍ଚାୟତ ଗଠନ କିପରି ହୁଏ ଲେଖ ?

(ଙ) ଗ୍ରାମ ସଭା କିପରି ଗଠିତ ହୁଏ ?

(ଚ) ପଞ୍ଚାୟତ ସମିତି ଚେୟାରମ୍ୟାନ କିପରି ନିର୍ବାଚିତ ହୁଅନ୍ତି ?

(ଛ) ଜିଲ୍ଲା ପରିଷଦ କିପରି ଗଠିତ ହୁଏ ?

(ଜ) ଜିଲ୍ଲା ପରିଷଦ କି କି କାର୍ଯ୍ୟ କରିଥାନ୍ତି ?

(ଝ) ସହରାଞ୍ଚଳ ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ କେଉଁଗୁଡ଼ିକ ଅନ୍ତର୍ଭୁକ୍ତ ?

(ଞ) ମହାନଗର ନିଗମ କିପରି ଗଠନ କରାଯାଇଛି ?

(ଟ) ମହାନଗର ନିଗମର ବାଧ୍ୟତାମୂଳକ କାର୍ଯ୍ୟଗୁଡ଼ିକ କ'ଣ ?

(ଠ) ପୌର ପାଳିକା କେଉଁ କେଉଁ ସୂତ୍ରରୁ ଆୟ କରିଥାନ୍ତି ?

**୨. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ / ସଂଖ୍ୟା ବାଛି ଶୂନ୍ୟସ୍ଥାନ ପୂରଣ କର ।**

(କ) ଆମ ଦେଶ ଶାସନର ମୁଖ୍ୟ କାର୍ଯ୍ୟାଳୟ __________ ଠାରେ ଅଛି ।
(ମୁମ୍ବାଇ, ଚେନ୍ନାଇ, ଦିଲ୍ଲୀ, କୋଲକତା)

(ଖ) ବଳବନ୍ତରାୟ ମେହେଟ୍ଟା କମିଟି __________ ମସିହାରେ ତିନି ସ୍ତର ବିଶିଷ୍ଟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ପ୍ରଚଳନ ପାଇଁ ସୁପାରିଶ କରିଥିଲେ ।
(୧୯୫୭, ୧୯୫୮, ୧୯୫୯,୧୯୬୦)

(ଗ) ଗ୍ରାମ ପଞ୍ଚାୟତର କାର୍ଯ୍ୟକାଳ __________ ବର୍ଷ ।
(୩, ୪, ୫, ୬)

(ଘ) ଗ୍ରାମ ସଭା __________ ଙ୍କ ସଭାପତିତ୍ୱରେ ବସିଥାଏ ।
(ୱାର୍ଡ଼ ମେମ୍ବର, ନାଏବ ସରପଞ୍ଚ, ସରପଞ୍ଚ, ସମିତି ସଭ୍ୟ)

(ଙ) ବ୍ଲକର ଦୈନନ୍ଦିନ କାର୍ଯ୍ୟ ବୁଝିବା ପାଇଁ ସରକାର __________ ଙ୍କୁ ନିଯୁକ୍ତି ଦେଇଥାନ୍ତି ।
(ଗ୍ରାମ ସେବକ, ବି.ଡ଼ି.ଓ., କୃଷି ଉନ୍ନୟନ ଅଧିକାରୀ, ନିର୍ମାଣ ଯନ୍ତ୍ରୀ)

(ଚ) ଜିଲ୍ଲା ପରିଷଦର କାର୍ଯ୍ୟକାଳ __________ ବର୍ଷ ଅଟେ ।
(୪, ୫, ୬, ୭)

(ଛ) ଦଶ ଲକ୍ଷରୁ ଅଧିକ ଲୋକ ସଂଖ୍ୟା ଥିବା ସହରରେ __________ ପ୍ରତିଷ୍ଠା କରାଯାଏ ।
(ଜିଲ୍ଲା ପରିଷଦ, ଗ୍ରାମ ପଞ୍ଚାୟତ, ମହାନଗର ନିଗମ, ପୌର ପରିଷଦ)

(ଜ) ପୌରପାଳିକାର ସଭ୍ୟଙ୍କୁ __________ କୁହାଯାଏ ।
(ସମିତି ସଭ୍ୟ, କାଉନସିଲର, ୱାର୍ଡ଼ମେମ୍ବର, ସରପଞ୍ଚ)

୩. ତଳେ ଦିଆଯାଇଥିବା ଉତ୍ତରଗୁଡ଼ିକ ମଧ୍ୟରୁ କେଉଁଟି ଠିକ୍ ତା ପାଖରେ (✓) ଚିହ୍ନ ଦିଅ ।

(କ) ଗ୍ରାମ ପଞ୍ଚାୟତ ଗଠନ ପାଇଁ ଲୋକ ସଂଖ୍ୟା କେତେ ହେବା ଦରକାର ?

| | | | |
|---|---|---|---|
| ୨,୦୦୦ ରୁ ୧୦,୦୦୦ | ☐ | ୩,୦୦୦ ରୁ ୬,୦୦୦ | ☐ |
| ୪,୦୦୦ ରୁ ୫,୦୦୦ | ☐ | ୫,୦୦୦ ରୁ ୬,୦୦୦ | ☐ |

(ଖ) ସହରାଞ୍ଚଳ ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ରହିଛି :

| | | | |
|---|---|---|---|
| ଗ୍ରାମ ପଞ୍ଚାୟତ | ☐ | ପଞ୍ଚାୟତ ସମିତି | ☐ |
| ଜିଲ୍ଲା ପରିଷଦ | ☐ | ମହାନଗର ନିଗମ | ☐ |

(ଗ) ଗ୍ରାମ ପଞ୍ଚାୟତର ଗୋଟିଏ ବାଧ୍ୟତାମୂଳକ କାର୍ଯ୍ୟ ହେଉଛି :

| | | | |
|---|---|---|---|
| କୂଅ ଖୋଳିବା | ☐ | ମାଛ ଚାଷ | ☐ |
| ସମବାୟ ସମିତି ଗଠନ | ☐ | ପାଠାଗାର ନିର୍ମାଣ | ☐ |

(ଘ) ପଞ୍ଚାୟତ ସମିତି ବୈଠକ କରିଥାଏ :

| | | | |
|---|---|---|---|
| ଦୁଇ ମାସରେ ଥରେ | ☐ | ଚାରି ମାସରେ ଥରେ | ☐ |
| ତିନି ମାସରେ ଥରେ | ☐ | ପାଞ୍ଚ ମାସରେ ଥରେ | ☐ |

(ଙ) ଜିଲ୍ଲା ପରିଷଦଙ୍କ କାର୍ଯ୍ୟକାଳ ହେଉଛି :

| | | | |
|---|---|---|---|
| ୪ବର୍ଷ | ☐ | ୬ ବର୍ଷ | ☐ |
| ୫ ବର୍ଷ | ☐ | ୭ ବର୍ଷ | ☐ |

(ଚ) ଏକ ଲକ୍ଷରୁ ଅଧିକ ଲୋକ ସଂଖ୍ୟା ଥିବା ସହରରେ ଗଠନ କରାଯାଏ :

| | | | |
|---|---|---|---|
| ଜିଲ୍ଲା ପରିଷଦ | ☐ | ମହାନଗର ନିଗମ | ☐ |
| ପୌରପାଳିକା | ☐ | ବିଜ୍ଞାପିତ ଅଞ୍ଚଳ ପରିଷଦ | ☐ |

୪. ଭୁଲ ଥିଲେ ଠିକ୍ କର ।

(କ) ଲୋକମାନେ ନିଜ ପ୍ରତିନିଧି ବାଛି ରାଜ୍ୟଗୋଷ୍ଠୀ ତିଆରି କରିଥାନ୍ତି ।
(ଖ) ୱାର୍ଡ଼ର ସଭ୍ୟଙ୍କୁ ଜିଲ୍ଲା ପରିଷଦ ସଭ୍ୟ କୁହାଯାଏ ।
(ଗ) ସରପଞ୍ଚ ପଞ୍ଚାୟତର ଆୟ ବ୍ୟୟ ହିସାବ ରଖନ୍ତି ।
(ଘ) ପଞ୍ଚାୟତ ସମିତି ଅଧ୍ୟକ୍ଷ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି ।
(ଙ) ଜିଲ୍ଲା ପରିଷଦର ମୁଖ୍ୟଙ୍କୁ ସରପଞ୍ଚ କୁହାଯାଏ ।
(ଚ) ମହାନଗର ନିଗମର କାର୍ଯ୍ୟ ପରିଚାଳନା ପାଇଁ ବିଡ଼ିଓ ଥାଆନ୍ତି ।
(ଛ) ପୌର ପାଳିକାର ୱାର୍ଡ଼ରୁ ନିର୍ବାଚିତ ସଭ୍ୟଙ୍କୁ ୱାର୍ଡ଼ ମେମ୍ବର କହନ୍ତି ।



## ତୁମପାଇଁ କାମ :



- ତୁମ ଗ୍ରାମପଞ୍ଚାୟତରେ ଗତ ୨ ମାସରେ କେଉଁ କେଉଁ କାର୍ଯ୍ୟ କରାଯାଇଛି ଓ କେତେ ଖର୍ଚ୍ଚ କରାଯାଇଛି, ତା'ର ଏକ ବିବରଣୀ ପ୍ରସ୍ତୁତ କର ।
- ତୁମେ ରହୁଥିବା ୱାର୍ଡ଼ରେ କି କି ଜନହିତକର କାର୍ଯ୍ୟ କରାଯାଇଛି ଓ କାହା ଦ୍ୱାରା ହୋଇଛି ତା'ର ଏକ ତାଲିକା ପ୍ରସ୍ତୁତ କର ।